# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଏପ୍ରିଲ ୮/୨୦୨୧ (୧୬ ପୃଷ୍ଠା) | Balasore, Thursday, April 8/2021 | ★★★★

୪୭ଶ ଭାଗ ୧୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ହୃଦୟ ଜିତିଲେ କାଜଲ**

ଜଣେ ଛାତ୍ରୀଙ୍କୁ ୧ ଲକ୍ଷ ଟଙ୍କା ପାଠପଢ଼ା ଖର୍ଚ୍ଚ ଦେଇ ସଭିଙ୍କ ହୃଦୟ ଜିତିଛନ୍ତି ଟଲିଉଡ୍ ବିୟୁଟି କାଜଲ ଅଗ୍ରୱାଲ। **୧୪**




**ଟପ୍ସରେ ସାନିଆ**

**୧୬** ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ ହୋଇଛନ୍ତି।




# ୧୧ରୁ କାର୍ଯ୍ୟସ୍ଥଳରେ ଟିକା

- ୧୦୦ ଯୋଗ୍ୟ ହିତାଧିକାରୀ ଥିଲେ ହେବ ଟିକାକରଣ
- ନିଯୁକ୍ତିଦାତା, ପରିଚାଳକଙ୍କ ସହ ଯୋଗାଯୋଗ କରି ଟିକାକରଣ




**ନୂଆଦିଲ୍ଲୀ, ୭।୪**

ଦେଶରେ କରୋନା ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ଟିକାକରଣକୁ ଅଧିକ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ୧୧ରୁ ସରକାରୀ ଓ ଘରୋଇ କାର୍ଯ୍ୟସ୍ଥଳରେ ଟିକାକରଣ ଆରମ୍ଭ ହେବ। ଏଥିପାଇଁ ଆବଶ୍ୟକ ପ୍ରସ୍ତୁତି ଲାଗି ବୁଧବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳରେ ଅନ୍ୟୂନ ୧୦୦ ଜଣ ଯୋଗ୍ୟ ତଥା ଆଗ୍ରହୀ ହିତାଧିକାରୀ ଥିଲେ ସେଠାରେ ଟିକାଦାନ କରାଯିବ।

କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ପତ୍ର ଲେଖି ଏ ସମ୍ପର୍କରେ ଜଣାଇଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରୁ ଅନେକ ସଂଗଠିତ କ୍ଷେତ୍ର, ଆନୁଷ୍ଠାନିକ ପେସା କିମ୍ବା ଉତ୍ପାଦନ ଓ ସେବା ସେକ୍ଟରରେ ନିୟୋଜିତ ଥିବାରୁ ସେମାନଙ୍କ ପାଖରେ ଟିକା ପହଞ୍ଚାଇବା ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଫଳରେ ଅଧିକରୁ ଅଧିକ ଲୋକ ଟିକା ନେବାର ସୁବିଧା ପାଇବେ। ବର୍ତ୍ତମାନର ଟିକାକରଣ କେନ୍ଦ୍ର ସହ ୧୦୦ ହିତାଧିକାରୀ ☞ପୃଷ୍ଠା-୪

## ଟିକା ଅଭାବ: ରାଜ୍ୟର ୬୪୫ କେନ୍ଦ୍ର ବନ୍ଦ

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ସଂକ୍ରମଣ ହୁହୁ ହୋଇବଢୁଥିବାବେଳେ ରାଜ୍ୟରେ ଏବେ ଟିକାର ଅଭାବ ଦେଖାଗଲାଣି। ଆବଶ୍ୟକ ଟିକା ଯୋଗାଇଦେବାକୁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ରକୁ ଚିଠି ଲେଖି ଆସୁଛନ୍ତି। ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖି ପର୍ଯ୍ୟାପ୍ତ କୋଭିଶିଲ୍ଡ ଟିକା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି ଯେ, ଟିକା ନ ଥିବାରୁ ରାଜ୍ୟର ମୋଟ ୧୪୦୦ ଟିକାକରଣ କେନ୍ଦ୍ର ମଧ୍ୟରୁ ୬୪୫ଟି ବନ୍ଦ ହୋଇଗଲାଣି। ବର୍ତ୍ତମାନ ୭୫୫ କେନ୍ଦ୍ରରେ ଟିକାକରଣ ଚାଲିଛି। ରାଜ୍ୟରେ ଗଚ୍ଛିତ ଥିବା ଟିକା ଦୁଇଦିନ ଯିବ। ୯ ତାରିଖ ବେଳକୁ ରାଜ୍ୟରେ କୋଭିଶିଲ୍ଡ ଟିକା ପ୍ରାୟ ସରିଯାଇଥିବ, ଯାହା ଦ୍ୱିତୀୟ ଡୋଜ୍ ☞ପୃଷ୍ଠା-୪

# ରେକର୍ଡ ଭାଙ୍ଗି ଚାଲିଛି ଦୈନିକ ସଂକ୍ରମଣ

## ଦେଶରେ ୧.୧୫ ଲକ୍ଷ ଟପିଲା

**ନୂଆଦିଲ୍ଲୀ, ୭।୪**

ଭାରତରେ ଗତ ୨୪ ଘଣ୍ଟା ମଧ୍ୟରେ ୧.୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କରୋନାରେ ଆକ୍ରାନ୍ତ ହେବା ସହ ୬୩୦ ଜଣଙ୍କର ଜୀବନ ଯାଇଛି। ଏହାକୁ ମିଶାଇ ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୧,୬୬,୧୭୭ରେ ପହଞ୍ଚିଛି। ଗୋଟିଏ ଦିନରେ ୧,୧୫,୭୩୬ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧.୨୮ କୋଟିରୁ ଅଧିକ ହୋଇଛି। କରୋନା ଆରମ୍ଭ ହେବା ଦିନଠାରୁ ଗୋଟିଏ ଦିନରେ ଏତେ ସଂଖ୍ୟାରେ ସଂକ୍ରମଣ କେବେ ହୋଇ ନ ଥିଲା। ମହାରାଷ୍ଟ୍ର, ଛତିଶଗଡ଼, ଦିଲ୍ଲୀ, କର୍ନାଟକ ଏବଂ ଉତ୍ତରପ୍ରଦେଶରେ ଦୈନିକ ସଂକ୍ରମଣ ସର୍ବାଧିକ ବଢ଼ିଚାଲିଛି। ☞ପୃଷ୍ଠା-୪



## ଓଡ଼ିଶାରେ ୭୯୧

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ରାଜ୍ୟରେ କରୋନା ଧୀରେ ଧୀରେ ବିସ୍ଫୋରକ ରୂପ ନେବାରେ ଲାଗିଛି। ମାସକରେ ଦୈନିକ ଆକ୍ରାନ୍ତ ସଂଖ୍ୟାରେ ୧୦ଗୁଣରୁ ଅଧିକ ବଢ଼ିଛି। ପ୍ରତିଦିନ ନୂଆ ନୂଆ ରେକର୍ଡ ଭାଙ୍ଗୁଛି ଏହି ମହାମାରୀ। ଶନିବାର ୪୫୨ଜଣ ଚିହ୍ନଟ ହୋଇଥିବାବେଳେ ରବିବାର ୪୭୧, ସୋମବାର ୫୭୩, ମଙ୍ଗଳବାର ୫୮୮ ଓ ବୁଧବାର ଲମ୍ଫଡିଆଁ ମାରିଛି ମହାମାରୀ। ଶେଷ ୨୪ ଘଣ୍ଟା ମଧ୍ୟରେ ☞ପୃଷ୍ଠା-୪

- ସୁନ୍ଦରଗଡ଼ରେ ସର୍ବାଧିକ ସକ୍ରିୟ ରୋଗୀ
- ଆଖିବୁଜିଲେ ୨୮ବର୍ଷୀୟ
- କଡ଼ାକଡ଼ି ହେବ ନାଇଟ୍ କର୍ଫ୍ୟୁ: ସ୍ୱାସ୍ଥ୍ୟମନ୍ତ୍ରୀ
- କ୍ଲବ୍, ପାର୍ଟି ଉପରେ ତୀକ୍ଷ୍ଣ ନଜର

# ନବମ, ଏକାଦଶ କ୍ଲାସ୍ ବନ୍ଦ

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

**ଦଶମ ଓ ଦ୍ୱାଦଶ ପାଠପଢ଼ା ପୂର୍ବଭଳି ଜାରି ରହିବ**

କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଗୁରୁବାରଠାରୁ ନବମ ଓ ଏକାଦଶ ଶ୍ରେଣୀରେ ପାଠପଢ଼ା ବନ୍ଦ ହେବ। ଏନେଇ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ସ୍କୁଲ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସତ୍ୟବ୍ରତ ସାହୁ ବିଭାଗୀୟ ନିର୍ଦ୍ଦେଶକ ଓ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖିଛନ୍ତି। କୋଭିଡ୍ ସଂକ୍ରମଣ ବ୍ୟାପୁଥିବାରୁ ସ୍କୁଲଗୁଡ଼ିକରେ ନବମ ଓ ଏକାଦଶ ଶ୍ରେଣୀ ପାଠପଢ଼ା ତୁରନ୍ତ ବନ୍ଦ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ୩୦ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଦୁଇ ଶ୍ରେଣୀର ପିଲାମାନେ ଯଦି ହଷ୍ଟେଲ୍ କିମ୍ବା ଆବାସିକ ସ୍କୁଲରେ ରହୁଥିବେ, ତେବେ ସେମାନେ ତୁରନ୍ତ ଘରକୁ ଫେରିଯିବାକୁ କୁହାଯାଇଛି। ତେବେ ସ୍କୁଲ ଚାହିଁଲେ ଅନ୍‌ଲାଇନ୍ କ୍ଲାସ୍ କରିପାରିବ। ଅନ୍ୟପକ୍ଷରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ପୂର୍ବଭଳି ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଦୁଇ ଶ୍ରେଣୀର ପିଲା ବୋର୍ଡ ଓ କାଉନସିଲ ପରୀକ୍ଷା ଦେବାର ଥିବାରୁ ସେମାନଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବା ପାଇଁ ପରାମର୍ଶ ଦିଆଯାଇଛି। ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ଓ ହାତ ସାନିଟାଇଜ୍ କରିବା ସହ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତବର୍ଷ କରୋନା ସଂକ୍ରମଣ ଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ସଂକ୍ରମଣ ହ୍ରାସ ପାଇବା ପରେ ଚଳିତବର୍ଷ ଜାନୁୟାରୀ ୮ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଏବଂ ଫେବୃୟାରୀ ୮ରୁ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଥିଲା।

## ରେପୋ ରେଟ୍ ଅପରିବର୍ତ୍ତିତ

**ନୂଆଦିଲ୍ଲୀ,୭।୪**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଚଳିତ ଆର୍ଥିକ ବର୍ଷର ପ୍ରଥମ ମୁଦ୍ରାନୀତି କମିଟି (ଏମ୍‌ସିସି) ବୈଠକରେ ଏହାର ରେପୋ ରେଟ୍‌କୁ ୪% ସ୍ତରରେ ଅପରିବର୍ତ୍ତିତ ରଖିଛି। ୬ ସଦସ୍ୟ ବିଶିଷ୍ଟ ଏମ୍‌ପିସି ରେପୋ ରେଟ୍ ଅପରିବର୍ତ୍ତିତ ରଖିବେ ବୋଲି ପୂର୍ବରୁ ଅନୁମାନ କରାଯାଇଥିଲା। ବିଭିନ୍ନ ଜରୁରୀ ସ୍ଥିତିକୁ ଧ୍ୟାନରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବ ବୋଲି କୁହାଯାଇଛି। ଘରୋଇ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରାଣୀ କଲ୍ୟାଣ ପାଠ୍ୟକ୍ରମ**

## କୋଟିଆରେ ସବୁ ଦଳର ନେତା



କୋଟିଆ ଗସ୍ତରେ ବିଭିନ୍ନ ଦଳର ନେତାମାନେ।

**ଆନ୍ଧ୍ର ନିର୍ବାଚନ ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଲେ**

**ପଟ୍ଟାଙ୍ଗୀ,୭।୪(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ନେରେଡିବାଲସା ଗ୍ରାମରେ ଆନ୍ଧ୍ର ସରକାର ଜିଲା ପରିଷଦ ଓ ସମିତିସଭ୍ୟ ନିର୍ବାଚନ ଚଳାଇଥିଲେ। ଉକ୍ତ ନିର୍ବାଚନ ଉପରେ ମଙ୍ଗଳବାର ଆନ୍ଧ୍ର ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ଏହି ସୁଯୋଗର ସଦ୍‌ବ୍ୟବହାର କରିବା ଲାଗି ଓଡ଼ିଶାର ସମସ୍ତ ରାଜନୈତିକ ଦଳର ନେତାମାନେ ଏକାଠି ହୋଇଛନ୍ତି। ସେମାନେ ମଙ୍ଗଳବାର ଏକ ବୈଠକ କରି ବୁଧବାର କୋଟିଆ ପଞ୍ଚାୟତ ଗସ୍ତ କରି ଆନ୍ଧ୍ରର ନିର୍ବାଚନ କାର୍ଯ୍ୟ ଯେପରି ଭଣ୍ଡୁର ହେବ ସେନେଇ ପଞ୍ଚାୟତବାସୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତରେ ଓଡ଼ିଶାରୁ କୋରାପୁଟ ☞ପୃଷ୍ଠା-୪

## ୯ରୁ ରାୟପୁର ଲକ୍‌ଡାଉନ

**ପଞ୍ଜାବରେ ନାଇଟ୍ କର୍ଫ୍ୟୁ, ସମାବେଶ ବନ୍ଦ**

**ରାୟପୁର/ଚଣ୍ଡିଗଡ଼, ୭।୪**

ସଂକ୍ରମଣ ବଢୁଥିବାରୁ ଛତିଶଗଡ଼ ସରକାର ରାଜଧାନୀ ରାୟପୁରକୁ ଏପ୍ରିଲ ୯ରୁ ୧୯ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିଛନ୍ତି। ଚଳିତ ବର୍ଷ ଏହା ପ୍ରଥମ ସମ୍ପୂର୍ଣ୍ଣ ଲକ୍‌ଡାଉନ୍। ଏହାପୂର୍ବରୁ ମହାରାଷ୍ଟ୍ର ସରକାର ସପ୍ତାହାନ୍ତ ଲକ୍‌ଡାଉନ୍ ଘୋଷଣା କରିଥିଲେ। ଛତିଶଗଡ଼ରେ ଗୋଟିଏ ଦିନରେ ୯,୯୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୩,୮୬,୨୬୯ ହେବା ସହ ମୃତ୍ୟୁସଂଖ୍ୟା ୪,୪୧୬ରେ ପହଞ୍ଚିଲାଣି। ଫଳରେ ସରକାରଙ୍କ ପକ୍ଷରୁ ରାୟପୁର ଲକ୍‌ଡାଉନ କରିବାକୁ ନିଷ୍ପତ୍ତି ନିଆଯାଇଛି। ☞ପୃଷ୍ଠା-୪






# ଏଫ୍‌ସିଏଟିକୁ ଉଚ୍ଛେଦ କଲା କେନ୍ଦ୍ର

ଫିଲ୍ମ ସାର୍ଟିଫିକେଶନ ଆପିଲେଟ୍ ଟ୍ରିବ୍ୟୁନାଲ (ଏଫ୍‌ସିଏଟି)କୁ କେନ୍ଦ୍ର ସରକାର ତତ୍କାଳ ଉଚ୍ଛେଦ କରିଛନ୍ତି। ଫଳରେ ସେନ୍ସର ବୋର୍ଡ ବା ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି)ର ରାୟକୁ ଚ୍ୟାଲେଞ୍ଜ କରିବା ଅଧିକାର ପ୍ରଯୋଜକମାନେ ହରାଇଛନ୍ତି। ସେନ୍ସର ବୋର୍ଡର କଇଁଚିରେ କ୍ଷତିଗ୍ରସ୍ତ ନିର୍ମାତାମାନଙ୍କୁ ଆଗକୁ ସେମାନଙ୍କ ଅଭିଯୋଗ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବ । ହଂସଲ ମେହେଟ୍ଟାଙ୍କଠାରୁ ନେଇ ବିଶାଳ ଭରଦ୍ୱାଜଙ୍କ ପର୍ଯ୍ୟନ୍ତ ଫିଲ୍ମ ପ୍ରଯୋଜକମାନେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ସମାଲୋଚନା କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।




**ନୂଆଦିଲ୍ଲୀ/ମୁମ୍ବାଇ,୭।୪**

ଏଫ୍‌ସିଏଟି ୧୯୮୩ରେ ଗଠିତ ଏକ ସାମ୍ବିଧାନିକ ସଂସ୍ଥା। ସିନେମାଟୋଗ୍ରାଫ୍ ଆଇନ, ୧୯୫୨ ଧାରା ୫ଡି ଅନୁଯାୟୀ ଭାରତର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଏହାର ପ୍ରତିଷ୍ଠା କରାଯାଇଥିଲା। ଦିଲ୍ଲୀରେ ଏହାର ମୁଖ୍ୟାଳୟ ରହିଛି। କୌଣସି ଫିଲ୍ମରେ ଆପତ୍ତିଜନକ, ସାମ୍ପ୍ରଦାୟିକ, ହିଂସାତ୍ମକ ଓ ଯୌନ ଉଦ୍ଦୀପକ ଭାଷା ବା ଦୃଶ୍ୟ ଥିଲେ ସେନ୍ସର ବୋର୍ଡ ତାକୁ କାଟି ଦେଉଥିଲା। ଏହାସହ ଫିଲ୍ମକୁ 'ଆଡଲ୍ଟ' ବା 'ୟୁନିଭର୍ସାଲ' ଅଥବା ଅନ୍ୟ କେଉଁ ଶ୍ରେଣୀରେ ବର୍ଗୀକୃତ କରି ପ୍ରମାଣପତ୍ର ଦିଆଯିବ ତାହା ସେନ୍ସର ବୋର୍ଡ ସ୍ଥିର କରୁଥିଲା। ଏଥିରେ କେହି ଫିଲ୍ମ ପ୍ରଯୋଜକ ଅସନ୍ତୋଷ ହେଲେ ଏଫ୍‌ସିଏଟି ପାଖକୁ ଗୁହାରି କରିବାକୁ ଯାଉଥିଲେ। ଫଳରେ ଦେଶରେ ବହୁ ସଂଖ୍ୟକ ଫିଲ୍ମ ରିଲିଜ୍ କ୍ଷେତ୍ରରେ ଉକ୍ତ ଟ୍ରିବ୍ୟୁନାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିଲା। ଆଇନ ମନ୍ତ୍ରଣାଳୟ ରବିବାର ଟ୍ରିବ୍ୟୁନାଲ ରିଫର୍ମସ୍ (ରେଶନଲାଇଜେଶନ୍ ଆଣ୍ଡ ☞ପୃଷ୍ଠା-୪



କିଛି ରାଜ୍ୟ ନିଜ ଅପାରଗତା ଲୁଚାଇବାକୁ ଯାଇ ଟିକା ସଙ୍କଟର ବାହାନା କରୁଛନ୍ତି। ଏଭଳି କରି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରାଯାଉଛି। କେବଳ ମହାରାଷ୍ଟ୍ର ନୁହେଁ, ଆଉ କିଛି ରାଜ୍ୟ ମଧ୍ୟ ଏପରି କଥା ଉଠାଇ ଲୋକଙ୍କୁ ଡରାଉଛନ୍ତି।

–ଡା. ହର୍ଷବର୍ଦ୍ଧନ. କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

## ସଂକ୍ଷେପରେ

### ଗିରଫ ଭୟରେ ୫ ଲକ୍ଷ ଜାଳିଦେଲେ

**ହାଇଦ୍ରାବାଦ, ୭।୪:** ତେଲଙ୍ଗାନା ଭେଲଦଣ୍ଡ ମଣ୍ଡଳ ତହସିଲଦାରଙ୍କ ନିର୍ଦ୍ଦେଶରେ ୫ ଲକ୍ଷ ଟଙ୍କା ଲାଞ୍ଚ ସଂଗ୍ରହ କରିଥିବା ନଗରକୁର୍ନଲ ଜିଲାର ଜଣେ ବ୍ୟକ୍ତି ଦୁର୍ନୀତି ନିରୋଧୀ ବ୍ୟୁରୋ(ଏସିବି) ଦ୍ୱାରା ଗିରଫ ଭୟରେ ମଙ୍ଗଳବାର ସମସ୍ତ ନୋଟ୍ ଜାଳି ଦେଇଛନ୍ତି। ୪୬ଟି ୨ ହଜାର ଟଙ୍କିଆ ନୋଟ୍ ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ବଳକା ଟଙ୍କା ଆଂଶିକ ପୋଡ଼ିଥିବା ଏସିବି ଅଧିକାରୀ କହିଛନ୍ତି। ଖଣି ଓ ଭୂବିଜ୍ଞାନ ବିଭାଗ ପକ୍ଷରୁ ଏକ ଲିଜ୍ କାମ ପାଇଁ ତହସିଲଦାର ଜଣେ ବ୍ୟକ୍ତିଙ୍କଠାରୁ ୫ ଲକ୍ଷ ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ ବ୍ୟକ୍ତି ଏସିବି ନିକଟରେ ଅଭିଯୋଗ କରିଥିଲେ। ଘର ନିକଟରେ ଏସିବି ଅଧିକାରୀଙ୍କୁ ଦେଖି ଲାଞ୍ଚ ଟଙ୍କା ସଂଗ୍ରହ କରିଥିବା ବ୍ୟକ୍ତି ତାଙ୍କ ରୋଷେଇ ଘର ଚୁଲାରେ ରଖି ନୋଟ୍‌ଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ତହସିଲଦାରଙ୍କ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

### ବ୍ରାଜିଲରେ ଦିନକରେ ୪ ହଜାର ମୃତ

**ସାଓ ପଲ୍, ୭।୪:** ବ୍ରାଜିଲରେ କରୋନା ସଂକ୍ରମଣ ଦିନକୁ ଦିନ ଭୟଙ୍କର ଭାବେ ମାଡ଼ିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪,୧୯୫ ଜଣଙ୍କ ମୃତ୍ୟୁ ଘଟିଥିବା ରେକର୍ଡ କରାଯାଇଛି। ଏତେ ସଂଖ୍ୟାରେ ମୃତ୍ୟୁ ଘଟିବାରେ ବ୍ରାଜିଲ ବିଶ୍ୱର ତୃତୀୟ ଦେଶ ହୋଇଛି। ଅର୍ଥନୀତିର ବିକାଶ ପାଇଁ ଦେଶର ବିଭିନ୍ନ ସ୍ଥାନରେ ଲକ୍‌ଡାଉନ କଟକଣା କୋହଳ କରାଯାଉଥିବାବେଳେ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ଏଥିପାଇଁ ରାଷ୍ଟ୍ରପତି ଜେିର ବୋଲସେନାରୋଙ୍କ ନୀତିକୁ ଦାୟୀ କରାଯାଇଛି। ଏହାସହ ଦେଶରେ ଟିକାକରଣରେ ମଧ୍ୟ ଶୀଥିଳତା ଦେଖାଦେଇଛି। ମୋଟ ଲୋକସଂଖ୍ୟାର ୩ ପ୍ରତିଶତରୁ କମ୍ ଜଣ କରୋନା ଟିକା ନେଇଥିବା ଜଣାପଡିଛି।

### ବଳାତ୍କାର ବୃଦ୍ଧି ପାଇଁ ପାଶ୍ଚାତ୍ୟ ସଂସ୍କୃତି ଦାୟୀ: ଇମ୍ରାନ



**ଇସଲାମାବାଦ, ୭।୪:** ଦିନକୁ ଦିନ ବଳାତ୍କାର ମାମଲା ବୃଦ୍ଧି ପାଇଁ ଅଶ୍ଳୀଳତା, ପାଶ୍ଚାତ୍ୟ ସଂସ୍କୃତି ଦାୟୀ ବୋଲି କହି ବିବାଦରେ ଫସିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ଫୋନ୍ ଇନ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କଥାବାର୍ତ୍ତାବେଳେ ବଳାତ୍କାର ବଢ଼ିବା ପଛର କାରଣ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ରଖି ଇମ୍ରାନ କହିଥିଲେ, ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇବା ଯୋଗୁ ବଳାତ୍କାର ମାମଲା ବଢୁଛି। କ୍ରିକେଟ ଖେଳୁଥିବା ସମୟରେ ବ୍ରିଟେନ ଗସ୍ତବେଳେ ସେଠାରେ ଏଭଳି ସଂସ୍କୃତିର ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ପାଇଥିଲେ। ଏଥିଯୋଗୁ ସେଠାରେ ମହିଳା ନିର୍ଯାତନା, ଛାଡ଼ପତ୍ର ଭଳି ମାମଲା ବୃଦ୍ଧି ପାଉଛି ବୋଲି ଇମ୍ରାନ କହିଛନ୍ତି। ଦିଲ୍ଲୀରେ ମଧ୍ୟ ଏହି କାରଣରୁ ବଳାତ୍କାର ବଢ଼ିଚାଲିଥିବା ସେ କହିଛନ୍ତି। ଏପରି ମନ୍ତବ୍ୟ ଦେଇ ପାକ୍ ପ୍ରଧାନମନ୍ତ୍ରୀ ପରୋକ୍ଷରେ ପୀଡ଼ିତାଙ୍କୁ ବଳାତ୍କାର ପାଇଁ ସେ ଦାୟୀ କରୁଥିବା ଅଭିଯୋଗ ହୋଇଛି।

# ମୁମ୍ବାଇ ପୋଲିସରେ କୋକୁଆ ଭୟ

**ଆଣ୍ଟିଲିଆ ବାହାରେ ବିସ୍ଫୋରକ ଭର୍ତ୍ତି ସ୍କର୍ପିଓ ରଖିବା ଓ ପୁଣେ ବ୍ୟବସାୟୀ ମନ୍‌ସୁଖ ହିରେନଙ୍କୁ ହତ୍ୟା କରିବା ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହାଜତରେ ଅଛନ୍ତି ମୁମ୍ବାଇ ପୋଲିସର ନିଲମ୍ବିତ ଆସିଷ୍ଟାଣ୍ଟ ପୋଲିସ ଇନ୍‌ସ୍ପେକ୍ଟର (ଏପିଆଇ) ସଚିନ ୱାଜେ। ତାଙ୍କୁ ଇନ୍‌ଭେଷ୍ଟିଗେଟିଂ ଏଜେନ୍ସି ବଟି ଅସୁଲ ମାମଲାରେ ମଧ୍ୟ ଜେରା କରୁଛି। ଖୋଳତାଡ଼ ବେଳେ ଏନ୍‌ଆଇଏ ହାତରେ ସମ୍ଭବତଃ ବଡ଼ ପ୍ରମାଣ ଲାଗିଛି। ଏଥିପାଇଁ ସଚିନ ୱାଜେଙ୍କ ମେଣ୍ଟର ତଥା ପୂର୍ବତନ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ପ୍ରଦୀପ ଶର୍ମାଙ୍କୁ ଏନ୍‌ଆଇଏ ସମନ ଜାରି କରିଥିଲା। ସେ ଏନ୍‌ଆଇଏ ଅଫିସ୍‌ରେ ପହଞ୍ଚିବା ପରେ ତାଙ୍କୁ ତଦନ୍ତକାରୀ ଅଧିକାରୀମାନେ ଜେରା କରୁଛନ୍ତି। ଏହାକୁ ନେଇ ମୁମ୍ବାଇର ଟପ୍ କପ୍ ମହଲରେ ସୃଷ୍ଟି ହୋଇଛି କୋକୁଆ ଭୟ। ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ମୁଣ୍ଡରେ ଭାଲେଣି ଯେ, ଆମ ପାଳି କେବେ ପଡ଼ିବ।**





### ପ୍ରଦୀପ ଶର୍ମାଙ୍କୁ ଏନ୍‌ଆଇଏ ଜେରା | ସଚିନ ୱାଜେଙ୍କୁ ଜେରା କରିବ ସିବିଆଇ

**ମୁମ୍ବାଇ,୭।୪**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଏନ୍‌ଆଇଏ ମୁମ୍ବାଇ ପୋଲିସର ପୂର୍ବତନ ଅଫିସର ପ୍ରଦୀପ ଶର୍ମାଙ୍କୁ ବୁଧବାର ଜେରା କରିଛି। ୫୮ ବର୍ଷୀୟ ପ୍ରଦୀପଙ୍କ ପାଇଁ ବିବାଦ ନୂଆ ନୁହେଁ। ଅଣ୍ଡରୱାର୍ଲ୍ଡ ସହ ସମ୍ପର୍କକୁ ନେଇ ଚର୍ଚ୍ଚିତ ଏହି ଅଫିସର ନ୍ୟାୟ ବହିର୍ଭୂତ ହତ୍ୟା ବା ଫେକ୍ ଏନ୍‌କାଉଣ୍ଟର ମାମଲାରେ ମଧ୍ୟ ପୂର୍ବରୁ ଫସିଥିଲେ। ଏବେ ଏନ୍‌ଆଇଏ ଡାକରା ପାଇ ପ୍ରଦୀପ ତଦନ୍ତକାରୀ ସଂସ୍ଥାର ଅଫିସରେ ହାଜର ହୋଇଛନ୍ତି। କାରଣ ପ୍ରଦୀପ ଓ ୱାଜେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କ ଘନିଷ୍ଠ ବୋଲି କୁହାଯାଉଛି। ପୂର୍ବରୁ ଲଖନ ଭୈୟା ଫେକ୍ ଏନ୍‌କାଉଣ୍ଟର ମାମଲାରେ ସମ୍ପୃକ୍ତ ଥିବା ପ୍ରଦୀପଙ୍କ ସହଯୋଗୀ ବିନାୟକ ସିନ୍ଧେଙ୍କୁ ମଧ୍ୟ ଏନ୍‌ଆଇଏ ଗିରଫ କରିସାରିଛି। ଏହି ମାମଲାରେ ପ୍ରଦୀପ ଦୋଷମୁକ୍ତ ହୋଇସାରିଛନ୍ତି। ତେବେ ପ୍ରଦୀପଙ୍କ ଜେରା ଆର୍ଥିକ ରାଜଧାନୀରେ ବଟି ଅସୁଲ ର୍‍ୟାକେଟ ମାମଲାରେ ନୂଆ ମୋଡ଼ ଆଣିବ ବୋଲି କୁହାଯାଉଛି।

ମାର୍ଚ୍ଚ ୧୭ରେ ପରମବୀର ସିଂଙ୍କୁ ହୋମଗାର୍ଡକୁ ବଦଳି କରାଯିବା ପରେ ସେ ମହାରାଷ୍ଟ୍ର ଗୃହମନ୍ତ୍ରୀ ଦେଶମୁଖଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ମାସକୁ ୧୦୦ କୋଟି ଟଙ୍କା ଅସୁଲ କରି ଆଣିଦେବା ପାଇଁ ୱାଜେଙ୍କୁ ଦେଶମୁଖ ନିର୍ଦ୍ଦେଶ ଦେଇଥିବା ପରମବୀର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନିକଟକୁ ଚିଠି ଲେଖିଥିଲେ। ଏହି ମାମଲାରେ ବମ୍ବେ ହାଇକୋର୍ଟ ୧୫ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସୋମବାର ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦେଶମୁଖ ବାଧହୋଇ ଉଦ୍ଧବ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ସେପଟେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମଙ୍ଗଳବାର ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏହାର ଦିନକ ପରେ ବୁଧବାର ଏନ୍‌ଆଇଏ କୋର୍ଟ ୱାଜେଙ୍କୁ ଜେରା କରିବା ପାଇଁ ସିବିଆଇକୁ ଅନୁମତି ଦେଇଛନ୍ତି। ସିବିଆଇର ଆବେଦନର ଶୁଣାଣି କରି ବିଚାରପତି ପି.ଆର. ସିତ୍ରେ ୱାଜେଙ୍କ ଏନ୍‌ଆଇଏ ହାଜତ ମିଆଦକୁ ଏପ୍ରିଲ ୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫେବୃୟାରୀ ୨୫ରେ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଦକ୍ଷିଣ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିଆ ବାହାରେ ଜିଲାଟିନ୍ ଭର୍ତ୍ତି କାର୍ ଠାବ ହେବା ପରେ ୱାଜେଙ୍କୁ ମାର୍ଚ୍ଚ ୧୩ରେ ଗିରଫ କରାଯାଇଥିଲା।

> ବଟି ଆଦାୟର ପୋଲିସ ଓ ରାଜନେତାଙ୍କ ଅସାଧୁ ମେଣ୍ଟର ସମ୍ପୃକ୍ତି ଉପରୁ ପରଦା ହଟିଛି। ଏନ୍‌ଆଇଏ ପ୍ରମାଣ ସଂଗ୍ରହ କରି ସରକାରରେ ଥିବା ନେତାମାନଙ୍କୁ ସାମ୍ନାକୁ ଆଣିବ ବୋଲି ବିଶ୍ୱାସ।
>
> –ରାମ କଦମ, ଭାଜପା ମୁଖପାତ୍ର



ସଚିନ ୱାଜେଙ୍କ ସହ ପ୍ରଦୀପ ଶର୍ମା। (ଫାଇଲ ଫଟୋ)

### ପ୍ରଦୀପ ଶର୍ମା କିଏ

୧୯୯୦ ଦଶକରେ ମୁମ୍ବାଇରେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ପ୍ରଦୀପ ଶର୍ମା ରାଜ କରୁଥିଲେ। ୧୯୯୩ ଧାରାବାହିକ ବିସ୍ଫୋରଣ ପରେ ମୁମ୍ବାଇରେ ଗ୍ୟାଙ୍ଗୱାର ବଢ଼ିବାରେ ଲାଗିଥିଲା। ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ଦୟା ନାଏକ ପ୍ରଦୀପଙ୍କ ଅଧୀନରେ କାମ କରୁଥିବାବେଳେ ସଚିନ ୱାଜେ କ୍ରମଶଃ ତାଙ୍କ ନିକଟତର ହୋଇଥିଲେ। ପରେ ଦୟାଙ୍କୁ ଅଣଦେଖା କରି ୱାଜେଙ୍କୁ ତାଙ୍କ ସ୍ଥାନରେ ବସାଇଥିଲେ ପ୍ରଦୀପ। ଅନ୍ଧେରୀରେ ୱାଜେଙ୍କ ପୋଷ୍ଟିଂ ହୋଇଥିବାବେଳେ ପ୍ରଦୀପ ବହୁତ ନାଁ କମାଇସାରିଥିଲେ। ସେତେବେଳେ ଏହି ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟମାନେ ଲୋକଙ୍କ ନଜରରେ ରାତାରାତି ହିରୋ ପାଲଟିଯାଇଥିଲେ। ପ୍ରଦୀପ ୩୦୦ରୁ ଊର୍ଦ୍ଧ୍ୱ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରିଥିବା କୁହାଯାଏ। ଭ୍ରଷ୍ଟାଚାର ଅଭିଯୋଗରେ ନିଲମ୍ବିତ ହୋଇଥିବା ପ୍ରଦୀପଙ୍କୁ ୨୦୧୭ରେ ପୁନଃ ଅବସ୍ଥାପିତ କରାଯାଇଥିଲା। ହେଲେ ସେ ୩୫ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇ ୨୦୧୯ରେ ପୋଲିସ ଚାକିରି ଛାଡ଼ି ଶିବସେନାରେ ଯୋଗଦେଇଥିଲେ। ମହାରାଷ୍ଟ୍ରର ନାଲାସୋପାରା ନିର୍ବାଚନମଣ୍ଡଳୀରୁ ଶିବସେନା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ।




ନରୱେ ସମୁଦ୍ରରେ ଡଚ୍ କାର୍ଗୋ ଜାହାଜ ଏମ୍‌ସ୍ଲିଫ୍ଟ ହେଣ୍ଡ୍ରିକା ଢଳି ପଡ଼ିଛି। ଏଥିରେ କର୍ମଚାରୀମାନଙ୍କୁ ଉଦ୍ଧାର କରାଯାଇଛି।

# ସୁଯୋଗ, ସବୁ ସ୍ୱପ୍ନର ଶେଷ ନୁହେଁ

**ନୂଆଦିଲ୍ଲୀ, ୭।୪**

ପରୀକ୍ଷା ଭବିଷ୍ୟତ ପାଇଁ ଏକ ସୁଯୋଗ, ଏହା ସବୁ ସ୍ୱପ୍ନର ଶେଷ ନୁହେଁ କିମ୍ବା ଜୀବନର ଶେଷ ମାଇଲଖୁଣ୍ଟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପରୀକ୍ଷାକୁ ନେଇ ଭୟ ନ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କ ସହ ଚର୍ଚ୍ଚା କରିଥାନ୍ତି। କରୋନା ମହାମାରୀ ଯୋଗୁ ଏଥର ସେ ଭର୍ଚୁଆଲି ପରୀକ୍ଷା ସମ୍ପର୍କରେ ଆଲୋଚନା କରିବା ସହ କେତେଜଣ ପିଲାଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ।



ପରୀକ୍ଷାକୁ ନେଇ ପିଲାଙ୍କ ଉପରେ ବଡ଼ ଆଶା କରାଯାଉଥିବାରୁ ଭୟ ଉତ୍ପନ୍ନ ହୋଇଥାଏ। ପରୀକ୍ଷା ଏକ ବଡ଼ ପ୍ରତିବନ୍ଧକ ବୋଲି ସେମାନଙ୍କ ଆଗରେ ଧାରଣା ସୃଷ୍ଟି କରାଯାଏ। ଏହି ପରୀକ୍ଷା ହିଁ ସବୁକିଛି ବୋଲି ପିଲାମାନଙ୍କୁ କୁହାଯାଏ, ଯାହା ଭୟର ବାତାବରଣ ସୃଷ୍ଟି କରେ।

### ମୋଦିଙ୍କ ପରୀକ୍ଷା ପେ ଚର୍ଚ୍ଚା

ଏଥିପାଇଁ ପ୍ରଧାନମନ୍ତ୍ରୀ ପରିବାରର ଭୂମିକାକୁ ଦାୟୀ କରିଛନ୍ତି। ପୂର୍ବରୁ ଅଭିଭାବକ ପିଲାଙ୍କ ପାଠପଢ଼ା ସହ ଜଡ଼ିତ ହୋଇ ସେମାନଙ୍କୁ ପଢ଼ାରେ ସହାୟତା କରୁଥିଲେ। ଏବେ କିନ୍ତୁ ମାଆବାପା ପିଲାଙ୍କ ସହ ଜଡ଼ିତ ହୋଇପାରୁନାହାନ୍ତି। ଏହା ବଦଳରେ ସେମାନେ ପିଲାଙ୍କଠାରୁ ବହୁତ କିଛି ଆଶା କରୁଛନ୍ତି ବୋଲି ମୋଦି କହିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ପରୀକ୍ଷା ଦେବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

## ସଙ୍କଟରେ କାର୍ଗୋ ଶିପ୍

**ହ୍ୟାଗ୍,୭।୪:** ନେଦରଲାଣ୍ଡସ୍‌ର କାର୍ଗୋ ଶିପ୍ ଏମ୍‌ସ୍ଲିଫ୍ଟ ହେଣ୍ଡ୍ରିକା ପେଟ୍ରୋଲ ଓ ଡିଜେଲ ନେଇ ଯାଉଥିବାବେଳେ ନରୱେଜିଆନ୍ ସି'ରେ ବୁଡ଼ିଯିବା ଅବସ୍ଥାରେ ରହିଛି। ୧୨ କ୍ରିଉ ମେମ୍ବର ସମୁଦ୍ରକୁ ଡେଇଁବା ପରେ ସେମାନଙ୍କୁ ହେଲିକପ୍ଟରରେ ଉଦ୍ଧାର କରାଯାଇଛି। ନରୱେର ତଟରକ୍ଷୀ ପ୍ରଶାସନ ମଙ୍ଗଳବାର ଆଲେସୁଣ୍ଡ ଉପକୂଳକୁ ଏକ କୋଷ୍ଟ ଗାର୍ଡ ଶିପ୍ ପଠାଇ ବୁଡ଼ିଯାଉଥିବା ଜାହାଜକୁ ରକ୍ଷା କରିବା ପାଇଁ ଉଦ୍ୟମ ଜାରି ରଖିଛି। ତେବେ ଏଥିରେ ଖରାପ ପାଗ ଓ ୧୫ ମିଟର ଉଚ୍ଚତାର ଜୁଆର ବାଧକ ସାଜିଥିବା ନରୱେଜିଆନ୍ କୋଷ୍ଟାଲ ଆଡ୍‌ମିନିଷ୍ଟ୍ରେଶନ ନିର୍ଦ୍ଦେଶକ ହନ୍ନେସ-ପିଟର ମୋର୍ଟେନଶୋଲମ୍ ସୂଚନା ଦେଇଛନ୍ତି। ୨୦୧୫ରେ ନେଦରଲାଣ୍ଡସ୍‌ରେ ପଞ୍ଜୀକୃତ ଏହି ଜାହାଜର ମୁଖ୍ୟ ଇଞ୍ଜିନ୍ ସୋମବାର ରାତିରେ ଖରାପ ହୋଇଯିବାରୁ ଏଭଳି ସଙ୍କଟ ସୃଷ୍ଟି ହୋଇଥିବା କୁହାଯାଉଛି।

# ୫ ରାଜ୍ୟରେ ୭୯,୬୮୮ ଶିଶୁ ସଂକ୍ରମିତ

**ନୂଆଦିଲ୍ଲୀ, ୭।୪**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦ୍ରୁତ ବେଗରେ ମାଡ଼ିଚାଲିଥିବାବେଳେ ଏଥିରେ ଯୁବକ ଓ ଶିଶୁମାନେ ଅଧିକ ସଂକ୍ରମିତ ହେଉଛନ୍ତି। ଗତବର୍ଷ ବୟସ୍କ ତଥା ବିଭିନ୍ନ ରୋଗ ଥିବା ବ୍ୟକ୍ତି କରୋନାରେ ଅଧିକ ଆକ୍ରାନ୍ତ ହେଉଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୫ଟି ସର୍ବାଧିକ ସଂକ୍ରମିତ ରାଜ୍ୟରେ ଗତ ମାସରୁ ଇତିମଧ୍ୟରେ ୭୯,୬୮୮ ଶିଶୁ ସଂକ୍ରମିତ ହୋଇଛନ୍ତି। କମ୍ ବୟସ୍କଙ୍କ ପାଇଁ ଏପର୍ଯ୍ୟନ୍ତ ଟିକା ପ୍ରସ୍ତୁତ ହୋଇନାହିଁ। ବ୍ରିଟେନରେ ଆଷ୍ଟ୍ରାଜେନିକାର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଭାକ୍ସିନ୍ ପରୀକ୍ଷା କରାଯାଇଥିଲା। ତେବେ ରକ୍ତ ଜମାଟ ବାନ୍ଧି ୟୁରୋପରେ ୭ ଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ଆସିବାରୁ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ମାର୍ଚ୍ଚ ୧ରୁ ଏପ୍ରିଲ ୪ ମଧ୍ୟରେ ମହାରାଷ୍ଟ୍ରରେ ୬୦,୬୮୪ ଶିଶୁ କରୋନା ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯,୮୮୨ ଜଣଙ୍କ ବୟସ ୫ ବର୍ଷରୁ କମ୍। ସେହିପରି ଛତିଶଗଡ଼ରେ ୫,୯୪୦ ଏବଂ କର୍ନାଟକରେ ୭,୩୨୭ ଏବଂ ଉତ୍ତରପ୍ରଦେଶରେ ୩,୦୦୪ ଶିଶୁଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ୫ ବର୍ଷରୁ କମ୍ ବୟସ ବର୍ଗରେ ଯଥାକ୍ରମେ ୯୨୨, ୮୭୧ ଏବଂ ୪୭୧ଜଣ ଅଛନ୍ତି। ଦିଲ୍ଲୀରେ ୨,୭୩୩ ଜଣ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୪୧ ଜଣଙ୍କ ବୟସ ୫ ବର୍ଷରୁ କମ୍ ଥିବା ଜଣାପଡ଼ିଛି।



## ମମତାଙ୍କୁ ଇସି ନୋଟିସ

**ନୂଆଦିଲ୍ଲୀ, ୭।୪**



ଏକ ରାଲିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମ୍ପ୍ରଦାୟିକତା ଆଧାରରେ ଭୋଟ ମାଗିବା ଅଭିଯୋଗ ଉପରେ ନିର୍ବାଚନ କମିଶନ (ଇସି) ବୁଧବାର ତାଙ୍କୁ ନୋଟିସ ଜାରି କରିଛନ୍ତି। ୪୮ ଘଣ୍ଟା ମଧ୍ୟରେ ସ୍ପଷ୍ଟୀକରଣ ଦେବା ଲାଗି ମମତାଙ୍କୁ କୁହାଯାଇଛି। ଗତ ୩ ତାରିଖରେ ହୁଗ୍‌ଲିରେ ଏକ ନିର୍ବାଚନୀ ସଭାରେ ମମତା ତାଙ୍କ ଦଳକୁ ସମୂହ ଭୋଟ ଦେବା ଲାଗି ମୁସଲମାନ ଭୋଟରମାନଙ୍କୁ ଅନୁରୋଧ କରିଥିଲେ। ଭାଜପା ଟଙ୍କାରେ ନିର୍ବାଚନ ଲଢୁଥିବା ସଇତାନଙ୍କ କଥା ଶୁଣ ନାହିଁ କି ସଂଖ୍ୟାଲଘୁ ଭୋଟ ବିଭାଜନ ହେବାକୁ ଦିଅନାହିଁ ବୋଲି ଟିଏମ୍‌ସି ନେତ୍ରୀ ଅନୁରୋଧ କରିଥିଲେ। ତାଙ୍କର ଏଭଳି ଭାଷଣକୁ ବିରୋଧ କରି ଭାଜପା ଇସିଙ୍କ ଦ୍ୱାରସ୍ଥ ହୋଇଥିଲା।

# ଯାନରେ ମାସ୍କ ବାଧ୍ୟତାମୂଳକ

**ନୂଆଦିଲ୍ଲୀ, ୭।୪**

### କାର୍ ଏକ 'ସର୍ବସାଧାରଣ ସ୍ଥାନ': ଦିଲ୍ଲୀ ହାଇକୋର୍ଟ

କରୋନା ମହାମାରୀ ସମୟରେ ଯାନରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି ଦିଲ୍ଲୀ ହାଇକୋର୍ଟ ବୁଧବାର ଏକ ରାୟରେ କହିଛନ୍ତି। ଏପରିକି କାର୍‌ରେ ଡ୍ରାଇଭର ଏକା ଥିଲେ ମଧ୍ୟ ତାଙ୍କୁ ମାସ୍କ ପିନ୍ଧିବାକୁ ହେବ ବୋଲି ଜଷ୍ଟିସ୍ ପ୍ରତିଭା ଏମ୍. ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଯାନ ଏକ ସର୍ବସାଧାରଣ ସ୍ଥାନ ହୋଇଥିବାରୁ ସେଠାରେ କୋଭିଡ୍ ନିୟମ ଲାଗୁ ହେବ। ମାସ୍କ ସମସ୍ତଙ୍କ ପାଇଁ ସୁରକ୍ଷା କବଚ ବୋଲି ବିଚାରପତି କହିଛନ୍ତି। ଘରୋଇ ଯାନରେ ଏକାକୀ ଯାତ୍ରା କରୁଥିବା ବ୍ୟକ୍ତି ମାସ୍କ ପରିଧାନ କରି ନ ଥିଲେ ଦିଲ୍ଲୀ ସରକାର ସେମାନଙ୍କ ଉପରେ ଜରିମାନା ଲଗାଉଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ରିଟ୍ ପିଟିଶନ ଦାଏର ହୋଇଥିଲା। ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଜଣେ ବ୍ୟକ୍ତି ଟିକା ନେଇଥାଆନ୍ତୁ କିମ୍ବା ନାହିଁ ଫେସ୍‌ମାସ୍କ ପିନ୍ଧିବା ଜରୁରୀ ବୋଲି ଅଦାଲତ କହିଛନ୍ତି।



# ଟିକା ନେଇଥିବା ୪୦ ଡାକ୍ତରଙ୍କୁ କରୋନା

**ଲକ୍ଷ୍ନୌ, ୭।୪**

ଲକ୍ଷ୍ନୌର କିଙ୍ଗ୍ ଜର୍ଜସ୍ ମେଡିକାଲ ୟୁନିଭର୍ସିଟି (କେଜିଏମ୍‌ୟୁ)ର କୁଳପତି ବିପିନ ପୁରୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ହିମାଂଶୁଙ୍କ ସମେତ ୪୦ ଜଣ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କୋଭିଡ୍ ଟିକାର ଦୁଇଟି ଯାକ ଡୋଜ୍ ନେଇସାରିଥିଲେ। କୁଳପତି ମାର୍ଚ୍ଚ ୨୫ରେ ଟିକାର ଦ୍ୱିତୀୟ ଡୋଜ୍ ନେବା ସତ୍ତ୍ୱେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତବର୍ଷ ଅଗଷ୍ଟରେ ମଧ୍ୟ କୁଳପତିଙ୍କୁ କରୋନା ହୋଇଥିଲା।

ସଂକ୍ରମିତ ଡାକ୍ତରମାନଙ୍କ ମଧ୍ୟରୁ ୨୦ ଜଣ ସାଧାରଣ ସର୍ଜରି ବିଭାଗର ହୋଇଥିବାବେଳେ ୯ ଜଣ ୟୁରୋଲୋଜି ଏବଂ ୩ ଜଣ ମେଡିସିନ ବିଭାଗର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ବୁଧବାର କେଜିଏମ୍‌ୟୁର ସବୁ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା କରାଯାଇଛି।

ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ମେଦାନ୍ତ ହସ୍ପିଟାଲ ଏବଂ ଇରା ମେଡିକାଲ କଲେଜର ମୁଖ୍ୟମାନେ ଟିକା ନେଇ ମଧ୍ୟ କରୋନା ସଂକ୍ରମିତ ହୋଇଛନ୍ତି।



## ସରକାରଙ୍କୁ ୩ ହଜାର କୋଟି ମାଗିଲା ସିରମ୍

**ନୂଆଦିଲ୍ଲୀ, ୭।୪**

ବିଶ୍ୱର ସର୍ବବୃହତ୍ ଟିକା ଉତ୍ପାଦନକାରୀ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) କୋଭିଡ୍ ଟିକା ଉତ୍ପାଦନ ବଢ଼ାଇବା ପାଇଁ ସରକାରଙ୍କୁ ୩୦୦୦ କୋଟି ଟଙ୍କା (୪୦୨.୯୭ ନିୟୁତ ଡଲାର) ମାଗିଛି। ମେ' ଶେଷ ସୁଦ୍ଧା ମାସିକ ୧୦ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଉତ୍ପାଦନ କରିବାକୁ ଏସ୍‌ଆଇଆଇ ଚାହୁଁଛି। ବର୍ତ୍ତମାନ ମାସିକ ଉତ୍ପାଦନ ୬.୫ରୁ ୭ କୋଟି ଡୋଜ୍ ରହିଛି। ଏହି ସଂସ୍ଥା କେବଳ ଭାରତକୁ କୋଭିଡ୍ ଟିକା ଯୋଗାଉନାହିଁ, ଏଥିସହିତ ବ୍ରିଟେନ, କାନାଡା, ସାଉଦି ଆରବ ଏବଂ କେତେକ ଗରିବ ଦେଶକୁ ମଧ୍ୟ ଟିକା ଯୋଗାଇ ଦେଉଛି। ବର୍ତ୍ତମାନ ସୁଦ୍ଧା ଭାରତରେ ହିତାଧିକାରୀଙ୍କୁ ୮.୬ କୋଟି ଡୋଜ୍ ଟିକା ଦିଆଗଲାଣି। ସେଥିରୁ ପାଖାପାଖି ୯୦ ପ୍ରତିଶତ ସିରମ୍ ଯୋଗାଇଛି। ଅବଶିଷ୍ଟ ଟିକା ଭାରତ ବାୟୋଟେକ୍ ଯୋଗାଇଛି।

### ଏସ୍‌ଆଇଆଇକୁ ଆଷ୍ଟ୍ରାଜେନିକାର ଲିଗାଲ ନୋଟିସ

କୋଭିଡ୍ ଟିକା ଯୋଗାଣରେ ବିଳମ୍ବକୁ ନେଇ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଆଷ୍ଟ୍ରାଜେନିକା ଲିଗାଲ ନୋଟିସ ପଠାଇଥିବା ଜଣାପଡିଛି। ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ କୋଭିଶିଲ୍ଡ ଟିକା ଭାରତରେ ଅଦାର ପୁନାୱାଲାଙ୍କ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କରୁଛି। ଭାରତରେ ସଂକ୍ରମଣ ଅତ୍ୟଧିକ ବଢ଼ିବା ପରେ ସରକାର ବିଦେଶକୁ କୋଭିଶିଲ୍ଡ ପଠାଇବା ବନ୍ଦ କରିଦେଇଥିବାରୁ ସେଠାରେ ଟିକା ଦାମ୍ ଅତ୍ୟଧିକ ବଢ଼ିଯାଇଛି। ସାରା ବିଶ୍ୱ ଟିକା ଚାହୁଁଥିବାବେଳେ ଆମେ ଭାରତର ଆବଶ୍ୟକତାକୁ ପ୍ରାଥମିକତା ଦେଉଛୁ ବୋଲି ପୁନାୱାଲା ମଙ୍ଗଳବାର କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୩୩,୨୧,୯୫୬ | ୨୮,୯୧,୨୬୬ | ୧୦,୭୪,୯୯,୪୦୨ |
| ଭାରତ | ୧,୨୮,୯୦,୨୨୬ | ୧,୬୬,୫୭୭ | ୧,୧୮,୩୦,୬୮୦ |
| ଓଡ଼ିଶା | ୩,୪୪,୬୪୭ | ୧୯୨୩(+୫୩) | ୩,୩୮,୬୬୨ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଝଡ଼ବର୍ଷା ଆଶଙ୍କା

**ଭୁବନେଶ୍ୱର,୭।୪(ବ୍ୟୁରୋ):** ରାଜ୍ୟର ଉପକୂଳ ଓଡ଼ିଶାରେ ତାତିର ପ୍ରକୋପ ହ୍ରାସପାଇଛି। ତେବେ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମର ପ୍ରକୋପ ଜାରିରହିଛି। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆସନ୍ତା ୧୨ ତାରିଖ ଯାଏ ଉପକୂଳ ଓଡ଼ିଶାରେ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ଭାଗରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ଆଶଙ୍କା ରହିଛି। ସୂଚନା ଅନୁଯାୟୀ ୯ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଗଞ୍ଜାମ, କନ୍ଧମାଳ, ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୯ ତାରିଖରେ କୋରାପୁଟ, ଗଞ୍ଜାମ, ଗଜପତି, ନବରଙ୍ଗପୁର, ରାୟଗଡା, ଗଞ୍ଜାମ, କନ୍ଧମାଳ, ନୟାଗଡ, ମୟୂରଭଞ୍ଜ, ଖୋର୍ଦ୍ଧା ଓ ପୁରୀ ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ୧୦ରେ ଦେବଗଡ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଅନୁଗୋଳ ଏବଂ ୧୧ରେ କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ରାୟଗଡା କୋରାପୁଟ, ଦେବଗଡ, ବୌଦ୍ଧ ଜିଲରେ ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଘଣ୍ଟାକୁ ୩୦ରୁ ୪୦ କି.ମି ବେଗରେ ପବନ ବହିବା ଆଶଙ୍କା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପର ମୁହାଁ ରହିଥିବା ବିଭାଗ ସୂଚନା ଦେଇଛି।

### ବାରିପଦା ମ୍ୟୁନିସିପାଲିଟିର ୱେବସାଇଟ୍ ହ୍ୟାକ୍

**ବାରିପଦା ଅଫିସ,୭।୪:** ବାରିପଦା ମ୍ୟୁନିସିପାଲିଟି ୱେବ୍‌ସାଇଟ୍ ହ୍ୟାକ୍ ହୋଇଛି। ପାକିସ୍ତାନକୁ ଭଲ ପାଉଥିବା ତୁର୍କୀ ହ୍ୟାକର ଏଭଳି ହ୍ୟାକ୍ କରିଥିବା ଜଣାପଡ଼ିଛି। ଗୁଗଲ ସାଇଟରେ ବାରିପଦା ମ୍ୟୁନିସିପାଲିଟିର ପେଜର ମେନପେଜରେ ଏହି ପରି ହ୍ୟାକିଙ୍ଗ ହୋଇଥିବା କିଛି ଲେଖା ଦେଖିବାକୁ ମିଳୁଛି। ଯେଉଁ ଥିରେ ପାକିସ୍ତାନକୁ ଭଲପାଏ ବୋଲି ଉଲ୍ଲେଖ ରହିଛି। ଗତ ଦୁଇ ଦିନ ଧରି ଏହିପରି ଲେଖା ଦେଖିବାକୁ ମିଳିଥିବା ବେଳେ କିଛି ଦୁର୍ବୃତ୍ତ ବିଦେଶରେ ବସି ଏପରି କାର୍ଯ୍ୟ କରିଥିବାକ ଅନୁମାନ କରାଯାଉଛି। ଘଟଣାକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ମେନପେଜ ହ୍ୟାକ୍ ହୋଇଥିବା ବେଳେ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ହୋଇପାରୁ ଥିବା କର୍ତ୍ତୃପକ୍ଷ କହିଛନ୍ତି। କୌଣସି ଡାଟା ଲସ୍ କିମ୍ବା ଚୋରି ହୋଇଥିବା ଜଣା ପଡ଼ିନାହିଁ। ଆସନ୍ତା ଦୁଇ ଦିନ ମଧ୍ୟରେ ଏହାକୁ ସଂଶୋଧନ କରାଯିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ପୂର୍ବରୁ ମଧ୍ୟ ଏହିପରି କେହି ବାରିପଦା ମ୍ୟୁନିସିପାଲିଟି ୱେବସାଇଟ୍ ହ୍ୟାକ କରିଥିଲା ଓ ଏହାର ସଂଶୋଧନ କରାଯାଇ ପାରିଥିଲା।

# ଦାଦନ ଶ୍ରମିକଙ୍କୁ ନିସ୍ତୁକ ମାଡ଼

- ମାଡ଼ ଭିଡିଓ ଭାଇରାଲ
- ରାଜ୍ୟ ବାହାର ଇଟାଭାଟିରେ ଜଣେ ସର୍ଦ୍ଦାର ମାଡ଼ ମାରୁଛନ୍ତି
- ସର୍ଦ୍ଦାର ଜଣକ କଣ୍ଟାବାଞ୍ଜିର

**ବଲାଙ୍ଗୀର ଅଫିସ, ୭।୪**

ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଦାଦନ ଶ୍ରମିକଙ୍କ ନିର୍ଯାତନା ଥମୁନାହିଁ। ରାଜ୍ୟ ବାହାରେ ଇଟାଭାଟିରେ କାମ କରିବାକୁ ଯାଇଥିବା ଦୁଇଜଣ ଦାଦନ ଶ୍ରମିକଙ୍କୁ ଦାଦନ ସର୍ଦ୍ଦାର ଏକ ପାଇପ ଯୋଗେ ନିସ୍ତୁକ ମାଡ଼ ମାରୁଥିବା ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଏକ ଭିଡିଓ ଭାଇରାଲ ହେବା ପରେ ପୁଣି ଥରେ ଦାଦନ ନିର୍ଯାତନା ପ୍ରସଙ୍ଗକୁ ଉଜ୍ଜୀବିତ କରିଛି।

ଭିଡିଓରେ କଣ୍ଟାବାଞ୍ଜି ଅଞ୍ଚଳର ଜଣେ ଦାଦନ ସର୍ଦ୍ଦାର ଏକ ପାଇପ ଯୋଗେ ଦୁଇଜଣ ଦାଦନ ଶ୍ରମିକଙ୍କୁ ନିସ୍ତୁକ ମାଡ଼ ମାରୁଥିବା ଦେଖାଯାଇଛି। ଉଭୟ ଶ୍ରମିକଙ୍କୁ ପିଟିବା ଦୃଶ୍ୟକୁ ଏକ ମୋବାଇଲରେ ରେକର୍ଡିଂ କରାଯାଇଛି। ସମ୍ପୃକ୍ତ ଦାଦନ ସର୍ଦ୍ଦାର ଜଣକ ସେହି ଦୁଇ ଦାଦନ ଶ୍ରମିକଙ୍କୁ ମାଡ଼ ମାରୁଥିବା ଦୃଶ୍ୟ ରେକର୍ଡିଂ କରିବାକୁ କହିଥିବା ଓ ମାଡ଼ ମାରିସାରିଲା ପରେ ଉକ୍ତ ମୋବାଇଲ ରେକର୍ଡିଂକୁ ବନ୍ଦ କରୁଥିବା ଭାଇରାଲ ଭିଡିଓରୁ ସ୍ପଷ୍ଟ ହୋଇଛି। ମାଡ଼ ମାରୁଥିବା ସର୍ଦ୍ଦାର କଣ୍ଟାବାଞ୍ଜିର ବୋଲି କୁହାଯାଉଥିଲେ ମଧ୍ୟ ମାଡ଼ର ଶିକାର ଶ୍ରମିକ ଦୁଇଜଣ କେଉଁ ଅଞ୍ଚଳର ତାହା ସ୍ପଷ୍ଟ ହୋଇନାହିଁ। ମାଡ଼ ଖାଉଥିବା ଦାଦନ ଶ୍ରମିକଙ୍କ ମଧ୍ୟରୁ ଜଣେ ସାବାଳକ ଓ ଜଣେ ନାବାଳକ ଭଳି ଦେଖାଯାଉଛନ୍ତି। ଏହି ପୀଡ଼ିତ ଦୁଇ ଦାଦନ ବଲାଙ୍ଗୀର ଜିଲାର ଏବଂ ସେମାନେ ଆନ୍ଧ୍ରପ୍ରଦେଶ ବା ତେଲଙ୍ଗାନାକୁ କାମ କରିବାକୁ ଯାଇଛନ୍ତି ବୋଲି କୁହାଯାଉଛି। ଉକ୍ତ ଦାଦନ ଶ୍ରମିକଙ୍କୁ ବନ୍ଧକ ରଖି ମାଡ଼ ମାରୁଥିବା ନେଇ ଆଲୋଚନା ହୋଇଥିଲେ ମଧ୍ୟ ଏ ନେଇ ଜିଲା ପ୍ରଶାସନ ବା ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଜିଲା ଶ୍ରମ ଅଧିକାରୀ ସୁରେଶ କୁମାର ବେହେରାଙ୍କୁ ତାଙ୍କ ମୋବାଇଲ ନଂ.୯୪୩୭୧୮୮୧୬୩ରେ ଯୋଗାଯୋଗ କରାଯାଇଥିଲା, କିନ୍ତୁ ସେ ଫୋନ ରିସିଭ କରି ନ ଥିଲେ। ସୂଚନାଯୋଗ୍ୟ ଯେ କିଛିଦିନ ତଳେ ବଲାଙ୍ଗୀର ଜିଲାର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ରାଜ୍ୟ ବାହାରର ଏକ ଇଟାଭାଟିରେ ଯୌନ ନିର୍ଯାତନା ଦିଆଯାଇଥିବା ଭିଡିଓ ଭାଇରାଲ ହୋଇଥିଲା।


ଭାଇରାଲ ଭିଡିଓରେ ଦାଦନ ସର୍ଦ୍ଦାର ଜଣକ ଜଣେ ଦାଦନ ଶ୍ରମିକଙ୍କୁ ମାଡ଼ ମାରୁଥିବା ଦେଖାଯାଉଛି।

# ଲୋକଙ୍କୁ ସରକାରୀ ଅଫିସ୍ ମନା

**ଇ-ଅଭିଯୋଗରେ ଶୁଣାଣି ହେବ ଆପତ୍ତି**

**ଭୁବନେଶ୍ୱର,୭।୪(ବ୍ୟୁରୋ):** ରାଜ୍ୟରେ ପୁଣି କୋଭିଡ-୧୯ ସଂକ୍ରମଣ ଦେଖାଦେଇଥିବାରୁ ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଜନସାଧାରଣ ପ୍ରବେଶ ଏବଂ ବୈଠକ ଉପରେ କଟକଣା ଲଗାଇଛନ୍ତି। ଏ ନେଇ ବୁଧବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଏଥିରେ ଉଲ୍ଲେଖ କରାଯାଇଛି, କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୨୦୨୦ ଜୁନ ୧୨ରେ ଜାରି କରାଯାଇଥିବା କୋଭିଡି ଗାଇଡ୍‌ଲାଇନ୍‌କୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକରେ କଡାକଡି ଭାବେ ପାଳନ କରାଯିବ। କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ସଂକ୍ରମଣ ପ୍ରବଣ ଜିଲାରେ ଥିବା ସରକାରୀ କାର୍ଯ୍ୟାଳୟକୁ ସର୍ବସାଧାରଣ ପ୍ରବେଶ ଉପରେ କଟକଣା କରିବାକୁ କୁହାଯାଇଛି। ଯଦି କିଛି ଜରୁରୀ କାର୍ଯ୍ୟ ଥିବ ତେବେ ବରିଷ୍ଠ ଅଧିକାରୀଙ୍କ ଅନୁମତି ନେଇ ପ୍ରବେଶ ପାଇଁ ଅନୁମତି ଦିଆଯାଇ ପାରିବ। ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଇ-ଅଭିଯୋଗ ପୋର୍ଟାଲ ଜରିଆରେ ଶୁଣାଣି କରାଯିବ। ଯଦି ଜରୁରୀ ନ ଥିବ ତେବେ ବ୍ୟକ୍ତିଗତ ବୈଠକକୁ ବାରଣ କରାଯାଇଛି। ଅନଲାଇନ ଜରିଆରେ ବୈଠକ କରିବାକୁ ପରାମର୍ଶ ଦିଆଯାଇଛି। ବ୍ୟକ୍ତିଗତ ଭାବେ ସାମିଲ ହେଉଥିବା ବୈଠକରେ ସର୍ବନିମ୍ନ ୨ ମିଟର ଦୂରତା ବଜାୟ ରଖିବାକୁ କୁହାଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ଭର୍ଚୁଆଲ ମାଧ୍ୟମରେ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶନାମାକୁ ପ୍ରଶାସନିକ ବିଭାଗ ସେମାନଙ୍କର ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକୁ ଜଣାଇବା ସହ କୋଭିଡ ଗାଇଡ୍‌ଲାଇନକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ହାତୀ ଆକ୍ରମଣରେ ୨ ମୃତ

**ଛେଣ୍ଡିପଦା,୭।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାଟକୁମୁଣ୍ଡା ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମରେ ବୁଧବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚନ୍ଦ୍ରପୁର ଗ୍ରାମର ଭଜମନ ସେଠୀଙ୍କ ସ୍ତ୍ରୀ ସୁଆଗୀ ସେଠୀ(୫୦) ଓ କାଠିଆ ପାଣିଗ୍ରାହୀ(୬୫)।

ପ୍ରକାଶ ଯେ, ସୁଆଗୀଙ୍କ ସହ ଗ୍ରାମର ୨ ମହିଳା ଧୋବାଦଣ୍ଡା ଅଞ୍ଚଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସୁଆଗୀ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଉକ୍ତ ଦନ୍ତା ହାତୀ ତାଙ୍କୁ ଦଳି ମାରି ଦେଇଥିଲା। ଏହାପରେ ହାତୀଟି ଦେବୀନାଳୀ ଅଞ୍ଚଳ ଦେଇ ନୂଆପଡା ଆଡ଼କୁ ଯାଉଥିବାବେଳେ ସେହି ରାସ୍ତାରେ ସାଇକେଲରେ ଆସୁଥିବା କାଠିଆ ପାଣିଗ୍ରାହୀଙ୍କୁ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ କାଠିଆଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ମିଳିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ତୁରନ୍ତ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ, ଏସ୍‌ଆଇ ରମେଶ ପ୍ରଧାନ ଓ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ। ପୋଲିସ ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

# ‘ବୃହତ୍ ବାଣିଜ୍ୟିକ ସ୍ଥଳରେ ପରିଣତ ହେବ ଓଡ଼ିଶା’

- ସାଗରମାଳା କମିଟି ବୈଠକ
- ଓଡ଼ିଶା ଦକ୍ଷିଣ-ପୂର୍ବ ଏସିଆର ମୁଖ୍ୟ ଦ୍ୱାର ହେବ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ରାଜ୍ୟର ସୁଦୀର୍ଘ ଉପକୂଳର ଫାଇଦା ସାଗରମାଳା ପ୍ରକଳ୍ପ ଜରିଆରେ ଓଡିଶାକୁ ଏକ ବୃହତ ବାଣିଜ୍ୟିକ ପରିବହନ ସ୍ଥଳରେ ପରିଣତ କରିବ। ବନ୍ଦରଭିତ୍ତିକ ଶିଳ୍ପାୟନ ଓ ଯୋଗାଯୋଗ ସାଗରମାଳ ପ୍ରକଳ୍ପର ମୁଖ୍ୟ ଫୋକସ ହେବ। ଉପକୂଳ ଗୋଷ୍ଠୀ ବିକାଶକୁ ଗୁରୁତ୍ୱ ଦିଆଯିବ। ଆମର ଦରିଆପାର ବାଣିଜ୍ୟର ଏକ ଗୌରବମୟ ଐତିହ୍ୟ ରହିଛି। ଏହି ପ୍ରକଳ୍ପ ଜରିଆରେ ଦକ୍ଷିଣ ପୂର୍ବ ଏସିଆ ଦେଶଗୁଡିକର ମୁଖ୍ୟଦ୍ୱାର ହୋଇ ପାରିବା। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସାଗରମାଳା କମିଟିର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପାରାଦୀପ ବନ୍ଦର ସହିତ ଉପକୂଳର ଅନ୍ୟାନ୍ୟ ବନ୍ଦରଗୁଡିକର ବିକାଶ କରୁଛନ୍ତି। ଆସନ୍ତା କେଇ ମାସ ମଧ୍ୟରେ ରାଜ୍ୟ ସାମୁଦ୍ରକ ବୋର୍ଡ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ସାମୁଦ୍ରିକ କ୍ଷେତ୍ରର ବିକାଶ ଏହି ବୋର୍ଡ ତ୍ୱରାନ୍ୱିତ କରିବ। ସାଗରମାଳା ପ୍ରକଳ୍ପ ଅଧିନରେ ଥିବା ପ୍ରକଳ୍ପଗୁଡିକୁ ନିର୍ଦ୍ଧାରୀତ ସମୟରେ ଶେଷ କରିବାକୁ ବିଭାଗଗୁଡିକ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଯୋଗ ଦେଇ ବାଣିଜ୍ୟଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ ବନ୍ଦରଭିତ୍ତିକ ଓ ଜଳପଥର ବିକାଶ କରିବା ସାଗରମାଳା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହାର ସଫଳତା ପାଇଁ କେନ୍ଦ୍ର ରାଜ୍ୟ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ବାଣିଜ୍ୟ ଓ ପରିବହନ ସଚିବ ମଧୁସୂଦନ ପାଢୀ ସାଗରମାଳା ପ୍ରକଳ୍ପ ବିଷୟରେ



ବୈଠକରେ ଉପସ୍ଥାପନ କରିଥିଲେ। ରାଜ୍ୟରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର କାର୍ଯ୍ୟକ୍ଷମ ରହିଛି। ସୁବର୍ଣ୍ଣରେଖା, ଅସ୍ତରଙ୍ଗ, କେନ୍ଦ୍ରାପଡ଼ା ଜିଲାରେ ହେବାକୁ ଥିବା ନଦୀ ଭିତ୍ତିକ ବନ୍ଦର ଏବଂ ଜଟାଧାର ମୁହାଣ ବନ୍ଦର ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ଏହାଛଡ଼ା ରାଜ୍ୟର ୮ଟି ସ୍ଥାନରେ ବନ୍ଦର ବିକାଶ କରିବାକୁ ଚିହ୍ନଟ କରାଯାଇଛି। ସମଗ୍ର ଦେଶର ଉପକୂଳରେ ସମୁଦ୍ରଭିତ୍ତିକ ବନ୍ଦରଗୁଡିକର ବିକାଶ କରିବା ସାଗରମାଳା ପ୍ରକଳ୍ପର ମୂଳ ଲକ୍ଷ୍ୟ। ଏଥିରେ ବନ୍ଦରର ଆଧୁନିକୀକରଣ, ବନ୍ଦର ସଂଯୋଗ, ବନ୍ଦରଭିତ୍ତିକ ଶିଳ୍ପାୟନ ଏବଂ ଉପକୂଳରେ ବସବାସ କରୁଥିବା ଲୋକମାନଙ୍କର ବିକାଶ କରିବା ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପରେ କେନ୍ଦ୍ର ସରକାର ୫୦ ପ୍ରତିଶତ ଅନୁଦାନ ଯୋଗାଇ ଦେଉଛନ୍ତି। ସାଗରମାଳା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ବାଣିଜ୍ୟ ଓ ପରିବହନ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପୂର୍ତ୍ତ ଆଦି ବିଭିନ୍ନ ବିଭାଗର ୧୪ଟି ପ୍ରକଳ୍ପ ପ୍ରଦାନ କରାଯାଇଛି। ସେଥିରୁ ୨ ପ୍ରକଳ୍ପ ବାଣିଜ୍ୟ ଓ ପରିବହନ ବିଭାଗର। ଆରଓ-ପାକ୍ସ ଜେଟି ଏବଂ ଭଦ୍ରକ, କେନ୍ଦ୍ରାପଡ଼ା, ବାଲୁଗାଁ ଓ ପୁରୀରେ ଆନୁସଙ୍ଗିକ ଭିତ୍ତିଭୂମି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଇଡକୋ ସିଏମ୍‌ଡି ସଞ୍ଜୟ ସିଂ କହିଛନ୍ତି, ଧାମରା, ଗୋପାଳପୁରରେ ୩ଟି ଲଜିଷ୍ଟିକ ପାର୍କ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରସ୍ତାବକୁ ଖୁବଶୀଘ୍ର କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ। ଶେଷରେ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

# ୨୪ ଘଣ୍ଟାରେ ୨୫ଲକ୍ଷ ଜରିମାନା, ୨୭ ଗିରଫ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

କରୋନା କଟକଣା ଓ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବାରୁ ରାଜ୍ୟରେ ସଂକ୍ରମଣ ବଢ଼ୁଛି। ସ୍ଥିତି ବିଗିଡ଼ିବା ପରେ ଏବେ ରାଜ୍ୟ ପୋଲିସ କଟକଣାକୁ କଡାକଡି କରିବାକୁ ଅଣ୍ଟା ଭିଡିଛି। ଅମାନିଆଙ୍କୁ ସାବାଡ୍ କରିବା ପାଇଁ ଚଢ଼ାଉ, ଜରିମାନା ଓ ପଦକ୍ଷେପକୁ ଜୋର୍‌ଦାର କରିଛି। ରାଜ୍ୟର ୧୦ ଜିଲାରେ ନାଇଟ୍ କର୍ଫ୍ୟୁ ଲାଗୁ କରାଯାଇଥିବାବେଳେ କୋଭିଡ୍ ଉଲ୍ଲଂଘନ ରୋକିବା ପାଇଁ ସାରା ରାଜ୍ୟରେ ପୋଲିସ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। ଗତ ୨୪ ଘଣ୍ଟାରେ ୨୭ ଜଣଙ୍କୁ ଗିରଫ କରାଯିବା ସହ ୨୪ ଲକ୍ଷ ୯୧ ହଜାର ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହିତ ୮୭୦ ଗାଡ଼ି ଜବତ କରିଛି ପୋଲିସ। ଏନେଇ ଓଡିଶା ପୋଲିସ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

# ୯ଲକ୍ଷରୁ ଊର୍ଦ୍ଧ୍ୱ ଲୁଟିନେଲେ ସାଇବର ଠକ

**ଡେରାବିଶ,୭।୪(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ପ୍ରାଣୀଧନ ସହକାରୀ ଚିକିତ୍ସକ ଡା. ଜିତାଂଶୁ ଶେଖର ମହାନ୍ତି ୯ଲକ୍ଷ ୬୬ ହଜାରର ସାଇବର ଠକେଇର ଶିକାର ହୋଇଛନ୍ତି।

ଡା. ଜିତାଂଶୁ ଦର୍ଶାଇଛନ୍ତି, ମୁଁ ଏବଂ ମୋ ସ୍ତ୍ରୀଙ୍କ ନାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକର ମହାନଦୀ ବିହାର ଶାଖାରେ ଏକ ଆକାଉଣ୍ଟ ରହିଛି। ମାର୍ଚ୍ଚ ୧୩ରେ ସ୍ତ୍ରୀ ସଙ୍ଗୀତାଙ୍କ ମୋବାଇଲକୁ ୧୦ ହଜାର ଟଙ୍କା ତାଙ୍କ ଜମା ଖାତାରୁ ଉଠିଥିବା ମେସେଜ ଆସିଥିଲା। କିଏ ଟଙ୍କା ଉଠାଇଛନ୍ତି ଜାଣିବା ପାଇଁ ଆମେ ବ୍ୟାଙ୍କକୁ ଯାଇ ଏକ ଷ୍ଟେଟ୍‌ମେଣ୍ଟ ବାହାର କରିଥିଲୁ। ସେଥିରୁ ଜଣାପଡିଲା ଯେ ତାଙ୍କ ଜମାଖାତାରୁ ପର୍ଯ୍ୟାୟ କ୍ରମେ ୯ଲକ୍ଷ ୬୬ହଜାର ଉଠି ସାରିଛି। ଏ ସଂକ୍ରାନ୍ତରେ ଜିତାଂଶୁ କଟକ ସାଇବର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଠକେଇ ରାଶି ୧୦ ଲକ୍ଷ ଟଙ୍କାରୁ କମ୍ ହୋଇଥିବାରୁ ଏହି ମାମଲାକୁ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିକଟକୁ ଉକ୍ତ ସାଇବର ଥାନା ପଠାଇ ଦେଇଥିବା ଖବର ମିଳିଛି। ଏ ସଂକ୍ରାନ୍ତରେ ଜିତାଂଶୁ କହିଛନ୍ତି, ଗତ ଡିସେମ୍ବରରୁ ପର୍ଯ୍ୟାୟକ୍ରମେ ତାଙ୍କ ଖାତାରୁ ୫ହଜାର, ୧୦ହଜାର କରି ଟଙ୍କା ଉଠାଯାଇଥିବା ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟରୁ ଜଣାପଡିଛି। ମାତ୍ର ଟଙ୍କା ଉଠିବା ପରେ ତାଙ୍କ ମୋବାଇଲକୁ କୌଣସି ମ୍ୟାସେଜ ଆସି ନ ଥିଲା। ଏପରିକି ତାଙ୍କୁ କୌଣସି ଫୋନ କଲ ଆସି ନ ଥିଲା କି କିଏ ତାଙ୍କୁ ଓଟିପି ନମ୍ବର ମାଗି ନ ଥିଲେ। ତାଙ୍କ ପାଖରେ ଏଟିଏମ୍ କାର୍ଡ ଥିବା ବେଳେ ତାଙ୍କ ଜମାଖାତାରୁ କିପରି ଏତେ ଟଙ୍କା ଲୁଟ୍ ହେଲା ତାହା ଚିନ୍ତାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା(ନଂ-୧୬୬/୨୧) ରୁଜୁ ହୋଇଛି।



ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆୟୋଜିତ ନୃତ୍ୟାଞ୍ଜଳି ଉତ୍ସବରେ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଅନୁଗୋଳରେ ଜୀବନଯାତ୍ରା ଠପ୍

**ଟିଟିପିଏସ୍ ବନ୍ଦର ପ୍ରତିବାଦ**

**ବନ୍ତଳା/ଅନୁଗୋଳ ଅଫିସ,୭।୪**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ବନ୍ଦ କରାଯିବା ପ୍ରତିବାଦରେ ଅନୁଗୋଳ ଜିଲା ବିଜେଡି ଓ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବୁଧବାର ଜିଲାରେ ବନ୍ଦ ପାଳନ କରାଯାଇଛି। ଫଳରେ ସକାଳୁ ଅପରାହ୍ନ ଯାଏ ଜିଲାରେ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଗାଡ଼ି ଚଳାଚଳଠାରୁ ଆରମ୍ଭ କରି ଦୋକାନ ବଜାର, ସ୍କୁଲ, କଲେଜ ଓ ବିଭିନ୍ନ ଅଫିସ ବନ୍ଦ ରହିଥିଲା। କାରଖାନା ଓ କୋଇଲା ଖଣିରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

ସକାଳ ୬ଟାରୁ ଅନୁଗୋଳ ସହରର ରାଜ ଛକ, ହାଟ ଛକ, ହୁଲୁରିଶିଙ୍ଗା, ହେମସରପଡା ଛକ ସହିତ ୫୫ନଂ. ଜାତୀୟ ରାଜପଥକୁ ବିଜେଡି କର୍ମୀମାନେ ସମ୍ପୂର୍ଣ୍ଣ ଭାବେ ସିଲ୍ କରିଦେଇଥିଲେ। ଏଥିସହିତ ବନ୍ତଳା ଛକ, ମହୀଧରପୁର, ବଡକେରା, କରତପଟା, କୁମୁରିସିଙ୍ଗା ଛକରେ ରାସ୍ତା ଅବରୋଧ କରାଯାଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ମୁକେଶ ପାଲ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରମୁଖ ନିଜ ନିଜ ନିର୍ବଚାନମଣ୍ଡଳୀରେ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ଅନୁଗୋଳ ନିର୍ବାଚନମଣ୍ଡଳୀ ଓ ସଦର ମହକୁମାରେ ବିଜୁ ଜନତା ଦଳର ଜିଲା ସଭାପତି ମହେନ୍ଦ୍ର କୁମାର ବଡ଼ିଆ, ରାଜ୍ୟ ଉପସଭାପତି ସୁଜିତ ପ୍ରସାଦ ଦ୍ୱିବେଦୀ, ଯୁବନେତା ଅରୁନାଭ ସିଂହ, ପରମାନନ୍ଦ ମିଶ୍ର, ମୀନକେତନ ଆମାନ୍ତ, ତପନ ତ୍ରିପାଠୀ, ଜିଲା ଯୁବ ବିଜେଡି ଉପସଭାପତି ସରୋଜ ନାଏକ, ଅନୁଗୋଳ ବ୍ଲକ ଚେୟାରମ୍ୟାନ ନିରଞ୍ଜନ ଦେହୁରୀ, ଦୁର୍ଗା ଚରଣ ପ୍ରଧାନ, ଯୁବନେତା ଅବିନାଶ ପରିଡ଼ା ପ୍ରମୁଖ ନେତୃତ୍ୱ ନେଇଥିଲେ।



ବନ୍ଦ ପାଳନ ଯୋଗୁ ଅନୁଗୋଳ ଦେଇ ଯାଇଥିବା ୫୫ନଂ. ରାଜପଥ ଗାଡ଼ିଶୂନ୍ୟ।

# ଥାନା ଭିତରେ ଗୋଷ୍ଠୀ ସଂଘର୍ଷ

- ଭଙ୍ଗାରୁଜା, ୨ ଗୁରୁତର
- ଟାୟାର ଜାଳି ରାସ୍ତାରୋକୋ, ୨ ଗିରଫ

**ବାଲେଶ୍ୱର ଅଫିସ,୭।୪**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଲେଶ୍ୱର ଜିଲା ରେମୁଣା ଥାନା ପରିସରରେ ମଙ୍ଗଳବାର ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୨ ଜଣ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗଣ୍ଡଗୋଳ ବେଳେ ଥାନା ଗୃହ କାଚ, କବାଟ, ଚେୟାର ଓ ଟେବୁଲ ଭାଙ୍ଗିରୁଜି ଯାଇଥିଲା। ଆକ୍ରମଣକାରୀଙ୍କ ଗିରଫ ଦାବିରେ ଆହତଙ୍କ ସମର୍ଥକମାନେ ଥାନା ସମ୍ମୁଖ ରେମୁଣା-ମିତ୍ରପୁର ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୀଳଗିରି ଏସ୍‌ଡିପିଓ ରିତେଶ ମହାପାତ୍ର ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ରେମୁଣା ଥାନା ଅନ୍ତର୍ଗତ ମନ୍ଦାରପୁର ଓ ନିଆଁବାଗ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀ ମଙ୍ଗଳବାର ଅପରାହ୍ନରେ ଭଲି ଟୁର୍ନାମେଣ୍ଟ ସମ୍ପର୍କରେ ସ୍ଥାନୀୟ ପଡ଼ିଆରେ ଆଲୋଚନା କରୁଥିଲେ। ଏହି ସମୟରେ ବାଦଲ ସାହୁ କେତେଜଣ ସମର୍ଥକଙ୍କ ସହ ସେଠାରେ ପହଞ୍ଚି ପାଟିତୁଣ୍ଡ ଏବଂ ଗଣ୍ଡଗୋଳ କରିଥିଲେ। ଖବର ପାଇବା ପରେ ଅନ୍ୟ ଗୋଷ୍ଠୀର ଲୋକେ ସେଠାରେ ପହଞ୍ଚିବା ପୂର୍ବରୁ ବାଦଲ ନିଜ ସମର୍ଥକଙ୍କ ସହ ଘଟଣାସ୍ଥଳ ଛାଡ଼ି ରେମୁଣା ଥାନାରେ ପହଞ୍ଚିଥିଲେ। ବାଦଲ ଓ ତାଙ୍କ ସମର୍ଥକ ଥାନାରେ ଥିବା ଜାଣିପାରି ମାଡ଼ ଖାଇଥିବା ଗୋଷ୍ଠୀର ଗିରିଧାରୀ ଦାସ, ହରେନ୍ଦ୍ର ଦାସ, ଲକ୍ଷ୍ମଣ ଦାସ, ଭରତ ଦାସ, ରାମଚନ୍ଦ୍ର ଦାସ, ରାଜ ଦାସ ପ୍ରମୁଖଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଥାନା ଭିତରେ ମାରପିଟ୍ ଓ ଭଙ୍ଗାରୁଜା କରିଥିଲେ। ଏହି ଗଣ୍ଡଗୋଳରେ ବାଦଲଙ୍କ ବାପା ରଘୁନାଥ ସାହୁ ଓ ମା’ ପ୍ରମିତା ଦାସ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୯/୨୧) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ରେମୁଣା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି। ତେବେ ଆକ୍ରମଣର ଖବରପାଇ ମଙ୍ଗଳବାର ବିଳମ୍ବିତ ରାତିରୁ ବାଦଲଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ରେମୁଣା ଥାନା ଘେରାଉ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ପୋଲିସ ସମ୍ମୁଖରେ ହୋଇଥିବା ଆକ୍ରମଣର ସିସିଟିଭି ଫୁଟେଜ ଥିବା ସତ୍ତ୍ୱେ ଅଭିଯୁକ୍ତମାନଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ପରେ ସେମାନେ ବୁଧବାର ସକାଳେ ରେମୁଣା ଥାନା ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉତ୍ତେଜନା ଲାଗି ରହିଥିବାରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।


ଟାୟାର ଜାଳି ରାସ୍ତାରୋକୋ।

**ଆଜିର ମନ୍ତବ୍ୟ**

ମାତାପିତାମାନେ ପିଲାମାନଙ୍କ ଶକ୍ତିକୁ ଭଲଭାବେ ଜାଣନ୍ତି। ଛାତ୍ରଛାତ୍ରୀଙ୍କ ଦୁର୍ବଳତାକୁ ଦୂର କରିବା ସହ ସେମାନଙ୍କୁ ଆଗକୁ ବଢ଼ିବାରେ ମା'ବାପା ସହଯୋଗ କରିବା ଉଚିତ -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଭାରତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳ୍ପ କଉଡ଼ିରେ କାଣି ମାଇପକୁ ବାହା ହାଣ୍ଡି ଭାଙ୍ଗଇ ପଣେ, ନ ଥାଏ ସାହା।**

ସ୍ତ୍ରୀଟି କାଣି ହୋଇଥିଲେ, ତାର ଖୁଣ ଅଛି ବୋଲି ସେ ବେଶି ଆପତ୍ତି ଅଭିଯୋଗ କରେ ନାହିଁ। ସ୍ୱାମୀ ଯାହା କହେ ସେ ସହି ଯାଏ ଏବଂ ଗ୍ରହଣ କରି ଯାଏ। ତା ପାଇଁ ବାହା ହେଲାବେଳେ ବେଶି ଗହଣା ଗାଣ୍ଠି , ଲୁଗାପଟା କରିବାକୁ ପଡ଼ି ନ ଥାଏ। ଅଳ୍ପ ଖର୍ଚ୍ଚ ପାଇଁ ତା' ବାପା ମା ମଧ୍ୟ ରାଜି ହୋଇଯାଆନ୍ତି। ପରୋକ୍ଷରେ ଶସ୍ତାରୁ ହିନସ୍ତା। ଅଳ୍ପ ପଇସାରେ ଜିନିଷ କିଣାକିଣି କଲେ ଭଲ ଜିନିଷ ମିଳେନି। ସେ ପଇସାର ମୂଲ୍ୟ ବି ଉଠେନି। ଶସ୍ତା ଜିନିଷ ବେଶି ଦିନ ଯାଏ ନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅଇଁଠା ଭାତରେ ଘିଅ, ପ୍ରେତକୁ ଖାଇତେ ଦିଅ।**

ସାଧାରଣତଃ ଅଇଁଠା ବା ଥଣ୍ଡା ଭାତରେ ଘିଅ ଦେବା ନେଇ ବାରଣ କରାଯାଇଥାଏ। ଅଇଁଠା ଭାତରେ ଘିଅ ଦେଇ ଖାଇବା ପ୍ରେତ ଖାଇବା ସହ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ଏଫ୍‌ସିଏଟିକୁ ଉଚ୍ଛେଦ ...

କଣ୍ଡିସନ୍ସ ଅଫ୍ ସର୍ଭିସେସ୍) ଅର୍ଡିନାନ୍ସ, ୨୦୨୧ ଜାରି କରିଛି। ଉକ୍ତ ଅଧ୍ୟାଦେଶ ବଳରେ ଏହି ସଂସ୍ଥା ଭଙ୍ଗ ହୋଇଯାଇଛି। ଫଳରେ ପ୍ରଯୋଜକ ମହଲରେ ଭାଲେଣି ପଡ଼ିଛି। ବିଶାଳ ଭରଦ୍ୱାଜ, ହଂସଲ ମେହେଟ୍ଟା ଓ ଗୁନୀତ ମୋଙ୍ଗାଙ୍କ ଭଳି ପ୍ରଯୋଜକ ଏହି ପଦକ୍ଷେପକୁ 'ସ୍ୱେଚ୍ଛାଚାରୀ' ଓ 'ବାଧା ସୃଷ୍ଟିକାରୀ' ବୋଲି ଅଭିହିତ କରିଛନ୍ତି। ଏହାକୁ ଅନେକେ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ପ୍ରହାର ବୋଲି ମଧ୍ୟ ସମାଲୋଚନା କରିଛନ୍ତି। ହଂସଲ ମେହେଟ୍ଟା ଟୁଇଟ୍ କରି ଏହି ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ହାଇକୋର୍ଟଗୁଡ଼ିକ ପାଖରେ ଫିଲ୍ମ ପ୍ରମାଣୀକରଣ ଅଭିଯୋଗ ଶୁଣାଣି କରିବା ପାଇଁ ପର୍ଯ୍ୟାପ୍ତ ସମୟ ଅଛି କି ? କେତେଜଣ ପ୍ରଯୋଜକ କୋର୍ଟକୁ ଯିବେ ? ଏଫ୍‌ସିଏଟିକୁ ଏବେ କାହିଁକି ବନ୍ଦ କରାଯାଉଛି ବୋଲି 'ସ୍କାମ୍ ୧୯୯୨'ର ପ୍ରଯୋଜକ ପ୍ରଶ୍ନ କରିଛନ୍ତି। ସେହିପରି ସେନ୍ସରଶିପ୍ ବିରୋଧରେ କହିଆସୁଥିବା ବିଶାଳ ଭରଦ୍ୱାଜ ଏହାକୁ ଭାରତୀୟ ସିନେମା ପାଇଁ ଏକ ଦୁଃଖଦ ଦିନ ବୋଲି ଅଭିହିତ କରିଛନ୍ତି। ନିକଟ ଅତୀତରେ ହାରାମଖୋର(୨୦୧୬), ଲିପ୍‌ଷ୍ଟିକ୍ ଅଣ୍ଡର ମାଇଁ ବୁର୍ଖା(୨୦୧୭), ବାବୁମୋସାଇ ବନ୍ଧୁକବାଜ (୨୦୧୭) ଭଳି ଡ୍ରାମାକୁ ଏଫ୍‌ସିଏଟି ମଞ୍ଜୁରୀ ମିଳିଥିଲା। ପହଲାଜ ନିହାଲାନିଙ୍କ ଅଧ୍ୟକ୍ଷତାରେ ସେନ୍ସର ବୋର୍ଡ ବାବୁମୋସାଇ ବନ୍ଧୁକବାଜର ୪୮ ଦୃଶ୍ୟ କଟ୍ କରିଥିବାବେଳେ ହାରାମଖୋର ଓ ଲିପ୍‌ଷ୍ଟିକ୍ ଅଣ୍ଡର ମାଇଁ ବୁର୍ଖାକୁ ସାର୍ଟିଫାଏ କରିବାକୁ ମନା କରିଦେଇଥିଲା। ଫିଲ୍ମ ମେକର ଅନୁରାଗ କାଶ୍ୟପ ମଧ୍ୟ ଉଡ୍‌ତା ପଞ୍ଜାବରେ ସିବିଏଫ୍‌ସିର କଟ୍ ବିରୋଧରେ ଆପିଲେଟ୍ ଟ୍ରିବ୍ୟୁନାଲକୁ ଯାଇଥିଲେ। ୨୦୧୫ରେ ଭାରତ ସରକାର ଟ୍ରିବ୍ୟୁନାଲଗୁଡ଼ିକୁ ଯୁକ୍ତିସିଦ୍ଧ କରିବା ଆରମ୍ଭ କରିଥିଲେ। ଫାଇନାନ୍ସ ଆକ୍ଟ, ୨୦୧୭ ବଳରେ ୭ଟି ଟ୍ରିବ୍ୟୁନାଲକୁ ଉଚ୍ଛେଦ ଅଥବା ଅନ୍ୟ ସଂସ୍ଥା ସହ ବିଲୀନ କରାଯାଇଛି। ଫଳରେ ଟ୍ରିବ୍ୟୁନାଲ ସଂଖ୍ୟା ୨୬ରୁ ୧୯କୁ ଖସିଆସିଛି।

## ପ୍ରଥମ ପୃଷ୍ଠାରୁ...

### ୧୧ରୁ କାର୍ଯ୍ୟସ୍ଥଳରେ ...

ଥିବା ସରକାରୀ ଓ ଘରୋଇ କାର୍ଯ୍ୟସ୍ଥଳରେ ଟିକା ଦିଆଯିବ ବୋଲି ଭୂଷଣ କହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଘରୋଇ ଓ ସରକାରୀ ସେକ୍ଟରଗୁଡ଼ିକର ନିଯୁକ୍ତିଦାତା ଓ ପରିଚାଳନା ବିଭାଗ ସହ ଯୋଗାଯୋଗ କରି କାର୍ଯ୍ୟସ୍ଥଳୀରେ ଟିକାଦାନ ବ୍ୟବସ୍ଥା କରାଇବେ। ଏଥିପାଇଁ କେନ୍ଦ୍ର ପକ୍ଷରୁ ଗାଇଡ୍‌ଲାଇନ ମଧ୍ୟ ପ୍ରସ୍ତୁତ ହୋଇଛି। ସଂକ୍ରମଣ ବଢୁଥିବାରୁ ଯୋଗ୍ୟ ବର୍ଗର ଲୋକଙ୍କୁ ତୁରନ୍ତ ଟିକା ଦେବା ପାଇଁ ସରକାର ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ସରକାରୀ କର୍ମଚାରୀଙ୍କୁ ଟିକା ନେବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ନିର୍ଦ୍ଦେଶ ଦେଇଥିଲେ। ଦିଲ୍ଲୀ ସମେତ କେତେକ ରାଜ୍ୟ ଟିକାକରଣ କେନ୍ଦ୍ର ୨୪ ଘଣ୍ଟା ଖୋଲା ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ମହାରାଷ୍ଟ୍ର ସମେତ କେତେକ ରାଜ୍ୟରେ ଟିକା ନିଅଣ୍ଟ ଥିବା ଖବର ଆସିବା ପରେ କେନ୍ଦ୍ର ସରକାର କାର୍ଯ୍ୟସ୍ଥଳରେ ଟିକା ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ମହାରାଷ୍ଟ୍ରରେ ମହଜୁଦ ଥିବା ଟିକା ୩ ଦିନରେ ଶେଷ ହୋଇଯିବ ବୋଲି ସେଠାର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟୋପେ କହିଥିଲେ। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମସ୍ତଙ୍କୁ ଟିକା ଦେବା ପାଇଁ ଦାବି କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି ସମେତ କେତେକ ରାଜନୈତିକ ଦଳ ମଧ୍ୟ କେନ୍ଦ୍ରର ଟିକାକରଣ ନୀତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ଟିକା ରପ୍ତାନି କରା ନ ଯାଇ ଦେଶରେ ବ୍ୟବହାର ଲାଗି ମହଜୁଦ ରଖାଯିବାର ଆବଶ୍ୟକ ଥିଲା ବୋଲି ସେମାନେ କହିଥିଲେ। ତେବେ ଟିକା ଆଦୌ ନିଅଣ୍ଟ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ବୁଧବାର କହିଛନ୍ତି। ଟିକାକରଣରେ ଆମେରିକା ପରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଲୋକ ସଂଖ୍ୟାକୁ ଦେଖିଲେ ଭାରତରେ ଆଶାନୁରୂପ ଟିକାକରଣ ହୋଇପାରିନାହିଁ। ଆମେରିକାରେ ଦିନକୁ ୩୦.୫ ଲକ୍ଷ ଲୋକଙ୍କୁ ଟିକାଦିଆଯାଉଥିବାବେଳେ ଭାରତରେ ୨୬.୫ ଲକ୍ଷ ଟିକା ନେଉଛନ୍ତି। ଜାନୁୟାରୀ ୧୬ରୁ ଦେଶରେ ଟିକାଦାନ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୮.୪୫ କୋଟିରୁ ଅଧିକ ଡୋଜ୍ ଦିଆଗଲାଣି। ସେଥିରୁ ୧.୦୨ କୋଟି ଟିକାର ଉଭୟ ଡୋଜ୍ ନେଇଛନ୍ତି, ଯାହା କି ମୋଟ ଲୋକସଂଖ୍ୟାର ୧ ପ୍ରତିଶତ ବି ନୁହେଁ।

### ଓଡ଼ିଶାରେ ୭୯୧

ରାଜ୍ୟର ସର୍ବାଧିକ ୭୯୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ନୂଆ ୭୯୧ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୧୪୭ଜଣ ଥିବାବେଳେ ଖୋର୍ଦ୍ଧା ୧୧୮, ବରଗଡ଼ ୪୮, କଟକ ୪୬, ସମ୍ବଲପୁର ୪୫ ଓ ପୁରୀରୁ ୪୩ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୪୪,୬୪୭ରେ ପହଞ୍ଚିଥିବାବେଳେ କେବଳ ଶେଷ ୫ଦିନରେ ୨,୮୭୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେପଟେ ସକ୍ରିୟ ରୋଗୀ ସଂଖ୍ୟାରେ ଖୋର୍ଦ୍ଧାକୁ ଟପିଛି ସୁନ୍ଦରଗଡ଼ ଜିଲା। ମଙ୍ଗଳବାର ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରେ ସର୍ବାଧିକ ସକ୍ରିୟ ରୋଗୀ ରହିଥିଲେ। ବୁଧବାର ଖୋର୍ଦ୍ଧା ଜିଲାରେ ସକ୍ରିୟ ରୋଗୀ ସଂଖ୍ୟା ୬୧୨ରେ ପହଞ୍ଚିଥିବାବେଳେ ସୁନ୍ଦରଗଡ଼ରେ ୬୨୬ ରହିଛନ୍ତି। ଏପଟେ ରାଜ୍ୟରେ ଆଉଜଣେ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀର ଜଣେ ୨୮ବର୍ଷୀୟ ପୁରୁଷ। ସେ ମଧୁମେହ ରୋଗରେ ମଧ୍ୟ ପୀଡିତ ଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି କହିଛି। ଏହାକୁ ମିଶାଇ ଓଡ଼ିଶାରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୧,୯୨୩କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟରେ ନାଇଟ୍ କର୍ଫ୍ୟୁ ଆହୁରି କଡ଼ାକଡ଼ି ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ସେ କହିଛନ୍ତି, ୧୦ ଜିଲାରେ ରାତି ୧୦ଟାରୁ ସକାଳ ୫ଟା ଯାଏ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରାଯାଉଛି। ସୀମାବର୍ତ୍ତୀ ଜିଲାର ଯେଉଁ ଲୋକ ପଡ଼ୋଶୀ ଛତିଶଗଡ଼ରୁ ଆସୁଛନ୍ତି ସେମାନଙ୍କୁ ଅନୁଧ୍ୟାନ କରାଯାଉଛି। ଜିଲାପାଳ ଓ ପୋଲିସ ପ୍ରଶାସନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଡିଏମ୍‌ଇଟି ସିକିକେ ମହାନ୍ତି କହିଛନ୍ତି, ନାଇଟ୍ କର୍ଫ୍ୟୁ ସଂକ୍ରମଣ ରୋକିବାର ଏକ ମାଧ୍ୟମ। ରାତିରେ କ୍ଲବ ଓ ପାର୍ଟିରେ ହେଉଥିବା ଗହଳିକୁ ରୋକିବା ପାଇଁ ନାଇଟ୍ କର୍ଫ୍ୟୁର ଆବଶ୍ୟକତା ରହିଛି। ବର୍ତ୍ତମାନ ଭୂତାଣୁ ପୂର୍ବାପେକ୍ଷା ଅଧିକ ସଂକ୍ରମିତ କରୁଛି। କିନ୍ତୁ ରୋଗୀଙ୍କ ପାଇଁ ହସ୍ପିଟାଲର ଆବଶ୍ୟକ କମ୍ ପଡ଼ୁଛି। ଆଇସିୟୁ ବେଡ୍, ଭେଣ୍ଟିଲେଟର ବିଶେଷ ଆବଶ୍ୟକତା ରହୁ ନ ଥିବା ଡିଏମ୍‌ଇଟି କହିଛନ୍ତି।

### ଟିକା ଅଭାବ: ରାଜ୍ୟର ...

ଟିକାକରଣ ଉପରେ ପ୍ରଭାବ ପକାଇବ। ତେଣୁ ଏହାକୁ ନଜରରେ ରଖି ଅତିକମ୍‌ରେ ୧୦ଦିନ ପାଇଁ ଅର୍ଥାତ୍ ୨୫ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଦେବାକୁ ମନ୍ତ୍ରୀ ଦାସ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏପଟେ ଟିକା ଅଭାବ ସଂକ୍ରାନ୍ତରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ଦୈନିକ ୨ଲକ୍ଷ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ୧ ଲକ୍ଷ ୮ ହଜାର ଟିକା ଷ୍ଟୋରେଜ୍ ସେଣ୍ଟରରେ ରହିଛି। ଆବଶ୍ୟକ ପରିମାଣର ଟିକା ନ ଥିବାରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି। ଆସନ୍ତା ୨ଦିନ ମଧ୍ୟରେ ଯଦି କୋଭିଶିଲ୍ଡ ଟିକା ନ ଆସେ ତେବେ ଟିକାକରଣରେ ବାଧା ସୃଷ୍ଟି ହେବ। ଟିକା ଅଭାବ ଯୋଗୁ ଆମେ ଲକ୍ଷ୍ୟ ହାସଲ କରିପାରୁନାହୁଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଟିକାର ଅଭାବ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଥିଲେ। ଯଥାଶୀଘ୍ର ଆଉ ୧୫ରୁ ୨୦ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଦେବା ପାଇଁ ମହାପାତ୍ର ଅନୁରୋଧ କରିଥିଲେ।

### ଦେଶରେ ୧.୧୫ ଲକ୍ଷ ...

ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରେ ୫୫ ହଜାରରୁ ଅଧିକ ଲୋକ ଭୂତାଣୁ ସଂକ୍ରମିତ ହୋଇଛନ୍ତି। ସେହିପରି ଛତିଶଗଡ଼ରେ ଦୈନିକ ସଂକ୍ରମଣ ୯,୯୨୧ ରେକର୍ଡ କରାଯାଇଛି। ଦେଶର ମୋଟ ସଂକ୍ରମଣର ୬ ପ୍ରତିଶତ ଏବଂ ମୋଟ କରୋନା ମୃତ୍ୟୁର ୩ ପ୍ରତିଶତ ଏହି ରାଜ୍ୟରେ ଦେଖାଦେଇଛି। ସେଠାରେ ଆର୍‌ଟି-ପିସିଆର୍ ପରୀକ୍ଷା ବଢ଼ାଯିବା ଜରୁରୀ ବୋଲି କେନ୍ଦ୍ର ସରକାର କହିଛନ୍ତି। ସେହିପରି ଦିଲ୍ଲୀରେ ଗତ ୨୪ ଘଣ୍ଟାରେ ୫,୧୦୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା କି ଚଳିତ ବର୍ଷର ସର୍ବାଧିକ ଦୈନିକ ସଂକ୍ରମଣ। ସେଠାରେ ଏପ୍ରିଲ ୩୦ ପର୍ଯ୍ୟନ୍ତ ରାତ୍ରକାଳୀନ କର୍ଫ୍ୟୁ ଲାଗୁ ହୋଇଛି। ଏପରିସ୍ଥଳରେ ଦେଶରେ ଟିକାକରଣରେ ଅଧିକ ଲୋକଙ୍କୁ ସାମିଲ କରିବା ଜରୁରୀ ହୋଇଥିଲେ ହେଁ ଯୋଗାଣର ସୀମିତତା ଦୃଷ୍ଟିରୁ ଏବେ ତାହା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି।

### ୯ରୁ ରାୟପୁର ଲକ୍‌ଡାଉନ...

ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ୍ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହ ଜରୁରୀ ବୈଠକ କରିଥିଲେ। ହସ୍ପିଟାଲଗୁଡ଼ିକରେ କୋଭିଡ୍ ରୋଗୀଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀ ଆବଶ୍ୟକତା ନ ଥିଲେ ଘରୁ ନ ବାହାରିବାକୁ ଏବଂ କୋଭିଡ୍ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ବାଘେଲ ଅନୁରୋଧ କରିଛନ୍ତି। ଅନ୍ୟତମ ଅତ୍ୟଧିକ ସଂକ୍ରମିତ ରାଜ୍ୟ ପଞ୍ଜାବରେ ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ହୋଇଛି। ଏଥିସହିତ ରାଜ୍ୟରେ ସମସ୍ତ ରାଜନୈତିକ, ସାମାଜିକ, ସାଂସ୍କୃତିକ ତଥା କ୍ରୀଡ଼ା ସମାବେଶକୁ ନିଷେଧ କରାଯାଇଛି। ସେହିପରି ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି।

### ରେପୋ ରେଟ୍ ଅପରିବର୍ତ୍ତିତ...

ବଜାର ଉପରେ କରୋନାର ପ୍ରଭାବ ବର୍ତ୍ତମାନ ମଧ୍ୟ ଜାରି ରହିଛି। ବଜାରରେ ସୁଧାର ହେଉଥିଲେ ମଧ୍ୟ ସ୍ଥିତି ସମ୍ପୂର୍ଣ୍ଣ ଟ୍ରାକ୍‌କୁ ଫେରିପାରିନାହିଁ। କୋଭିଡ୍ ସଂକ୍ରମଣ ବଢୁଥିବା ବେଳେ ପୁଣି ଥରେ ଚ୍ୟାଲେଞ୍ଜିଂ ସ୍ଥିତି ଉପୁଜିଛି। ଏଭଳି ସ୍ଥିତିରେ ଚଳିତ ଆର୍ଥିକ ବର୍ଷ ଲାଗି ଜିଡିପି ଅଭିବୃଦ୍ଧି ନେଇ କେନ୍ଦ୍ରୀୟ ବ୍ୟାଙ୍କ ୧୦.୫%ର ଯେଉଁ ଆକଳନ କରିଥିଲା ସେଥିରେ ମଧ୍ୟ କୌଣସି ପରିବର୍ତ୍ତନ କରିନାହିଁ। ମାତ୍ର ମୁଦ୍ରାସ୍ଫୀତି ସାମାନ୍ୟ ଊର୍ଦ୍ଧ୍ୱଗାମୀ ହେଉଥିବା ନଜରକୁ ଆସିଛି। ୨୦୨୦-୨୧ର ଚତୁର୍ଥ ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୫% ରହିବା ନେଇ ଆକଳନ କରାଯାଇଛି। ସେହିଭଳି ୨୦୨୧-୨୨ର ପ୍ରଥମ ତ୍ରୈମାସରେ ୫.୨%, ଦ୍ୱିତୀୟ ତ୍ରୈମାସରେ ୫.୨%, ତୃତୀୟ ତ୍ରୈମାସରେ ୪.୪%, ଚତୁର୍ଥ ତ୍ରୈମାସରେ ୫.୧% ମୁଦ୍ରାସ୍ଫୀତି ରହିବା ନେଇ ରିପୋର୍ଟରେ ପ୍ରକାଶ ପାଇଛି। ଏମ୍‌ପିସି ବୈଠକ ପରେ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ବଜାରକୁ ସହାୟତା କରିବା ଲାଗି ସରକାରୀ ପ୍ରତିଭୂତି ଅଧିଗ୍ରହଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପ୍ରଥମ ତ୍ରୈମାସରେ ସେକେଣ୍ଡାରି ବଜାରରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପ୍ରତିଭୂତି କ୍ରୟ କରାଯିବ। କେନ୍ଦ୍ରୀୟ ବ୍ୟାଙ୍କ ବର୍ଷର ବିଭିନ୍ନ ସମୟରେ ବଜାରକୁ ସହାୟତା କରିବା ଲାଗି ଅତିରିକ୍ତ ନଗଦ ପରିଚାଳନା ବ୍ୟବସ୍ଥା ହାତକୁ ନେବ। ଓପନ ମାର୍କେଟ ଅପରେଶନ(ଓଏମ୍‌ଓ) କାର୍ଯ୍ୟକ୍ରମ ସହ ସରକାରୀ ପ୍ରତିଭୂତି ଅଧିଗ୍ରହଣ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ। ବଜାରର ନଗଦ ଆବଶ୍ୟକତାକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଗଭର୍ନର ଶକ୍ତିକାନ୍ତ ସ୍ପଷ୍ଟ କରିଛନ୍ତି।

### କୋଟିଆରେ ସବୁ ଦଳର ...

ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ଜଗତ ଜ୍ୟୋତି ପାଙ୍ଗୀ, ଭାଜପାରୁ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, କଂଗ୍ରେସରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯାଇଥିଲେ। ସେମାନେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ କରିଥିଲେ। ସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଏହି ପଞ୍ଚାୟତର ପ୍ରତି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ଗ୍ରାମବାସୀଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ସେମାନେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଫଗୁଣସିନେରି ଓ ଫାଟୁସିନେରି ଗ୍ରାମକୁ ମଧ୍ୟ ରାଜନୈତିକ ଦଳ ଗସ୍ତ କରି ଗ୍ରାମବାସୀଙ୍କୁ ଆନ୍ଧ୍ର ସରକାରଙ୍କ ପକ୍ଷରୁ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟପକ୍ଷରେ କୋଟିଆ ପଞ୍ଚାୟତର ନେରେଡିବାଲସାରେ ଥିବା ଆନ୍ଧ୍ରର ଆଇଟିଡିଏ ଗୃହରେ ନିର୍ବାଚନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଥିବାରୁ ଏହି ଗ୍ରାମରେ ଜିଲାପାଳ ମହମ୍ମଦ ଅବଦଲ ଅଖତର, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି,ଏଡିଏମ୍ ଦେବେନ ପ୍ରଧାନ, ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ସୁନାବେଡା ଏସ୍‌ଡିପିଓ ନିରଞ୍ଜନ ବେହେରା, ଥାନା ଅଧିକାରୀ କୈବଲ୍ୟ ସେଠ ପ୍ରମୁଖ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଓଡ଼ିଶା ସୀମା ନେରେଡିବାଲାସା ଛକ ସିଲ୍ କରାଯିବ ସେନେଇ ସେମାନେ ଆଲୋଚନା କରିଥିବା ଜଣାପଡିଛି। ସେଠାରୁ ଅଧିକାରୀମାନେ ପରଜାସିଉରା, ତାଡିଓ୍ୱାଲାସା ହୋଇ ନେରେଡିବାଲାସାରେ ପହଞ୍ଚିଛନ୍ତି।

## ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ନେରେଡିବାଲସା ଗ୍ରାମରେ ଆନ୍ଧ୍ର ସରକାର ଜିଲା ପରିଷଦ ଓ ସମିତିସଭ୍ୟ ପଦ ନିମନ୍ତେ ନିର୍ବାଚନ କରିବାକୁ ଜାରି କରିଥିବା ବିଜ୍ଞପ୍ତି ଉପରେ ମଙ୍ଗଳବାର ଆନ୍ଧ୍ର ହାଇକୋର୍ଟ ରହିତାଦେଶ ଜାରି କରିବା ପରେ ଆନ୍ଧ୍ରକୁ ହତାଶ ହେବାକୁ ପଡିଛି। ତଥାପି ବୁଧବାର ଆନ୍ଧ୍ର ସରକାର ଆନ୍ଧ୍ର ହାଇକୋର୍ଟଙ୍କ ରାୟ ବିରୋଧରେ ରହିତାଦେଶ ଆଣିବାକୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏହି ରାୟ ସମ୍ପର୍କରେ ସୁପ୍ରିମକୋର୍ଟ କୌଣସି ହସକ୍ଷେପ କରିପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରି ଦେଇଥିଲେ। ଫଳରେ ସେଠାରୁ ନିରାଶ ହେବା ଆନ୍ଧ୍ରକୁ ଅନ୍ୟ ଏକ ଝଟକା ଦେଇଛି।

## କୋଟିଆରେ ୧୪୪ ଧାରା

କୋରାପୁଟ,୭।୪(ସ୍ୱ.ପ୍ର.): କୋରାପୁଟ ଜିଲାର କୋଟିଆରେ ଗତ ୩ଦିନ ମଧ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଉଥିବାରୁ ବୁଧବାର ସନ୍ଧ୍ୟାରୁ କୋଟିଆ ପଞ୍ଚାୟତରେ ୧୪୪ ଧାରା ଜାରି କରାଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ଜନସାଧାରଣଙ୍କୁ ଏହି ୧୪୪ ଧାରାକୁ ପାଳନ କରିବାକୁ ନିବେଦନ କରାଯାଇଛି। ଘରେ ରହି ସୁରକ୍ଷିତ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି। ବୁଧବାରଠାରୁ ଶୁକ୍ରବାର ଯାଏ ୩ ଦିନ କୋଟିଆ ପଞ୍ଚାୟତ ଅଞ୍ଚଳରେ ଏହି ଧାରା ଜାରି ରହିବ। ଜିଲାପାଳ ଅବଦାଲ ମହମ୍ମଦ ଅଖତାର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ଲଳିତ କୁମାର କହଁରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ କୋଟିଆରେ ରହି ପରିସ୍ଥିତି ତଦାରଖ କରୁଛନ୍ତି। ସୂଚନାଯୋଗ୍ୟ, ୫ ତାରିଖରେ କୋଟିଆରେ ଜଣେ, ୬ରେ ୪ ଜଣ ଓ ୭ରେ ୨ ଜଣ ବ୍ୟକ୍ତି କରୋନା ଆକ୍ରାନ୍ତ ହେବା ପରେ ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଆଗକୁ ଯେପରି ସଂକ୍ରମଣ ବୃଦ୍ଧି ନ ପାଇବ ସେ ନେଇ ପ୍ରଶାସନ ପକ୍ଷରୁ ନଜର ରଖାଯାଇଛି। ଫାଟୁସିନେରି ଓ ନାରେଡିବାଲସାଠାରେ ଆନ୍ଧ୍ର ରାସ୍ତାକୁ ସିଲ୍ କରାଯାଇଛି ।


# classifieds

**Everyday**
**0674-2580101, 2549302**



**SALE**

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425



**SALE**

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots).** D-70816

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

**Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952.** D-70832

**Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact : 9937446498.** D-70581

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442



Ayurvedic full body massage by experienced (M/F) therapist. 9861193818, 8018656899. D-59985

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Get good massage for your health the best therapy. 7749997224. D-70444

Refreshing your mind, your body with the best therapy at Lotus Spa. 9801811949. D-70445

Monalisa massage club : All types body massage with hiprofile smart lady rooms service available 9708545108. D-20437

Swarna SPA newly open positively health benefits with expert therapist. 9556978408. D-70576

Ayurvedic Full Body Massage by Experienced (M/F) Therapist. 8018656899, 9861193818. D-59986

Zen SPA positively health benefits with experts therapeutic genuinely massage. 7205084157. D-70577

**LOST**

Original Registration and Sale Deed of A-707 & A-708, Subhadra Apartment Patia Lost. If found please contact - 8249225852. D-20442

On 01.04.2021 HDFC Bank ID Card No. 200305292200094 is lost. If the said ID Card found please retrun to G.P. Combines Pvt. Ltd., 155, Bapuji Nagar, Bhubaneswar, Ph. No. 0674-6677777. D-67590

**AFFIDAVIT**

24 ମାର୍ଚ୍ଚ 2021 ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିକଟରେ ଶପଥ କରେକି, ମୁଁ ସୂର୍ଯ୍ୟ ପ୍ରକାଶ ବେହେରା, ମୋର ନାବାଳକ ପୁଅ 20 ଜାନୁୟାରୀ 2020 ଜନ୍ମ ନାମକୁ "NEEL KUMAR" (1737/2020)ରୁ ବଦଳାଇ "NEEVANSH SURYA BEHERA" କରିଲି। ବର୍ତ୍ତମାନଠାରୁ, ସେ ସମସ୍ତ ଉଦ୍ଦେଶ୍ୟରେ Neevansh Surya Behera ନାମରେ ପରିଚିତ ହେବ। D-20451

By virtue of an affidavit sworn before Executive Magistrate, Jajpur Road, 06.04.2021. I have changed my name Sardhanjali to Shradhanjali in my Son's Birth Certificate. This statement is true and correct. Sd./- Shradhanjali Nath. D-20455

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶିର ଉଭୟ ପାର୍ଶ୍ୱରେ ପାପଗ୍ରହ ଥିବାରୁ ଅସଜଡ଼ା ପରିବାରର ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତି ଠିକ୍ ରହିନପାରେ। କୌଣସି କଥାକୁ ଠିକ୍ ଭାବରେ ନ ବୁଝି ଅଯଥା ବିରକ୍ତି ପ୍ରକାଶ କରିବେ। ସମସ୍ୟା ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ।

**ବୃଷ**
ସପ୍ତମ ସ୍ଥାନରେ କେତୁ ରହିଥିବାରୁ ଯାତ୍ରା ସମୟରେ କୌଣସି ନୀଚଜାତିର ବ୍ୟକ୍ତି ଦ୍ୱାରା ନିନ୍ଦିତ ହୋଇପାରନ୍ତି। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରିଆସିବ। କର୍ମକ୍ଷେତ୍ରରେ କେହି ଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇ ପାରନ୍ତି। ଇଚ୍ଛା ନଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ମିଥୁନ**
ନିଜ ରାଶିରୁ ରବି ଅଷ୍ଟମ ଭାବରେ ଥିବାରୁ ଆଜି ଆପଣ କୌଣସି ବନ୍ଧୁଙ୍କ ସହ ମତାନ୍ତର ହେତୁକ ଅଶାନ୍ତି ରହିପାରନ୍ତି। ପାରିବାରିକ କ୍ଷେତ୍ରରେ ମଧ୍ୟ ସନ୍ଦେହ ଓ ବୁଝାମଣାର ଅଭାବ ଅଶାନ୍ତିର କାରଣ ହେବ। ଧାର କରଜ କରି କାମ ଚଳାଇବେ। ହରାଇଥିବା ସୁଯୋଗ ଫେରିପାଇବାରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**କର୍କଟ**
ଏକାଦଶସ୍ଥ ରାହୁଯୁକ୍ତ ମଙ୍ଗଳ ଲକ୍ଷ୍ମୀଯୋଗ ସୃଷ୍ଟି କରୁଥିବାରୁ ଅର୍ଥଲାଭ ସହ କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ପ୍ରକାଶନ, ପ୍ରଶାସନ, ଯାତ୍ରା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ସିଂହ**
ରବି ଅଷ୍ଟମସ୍ଥ ହୋଇ ସ୍ୱାସ୍ଥ୍ୟ ସମସ୍ୟାକୁ ଦ୍ୱିଗୁଣିତ କରିପାରନ୍ତି। କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ଦ୍ୱାରା ମାନସିକ ଚାପ ବୃଦ୍ଧି ପାଇବ। ପରିବାରରେ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟିରେ ଭ୍ରମଣ, ସରକାରୀ କାମ, ଆଇନ ସହାୟତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**କନ୍ୟା**
ରାହୁ ନକ୍ଷତ୍ରସ୍ଥ ଚନ୍ଦ୍ରଜନିତ ଟେନ୍‌ସନ ଲାଗି ରହିଲେ ମଧ୍ୟ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଯାତ୍ରା, ଭ୍ରମଣ, କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଦୀର୍ଘ ଦିନରୁ ସନ୍ଧାନ ପାଉନଥିବା ତଥା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**ତୁଳା**
ଆଜି ଅଷ୍ଟମସ୍ଥ ପାପଗ୍ରହ ପ୍ରଭାବରେ କିଛି ନ କହିଲେ ମଧ୍ୟ ଅନ୍ୟମାନେ ଦୋଷୀ କରିପାରନ୍ତି। ସବୁ ଥାଇ ମଧ୍ୟ ଅଭାବବୋଧ ଲାଗି ରହିବ। ଫେରନ୍ତା ବାଟରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଉପର ଅଧିକାରୀଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**ବିଛା**
ଗୁରୁଚାନ୍ଦ୍ରି ଯୋଗ ପ୍ରଭାବରେ ଆପଣ କୌଣସି ନୂଆ ଯୋଜନା ପାଇଁ ନିଷ୍ପତ୍ତି ନେଇପାରନ୍ତି। ପାରିବାରିକ ଜୀବନରେ ସୁଖଶାନ୍ତି ସହ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କୌଣସି ବନ୍ଧୁଙ୍କୁ ଘର କଥା କହି ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଭୂମି, ନିର୍ମାଣ, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ।

**ଧନୁ**
ରାଶିର ଦୁଇପାର୍ଶ୍ୱରେ ଗ୍ରହ ଥିବା କାରଣରୁ ଅଭିଳଷିତ ଫଳ ପାଇବା ସକାଶେ ହଇରାଣ ହେବାକୁ ପଡ଼ିପାରେ। ଆମୋଦ ପ୍ରମୋଦର ମଉକା ଜୁଟିବ, କିନ୍ତୁ ମନ ଭଲ ନ ଥିବାରୁ ଉପଭୋଗ୍ୟ ହୋଇପାରିବ ନାହିଁ। ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର**
ଧନଭାବସ୍ଥ ବୃହସ୍ପତି ଯୋଗୁ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ। ସାଙ୍ଗସାଥୀ, ପାଖ ପଡ଼ୋଶୀ ତଥା ନିକଟ ସମ୍ପର୍କୀୟଙ୍କ ମିତ୍ରତା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ମନ ଦେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। କୌଣସି ମୂଲ୍ୟବାନ୍ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**କୁମ୍ଭ**
ମୁଖଭାଗରେ ରବି ଓ ବୁଧ ଅବସ୍ଥାନ କରିଥିବାରୁ ସତ୍ୟ ପ୍ରକାଶ କରି ବନ୍ଧୁଙ୍କ ବିରାଗ ଭାଜନ ହେବେ। ଧନହାନି ଘଟିବା ସହ ହାତ, ପାଦରେ ଆଘାତ ଲାଗିପାରେ। ସହକର୍ମୀ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି। ନିଜ ପରିସରସ୍ଥ ବ୍ୟକ୍ତିଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ।

**ମୀନ**
ରାଶିରେ ଏକାଧିକଗ୍ରହ ସାଙ୍ଗକୁ ଶନିଙ୍କ ଦୃଷ୍ଟିରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ନୂତନ ସମସ୍ୟା ସୃଷ୍ଟି କରିବ। କେତେକ କ୍ଷେତ୍ରରେ ବାରମ୍ବାର ଅସଫଳ ହେବାରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଚୈତ୍ର କୃଷ୍ଣ ଦ୍ୱାଦଶୀ ଗୁରୁବାର, ରାମାନୁଜ ବୈଷ୍ଣବସମ୍ମତ ଏକାଦଶୀ ଉପବାସ, ଏପ୍ରିଲ ୮ ତାରିଖ, ବିଶ୍ୱ ପରମ୍ପରା ଦିବସ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୮ ଗତେ ଘ.୦୭।୧୬ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୨ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୦୨।୩୧ ଗତେ ଘ.୦୩।୧୭ ମଧ୍ୟେ ଅମୃତବେଳା। ଦିବା ଘ.୦୧।୨୧ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।



ଚାର୍ଲ୍ସ ଶୋଭରାଜ

‘ବିକିନି କିଲର’ ନାମରେ ପରିଚିତ ଚାର୍ଲ୍ସ ଶୋଭରାଜ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି, ତାହା ପୁଣି ଦୁଇଟି କାରଣରୁ । ପ୍ରଥମ କାରଣ ହେଉଛି ନେଟ୍‌ଫ୍ଲିକ୍ସ ଏବଂ ବିବିସିର କ୍ରାଇମ୍ ଡ୍ରାମା ସିରିଜ ‘ଦି ସର୍ପେଣ୍ଟ’ ତାଙ୍କ ଜୀବନ ଉପରେ ଆଧାରିତ। ଦ୍ୱିତୀୟ କାରଣ ବିଦେଶୀ ଗଣମାଧ୍ୟମରେ ପ୍ରକାଶିତ ତାଙ୍କ ସାକ୍ଷାତ୍‌କାର ସହ ଜଡ଼ିତ, ଯାହାକୁ ନେଇ ପ୍ରଶ୍ନ ଉଠୁଛି ଯେ ଜେଲର ଜଣେ କଏଦୀ ମିଡିଆ ସହିତ କଥା ହେଲେ କେମିତି ।

# ଶୋଭରାଜ ‘ଦି ସର୍ପେଣ୍ଟ’

# ଜେଲରୁ ବିକିନି କିଲରଙ୍କ ଇଣ୍ଟରଭ୍ୟୁ

ନୂଆଦିଲ୍ଲୀ/ କାଠମାଣ୍ଡୁ, ୭।୪

ସିରିୟଲ କିଲର ଚାର୍ଲ୍ସ ଶୋଭରାଜଙ୍କ ଉପରେ ୪ ଦଶନ୍ଧି ପୂର୍ବେ ନେପାଳରେ ଜଣେ ଆମେରିକୀୟ ଓ କାନାଡୀୟ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗ ରହିଛି। ସେ ପ୍ରାୟ ୧୭ ବର୍ଷ ଧରି ନେପାଳର ରାଜଧାନୀ କାଠମାଣ୍ଡୁସ୍ଥିତ ସୁନ୍ଧାରା କେନ୍ଦ୍ରୀୟ କାରାଗାରରେ ବନ୍ଦୀ ଅଛନ୍ତି। ନିକଟରେ ବ୍ରିଟେନର ଦୁଇଟି ପତ୍ରିକାରେ ଶୋଭରାଜଙ୍କ ବନ୍ଦୀ ଜୀବନ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ସାକ୍ଷାତ୍‌କାର ଆଧାରିତ ରିପୋର୍ଟ ପ୍ରକାଶ ପାଇଛି। ଏହି ଘଟଣା ଜେଲ ସୁରକ୍ଷାର ଦୁର୍ବଳତାକୁ ପୁଣି ଥରେ ପଦାକୁ ଆଣିଛି। ନେପାଳର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁସାରେ କୌଣସି କଏଦୀ ମିଡିଆକୁ ସାକ୍ଷାତ୍‌କାର ଦେବା ବେଆଇନ। କୌଣସି ବିଭାଗ ଗଣମାଧ୍ୟମକୁ ଚାର୍ଲ୍ସ ଶୋଭରାଜଙ୍କ ଇଣ୍ଟରଭ୍ୟୁ ନେବା ପାଇଁ ଅନୁମତି ଦେଇନାହାଁ। ଜେଲ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ସମାନ କଥା କହିଛନ୍ତି। ଶୋଭରାଜଙ୍କ ସାକ୍ଷାତ୍‌କାର ଲାଗି କେତେକ ମିଡିଆ ସଂସ୍ଥା ଅନୁମତି ମାଗିଥିଲେ। କିନ୍ତୁ ତାହା ଦିଆଯାଇ ନ ଥିଲା। ଶୋଭରାଜ ମିଡିଆ ସହ ଯୋଗସୂତ୍ରରେ ଥିଲେ ବୋଲି କେହି ଟେର୍ ନ ପାଇବା ସମସ୍ତଙ୍କୁ ବିସ୍ମିତ କରିଛି। ସେଣ୍ଟ୍ରାଲ ଜେଲ୍ ଜେଲର ଲକ୍ଷ୍ମୀ ବୋସ୍କୋଟା କହିଛନ୍ତି, ଜେଲ ଭିତରୁ ଶୋଭରାଜ କାହାକୁ ଇଣ୍ଟରଭ୍ୟୁ ଦେଲେ ? ଏହି ମାମଲାର ତଦନ୍ତ ସମ୍ପୂର୍ଣ୍ଣ କରିବାକୁ ୧୦ ଦିନ ମହଲତ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଶୋଭରାଜ ସପ୍ତାହକୁ ଅତିକମ୍‌ରେ ଦୁଇଥର ସମ୍ପର୍କୀୟ ଓ ପରିବାର ଲୋକଙ୍କୁ ଭେଟିବା ନେଇ ନିଜ ଅଧିକାରର ଦୁରୁପଯୋଗ କରିଥାଇ ପାରନ୍ତି। ଜେଲ ପ୍ରଶାସନ କଏଦୀମାନଙ୍କ ବୈଠକ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ନିକଟରେ ନିଜ ଓକିଲଙ୍କ ବ୍ୟତୀତ ଆଉ କାହାକୁ ମଧ୍ୟ ସେ ଭେଟି ନାହାନ୍ତି ବୋଲି ଜେଲ ପକ୍ଷରୁ କୁହାଯାଇଛି।

**ଜୀ**ବନର ୩୫ ବର୍ଷ ଜେଲ୍‌ରେ କାଟିଥିବା ଫ୍ରେଞ୍ଚ ସିରିଏଲ କିଲର ଶୋଭରାଜଙ୍କ ପୂରା ନାମ ହଟ୍‌ଚାନ୍ଦ ଭାଓନାନି ଗୁରୁମୁଖ ଚାର୍ଲ୍ସ ଶୋଭରାଜ। ଭିଏତନାମର ସାଇଗୋନ୍ ବା ବର୍ତ୍ତମାନର ହୋ ଚି ମିନ୍ ସହରରେ ୬ ଏପ୍ରିଲ ୧୯୪୪ରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମା’ ଟ୍ରାନ ଲୋଇଙ୍ଗ୍ ଫୁନ୍ ଭିଏତନାମର ବାସିନ୍ଦା ହୋଇଥିବାବେଳେ ବାପା ଶୋଭରାଜ ହେଟଚାର୍ଡ ଭାରତୀୟ ଥିଲେ। ମା’ ବାପା ପରସ୍ପରଠାରୁ ଅଲଗା ହୋଇଯିବାରୁ ଶୋଭରାଜଙ୍କ ପିଲାଦିନ ବିଭିନ୍ନ ସ୍ଥାନରେ କଟିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ମା’ ଫ୍ରାନ୍ସର ଜଣେ ସେନା ଅଧିକାରୀଙ୍କୁ ପ୍ରେମବିବାହ କରିଥିଲେ। ଶୋଭରାଜଙ୍କୁ ଏକ ବୋର୍ଡିଂ ସ୍କୁଲରେ ଭର୍ତ୍ତି କରାଯାଇଥିଲା। ପିଲାଦିନରୁ ସେ ଫ୍ରାନ୍ସ ଛାଡ଼ି ସାଇଗୋନ୍ ପଳାଇ ଆସିବାକୁ ଏକାଧିକ ଥର ଚେଷ୍ଟା କରିଥିଲେ। ଏପରି କି ଥରେ ସମୁଦ୍ରପଥ ଦେଇ ଡିଜିବୁଟି ପର୍ଯ୍ୟନ୍ତ ମଧ୍ୟ ଚାଲି ଆସିଥିଲେ।

> ଯୁବତୀମାନଙ୍କୁ କଅଁଳିଆ କଥା କହି ପ୍ରେମ ଜାଲରେ ଫସାଇବା ପରେ ଡ୍ରଗ୍ସ ଦେଇ ଲୁଟିବା ଓ ଶେଷରେ ସେମାନଙ୍କ ଜୀବନ ନେବା ଚାର୍ଲ୍ସ ଶୋଭରାଜଙ୍କ ଚାଲାକ ଆପରାଧିକ ବ୍ୟକ୍ତିତ୍ୱକୁ ଦର୍ଶାଏ।

ଅଳ୍ପ ବୟସରୁ ଶୋଭରାଜ ଛୋଟବଡ଼ ଅପରାଧରେ ସମ୍ପୃକ୍ତ ଥିଲେ। ୧୯୬୩ରେ ପ୍ରଥମ ଥର ପାଇଁ ଚୋରି ଅଭିଯୋଗରେ ସେ ଜେଲ ଯାଇଥିଲେ। ସେ ଜେଲ କର୍ମଚାରୀଙ୍କୁ ସହଜରେ ତାଙ୍କ କଥା ମାନିବା ପାଇଁ ପ୍ରଭାବିତ କରିବାର କଳା ଶିଖିଥିଲେ। ଏହାପରେ ତାଙ୍କ ଆପରାଧିକ ସାମ୍ରାଜ୍ୟ ବଢ଼ିବାରେ ଲାଗିଥିଲା। ପ୍ରଥମ ଥର ସେ ଜଣେ ପର୍ସିଆନ ଯୁବତୀଙ୍କୁ ପ୍ରେମ କରିବା ସହ ତାଙ୍କୁ ବିବାହ କରିବାକୁ ଚାହିଁଥିଲେ। କିନ୍ତୁ ବିବାହ ପୂର୍ବରୁ ଗାଡ଼ି ଚୋରି ଅଭିଯୋଗରେ ଗିରଫ ହୋଇ ୮ ମାସ ଜେଲଦଣ୍ଡ ଭୋଗିଥିଲେ। ଜେଲରୁ ମୁକୁଳି ଶୋଭରାଜ ତାଙ୍କ ପ୍ରେମିକାଙ୍କୁ ବିବାହ କରିଥିଲେ।

ଚୋରିରୁ ନେଇ ସଶସ୍ତ୍ର ଡକାୟତି ଭଳି ଅପରାଧ ଯୋଗୁ ଶୋଭରାଜ ଅନେକ ଥର ଗିରଫ ହୋଇ ଜେଲ ଯାଇଛନ୍ତି। କିନ୍ତୁ ସେ ସବୁବେଳେ ମୁକୁଳିଯାଆନ୍ତି କିମ୍ବା ଖସିଯିବାରେ ସମର୍ଥ ହୁଅନ୍ତି। ଯେମିତି କି ଥରେ ସେ ଅସୁସ୍ଥ ଥିବା ବାହାନା କରି ହସ୍ପିଟାଲର ଜଣେ ଗାର୍ଡଙ୍କୁ ଡ୍ରଗ୍ସ ଦେଇଥିଲେ ଏବଂ ଫେରାର ହୋଇଯାଇଥିଲେ। କିନ୍ତୁ ୧୯୭୬ରେ ଶୋଭରାଜଙ୍କ ଅପରାଧ ତାଙ୍କ ସହ ଧରାପଡ଼ିବା ଆରମ୍ଭ ହୋଇଥିଲା। ଶୋଭରାଜ, ଲେକ୍ଲର୍କ, ସ୍ମିଥ୍ ଓ ଏଥର ଧରାପଡ଼ିଥିଲେ ନୂଆଦିଲ୍ଲୀର ଏକ ହୋଟେଲ ଲବିରେ ୩୦ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ବିଷ ଦେବା ଅଭିଯୋଗରେ। ପୋଲିସ ଜେରାବେଳେ ଏହା ମଧ୍ୟ ସାମ୍ନାକୁ ଆସିଥିଲା ଯେ ଫ୍ରାନ୍ସର ଟୁରିଷ୍ଟ ଜିନ୍‌ଲୁକ୍ ସୋଲୋମୋନ ଶୋଭରାଜଙ୍କ ବିଷରେ ପ୍ରାଣ ହରାଇଥିଲେ। ଶୋଭରାଜଙ୍କୁ ତିହାର ଜେଲରେ ୧୧ରୁ ୧୨ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଥିଲା। ସେ ବ୍ଲାକମେଲ, ଲାଞ୍ଚ ଆଦିର ସହାୟତା ନେଇ ଜେଲ ଭିତରେ ଅନେକ ସୁବିଧା ହାସଲ କରିଥିଲେ। ଟିଭି, ଭଲ ଖାଦ୍ୟ, ଟାଇପ୍ ରାଇଟର ଏବଂ ଏପରି କି ଡ୍ରଗ୍ସ ମଧ୍ୟ ପାଇପାରିଥିଲେ।

ବିଭିନ୍ନ ଭାଷାରେ ଶୋଭରାଜଙ୍କ ଦଖଲ ତାଙ୍କ ଆପରାଧିକ ସାମ୍ରାଜ୍ୟକୁ ବଢ଼ାଇବାରେ ସହଯୋଗ କରିଥିଲା। ପର୍ଯ୍ୟଟକମାନଙ୍କୁ ସେ ସହଜରେ ତାଙ୍କ ଜାଲରେ ଫସାଇଦେଉଥିଲେ। ହତ୍ୟା ପୂର୍ବରୁ ସେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ବନ୍ଧୁତା କରୁଥିଲେ। ପରେ ତାଙ୍କୁ ଲୁଟ୍ କରିବା ସହ ଡ୍ରଗ୍ସ ଦେଇ ହତ୍ୟା କରୁଥିଲେ। ଆମେରିକୀୟ ମହିଳା ଟେରେସା ନୋଲ୍‌ଟନ୍‌ଙ୍କୁ ହତ୍ୟା କରିବା ପରେ ସେ ଚର୍ଚ୍ଚାକୁ ଆସିଥିଲେ। ଅନ୍ୟ ଜଣେ ମହିଳା ଚାରମେନଙ୍କୁ ହତ୍ୟା କରିବା ପରେ ଶୋଭରାଜଙ୍କୁ ‘ବିକିନି କିଲର’ ନାଁ ଦିଆଯାଇଥିଲା, କାରଣ ଉଭୟ ଟେରେସା ଓ ଚାରମେନଙ୍କ ସୁଇମିଂ ସୁଟ୍ ପିନ୍ଧା ମୃତଦେହ ପାଣିରେ ଭାସୁଥିବା ଅବସ୍ଥାରେ ମିଳିଥିଲା।

ମହିଳାମାନଙ୍କୁ ଆକର୍ଷିତ କରିବାର କଳା ଶୋଭରାଜଙ୍କଠାରେ ଭରି ହୋଇରହିଥିଲା। ତିହାର ଜେଲରେ ଥିବାବେଳେ ସେ ୨ ମହିଳାଙ୍କୁ ପ୍ରେମ କରୁଥିଲେ। ଏହା ସହ ତାଙ୍କ ଓକିଲ ସ୍ନେହା ସେନଗାରଙ୍କ ସହ ମଧ୍ୟ ସେ ଶାରୀରିକ ସମ୍ପର୍କ ରଖିଥିଲେ। ୧୯୯୭ରେ ତିହାରରୁ ମୁକୁଳିବା ପରେ ଶୋଭରାଜ ଫ୍ରାନ୍ସ ଚାଲିଯାଇଥିଲେ। ସେଠାରେ ସେ ଟଙ୍କା ନେଇ ତାଙ୍କ ସହ ସାକ୍ଷାତକାର ଏପରିକି ନିଜ ଜୀବନୀ ଉପରେ ଫିଲ୍ମ ନିର୍ମାଣ କରିବାକୁ ଅନୁମତି ଦେଇଥିଲେ।

୨୦୦୩ରେ କାଠମାଣ୍ଡୁଠାରେ ଜଣେ ଖବରଦାତା ଶୋଭରାଜଙ୍କୁ ଦେଖିବାକୁ ପାଇବା ପରେ ୧୯୭୫ ମସିହାର ଦୁଇଟି ହତ୍ୟାକାଣ୍ଡ ମାମଲାରେ ତାଙ୍କୁ ନେପାଳରେ ଗିରଫ କରାଯାଇଥିଲା। ଗୋଟିଏ ହତ୍ୟା ମାମଲାରେ ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ସେଠାରେ ଟ୍ରାଏଲ ବେଳେ ତାଙ୍କ ଓକିଲ ପ୍ରେମିକାଙ୍କ ଝିଅଙ୍କୁ ସେ ବିବାହ କରିଥିବା କୁହାଯାଏ।



୨୦୦୪ ଜୁଲାଇ ୫ରେ ଚାର୍ଲ୍ସ ଶୋଭରାଜଙ୍କୁ କାଠମାଣ୍ଡୁସ୍ଥିତ ଏକ କୋର୍ଟକୁ ହାଜର କରାଇବାକୁ ନେଉଛନ୍ତି ନେପାଳର ଜଣେ ସୁରକ୍ଷାକର୍ମୀ।

## ଶୋଭରାଜଙ୍କୁ ନେଇ ଫିଲ୍ମ

ଆନ୍ତର୍ଜାତିକ ଅପରାଧୀ ଚାର୍ଲ୍ସ ଶୋଭରାଜ ଯୌବନ ସମୟରେ ଭିଆଇଥିବା କାରନାମା ଆଜି ମଧ୍ୟ ଫିଲ୍ମ ଏବଂ ଓଟିଟି ନିର୍ମାତାଙ୍କୁ ଆକର୍ଷିତ କରେ। ଶୋଭରାଜଙ୍କ ଜୀବନୀକୁ ନେଇ ‘ଦି ସର୍ପେଣ୍ଟ’ ଆସିବା ପରେ ତାଙ୍କ କ୍ରାଇମ୍ ଲାଇଫ୍ ପୁଣିଥରେ ଚର୍ଚ୍ଚାରେ। ଏଥିରେ ଫ୍ରାନ୍ସ ବଂଶୋଦ୍ଭବ ଅଲଜେରିଆ ଅଭିନେତା ତହର ରହିମ୍ ଶୋଭରାଜଙ୍କ ଭୂମିକା ନିଭାଇଛନ୍ତି। ୮ ଏପିସୋଡ୍ ବିଶିଷ୍ଟ ଏହି ସିରିଜ ଶୋଭରାଜଙ୍କ ଜୀବନ ଉପରେ ଆଧାରିତ ସଦ୍ୟତମ ଶୋ’। ଏଥିରେ ଶୋଭରାଜଙ୍କୁ ଜଣେ ନିର୍ଦ୍ଦୟ ହତ୍ୟାକାରୀ ରୂପେ ଦର୍ଶାଯାଇଛି। ବିବିସି ଏଥିରେ ୧୯୭୦ ଦଶକରେ ପ୍ୟାରିସର ସବୁଠୁ ଘୃଣ୍ୟ ଅପରାଧକୁ ପରଦାକୁ ଉତାରିଛି। ପାର୍ଟନର ମେରି ଆଣ୍ଡ୍ରି ଲେକ୍ଲର୍କ, ଡାହାଣହାତୀ ଅଜୟ ଚୌଧୁରୀ ଏବଂ ପର୍ଯ୍ୟଟକ ବାରବରା ଶେରିଲ୍ ଓ ମେରି ଏଲେନ୍ ଏଥରଙ୍କ ସମେତ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ସେ ଅନେକ ଲୋକଙ୍କୁ ଡ୍ରଗ୍ସ ଦେଇ ଲୁଟିଛନ୍ତି। କେତେକ ମାମଲାରେ ସେ ଆହୁରି ଆଗକୁ ବଢ଼ି ହତ୍ୟା ମଧ୍ୟ କରିଛନ୍ତି। ତାଙ୍କର ଏଭଳି ଅପରାଧ କାରଣରୁ ଶୋଭରାଜଙ୍କୁ ତିନୋଟି ନିକ୍‌ନେମ ମିଳିଛି: ଦି ବିକିନି କିଲର, ଦି ସ୍ପ୍ଲିଟିଂ କିଲର ଓ ଦି ସର୍ପେଣ୍ଟ। ଏହା ପୂର୍ବରୁ ୨୦୧୫ରେ ଶୋଭରାଜଙ୍କ ଜୀବନୀ ଆଧାରିତ ‘ମୈ ଔର ଚାର୍ଲ୍ସ’ ଶୀର୍ଷକ ସିନେମା ଆସିଥିଲା। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ରଣଦୀପ ହୁଡା। ଜି-୫ରେ ଷ୍ଟ୍ରିମିଂ ହେବାକୁ ଥିବା ‘ସ୍ନେକ୍’ ମଧ୍ୟ ତାଙ୍କ କ୍ରାଇମ୍ ଲାଇଫ୍ ଉପରେ ପର୍ଯ୍ୟବସିତ।




‘ଦି ସର୍ପେଣ୍ଟ’ରେ ଚାର୍ଲ୍ସ ଶୋଭରାଜଙ୍କ ଭୂମିକାରେ ତହର ରହିମ୍ ଏବଂ ତାଙ୍କ ପ୍ରେମିକା ଜିନା-ଲୁଇସ୍ କୋଲମ୍ୟାନଙ୍କ ଚରିତ୍ରରେ ମେରି ଆଣ୍ଡ୍ରି ଲେକ୍ଲର୍କ।

# ୧୦ ପର୍ଯ୍ୟନ୍ତ ବଢ଼ିଲା ରବିଧାନ ସଂଗ୍ରହ

**ଭୁବନେଶ୍ୱର, ୭।୪(ବ୍ୟୁରୋ):** ରାଜ୍ୟରେ ରବିଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣ ସମୟସୀମା ଏପ୍ରିଲ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବୁଧବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରବିଧାନ ସଂଗ୍ରହ ହେବାକୁ ଥିବା ୧୭ ଜିଲାର ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ସେହିପରି ସୋସାଇଟି ଗୁଡ଼ିକରେ ଫର୍ମ ଡିଜିଟାଇଜେଶନ୍ ସମୟସୀମା ଏପ୍ରିଲ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସମ୍ପୃକ୍ତ ପ୍ୟାକ୍ସ/ଲ୍ୟାମ୍ପସ୍/ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପାଣି ପଞ୍ଚାୟତ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ଚାଷୀଙ୍କୁ ନାମ ପଞ୍ଜୀକରଣ ସମୟସୀମା ବୃଦ୍ଧି ସମ୍ପର୍କିତ ସୂଚନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋସାଇଟିରେ ଚାଷୀଙ୍କ ନାମ ପଞ୍ଜୀକରଣ ବେଳେ କୋଭିଡ୍-୧୯ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କେନ୍ଦ୍ରମନ୍ତ୍ରୀଙ୍କ ନାଁ ନ ଥିବାରୁ ଭାଙ୍ଗିଲେ ଫଳକ

## କ୍ୟାବିନ୍ ଗୃହ ଉଦ୍‌ଘାଟନକୁ ନେଇ ଉତ୍ତେଜନା



କେନ୍ଦ୍ରମନ୍ତ୍ରୀଙ୍କ ସମର୍ଥକଙ୍କ ଦ୍ୱାରା ଫଳକ ଭଙ୍ଗା ହେଉଛି।

ସଜନାଗଡ଼, ୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବୁଧବାର କ୍ୟାବିନ୍ ଗୃହ ଉଦ୍‌ଘାଟନକୁ ନେଇ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଟ୍ରକ୍ ମାଲିକ ସଂଘ ପକ୍ଷରୁ ମେଡିକାଲ ପରିସରରେ ୪ଟି କ୍ୟାବିନ୍ ନିର୍ମାଣ କରାଯାଇଥିଲା। ବୁଧବାର ପୂର୍ବାହ୍ନରେ ଏହି କ୍ୟାବିନ୍ ଗୃହ ଉଦ୍‌ଘାଟନ ଲାଗି ସ୍ଥିର କରାଯାଇଥିଲା। ଉଦ୍‌ଘାଟକ ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରି ଟ୍ରକ୍ ମାଲିକ ସଂଘ ସଭାପତି ସୁରଞ୍ଜନ ମହାପାତ୍ର, ସମ୍ପାଦକ ଶାନ୍ତନୁ କୁମାର ବିଶ୍ୱାଳ ଓ ସଂଘ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ବିଧାୟକ ନାୟକ ଉଦ୍‌ଘାଟନ କରି ଯିବା ପରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମର୍ଥକମାନେ ଫଳକରେ କେନ୍ଦ୍ରମନ୍ତ୍ରୀଙ୍କ ନାଁ ନ ଥିବା ନେଇ ଏସ୍‌ଡିଏମ୍‌ଓ ଡା. ଅଜୟ କୃଷ୍ଣ ସାମଲଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପୃକ୍ତ ସମର୍ଥକମାନେ ସୂଚନା ଫଳକକୁ ଭାଙ୍ଗି ଦେଇଥିଲେ। ଫଳକ ଭଙ୍ଗା ଘଟଣାକୁ ନେଇ ଟ୍ରକ୍ ମାଲିକ ସଂଘ ସମ୍ପାଦକ ଶାନ୍ତନୁ କୁମାର ବିଶ୍ୱାଳ ଏବଂ ମେଡିକାଲ ପକ୍ଷରୁ ଏକ ମାମଲା(ନଂ.୧୧୦/୨୧) ରୁଜୁ କରାଯାଇଛି। ତବେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

ଏ ନେଇ ଗୁରୁବାର ମେଡିକାଲ କର୍ମଚାରୀ କଳାବ୍ୟାଜ୍ ପରିଧାନ କରିବେ ବୋଲି ଏସ୍‌ଡିଏମ୍‌ଓ ସାମଲ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ କୁହନ୍ତି, ଟ୍ରକ୍ ମାଲିକ ସଂଘ ରାସ୍ତାରେ ଯାଉଥିବା ଟ୍ରକ୍‌ଗୁଡ଼ିକୁ ଅଟକାଇ ଚାନ୍ଦା ଆଦାୟ କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସରରେ କ୍ୟାବିନ୍ ଗୃହ ନିର୍ମାଣ କରିଛି। ଯେଉଁଥିରେ ସର୍ବସାଧାରଣଙ୍କ ଅର୍ଥ ବ୍ୟବହାର ହୋଇଛି। ନିୟମ ଅନୁଯାୟୀ ଫଳକରେ ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କ ନାମ ରହିବା ଆବଶ୍ୟକ ଥିବାବେଳେ ହୀନ ରାଜନୀତି ଦୃଷ୍ଟିରୁ ଉକ୍ତ ଫଳକରେ ଏମ୍‌ପିଙ୍କ ନାମ ନ ଥିବାରୁ ଜନସାଧାରଣ ଏହାକୁ ବିରୋଧ କରିଛନ୍ତି।

# ଜଗତ୍‌ସିଂହପୁରର ଦୁଇ ସ୍ଥାନରେ ବୋମାମାଡ଼

**ଜଗତ୍‌ସିଂହପୁର ଅଫିସ ୭।୪:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସହରର ଦୁଇଟି ସ୍ଥାନରେ ବୁଧବାର ରାତି ସାଢ଼େ ୯ଟାରେ ବୋମା ମାଡ଼ ହୋଇଛି। ମଦ ଦୋକାନ ଲଟେରି ପ୍ରକ୍ରିୟାକୁ ନେଇ ଏଭଳି ଘଟିଥିବା କୁହାଯାଉଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଖେରସ ବଜାରଠାରେ ଥିବା ଏକ କୁକୁଡ଼ା ଦାନା ଦୋକାନ ଓ ପାକନପୁରଠାରେ ଥିବା ହାଚେରୀ ଉପରେ ବୋମାମାଡ଼ କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ୪ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ବୋମାମାଡ଼ କରିଥିବା ସିସିଟିଭି ଫୁଟେଜରୁ ଜଣାଯାଇଛି। ସୂଚନା ଅନୁସାରେ, ୨୦୨୧-୨୨ ବର୍ଷ ପାଇଁ ବୁଧବାର ଜଗତ୍‌ସିଂହପୁର ଜିଲାର ୩୦(ଦେଶୀ, ବିଦେଶୀ) ମଦ ଦୋକାନ ପାଇଁ ଲଟେରି ମାଧ୍ୟମରେ ନିଲାମ ହୋଇଥିଲା। ଉଭୟ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ବିଶ୍ୱଜିତ ପୋଥାଳଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପୋଥାଳଙ୍କ ନାମରେ ଏକ ମଦ ଦୋକାନ ଲାଟେରି ଉଠିଥିଲା। ଏହାକୁ କେନ୍ଦ୍ରକରି ବୋମାମାଡ଼ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ବିଧାୟକ ପ୍ରଦୀପ, ପାଠକ ବାପ-ପୁଅ କୋର୍ଟରେ ହାଜର ହେବେ ଆଜି

## ଟାଟା ମୋଟର୍ସ ଠକେଇ ମାମଲା

**ବ୍ରହ୍ମପୁର ଅଫିସ,୭।୪:** ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଓ ପୁଅ ଆକାଶଙ୍କୁ ଗୁରୁବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବ। ଏମାନଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏକ ଠକେଇ ମାମଲା ରୁଜୁ ହୋଇଥିଲା। ଏଥିରେ ବିଧାୟକ ପ୍ରଦୀପ ଓ ପାଠକ ବାପ-ପୁଅଙ୍କ ନାମରେ ରିମାଣ୍ଡ ଲଗାଇବା ପାଇଁ ପୋଲିସ କୋର୍ଟରେ ହାଜର କରିବ। ଏଥିପାଇଁ ବ୍ରହ୍ମପୁର ଏସ୍‌ଡିଜେଏମ୍ ଦିନିକିଆ ଟ୍ରାନ୍‌ଜିଟ୍ ରିମାଣ୍ଡ ମଞ୍ଜୁର କରିଥିବା ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ଟାଟା ମୋଟର୍ସରେ ଚାକିରି ପାଇଁ ୬ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ମାର୍ଚ୍ଚ ୨୪ରେ ବୈଦ୍ୟନାଥପୁର ଥାନାରେ କେସ୍ ନମ୍ବର ୮୧/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ୨୦୨୦ରେ ବ୍ରହ୍ମପୁରର କନଷ୍ଟେବଳ କାର୍ତ୍ତିକ ପ୍ରଧାନଙ୍କ ପୁଅ ଟାଟା ମୋଟର୍ସରେ ଚାକିରି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ଏହାପରେ ଚାକିରି ପାଇଁ କାର୍ତ୍ତିକ ୬ଲକ୍ଷ ଟଙ୍କା ଋଣ ଆଣି ବିଧାୟକ ପ୍ରଦୀପଙ୍କୁ ଦେଇଥିଲେ। ଟଙ୍କା ଦେବା ପରେ ମଧ୍ୟ ଚାକିରି ମିଳି ନ ଥିଲା। ଏଣୁ କାର୍ତ୍ତିକ ବିଧାୟକ ପ୍ରଦୀପ ଓ ପାଠକ ବାପ-ପୁଅଙ୍କର ଏଥିରେ ସମ୍ପୃକ୍ତି ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ୩ଜଣଙ୍କୁ ଜଡ଼ିତ କରିବା ପାଇଁ ପୋଲିସ କୋର୍ଟରେ ଆବେଦନ କରିଥିବା ବେଳେ ତାହା ମଞ୍ଜୁର ହୋଇଛି।


## କେଜି ସୋମାନୀ ଇନସଲ୍‌ଭେନ୍ସି ପ୍ରଫେସ୍‌ନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି

ଇନସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ

**ପରିସମାପନଧୀନ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**

ର ବିକ୍ରୟ ନୋଟିସରେ

ନିଲାମ ବିଡ୍ ଆହ୍ୱାନ କରୁଛନ୍ତି

ଇ-ନିଲାମର ତାରିଖ ଓ ସମୟ: ୧୯ ଏପ୍ରିଲ, ୨୦୨୧ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୫ ଘଟିକା

ପରିସମାପନଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ଚାଲୁ ବ୍ୟବସାୟ ଭିତ୍ତିରେ ତଥା ‘‘ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ’’, ‘‘ଯେପରି ଅଛି ଯାହା ଅଛି ଭିତ୍ତିରେ’’, ‘‘ସେଠାରେ ଯାହା ବି ଅଛି ଭିତ୍ତିରେ’’, ଏବଂ ‘‘ବିନା ଅବଲମ୍ବନ ଭିତ୍ତିରେ’’ ପରିସମ୍ପତ୍ତିଗୁଡ଼ିକର ବିକ୍ରୟର ଇ-ନିଲାମ ।

| ଇ-ନିଲାମ ତାରିଖ | ବ୍ୟବସାୟ/ ପରିସମ୍ପତ୍ତିର ପ୍ରକୃତି | ବର୍ଣ୍ଣନା | ସଂରକ୍ଷଣ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ରାଶି ଜମା (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
|---|---|---|---|---|---|
| ୧୯ ଏପ୍ରିଲ, ୨୦୨୧ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୧,୨୧,୬୬,୦୦,୦୦୦ | ୫,୦୦,୦୦,୦୦୦ | ୫୦,୦୦,୦୦୦ |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି ।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. *ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୧୯ ଏପ୍ରିଲ, ୨୦୨୧ ଦିନ ସଞ୍ଚାଳିତ ହେବ ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ ।

ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨, ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨



## ମା’ ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ

ଘଟଗାଁ, କେନ୍ଦୁଝର

**ବିଜ୍ଞାପନ**

ତା୯।୪।୨୧ରିଖ ଠାରୁ ତା୧୫।୪।୨୧ରିଖ ପର୍ଯ୍ୟନ୍ତ

ମା’ ତାରିଣୀଙ୍କ ଚଇତି ପର୍ବ ଉପଲକ୍ଷେ COVID-19 ଗାଇଡ୍‌ଲାଇନ

୧. ସମସ୍ତ ଭକ୍ତ ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ମାସ୍କ ବାଧ୍ୟତାମୂଳକ ଭାବେ ବ୍ୟବହାର କରିବେ।
୨. ମା’ଙ୍କର ଦୈନିକ ନିତିକାନ୍ତି, ସୁନାବେଶ, ଭାଗବତ ପାଠ, ହୋମ, ଚଣ୍ଡୀପାଠ ଓ ସତ୍ୟନାରାୟଣ ପୂଜା COVID-19 ଗାଇଡ୍‌ଲାଇନ ମାନି ପାଳନ କରାଯିବ।
୩. ଭକ୍ତମାନଙ୍କ ଦ୍ୱାରା କୌଣସି ପ୍ରକାର ପୂଜା ସାମଗ୍ରୀ ଯଥା- ନଡ଼ିଆ, କଦଳୀ, ଧୂପ, ଦୀପ, ସିନ୍ଦୂର ଓ ଅନ୍ୟାନ୍ୟ ସାମଗ୍ରୀ ମା’ଙ୍କ ନିକଟରେ ପୂଜା କରାଯିବ ନାହିଁ।
୪. ଚଇତି ପର୍ବରେ ତା୯।୪।୨୦୨୧ରିଖଠାରୁ ତା୧୨।୪।୨୦୨୧ରିଖ ଓ ତା୧୫।୪।୨୦୨୧ରିଖରେ ଭକ୍ତମାନେ କେବଳ ଦର୍ଶନ କରିବେ।
୫. ଚଇତି ପର୍ବରେ ତା୧୩।୪।୨୦୨୧ରିଖ ମଙ୍ଗଳବାର ଓ ତା୧୪।୪।୨୦୨୧ରିଖ ପଣାସଂକ୍ରାନ୍ତି ଦୁଇ (୨) ଦିନ ଭକ୍ତଙ୍କ ପାଇଁ ମା’ଙ୍କ ଦର୍ଶନ ବନ୍ଦ ରହିବ।
୬. ଚଇତି ପର୍ବ ଅବସରରେ ଭକ୍ତଙ୍କ ସାଧାରଣ ଦର୍ଶନ ସକାଳ ୭ ଘଟିକାଠାରୁ ଦିବା ୧୨ ଘ.୩୦ ମି. ପର୍ଯ୍ୟନ୍ତ ଓ ଅପରାହ୍ନ ୩ ଘ. ୩୦ ମି.ଠାରୁ ସନ୍ଧ୍ୟା ୭ ଘ. ପର୍ଯ୍ୟନ୍ତ ଚାଲୁରହିବ।
୭. ଭକ୍ତମାନେ ଗେଟ୍ ନଂ.୩ରେ ପ୍ରବେଶ କଲାପରେ ସାନିଟାଇଜ ହୋଇ ଦୂରତା ରକ୍ଷାକରି ବ୍ୟାରିକେଡ୍‌ରେ ଧାଡିରେ ପ୍ରବେଶ କରି ମୁଖଶାଳା ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ, ତା’ପରେ ପ୍ରସ୍ଥାନ ଦ୍ୱାର ଦେଇ ଗେଟ୍ ନଂ.-୪ରେ ନିଜ ନିଜର ଗନ୍ତବ୍ୟ ପଥରେ ପ୍ରତ୍ୟାବର୍ତ୍ତନ କରିବେ।
୮. ଚଇତି ପର୍ବରେ ପଣା ଭୋଗ ଓ ଅନ୍ନ ଭୋଗ ବିତରଣ ବନ୍ଦ ରହିବ।
୯. ମା’ ତାରିଣୀଙ୍କ ଚଇତି ପର୍ବରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ (ପାଲା, ପ୍ରବଚନ, ଲୋକ ନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ) କରାଯିବ ନାହିଁ।
୧୦. ମା’ ତାରିଣୀ ମନ୍ଦିରର ସମସ୍ତ ସେବାୟତ, କର୍ମକର୍ତ୍ତା, କର୍ମଚାରୀ COVID-19 ନିୟମ ଅନୁସାରେ ମାସ୍କ/ ସାନିଟାଇଜର ବ୍ୟବହାର କରିବା ସହିତ ସାମାଜିକ ଦୂରତା ପାଳନ କରିବେ ଓ କୌଣସି ପ୍ରକାର ଜନସମାବେଶ ହେବାକୁ ଦିଆଯିବ ନାହିଁ।
୧୧. ମା’ ତାରିଣୀ ମନ୍ଦିରକୁ ୧୦ ବର୍ଷରୁ କମ୍ ବୟସର ଶିଶୁ ଓ ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ।
୧୨. ମନ୍ଦିରରେ ଚୂଳ ସମର୍ପଣ ନିଷେଧ ରହିବ।
୧୩. ମା’ଙ୍କର ସକାଳ ଆଳତି, ଅନ୍ନ ପ୍ରସାଦ ନୀତି, ସନ୍ଧ୍ୟା ଆଳତି ଓ ପହଡ ଆଳତିରେ କୌଣସି ଭକ୍ତ ଉପସ୍ଥିତ ରହିବେ ନାହିଁ।
୧୪. ଓଡ଼ିଶା ସରକାରଙ୍କ COVID-19 ଗାଇଡ୍‌ଲାଇନ ପାଳନକରି ନିଜକୁ ସୁରକ୍ଷିତ ରଖନ୍ତୁ, ସୁସ୍ଥ ରୁହନ୍ତୁ।

ନିବେଦକ
ମା’ ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟବୋର୍ଡ
ଘଟଗାଁ, କେନ୍ଦୁଝର

ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ। ସେ ସବୁକୁ ଆଲୋକିତ କର। ଆମ ଅଭୀପ୍ସା ଏବେ ବି ମଳିନ- ତାକୁ ଶୁଦ୍ଧି କର। ଆମର କର୍ମ ଏବେ ବି ଅସମର୍ଥ -ତାକୁ ସାମର୍ଥ୍ୟପୂର୍ଣ୍ଣ କର। -ଶ୍ରୀମା

# ପ୍ରାଣୀ କଲ୍ୟାଣ ପାଠ୍ୟକ୍ରମ



ମାନେକା ଗାନ୍ଧୀ

ପାଞ୍ଚବର୍ଷ ପୂର୍ବେ ଲ'କଲେଜରେ ଆନିମଲ ୱେଲ୍‌ଫେୟାର ବା ପ୍ରାଣୀ କଲ୍ୟାଣକୁ ଏକ ବିଷୟ ଭାବେ ଆରମ୍ଭ କରିବା ପାଇଁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆର ମୁଖ୍ୟଙ୍କୁ ଅନୁରୋଧ କରିଥିଲି। ସେ ଏହା ତତ୍‌କ୍ଷଣାତ କରିଥିଲେ। ସେ ଆଇନଜୀବୀମାନଙ୍କୁ ଏକ ବାର୍ଷିକ ମୁଟ୍ କୋର୍ଟ ଆୟୋଜନ କରିବା ପାଇଁ କହିଥିଲେ। ଏବେ ନ୍ୟାଶ୍‌ନାଲ ଲ ୟୁନିଭର୍ସିଟି(ଏନ୍‌ଏଲ୍‌ୟୁ) ବେଙ୍ଗାଲୁରର ଆନିମଲ ୱେଲ୍‌ଫେୟାରର ପିଏଚ୍.ଡି ଛାତ୍ରମାନେ, ପ୍ରାଣୀ କଲ୍ୟାଣ ଉପରେ ସଚେତନ କର୍ମକର୍ତ୍ତା ଏବଂ ଅଧିକ ସଂଖ୍ୟକ ବିଚାରଶୀଳ ଜଜ୍‌ଙ୍କ ଦ୍ୱାରା ଏହା ଆୟୋଜିତ ହୋଇଛି। ପ୍ରଥମ ମୁଟ୍ କୋର୍ଟ ଏନ୍‌ଏଲ୍‌ୟୁ କଟକରେ ଆୟୋଜିତ ହୋଇଥିଲା। ଏଥିପାଇଁ ମନନ କୁମାର ମିଶ୍ରଙ୍କୁ ବହୁତ ଧନ୍ୟବାଦ।

୨୨ ବର୍ଷ ପୂର୍ବେ ଅଟଳ ବିହାରୀ ବାଜପାୟୀଙ୍କ ସହଯୋଗରେ ଆମେ ବଲାବଗଡ଼ରେ ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଆନିମଲ ୱେଲ୍‌ଫେୟାର ଗଠନ କରିଥିଲୁ। ଦୁର୍ଭାଗ୍ୟବଶତଃ ଏହା ପ୍ରସ୍ତୁତ ହେଲାବେଳକୁ ସରକାରର ପତନ ଘଟିଲା ଓ କଂଗ୍ରେସ କ୍ଷମତାକୁ ଆସିବା ପରେ ଏହାକୁ ବନ୍ଦ କରିଦେଲା। ଏବେ ଭାଜପା ତା'ଶାସନର ୭ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ତାହା ଆରମ୍ଭ କରିପାରିନାହିଁ। ପରିବେଶ ମନ୍ତ୍ରଣାଳୟ ଏହାକୁ ଜେଏନ୍‌ୟୁକୁ ଦେଲା ଓ ସେମାନେ ପାଖାପାଖି ଦୁଇବର୍ଷ ରଖିବା ପରେ ମନ୍ତ୍ରଣାଳୟକୁ ଫେରାଇଦେଲେ। ପରିବେଶ ମନ୍ତ୍ରଣାଳୟ ମଧ୍ୟ ଦୁଇବର୍ଷ ହାତ ବାନ୍ଧି ବସିପଡ଼ିଲା । ପରେ ଏହାକୁ ଲାଲା ଲଜପତ୍‌ରାୟ ୟୁନିଭର୍ସିଟି ଅଫ୍ ଭେଟେରିନାରି ଆଣ୍ଡ୍ ଆନିମଲ ସାଇନ୍ସକୁ ଦେଲା ଓ ଏହା ମଧ୍ୟ ୩ ବର୍ଷ ଧରି ଅଣଦେଖା କରିବା ପରେ ଏବେ ଏକ କୋର୍ସ ଆରମ୍ଭ କରିବା ଲାଗି ଜଣେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକଙ୍କୁ ନିଯୁକ୍ତି ଦେଇଛି। ହେଲେ ମୁଁ କିନ୍ତୁ ସବୁ ଆଶା ହରାଇଦେଇଛି। ୨୦୦୨ରେ ମୁଁ ସବୁ କୋର୍ସ ବିଷୟରେ ଉଲ୍ଲେଖ କରିଥିଲି। କିଛି ବହି ମଧ୍ୟ ପ୍ରସ୍ତୁତ କରିଥିଲି। ଏହାବାଦ୍ ଆବଶ୍ୟକ ଶିକ୍ଷକଙ୍କ ପାଇଁ ଅକ୍ସଫୋର୍ଡ , କେମ୍ବ୍ରିଜ ଏବଂ ୟୁନିଭର୍ସିଟି ଅଫ୍ ଏଡିନ୍‌ବର୍ଗ ସହ ଯୋଗାଯୋଗ କରିଥିଲି। ୟୁଏନ୍‌ଇପିରୁ ଲାଇବ୍ରେରି ପାଇଁ ଅନୁଦାନ ମଧ୍ୟ ପାଇଥିଲି। କିନ୍ତୁ କିଛି ହୋଇନାହିଁ କି ହୋଇପାରିବ ନାହିଁ। ୭ ଏକର ପରିମିତ କେନ୍ଦ୍ରରେ ଏବେ ଆନିମଲ ୱେଲ୍‌ଫେୟାର ବୋର୍ଡ ଅଫ୍ ଇଣ୍ଡିଆର ୧୦ ଜଣ ସଦସ୍ୟ ଛାତ୍ରମାନଙ୍କ ପାଇଁ ପାଳିକରି ପ୍ରତ୍ୟେକ ପ୍ରାଣୀ କଲ୍ୟାଣ ସମ୍ପର୍କରେ ତିନିଦିନିଆ ସଚେତନାଭିତ୍ତିକ କୋର୍ସ ଚଳାଉଛନ୍ତି।

ଆନିମଲ ୱେଲ୍‌ଫେୟାର କ୍ଷେତ୍ରରେ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି। ପ୍ରାଣୀ ଆଶ୍ରୟସ୍ଥଳୀ ,ଗୋଶାଳା ଏବଂ ପରୀକ୍ଷାଗାରଗୁଡ଼ିକର ପରିଚାଳକ,ଜଙ୍ଗଲ ଓ ବନ୍ୟଜନ୍ତୁ ଅଧିକାରୀ, ସହରରେ ପ୍ରାଣୀମାନଙ୍କ ପରିଚାଳନା ସହ ଜଡ଼ିତ ବ୍ୟକ୍ତି, ସହରର ସାପ ଉଦ୍ଧାରକାରୀ, ହାତୀ ଉଦ୍ଧାର କେନ୍ଦ୍ର, କୁକୁଡ଼ା ଫାର୍ମ ଓ କଂସେଇଖାନାଗୁଡ଼ିକରେ କାର୍ଯ୍ୟରତ ଲୋକମାନେ ଏ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ। ଗୋଟିଏ ମାତ୍ର କୋର୍ସ ବା ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ କାହିଁକି ଏତେ ବିଳମ୍ବ ହେଉଛି ତାହା ମୁଁ ବୁଝିପାରୁନାହିଁ। କିନ୍ତୁ ଆନିମଲ ୱେଲ୍‌ଫେୟାର ପାଇଁ ଭାରତରେ ପ୍ରଥମ ଡିଗ୍ରୀ କୋର୍ସ ଆରମ୍ଭ କରିଛି ଇନ୍ଦିରା ଗାନ୍ଧୀ ନ୍ୟାଶ୍‌ନାଲ ଓପନ୍ ୟୁନିଭର୍ସିଟି (ଆଇଜିଏନଓୟୁ-ଇଗ୍ନୁ)। ଏଥିପାଇଁ ଏହାର କୁଳପତି ପ୍ରଫେସର ନାଗେଶ୍ୱର ରାଓ ଏବଂ ପ୍ରଫେସର ପି.ଭି.କେ. ଶଶିଧରଙ୍କୁ ଧନ୍ୟବାଦ। ତୃଣମୂଳ ସ୍ତରରେ ପ୍ରଫେସର ଶଶିଧର ୩ ବର୍ଷ ଧରି ଅକ୍ଲାନ୍ତ ପରିଶ୍ରମ କରି ଆସୁଛନ୍ତି। ପ୍ରଥମ ସେଶନ୍‌ରେ ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଛାତ୍ର ରହିଛନ୍ତି। ଏହା ପିଜି ଡିପ୍ଲୋମା ଇନ୍ ଆନିମଲ ୱେଲ୍‌ଫେୟାର( ପିଜିଡିଏଡବ୍ଲ୍ୟୁ) କୋର୍ସ। ଜାନୁୟାରୀ ୨୦୨୧ ସେଶନ ପାଇଁ ଖୋଲା ରହିଛି। ଏହାର ଅନଲାଇନ ଆଡ୍‌ମିଶନ ଲିଙ୍କ- www.ignouadmission.samarth.edu.in/ ।

ପିଜିଡିଏଡବ୍ଲ୍ୟୁ ପ୍ରୋଗ୍ରାମ ସାରା ଭାରତର ପ୍ରାଣୀ କଲ୍ୟାଣ ସ୍ୱେଚ୍ଛାସେବୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ଉଦ୍ଦିଷ୍ଟ। ଇଚ୍ଛୁକ ସ୍ନାତକ ଏବଂ ସ୍ନାତକୋତ୍ତର ଡିଗ୍ରୀଧାରୀମାନେ ବି ପଢିପାରିବେ। ମୁଁ ଏହାର ଶୈକ୍ଷିକ ମାନକକୁ ମଧ୍ୟ ପସନ୍ଦ କରେ। ପ୍ରାଣୀ କଲ୍ୟାଣର ପ୍ରତ୍ୟେକ ଦିଗ ଉପରେ ମୁଁ ଲେଖିଥିବା ୩୦୦୦ରୁ ଅଧିକ ପ୍ରବନ୍ଧ ଏଥିରେ ଯୋଡ଼ିବାକୁ ଆଶା କରିଥିଲି। ସେଗୁଡ଼ିକ ଉକ୍ତ କୋର୍ସରେ ସାମିଲ ହୋଇପାରିଥାଆନ୍ତା। କିନ୍ତୁ ମୋ ସମ୍ପାଦକ ପ୍ରାୟ ୭ଟି ବହି ସଙ୍କଳନ କରିବାକୁ ପାଖାପାଖି ୫ ବର୍ଷ ନେଇଗଲେଣି। ସେ କେବେ ଏହାକୁ ଶେଷ କରିବେ ତାହା ମୁଁ ଜାଣିନାହିଁ। ବହିଗୁଡ଼ିକୁ ନ୍ୟାଶ୍‌ନାଲ ବୁକ୍ ଟ୍ରଷ୍ଟ ପ୍ରକାଶ କରିବ ବୋଲି ପ୍ରସ୍ତାବ ଦେଇଥିଲେ ମଧ୍ୟ ଏଯାବତ ପ୍ରଥମ ଭାଗ ସମ୍ପୂର୍ଣ୍ଣ ହୋଇପାରିନାହିଁ।

ଇଗ୍ନୁ ଆରମ୍ଭ କରିଥିବା ପିଜିଡିଏଡବ୍ଲ୍ୟୁ କୋର୍ସର ୪ଟି ମୁଖ୍ୟ ଭାଗ ରହିଛି। ଆନିମଲ ୱେଲ୍‌ଫେୟାର ସାଇନ୍ସ ଆଣ୍ଡ୍ ଏଥିକ୍ସ, ଆନିମଲ ୱେଲ୍‌ଫେୟାର ଇସ୍ୟୁ, ଆନିମଲ ୱେଲ୍‌ଫେୟାର ଲ' ଆଣ୍ଡ୍ ପଲିଟିକ୍ସ ଏବଂ ଆନିମଲ ୱେଲ୍‌ଫେୟାର ପ୍ରାକ୍ଟିସେସ୍ ଆଣ୍ଡ୍ ଷ୍ଟାଣ୍ଡାର୍ଡସ। ଆନିମଲ ୱେଲ୍‌ଫେୟାର କହିଲେ ସବୁ ପ୍ରାଣୀଙ୍କ କଲ୍ୟାଣକୁ ବୁଝାଏ ଓ ଏହା ମଣିଷ ଦ୍ୱାରା କୌଣସି ଉପାୟରେ ପରିଚାଳିତ ହୋଇଥାଏ। ଫାର୍ମ ଆନିମଲ ୱେଲ୍‌ଫେୟାର ଅର୍ଥ ମାଂସ ଓ କ୍ଷୀର ପାଇଁ ଫାର୍ମରେ ପାଳନ କରାଯାଉଥିବା ପ୍ରାଣୀଙ୍କ ଯତ୍ନକୁ ସୂଚାଏ। ଏହି କ୍ଷେତ୍ରରେ ପ୍ରାଣୀମାନେ ସବୁଠୁ ଅଧିକ ଯନ୍ତ୍ରଣା ପାଇଥାଆନ୍ତି। ୱେଲ୍‌ଫେୟାର ଇସ୍ୟୁ କହିଲେ ଚିଡ଼ିଆଖାନା, ପରୀକ୍ଷାଗାର ଏବଂ ବୁଲା ପ୍ରାଣୀମାନଙ୍କ କାର୍ଯ୍ୟ, ପ୍ରଦର୍ଶନ , ସହଯୋଗ, ସମ୍ବନ୍ଧିତ ବିଷୟକୁ ପ୍ରତୀତ କରେ। ଏହି ପାଠ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦେବା ଦରକାର। ୮୫ଟି ଭାଗରେ ବିଭକ୍ତ ପିଜିଡିଏଡବ୍ଲ୍ୟୁ ପ୍ରୋଗ୍ରାମରେ ଫାର୍ମରେ ରହୁଥିବା ଗୋରୁ, ମଇଁଷି, ମେଣ୍ଢା, ଛେଳି, ଘୁଷୁରି, କୁକୁଡ଼ା ଏବଂ ଭାରବାହୀ ପ୍ରାଣୀ ଗଧ ଓ ଘୋଡ଼ା ସହ କଳାକୌଶଳ ପ୍ରଦର୍ଶନ କରୁଥିବା ପ୍ରାଣୀମାନଙ୍କ କଲ୍ୟାଣ, ବିଜ୍ଞାନ, ସମସ୍ୟା, ନୀତି ନିୟମ ଏବଂ ମାନକ ବିଷୟଗୁଡ଼ିକ ସନ୍ନିବେଶିତ। ଇଂଲଣ୍ଡର ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଦି ଜିନି ମାର୍ଚ୍ଚିଂ ଇଣ୍ଟରନ୍ୟାଶ୍‌ନାଲ ସେଣ୍ଟର ଫର୍ ଆନିମଲ ୱେଲ୍‌ଫେୟାର ଏଡୁକେଶନର ସହଭାଗିତାରେ ଏହି ସବୁ ଭାଗଗୁଡ଼ିକୁ ବିକାଶ କରାଯାଇଛି।

ଏହା ଏକ ବର୍ଷିଆ ପାଠ୍ୟକ୍ରମ। ଯେ କୌଣସି ବିଷୟରେ ଡିଗ୍ରୀ ହାସଲ କରିଥିଲେ ଏହା ପଢିପାରିବେ। ଏହାର ଦୁଇଟି ଲକ୍ଷ୍ୟ ରହିଛି। ମୁକ୍ତ ଓ ଦୂରଶିକ୍ଷା ମାଧ୍ୟମରେ ବିଜ୍ଞାନ ଆଧାରିତ ପ୍ରାଣୀ କଲ୍ୟାଣ ଶିକ୍ଷା ପ୍ରଦାନ କରିବା ଓ ପ୍ରାଣୀ କଲ୍ୟାଣକୁ ନେଇ ସାମାଜିକ ଉତ୍ତରଦାୟିତ୍ୱ ସମ୍ପନ୍ନ ନିଷ୍ପତ୍ତି ନେବାରେ ଜଡ଼ିତ ବ୍ୟକ୍ତିମାନଙ୍କ ଦକ୍ଷତା ବୃଦ୍ଧି କରିବା । ଏହି ପାଠ୍ୟକ୍ରମ ପାଇଁ ମୋଟ ଫି ରହିଛି ୫୪୦୦ ଟଙ୍କା। ପ୍ରାଣୀମାନଙ୍କ ସେବା ତଥା କଲ୍ୟାଣ ପ୍ରତି ରୁଚି ରଖିଥିବା ସମସ୍ତ ଯୁବପିଢି, ପ୍ରାଣୀ କଲ୍ୟାଣ ସଂସ୍ଥା, ଏନଜିଓ, ଗୋଶାଳାଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟ, ଗବେଷଣା ସଂସ୍ଥା, ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଶିକ୍ଷାଦାନ କରୁଥିବା ବ୍ୟକ୍ତି, ଗବେଷକ, ବୈଷୟିକ କର୍ମଚାରୀ, ସ୍ନାତକୋତ୍ତର କିମ୍ବା ପିଏଚ୍.ଡି ଛାତ୍ରମାନେ ମଧ୍ୟ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ରାଜ୍ୟ ତଥା କେନ୍ଦ୍ର ସରକାର, ପାରାମିଲିଟାରି ଫୋର୍ସରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କ ପାଇଁ ଏହା ଉନ୍ମୁକ୍ତ। ରାଜ୍ୟ ପ୍ରାଣୀ କଲ୍ୟାଣ ବୋର୍ଡର ସଦସ୍ୟ, ସିଭିଲ୍ ସର୍ଭାଣ୍ଟ, ବନ ବିଭାଗ, ଚିଡ଼ିଆଖାନା ଏବଂ ବନ୍ୟଜୀବ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟକରୁଥିବା ଅଧିକାରୀ ଏବଂ ଗବେଷକମାନେ ଏହି କୋର୍ସ କରିପାରିବେ। ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ଏବଂ ଜୁଲୋଜି ଡିପାର୍ଟମେଣ୍ଟ ଅଧୀନରେ ଥିବା ଫାକଲ୍‌ଟି ଏବଂ ରିସର୍ଚ୍ଚ ସ୍କଲାରମାନେ ବି ଏଥିରେ ପ୍ରବେଶ କରିବାର ସୁବିଧା ରଖାଯାଇଛି। ଆନିମଲ ୱେଲଫେୟାର ଆଇନ ସହ ଜଡ଼ିତ ଆଇନଜୀବୀ ଏବଂ ପୋଲିସ କର୍ମଚାରୀମାନେ ବି ଏହା ପଢିପାରିବେ। ଆନିମଲ ୱେଲଫେୟାର ପ୍ରଫେଶନାଲ କ୍ୟାରିୟର କରିବାକୁ ଚାହୁଁଥିବା ସ୍ନାତକ ଡିଗ୍ରୀଧାରୀମାନେ ବି ପିଜିଡିଏଡବ୍ଲ୍ୟୁ କୋର୍ସରେ ପ୍ରବେଶ କରିବାର ବ୍ୟବସ୍ଥା ରଖାଯାଇଛି। ମୋ ମତରେ,ଏକ ଉନ୍ନତ ଭାରତ ପାଇଁ ଏହି ପାଠ୍ୟକ୍ରମକୁ ସବୁ ସ୍କୁଲ୍‌ରେ ବାଧ୍ୟତାମୂଳକ କରିବା ଦରକାର।

ନୂଆଦିଲ୍ଲୀସ୍ଥିତ ଇଗ୍ନୁର ସ୍କୁଲ୍ ଅଫ୍ ଏକ୍ସଟେନ୍‌ଶନ ଆଣ୍ଡ୍ ଡିପାର୍ଟମେଣ୍ଟର ପ୍ରୋଗ୍ରାମ କୋର୍ଡିନେଟର ବା ସଂଯୋଜକ ପ୍ରଫେସର ପି.ଭି.କେ .ଶଶିଧରଙ୍କୁ (e-mail: pvk-sasidhar@ignou.ac.in) ସବୁ ଶ୍ରେୟ ଦିଆଯାଇପାରେ। ସେ ୨୦୦୩ରୁ ୨୦୦୯ ଯାଏ ଆଇସିଏଆର୍‌ର ଏଗ୍ରିକଲଚରାଲ ରିସର୍ଚ୍ଚ ସର୍ଭିସରେ ରହିଥିଲେ। ୨୦୦୮ରେ ଆମେରିକାର ଟୁସକିଗି ୟୁନିଭର୍ସିଟିରେ ୟୁଏସ୍‌ଡିଏର ଏବଂ ୨୦୧୫ରେ ମିଚିଗାନ ଷ୍ଟେଟ୍ ୟୁନିଭର୍ସିଟିର ୟୁଏସଏଆଇଡି ଫେଲୋ ରହିଥିଲେ। ଯଦି ତୁମେ ଏହି କେର୍ସରେ ଯୋଗଦେବାକୁ ଚାହୁଁଛ, ତେବେ ଏହା ହିଁ ତୁମମାନଙ୍କ ପାଇଁ ଠିକ୍ ସମୟ। ଏହାକୁ ଆହୁରି ଭଲ କରିବା ଲାଗି ଯଦି ତୁମ ପାଖରେ କିଛି ପ୍ରସ୍ତାବ ବା ପରାମର୍ଶ ରହିଛି ତେବେ ପ୍ରଫେସର ଶଶିଧରଙ୍କ ନିକଟକୁ ଲେଖନ୍ତୁ। ଶ୍ରୀଲଙ୍କା ଏବଂ ନେପାଳରେ ପ୍ରାଣୀ କଲ୍ୟାଣ କ୍ଷେତ୍ରରେ ରହିଥିବା କାର୍ଯ୍ୟକର୍ତ୍ତାଙ୍କ ପାଇଁ ମୁଁ ମଧ୍ୟ ଏହି କୋର୍ସ ଲାଗି ସୁପାରିସ କରିବି।

Email: gandhim@nic.in

## ଦିନରେ ଧୂଆଁ, ରାତିରେ ନିଆଁ



ଘାସିରାମ ପଣ୍ଡା

ଖରା ବଢ଼ିବା ସହିତ ଜଙ୍ଗଲରେ ନିଆଁ ବି ବଢ଼ିପାରେ। ବୈଷୟିକ ଜ୍ଞାନକୌଶଳ ସହାୟତାରେ ବିଭାଗ ପାଖକୁ ପ୍ରତିଦିନ ଜଙ୍ଗଲ ନିଆଁର ସ୍ଥିତି ପହଞ୍ଚିଯାଉଛି। ତେଣୁ ଆଉ ଚିନ୍ତା ନାହିଁ। ସୂଚନା ଆଧାରରେ ବିଭାଗ ନିଆଁକୁ ଆୟତ୍ତ କରିବାର ପ୍ରୟାସ କରୁଛି। ଗତ କିଛି ବର୍ଷ ହେଲା ବିଭାଗ ଏହି କୌଶଳକୁ ବ୍ୟବହାର କରିଆସୁଥିଲେ ବି ଏଥର ଜଙ୍ଗଲ ନିଆଁକୁ ନେଇ ଗଣମାଧ୍ୟମ ବିଶେଷ ମୁଖରିତ ହେଲା ପରେ ଅନେକ କଥା ସାଧାରଣ ଲୋକେ ଜାଣିଲେ। ସରକାର ଏଥିପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କଲେ ଓ ସେମାନେ ନିଜର ଉତ୍ତରଦାୟିତ୍ୱକୁ ଯଥାର୍ଥ କରିବା ପାଇଁ ଅନେକ ସୂଚନା ସାଧାରଣରେ ପ୍ରକାଶ କଲେ।

ଲୋକେ କାହିଁକି ନିଆଁ ଲଗେଇ ଦେଉଛନ୍ତି ବୋଲି ଭାବି ଅନେକେ ବ୍ୟଥିତ ହେଉଛନ୍ତି। କେହି କେହି 'ଅସଭ୍ୟ'ର ପ୍ରତିଶବ୍ଦ ଭାବରେ 'ଜଙ୍ଗଲୀ'କୁ ବ୍ୟବହାର କରି ଜଙ୍ଗଲନିବାସୀଙ୍କ ଚାରିପୁରୁଷ ବି ଉଦ୍ଧାର କରିଦେଉଛନ୍ତି। ହେଲେ ବୁଝିବା କଥା ଯେ, ଆମ ପାଇଁ ଜଙ୍ଗଲ ଅମ୍ଳଜାନ, ପରିବେଶ ବା ଆମୋଦସ୍ଥଳି ହୋଇପାରେ ; ହେଲେ ବନବାସୀଙ୍କ ପାଇଁ ବସତି ଓ ଜୀବନଜୀବିକାର ଉତ୍ସ। ସେମାନେ 'ଆପଣା ହସ୍ତେ ଜିହ୍ୱା ଛେଦି' ଭଳି ପଦକ୍ଷେପ ନେବେ କାହିଁକି? ଯଦି ସେଭଳି ହେଉଛି ଏବଂ ସ୍ଥିତିରେ ଆମେ ପରିବର୍ତ୍ତନ ଚାହୁଁଛେ, ତା'ହେଲେ ଲୋକଙ୍କ ଭିତରେ ଏ ବ୍ୟାବହାରିକ ପରିବର୍ତ୍ତନ କେବେଠୁ ଓ କାହିଁକି ହେଲା ଜାଣିବାକୁ ପଡ଼ିବ।

ମହୁଲ ଗୋଟାଉଥିବା ଲୋକଙ୍କୁ ନିଆଁ ଲଗେଇବା ପାଇଁ ବେଶି ଦାୟୀ କରାଯାଏ। ନିକଟରେ ଦେବଗଡ଼ ଜିଲାର ରିଆମାଳ ଯାଉଥିବା ବେଳେ କିଛି ମହୁଲ ଗୋଟାଉଥିବା ଲୋକଙ୍କ ସହ ଆଲୋଚନା କରିବାର ଅବକାଶ ମିଳିଲା। ପଚାରିଲି, ମହୁଲ ଗୋଟେଇବା ପାଇଁ ନିଆଁ ଲଗାଉଛନ୍ତି କି? ସେମାନେ କହିଲେ, 'ହଁ! ହେଲେ ଏହା ଆମ ନିୟନ୍ତ୍ରଣରେ ଥାଏ- ସେମାନେ ଯୋଡ଼ିଲେ। ସେମାନଙ୍କ ମତରେ, ନିଆଁ ନିୟନ୍ତ୍ରଣରେ ରହିଲେ ଖରାପ ନୁହେଁ। ଏହା ଜଙ୍ଗଲର ଶୁଖିଯାଇଥିବା ଅନାବନା ବୁଦାକୁ ପୋଡ଼ିଦିଏ। ଏହା ଦ୍ୱାରା ନୂଆ ଘାସ ଭଲରେ ହୁଏ। ଅନେକ ପ୍ରଜାତିର ମଞ୍ଜି ନିଆଁରେ ବା ତତଲା ମାଟିରେ ପଡ଼ିଲା ପରେ ଗଜା ହୁଏ। ଅଧିକ ଦିନ ପତ୍ର ଓ କୁଟା ପଡିଥିବା ଅଞ୍ଚଳରେ ନିଆଁ ଧରିଲେ ବେଶିଦିନ ନିଆଁ ରହେ, ଯାହା ଜଙ୍ଗଲକୁ ବେଶି କ୍ଷତି କରେ। ଏଣୁ ମଝିରେ ମଝିରେ ନିୟନ୍ତ୍ରଣ ଭିତରେ ନିଆଁ ରହିଲେ ଜଙ୍ଗଲ ଓ ଜଙ୍ଗଲନିବାସୀ ଉଭୟ ପରିପୁଷ୍ଟ ହୁଅନ୍ତି। ଜଙ୍ଗଲ ନିଆଁ ତଳେ ଥିବା ଅବସ୍ଥାରେ ନିୟନ୍ତ୍ରଣ ହୋଇପାରିଲେ ଜଙ୍ଗଲକୁ ବିପଦ ନାହିଁ। ଆମେ ଦିନରେ ଧୂଆଁ ଓ ରାତିରେ ନିଆଁ ଦେଖି ଜଙ୍ଗଲ ନିଆଁର ସ୍ଥିତିକୁ ଆକଳନ କରୁ ଓ ସେହି ଅନୁସାରେ ଗାଁ ଲୋକେ ମିଶି ନିଆଁକୁ ନିୟନ୍ତ୍ରଣ କରୁ। ହେଲେ ଏବେ ଏଥିପାଇଁ ଜଙ୍ଗଲ ବିଭାଗକୁ ପଇସା ଆସୁଛି। ସେମାନେ ଲୋକ ଲଗେଇ ନିଆଁ ଲିଭାଉଛନ୍ତି। ଆମ ସହିତ କିଛି ଆଲୋଚନା ହେଉ ନାହିଁ, ବରଂ ଆମକୁ ଏଥିପାଇଁ ଦାୟୀ କରୁଛନ୍ତି।

ଜଙ୍ଗଲ ନିଆଁକୁ ନେଇ ସହରୀ ପରିବେଶପ୍ରେମୀ ଓ ଜଙ୍ଗଲବାସିନ୍ଦାଙ୍କ ଚିନ୍ତନ ଭିତରେ ଅନେକ ଫରକ ଥିଲା। ଲୋକ ସ୍ମୃତିରେ ଥିବା ଏଭଳି ପାରମ୍ପରିକ ଜ୍ଞାନ ଓ ତା'ର ପ୍ରୟୋଗକୁ ଆମେ ଅବହେଳା କରି ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ନିର୍ଭର କରୁଛୁ ସିନା, ଏବେ ବି ସେମାନଙ୍କ ସହଯୋଗ ବିନା ସମସ୍ୟାର ସମାଧାନ ସମ୍ଭବ ହୋଇପାରୁ ନାହିଁ।

ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ ପ୍ରସ୍ତୁତ ଜଙ୍ଗଲ ନିଆଁ ବିପର୍ଯ୍ୟୟ ପରିଚାଳନା ପୁସ୍ତିକାରେ ମଧ୍ୟ ଜଙ୍ଗଲ ନିଆଁକୁ ଜଙ୍ଗଲ ପରିସଂସ୍ଥାନର ଏକ ଅଂଶ ଭାବରେ ଓ ଜଙ୍ଗଲ ପରିଚାଳନାର ଏକ ପାରମ୍ପରିକ ଉପାୟ ଭାବରେ ଦେଖାଇବାକୁ ପରାମର୍ଶ ଦିଆଯାଇଛି। ଇଂଲଣ୍ଡ, ଆମେରିକା, କାନାଡା ଭଳି ଦେଶଗୁଡ଼ିକରେ ଜଙ୍ଗଲର ଅଭିବୃଦ୍ଧି ପାଇଁ ପ୍ରତି ୧୦-୧୨ ବର୍ଷରେ ନିୟନ୍ତ୍ରିତ ଢଙ୍ଗରେ ନିଆଁ ଲଗାଯାଏ। ଦେବଗଡ଼ର ସେ ଗାଁ ଲୋକେ କହିଥିବା କଥାକୁ ବିଜ୍ଞାନସମ୍ମତ ଭାବେ ଜାତୀୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ ମଧ୍ୟ ସ୍ୱୀକୃତି ଦେଉଛି। ଦୁଇ ବର୍ଷ ପୂର୍ବେ ଡ. ନୀତୀନ ରାଏ, ଡ. ରମନ ସୁକୁମାର ପ୍ରମୁଖ ଦେଶର ୬ ଜଣ ବରିଷ୍ଠ ବୈଜ୍ଞାନିକ ଜଙ୍ଗଲ ନିଆଁର ଆବଶ୍ୟକତା ଓ ପାରମ୍ପରିକ ପ୍ରକ୍ରିୟାରେ ତା'ର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ଖୋଲାପତ୍ର ଲେଖିଥିଲେ। ସେମାନଙ୍କ ଗବେଷଣା ଅନୁଯାୟୀ, ୬୦ ହଜାରରୁ ଅଧିକ ବର୍ଷ ହେବଣି ଜଙ୍ଗଲରେ ନିଆଁ ଲାଗି ଆସୁଛି। ଜଙ୍ଗଲକୁ ପ୍ରାକୃତିକ କୁହାଯାଉଥିଲେ ହେଁ ଏହାର ସୃଷ୍ଟି ଓ ପୁନଃ ଜନନରେ ନିଆଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେବେ ଆଧୁନିକ ଜ୍ଞାନକୌଶଳ ସହ ଦିନରେ ଧୂଆଁ- ରାତିରେ ନିଆଁ ଭଳି ପାରମ୍ପରିକ ଜ୍ଞାନର ବିନିଯୋଗ କଲେ, ବିଭାଗ ଲୋକଙ୍କ ବିଶ୍ୱାସଭାଜନ ହେବ ଓ ବେଳ ଥାଉ ବନ୍ଧ ବାନ୍ଧିପାରିବ।

ସୁବର୍ଣ୍ଣପୁର, ମୋ-୯୪୩୮୩୪୧୭୯୪

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀ ଅନେକଙ୍କ ଜୀବିକା ଛଡ଼ାଇ ନେଇଥିବାବେଳେ ନୀତିନ ଭରଦ୍ୱାଜଙ୍କୁ ନୂତନ କାର୍ଯ୍ୟ କରିବାକୁ ବାଟ ଦେଖାଇଛି । ଚମ୍ପାରନ ଜିଲାର ମୁରେରା ଗାଁର ବାସିନ୍ଦା ନୀତିନଙ୍କ ବୟସ ୨୮। ସେ ଦିଲ୍ଲୀରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କମ୍ପ୍ୟୁଟର ପ୍ରଫେଶନାଲ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ଛାଡ଼ି ଗାଁରେ 'ଭରଦ୍ୱାଜ ପର୍ଲ ଫାର୍ମ ଆଣ୍ଡ୍ ଟ୍ରେନିଂ ସେଣ୍ଟର' ପ୍ରତିଷ୍ଠା କରି ଏହି ଚାଷ କରୁଛନ୍ତି। ଏବେ ସେ ଏଥିରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମହାମାରୀରେ ଜୀବିକା ହରାଇ ଗାଁକୁ ଫେରି ଆସିଥିବା ପ୍ରବାସୀ ଶ୍ରମିକମାନଙ୍କୁ ସେ ତାଙ୍କ ଫାର୍ମରେ ନିଯୁକ୍ତି ଦେଇଛନ୍ତି। କାର୍ଯ୍ୟରତ ଶ୍ରମିକମାନେ ମାସକୁ ପାଖାପାଖି ୭୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି। କେବଳ ଏତିକି ନୁହେଁ ସେ ମୁକ୍ତା ଚାଷ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସ୍ଥାନୀୟ ମତ୍ସ୍ୟ ବିଭାଗ ସହଯୋଗରେ ଏହି କାର୍ଯ୍ୟ କରୁଛନ୍ତି। ନୀତିନ ଉତ୍ପାଦିତ ମୁକ୍ତାକୁ ଏବେ ମୁମ୍ବାଇ, ଦିଲ୍ଲୀ ଓ କୋଲକାତାରେ ବିକ୍ରି କରୁଛନ୍ତି। ଏହାବାଦ୍ ଚାଇନା ଏବଂ ଜାପାନକୁ ମଧ୍ୟ ରପ୍ତାନି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୬

- ମୁଜାଫର ନଗର ଗୁଳିକାଣ୍ଡ ଘଟଣାରେ ଜିଲା ମାଜିଷ୍ଟ୍ରେଟ୍ ଏବଂ ଏସ୍‌ପିଙ୍କ ବିରୋଧରେ ସିବିଆଇ ପକ୍ଷରୁ ମକଦ୍ଦମା ରୁଜୁ।
- ତାମିଲନାଡୁର ଦକ୍ଷିଣ ଭଲ୍ଲାଲରର ସେଟିଆଥୋପ ନିକଟରେ ଏକ ଆଖୁ ବୋଝେଇ ଟ୍ରକ୍ ଓଲଟିପଡ଼ିବା ଫଳରେ ୧୫ ମୃତ।
- ରାମ ଜନ୍ମଭୂମି ସ୍ଥଳକୁ ଯାଉଥିବା ବେଳେ ଦିଗମ୍ବର ଆଖଡ଼ାଠାରେ ପୋଲିସ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଅଶୋକ ସିଂଘାଲଙ୍କ ସମେତ ୧୫୦ ସାଧୁ, ସନ୍ଥ ଓ ମହାନ୍ତଙ୍କୁ ଗିରଫ କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 9 | | | | 1 | |
| | 5 | | | | | 3 | 6 | |
| | | | | 2 | | | 7 | |
| | 2 | | 3 | | | | | |
| | | 6 | | 9 | | 4 | | 3 |
| | 3 | | 6 | | 8 | 9 | | |
| | | | 1 | | | | 9 | |
| 9 | | 2 | | 4 | | | | |
| | | | | | | 6 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 1 | 3 | 4 | 8 | 2 | 6 |
| 2 | 4 | 1 | 7 | 6 | 8 | 5 | 9 | 3 |
| 3 | 8 | 6 | 9 | 2 | 5 | 7 | 4 | 1 |
| 8 | 2 | 4 | 3 | 7 | 1 | 9 | 6 | 5 |
| 1 | 9 | 5 | 2 | 8 | 6 | 3 | 7 | 4 |
| 6 | 7 | 3 | 5 | 4 | 9 | 1 | 8 | 2 |
| 4 | 1 | 8 | 6 | 9 | 3 | 2 | 5 | 7 |
| 5 | 6 | 2 | 8 | 1 | 7 | 4 | 3 | 9 |
| 7 | 3 | 9 | 4 | 5 | 2 | 6 | 1 | 8 |

ଗତକାଲିର ଉତ୍ତର

# ମହାଭାରତ-ଚମ୍ପାରଣ-ନୂଆଦିଲ୍ଲୀ ସୀମା



ତୁଷାରକାନ୍ତ

ଖ୍ରୀଷ୍ଟପୂର୍ବ ୩୦୬୭ ନଭେମ୍ବର ବାଇଶ ତାରିଖରେ ଧର୍ମସ୍ଥଳ ବୋଲି ବିଦିତ କୁରୁକ୍ଷେତ୍ରରେ ପାଣ୍ଡବ ଓ କୌରବ ପକ୍ଷ 'ସାତଟି ପଡ଼ା ବନାମ ବିନା ଯୁଦ୍ଧେ ଦେବି ନାହିଁ ସୂଚ୍ୟଗ୍ର ମେଦିନୀ' ଜିଦିରେ ଯୁଦ୍ଧ ଆରମ୍ଭ କରିଥିଲେ। ଅବଶ୍ୟ, କେହି କେହି ଯୁକ୍ତି କରିପାରନ୍ତି ଯେ, 'ଯାହାଙ୍କ ବିନା ଇଙ୍ଗିତରେ ଦୂବଘାସ ବି କଅଁଳେ ନାହିଁ, ସେ ଚାହିଁଥିଲେ ତ ଯୁଦ୍ଧକୁ ଏଡ଼େଇ ଦେଇପାରିଥା'ନ୍ତେ। ଅତଏବ, 'ସିନେମାର ବିଷୟବସ୍ତୁ ପରି ଏହା ଏକ କାଳ୍ପନିକ ଗପ'। ତେବେ, ଆମେ ସିଆଡ଼େ ନ ଯାଇ, ଏବେ ତାହାର ପୁନରାବୃତ୍ତି ସେଇ କୁରୁକ୍ଷେତ୍ର ଅଞ୍ଚଳରେ ଦେଖିବାକୁ ପାଉଛେ, 'ତିନୋଟି ଆଇନ ଫେରାଇ ନିଅ ଓ ନାହିଁ ନାହିଁ ନାହିଁ' ରଡ଼ିରେ କୁରୁକ୍ଷେତ୍ର ପ୍ରକମ୍ପିତ ଜରିଆରେ। କେବଳ ଜମି ଓ ପେଟ ପାଇଁ ଏତେ ନାଟ।

ଖ୍ରୀଷ୍ଟପର ତା ୧୮.୦୭.୦୦୬୪ରୁ ଛଅଦିନ ବ୍ୟାପୀ ରୋମନଗରୀ ଜଳିଯାଇ, ସହରର ସତୁରିଭାଗ ସମ୍ପତ୍ତିକୁ ପୋଡ଼ି ଦେଇଥିଲା। ପଚାଶଭାଗ ଲୋକ ଗୃହଶୂନ୍ୟ ହୋଇଥିଲେ। 'ନିଜର ନୂତନ ରାଜପ୍ରାସାଦ ଓ ବଗିଚା' ଇତ୍ୟାଦି ପାଇଁ ଜମି ଯୋଗାଡ଼ କରିବାକୁ ସମ୍ରାଟ ନୀରୋ ଏପରି କରାଇ ଓ ଏଥିରେ ଆନନ୍ଦିତ ହୋଇ ସେତେବେଳେ ଆନନ୍ଦରେ ବଂଶୀ ଭଳି ଏକ ବାଦ୍ୟ ବଜାଉଥିଲେ ବୋଲି କୁହାଯାଏ। ମାତ୍ର ୩୦ ବର୍ଷ ବୟସରେ ସେ ଆତ୍ମହତ୍ୟା କରିଥିଲେ। ମାତ୍ର ଜମି ପାଇଁ ତାଙ୍କର ସେପରି ବଳିଦାନ ପ୍ରାୟ ୨୦୦୦ ବର୍ଷ ପରେ ସଫଳ ହେଉଛି। ବର୍ତ୍ତମାନ ସମଗ୍ର ପୃଥିବୀରେ ଅନେକ ଭୂମି, କତିପୟଙ୍କ ହାତରେ ଓ ଆଉ ଯାହା ଅନ୍ୟମାନଙ୍କ ପାଖରେ ଅଛି, ଅଚିରେ, ତାହା ବି ସେମାନଙ୍କ ପାଖକୁ ଯିବ। ଆମର ବି ନୂଆ ସଂସଦ ଓ ପ୍ରାସାଦମାନ ଗଢ଼ାଚାଲିଛି, ସବୁ ସେଇ 'ଭୂମିର ନାଟ'।

ଏବେ ଆମେ ଅଷ୍ଟାଦଶ ଶତାବ୍ଦୀକୁ ଆସିବା। ଫ୍ରାନ୍ସର ଲୋକେ ଖାଇବାକୁ ନ ପାଇ ରାଜପ୍ରାସାଦ ଆଗରେ 'ରୁଟି ଦିଅ, ରୁଟି ଦିଅ' ବୋଲି ଚିତ୍କାର କରନ୍ତେ, ରାଣୀ ମ୍ୟାରୀ ଆଣ୍ଟୋନିଓଟେ କହିଥିଲେ 'ରୁଟି ନ ଥିଲେ ପିଠା ଖାଅ' ଓ ତାଙ୍କ ସ୍ୱାମୀ ରାଜା ଷୋଡ଼ଶ ଲୁଇ ଚୁପ ରହିଥିଲେ। ରାଜା ଷୋଡ଼ଶ ଲୁଇଙ୍କୁ ତା ୨୧.୦୧.୧୭୯୩ରେ ଓ ରାଣୀଙ୍କୁ ତା୧୬.୧୦.୧୭୯୭ରେ ଗିଲୋଟିନ ଯନ୍ତ୍ର ସାହାଯ୍ୟରେ ଫାଶୀ ଦିଆଯାଇଥିଲା। ଏବେ କିନ୍ତୁ ରୁଟି ପାଇଁ ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କିଆ ଆହାର ଯାହାକୁ ଯେତେ। ଚାଷୀ ଋଣଭାର ସହି ନ ପାରି ନିଜେ ନିଜକୁ ଫାଶୀ ଲଗେଇଦେଲେ, ଯେଉଁମାନଙ୍କ ଯୋଗୁ ଏପରି ଅବସ୍ଥା, ସେଇ ଶାସକଗଣ କହୁଛନ୍ତି 'ଅଧିକ ଖାଇ ଅଜୀର୍ଣ୍ଣ ହେବାରୁ, କଷ୍ଟ ସହି ନ ପାରି, ପରିବାରବର୍ଗଙ୍କ ପାଇଁ ଯଥେଷ୍ଟ ଅନୁଦାନ ଲୋଭରେ ବା ପାରିବାରିକ ଗଣ୍ଡଗୋଳରୁ ସେମାନେ ଆତ୍ମହତ୍ୟା କରିଛନ୍ତି। ସବୁ ସେଇ 'ଜମି ଓ ପେଟର ନାଟ'।

ଆଉ ଏହା ବିରୋଧରେ ମଧ୍ୟ ଯୁଗେ ଯୁଗେ ପ୍ରତିବାଦ ହୋଇ ଆସୁଛି। କେହି ସଶସ୍ତ୍ର ସଂଗ୍ରାମ କଲାବେଳକୁ ଆଉ କେହି ଅନ୍ୟ ଉପାୟରେ ତଥା ନିଜ ଲେଖା ଜରିଆରେ ଏ ବାବଦରେ ବୁଝେଇବାକୁ ଚେଷ୍ଟା କରି ଆସୁଛନ୍ତି। ମହାନ୍ ସମାଜ ସଂସ୍କାରକ ଭକ୍ତ ଚରଣ ଦାସ, ତାଙ୍କ 'ମନବୋଧ ଚଉତିଶା' ଲେଖାରେ ଆହ୍ୱାନ ଦେଇ ଲେଖିଛନ୍ତି 'କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ-କି ଘେନି ଯିବୁ ତୋର ଛୁଟିଲେ ଘଟରେ'। ପୃଥିବୀର ଅନ୍ୟତମ ମହାନ୍ ଲେଖକ ଲିଓ ଟଲଷ୍ଟୟ ଲେଖିଛନ୍ତି 'ଜଣେ ବ୍ୟକ୍ତିଙ୍କୁ କେତେ ଭୂମି ଦରକାର' ନାମକ ଗଳ୍ପ କିନ୍ତୁ କିଛି ଫଳ ହୋଇନାହିଁ।

ବିଂଶ ଓ ଏକବିଂଶ ଶତାବ୍ଦୀରେ ସେଇ ଭୂମି ଉପରେ ଅଧିକାରକୁ ନେଇ ସବଳମାନଙ୍କ ଦ୍ୱାରା ନୂଆ ଫନ୍ଦିଫିକରର ସୂତ୍ର ପ୍ରୟୋଗ କରାଯିବା ବେଳକୁ ଦୁର୍ବଳମାନେ ବି ନୂଆ ନୂଆ ବାଟରେ ତା'ର ପ୍ରତିରୋଧ କରୁଛନ୍ତି, ଯାହାର ସଦ୍ୟତମ ପରୀକ୍ଷାନିରୀକ୍ଷା ଚାଲିଛି ଦିଲ୍ଲୀ ଦରବାର ଓ ଦିଲ୍ଲୀ ସୀମାନ୍ତବର୍ତ୍ତୀ ଇଲାକାରେ। ଆମ ଦେଶ ପରାଧୀନ ଥିବା ସମୟରେ, ଦେଶର ପ୍ରଥମ ଅସହଯୋଗ ଆନ୍ଦୋଳନ ଅବିଭକ୍ତ ବିହାର ପ୍ରଦେଶ ଅନ୍ତର୍ଗତ ଚମ୍ପାରଣ ଅଞ୍ଚଳର ନୀଳଚାଷୀମାନଙ୍କ ଦ୍ୱାରା ସଂଗଠିତ ହୋଇଥିଲା ୧୯୧୭ରେ। ଭାଗଚାଷୀଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ସେଠାର ଜମି ବଡ଼ ବଡ଼ ଜମିଦାରଙ୍କ ଅଧୀନରେ ଥିଲା। ଜମିଦାରମାନେ ଗ୍ରାମଗୁଡ଼ିକୁ ଠିକାଦାରମାନଙ୍କୁ ଲିଜ ସୂତ୍ରରେ ଦେଉଥିଲେ। ସେମାନଙ୍କ ଭିତରୁ ପ୍ରମୁଖ ଥିଲେ ୟୁରୋପର ନୀଳ ଚାଷ କରୁଥିବା ଠିକାଦାରମାନେ। ଏମାନେ ଚାଷୀଙ୍କଠାରୁ ଖଜଣା ନେବା ସହିତ ସେମାନଙ୍କ ଉପରେ ଅତ୍ୟାଚାର କରୁଥିଲେ।ଚାଷୀମାନେ, ଗୋଟିଏ ବିଘା (ଏକ ଏକର=୧.୬ ବିଘା) ଜମିରୁ ପାଞ୍ଚକାଠାରେ (ଏକ କାଠା ହେଉଛି ୪ ଡିସିମିଲ ଜମି) ୟୁରୋପର ଲୁଗାକଳରେ ବ୍ୟବହୃତ ହେଉଥିବା ନୀଳରଙ୍ଗ ପାଇଁ ନୀଳଫସଲ ଚାଷ କରିବାକୁ ବାଧ୍ୟ ହେଉଥିଲେ। ଶେଖ ଗୁଲାବ, ହରିବଂଶ ସହାୟ, ପୀର ମହମ୍ମଦ ମୁନସୀ, ସନ୍ତ ରାଓ୍ୱତ ଓ ଲୋମରାହ ସିଂହ ଆଦିଙ୍କ ନେତୃତ୍ୱରେ ଆନ୍ଦୋଳନ ଯୋଗୁ ପାଞ୍ଚକାଠା ବଦଳରେ ତିନିକାଠା ଜମିରେ ନୀଳଚାଷ ପାଇଁ ବାଟ ଫିଟିଥିଲା।

ଏଭଳି ବ୍ୟବସ୍ଥା ଦ୍ୱାରା ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଯଥେଷ୍ଟ ଜମି ରହୁ ନ ଥିବାରୁ, ରାଜକୁମାର ଶୁକ୍ଳା ନାମକ ଜଣେ ବିପ୍ଳବୀ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଗଣେଶ ବିଦ୍ୟାର୍ଥୀ ନାମକ ବ୍ୟକ୍ତି, ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଆନ୍ଦୋଳନ ବାବଦରେ ରାଜକୁମାର ଶୁକ୍ଳାଙ୍କୁ ଅବଗତ କରାଇଥିଲେ। ପାଟନାର ଆଇନଜୀବୀ ଡ. ରାଜେନ୍ଦ୍ର ପ୍ରସାଦ ଓ ବ୍ରଜ କିଶୋର ପ୍ରସାଦ, ଶୁକ୍ଳାଙ୍କୁ ଗାନ୍ଧୀଙ୍କୁ ଭେଟିବାକୁ ପରାମର୍ଶ ଦେଇଥିଲେ।

ରାଜକୁମାର ଶୁକ୍ଳା ଓ ସନ୍ତ ରାଓ୍ୱତ, ତା୨୬.୧୨.୧୯୧୬ରୁ ୩୦.୧୨.୧୯୧୬ ଭିତରେ ଲକ୍ଷ୍ନୌରେ ଚାଲୁଥିବା କଂଗ୍ରେସ ଅଧିବେଶନକୁ ଯାଇ, ଗାନ୍ଧୀଙ୍କୁ ଭେଟି ଚମ୍ପାରଣ ଆସିବାକୁ ଅନୁରୋଧ କରିଥିଲେ। ଗାନ୍ଧୀ ତା୧୦.୦୪.୧୯୧୭ରେ ଚମ୍ପାରଣ ଆସି, ସନ୍ତ ରାଓ୍ୱତଙ୍କ ଆମୋଲ୍ୟା ଗ୍ରାମସ୍ଥିତ ଘରେ ରହିଥିଲେ। ସେ ତାଙ୍କ ସହିତ ତତ୍କାଳୀନ ସ୍ୱନାମଧନ୍ୟ ଓକିଲ ସର୍ବଶ୍ରୀ ବ୍ରଜକିଶୋର ପ୍ରସାଦ, ରାଜେନ୍ଦ୍ର ପ୍ରସାଦ, ଅନୁଗ୍ରହ ନାରାୟଣ ସିଂହ, ରାମନବମୀ ପ୍ରସାଦଙ୍କୁ ସାଙ୍ଗରେ ଆଣିଥିଲେ। ଆଚାର୍ଯ୍ୟ ଜେ.ବି. କ୍ରିପାଳିନୀ ବି ସାଥୀରେ ଥିଲେ।

ଚମ୍ପାରଣ ଜିଲାପାଳ ଗାନ୍ଧୀଙ୍କୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ ; ଯାହାକୁ ଗାନ୍ଧୀ ମାନି ନ ଥିଲେ। ସେ ବିଚାରାଳୟକୁ ଆସି 'ମୁଁ ଏଠାରୁ ଯିବିନାହିଁ, ମୁଁ ଏଠାକୁ ମାନବିକତା ଓ ଜାତୀୟ ସେବା କରିବାକୁ ଆସିଛି, ମୁଁ ଏହି ସ୍ଥାନକୁ ମୋର ବାସସ୍ଥାନ ବୋଲି ମାନି, ଏଠାର ଶୋଷିତଙ୍କ ପାଇଁ କାମ କରିବି' ବୟାନ ଦେଇଥିଲେ।

ସେ ସମବେତ ଜନତାଙ୍କୁ କହିଥିଲେ 'ମୋତେ ଗିରଫ କରିବାର କ୍ଷମତା ସରକାରଙ୍କର ଅଛି। ମୁଁ ଜେଲ ଗଲେ ବି ଆପଣମାନେ ଶାନ୍ତ ରହିବେ। ଆମେ ଅହିଂସା ପଥରେ ଯାଇ ସଫଳ ହେବା'। ତା'ପରେ ଜମିଦାରଙ୍କ ବିରୋଧରେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା। ଜମିଦାରମାନେ, ଚାଷୀମାନଙ୍କୁ କିଛି ସୁବିଧା ଦେଇଥିଲେ। ସନ୍ତ ରାଓ୍ୱତ ଏହି ସମୟରେ ହିଁ ଗାନ୍ଧୀଙ୍କୁ 'ବାପୁ-ବାପା' ବୋଲି ସମ୍ବୋଧନ କରିଥିଲେ। ଜୁନ୍ ୧୯୧୭ରେ, ଭାରତ ସରକାରଙ୍କ ନିର୍ଦ୍ଦେଶରେ ବିହାର ସରକାର ଗୋଟିଏ କମିଟି ଗଠନ କରିଥିଲେ। ଏହି କମିଟିର ସୁପାରିସ ଅନୁସାରେ-୧୯୧୭ ପାରିତ ହୋଇ ନୀଳଚାଷୀଙ୍କୁ ଶୋଷଣରୁ ରକ୍ଷା କରାଯାଇଥିଲା। (ଅବଶ୍ୟ, ବ୍ରିଟିଶ ସରକାରଙ୍କ ତରଫରୁ କମିଟି ଗଠନ ଭଳି ଆମ କେନ୍ଦ୍ର ସରକାର ମଧ୍ୟ ଏକ କମିଟି ଗଠନ କରିଛନ୍ତି, ଯାହାର ସଦସ୍ୟଗଣ ଏହି ତିନୋଟି ଆଇନ ସପକ୍ଷରେ ଆଗରୁ ସରକାରଙ୍କ ପଦକ୍ଷେପକୁ ସମର୍ଥନ କରି ମତବ୍ୟକ୍ତ କରିସାରିଛନ୍ତି)।

ପରାଧୀନ ଭାରତର ୧୯୧୭ ଜୁନ ମାସରୁ ସ୍ୱାଧୀନ ଭାରତରେ ୨୦୨୧ ଫେବୃୟାରୀ ୧୩ ତାରିଖ ଏକ ଦୀର୍ଘ ସମୟ, ଯେଉଁଦିନ ଗାନ୍ଧିଜୀଙ୍କ ଅବର୍ତ୍ତମାନରେ ତାଙ୍କ ଅଣନାତୁଣୀ ତାରା ଗାନ୍ଧୀ ଭଟ୍ଟାଚାର୍ଯ୍ୟ, ଦିଲ୍ଲୀ ସୀମାରେ ଆନ୍ଦୋଳନରତ ଚାଷୀମାନଙ୍କୁ ୧୩ ଫେବୃୟାରୀ ୨୦୨୧ରେ ଭେଟି, ଏପ୍ରିଲ ୧୦ ୧୯୧୭ରେ 'ଗାନ୍ଧିଜୀଙ୍କ ଚମ୍ପାରଣ ଉପସ୍ଥିତି'ର ଇତିହାସକୁ ଦୋହରାଇଛନ୍ତି।

ମୋ : ୮୮୯୫୮୫୭୩୧୮

## ପାଠକ ଶ୍ରେଷ୍ଠ ବିଚାରକ

### ବୟସ୍କ ଭକ୍ତଙ୍କ ଜଗନ୍ନାଥ ଦର୍ଶନ

ମହାଶୟ,

ମୁଁ କରୋନା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବାକୁ ସୁନ୍ଦରଗଡ଼ରୁ ବନ୍ଧୁବାନ୍ଧବଙ୍କୁ ନେଇ ପୁରୀ ଯାଇଥିଲି। ପୁରୀର କଳେବର ବଦଳିଯାଇଥିବା ଦେଖିଲି । ଏହା ଭଲ ଲାଗିଲା। କିନ୍ତୁ ରବିବାର ଥିବାରୁ ଭିଡ଼ ଥିଲା ଓ ପ୍ରଭୁଙ୍କ ଦର୍ଶନ ହୋଇପାରିଲା ନାହିଁ। ସୋମବାରରେ ଠେଲାପେଲାରେ ଦର୍ଶନ ହେଲା ଓ ମନେ ମନେ ଭାବିଲୁ ଆମପରି ବୟସ୍କ ଭକ୍ତଙ୍କର ଆଉ ଜଗନ୍ନାଥ ଦର୍ଶନ କରିବା ଆସ୍ତେ ଆସ୍ତେ ଅସମ୍ଭବ ହେବ। ତେଣୁ ରାଜ୍ୟ ସରକାର ବୟସ୍କ ଭକ୍ତଙ୍କର ଭାବାବେଗକୁ ସାକାର କରିବା ପାଇଁ ଶ୍ରୀମନ୍ଦିରରେ କିଛି ବିକଳ୍ପ ବ୍ୟବସ୍ଥା କରନ୍ତୁ, ଯାହାଫଳରେ ସେମାନେ ଜଗନ୍ନାଥଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମଣିବେ।

-ଏ.କେ. ମହାପାତ୍ର, ସୁନ୍ଦରଗଡ଼

## ଚିରନ୍ତନୀ

ଜୀର୍ଣ୍ଣ ସେ ବିଧାନ ରାଶି କରେ ଯେବେ
ଆଜି ଅସ୍ୱୀକାର
ଲଭିବାକୁ କ୍ଷମା ତବ ରହୁ ତା'ର
ନ୍ୟାୟ ଅଧିକାର।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କୂଅରୁ କୁକୁରା ଉଦ୍ଧାର**

ପଟଣା,( ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ ବଡ଼ ଧନୁର୍ଜୟପୁର ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ବୁଧବାର ସକାଳୁ ବନ ବିଭାଗ ଏକ କୁକୁରାକୁ ଉଦ୍ଧାର କରିଛି। ପାଟଣା ରେଞ୍ଜ ଅଞ୍ଚଳ ବିଭିନ୍ନ ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବାରୁ ବନ୍ୟଜନ୍ତୁ ଏବେ ଗାଁ ମୁହାଁ ହୋଇଥିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ ବୁଧବାର ସକାଳୁ ବଡ଼ ଧନୁର୍ଜୟପୁର ସୁରେନ୍ଦ୍ର ମହାନ୍ତଙ୍କ ବାଡ଼ିରେ ଥିବା କୂଅ ଭିତରେ କୁକୁରା ପଡିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ବନପାଳ ସନାତନ ମିଶ୍ର ଓ ଗାର୍ଡ ପରମା ପାତ୍ର ପହଞ୍ଚି କୂଅରୁ କୁକୁରାକୁ ଉଦ୍ଧାର କରି ଚିକିତ୍ସା ପରେ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡିଦିଆଯାଇଛି ବୋଲି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସମ୍ବଲପୁର ବିଶ୍ୱବିଦ୍ୟାଳୟ: ୨୨ ଛାତ୍ରଙ୍କୁ ନୋଟିସ
### ଫେରିଲା ସ୍ୱାଭାବିକ ସ୍ଥିତି

**ସମ୍ବଲପୁର,୭।୪(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ସ୍ଥିତିରେ ବୁଧବାର ସୁଧାର ଆସିଛି। ଅଫିସ କାର୍ଯ୍ୟ ସୁଚାରୁରୂପେ ଚାଲିଥିଲେ ମଧ ସୁରକ୍ଷା ଦୃଷ୍ଟିରୁ ୨ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ଘଟଣାରେ ୧୦୦ରୁ ଊର୍ଦ୍ଧ୍ୱ ସାମିଲ ଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜକୁ ଆଧାର କରି ସେଥିମଧରୁ ୨୨ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ନୋଟିସ କରି ଛାଡି ଦିଆଯାଇଛି। ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ବି.ବି. ଭୋଇ କହିଛନ୍ତି। ସୂଚନାଯୋଗ୍ୟ ଯୁକ୍ତ ୩ ବର୍ଷର ଥାର୍ଡ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନରେ କରିବା ପାଇଁ ଛାତ୍ରୀଛାତ୍ର ମଙ୍ଗଳବାର ଦାବି କରିବାକୁ ଆସିଥିବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠାରେ ଛାତ୍ରୀଛାତ୍ର ଭଙ୍ଗାରୁଜା କରିଥିଲେ। ଅନ୍ୟପଟେ ଛାତ୍ରୀଛାତ୍ର ଆଲୋଚନା ପାଇଁ ଆସିଥିବା ସମୟରେ ପୋଲିସ ଅତର୍କିତ ଭାବେ ଲାଠିଚାର୍ଜ କରିଥିବା ପାଲଟା ଅଭିଯୋଗ ହୋଇଥିଲା। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ଦାବିକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚିଠି ଲେଖିଥିବା ଜଣାପଡିଛି।

### ଛତ୍ରଭଙ୍ଗ ଦେଲେ ମାଓବାଦୀ, ସର୍ଚ୍ଚ ଅପରେଶନ ଜାରି

**ଫୁଲବାଣୀ ଅଫିସ, ୭।୪:** କନ୍ଧମାଳ ଜିଲାରେ ପୁଣି ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଅଞ୍ଚଳର କୋଲାମ୍ବେରା ଜଙ୍ଗଲରେ ଗୁଳି ବିନିମୟ ହୋଇଛି। ପୋଲିସର ଗୁଳିମାଡ଼ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ଏଥିରେ କାହାରି ମୃତ୍ୟୁ ଘଟି ନଥିଲେ ମଧ କେତେଜଣ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ଜଙ୍ଗଲରୁ ମାଓବାଦୀଙ୍କ ଏକ କ୍ୟାମ୍ପ ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ସାମଗ୍ରୀ ଜବତ କରାଯାଇଥିବା ବୁଧବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଭିନୀତ ଅଗ୍ରୱାଲ ପ୍ରକାଶ କରିଛନ୍ତି।

କୋଲାମ୍ବେରା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀମାନେ ଚଳପ୍ରଚଳ ହେଉଥିବା ଗତ ୪ ତାରିଖରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ (ଡିଭିଏଫ୍) ଓ ଏସ୍‌ଓଜି ଯବାନଙ୍କୁ ତୁରନ୍ତ ଉକ୍ତ ଅଞ୍ଚଳକୁ ପଠାଯାଇଥିଲା। ୫ ତାରିଖ ସକାଳେ କୋମ୍ବିଂ ଅପରେଶନ ଆରମ୍ଭ କରାଯାଇଥିଲା । ମାଓବାଦୀ ପ୍ରଥମେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ । ନିଜ ସୁରକ୍ଷା ପାଇଁ ଯବାନମାନେ ପାଲଟା ଗୁଳି ଚଳାଇଥିଲେ । କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ ଘଞ୍ଚ ଜଙ୍ଗଲରେ ଛତ୍ରଭଙ୍ଗ ଦେଇଥିଲେ। ଠାବ ହୋଇଥିବା କ୍ୟାମ୍ପରୁ ବ୍ୟାଟେରି, ସୋଲାର ପ୍ଲେଟ, ଛତା, ରୋଷେଇ ସାମଗ୍ରୀ, ପୋଷାକ, ଔଷଧ, ମାଓବାଦୀ ପୁସ୍ତିକା ଆଦି ଜବତ କରାଯାଇଛି। କ୍ୟାମ୍ପରେ ପ୍ରାୟ ୧୫ରୁ ୨୦ ମାଓବାଦୀ ଥିବା ଓ ସେମାନେ କେକେବିଏନ୍ ସଙ୍ଗଠନର ଅନୁମାନ କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ଏବେ ବି ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

# ୧.୮୨ ଲକ୍ଷ ଚାଷୀ ବୀମାରାଶି ପାଇବାରୁ ବଞ୍ଚିତ

**ଯାଜପୁର ଅଫିସ,୭।୪**

ରାଜ୍ୟରେ ବିଭିନ୍ନ ତ୍ରୁଟି ଓ ବୀବାଦୀୟ କାରଣରୁ ୨୦୧୯ ଖରିଫ ଓ ୨୦୧୯-୨୦ ରବି ଋତୁରେ ୧,୮୨,୨୭୦ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ତଥା ମରୁଡ଼ି, ବାତ୍ୟା, ବନ୍ୟା ଓ ଅଦିନିଆ ବର୍ଷାରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଏହାସହ କରୋନା କଟକଣା ସେମାନଙ୍କୁ ଦାଉ ସାଧୁଛି। ଏଭଳିସ୍ଥଳେ ଫସଲବୀମା ନ ପାଇ ଚାଷୀଙ୍କ ପରିବାରବର୍ଗ ଭୋକ ଉପାସରେ ଦିନ ବିତାଉଛନ୍ତି।

୨୦୧୯-୨୦ ଓ ୨୦୨୦-୨୧ ବର୍ଷ ନିମନ୍ତେ ସବ୍‌ସିଡି ଦେୟ ବାବଦକୁ ରାଜ୍ୟ ସରକାର ୧୫୬୯.୯୮ କୋଟି ଏବଂ ଚାଷୀ ୩୯୨.୪୨ କୋଟି ଟଙ୍କା ପଇଠ କରିଛନ୍ତି। ମାର୍ଚ୍ଚ ମାସ ସୁଦ୍ଧା ଖରିଫ ୨୦୧୯ରେ ୫,୯୨,୫୧୦ ଜଣ ଚାଷୀଙ୍କୁ ୧୦୪୧.୩୭ କୋଟି ଓ ୨୦୧୯-୨୦ ରବିଋତୁରେ ୩୯,୧୪୩ ଜଣ ଚାଷୀଙ୍କୁ ୯୫.୩୫ କୋଟି ବୀମା ରାଶି ପ୍ରଦାନ କରାଯାଇଛି। ଖରିଫ ୨୦୧୯ରେ ମୟୂରଭଞ୍ଜର ୫,୯୪୭ ଜଣ ଚାଷୀ ୫.୨୦ କୋଟି, କେନ୍ଦ୍ରାପଡ଼ାର ୧୮,୧୫୯ ଚାଷୀ ୪୫.୯୬ କୋଟି, ଦେବଗଡ଼ର ୬,୧୪୭ ଚାଷୀ ୧୬.୭୧ କୋଟି, ଗଞ୍ଜାମର ୮,୫୭୬ ଚାଷୀ ୯.୬୨ କୋଟି, କଳାହାଣ୍ଡିର ୭,୧୧୩ ଚାଷୀ ୨୪.୬୬ କୋଟି, ସୁବର୍ଣ୍ଣପୁରର ୩,୫୩୫ ଚାଷୀ ୩.୬୮ କୋଟି, ପୁରୀର ୧୫,୦୫୮ ଚାଷୀ ୧୩.୩୯ କୋଟି, ବରଗଡ଼ର ୧,୦୨,୧୯୭ ଚାଷୀ ୩୬୨.୬୫ କୋଟି, ଭଦ୍ରକର ୫୦,୯୫୩ ଜଣ ୮୯.୫୯ କୋଟି, ଗଜପତିର ୨୨ ଜଣ ୦.୦୧ କୋଟି, ଯାଜପୁରର ୩୮,୬୯୯ ଜଣ ୮୦.୧୨ କୋଟି, ଜଗତ୍‌ସିଂହପୁରର ୧୬,୮୮୪ ଜଣ ୧୯.୨୩ କୋଟି, ସୁନ୍ଦରଗଡ଼ର ୪୪,୩୪୯ ଜଣ ୮୭.୫୧ କୋଟି, ସମ୍ବଲପୁରର ୧୨,୩୫୯ ଜଣ ୫୩.୯୭ କୋଟି, କୋରାପୁଟର ୫୦୫ ଜଣ ୦.୧୬ କୋଟି, ନୂଆପଡ଼ାର ୨୧୯ ଜଣ ୦.୦୫ କୋଟି, କନ୍ଧମାଳର ୯୯୪ ଜଣ ୦.୩୦ କୋଟି, ବଲାଙ୍ଗୀରର ୨,୧୫,୫୧୬ ଜଣ ୧୭୯.୪୨ କୋଟି, ବାଲେଶ୍ୱରର ୩୦,୮୩୯ ଜଣ ୩୮.୨୫ କୋଟି, ମାଲକାନଗିରିର ୬୨ ଜଣ ୦.୦୫ କୋଟି, ଢେଙ୍କାନାଳର ୧୯୪୧ ଜଣ ୦.୦୧ କୋଟି, କେନ୍ଦୁଝରର ୮୮୪ ଜଣ ୦.୪୭ କୋଟି, କଟକର ୪,୫୬୯ ଜଣ ୩.୫୨ କୋଟି, ଖୋର୍ଦ୍ଧାର ୩,୯୧୪ ଜଣ ୩.୬୮ କୋଟି, ରାୟଗଡ଼ାର ୧୧୬ ଜଣ ୦.୦୧ କୋଟି, ଝାରସୁଗୁଡ଼ାର ୨,୯୫୩ ଚାଷୀ ୩.୧୫ କୋଟି ଟଙ୍କା ବୀମାରାଶି ପାଇଛନ୍ତି।




ବୀମାରାଶି ପାଇବାରୁ ବଞ୍ଚିତ ଥିବା ୯୭,୯୨୭ଟି ମାମଲା ତଦନ୍ତ ପରେ ଅନୁମୋଦିତ ହୋଇଛି। ଏହି ମାମଲାଗୁଡିକର ବୀମା କ୍ଷତିପୂରଣ ପ୍ରଦାନ ନିମନ୍ତେ ବୀମା କମ୍ପାନୀକୁ ଅନୁରୋଧ କରାଯାଇଛି। ଅବଶିଷ୍ଟ ୮୪,୩୪୩ ମାମଲା ମଧ୍ୟରୁ ୬,୩୩୪ଟିର ତଦନ୍ତ ପ୍ରକ୍ରିୟା ଚାଲୁ ଅଛି। ୫୬୫ଟି ମାମଲା ସମାଧାନ ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ସୂଚନା ମିଳିଛି। ଏଥିରେ ବଲାଙ୍ଗୀର ଜିଲାର ଖରିଫରେ ୧,୬୪,୮୧୪ ଜଣ ଚାଷୀଙ୍କ ୭୨୫୪୦.୨୮ ହେକ୍ଟର ଓ ସମ୍ବଲପୁର ଜିଲାର ୯,୯୯୨ ଜଣ ଚାଷୀଙ୍କ ୨,୮୯୬.୫୪ ହେକ୍ଟର ଏବଂ ରବି(୨୦୧୯-୨୦)ରେ ୫୬୫ ଜଣ ଚାଷୀଙ୍କ ୧୨୪.୭୬ ହେକ୍ଟର ଜମି ବାବଦକୁ ତଦନ୍ତ ସରିଥିବା ଜଣାପଡିଛି। ଏଥିସହ ସମ୍ବଲପୁର ଜିଲାର ତଦନ୍ତ ରିପୋର୍ଟ ବୀମା ଏଜେନ୍ସି ଏଆଇସିକୁ ପଠାଯାଇଛି। ଅନ୍ୟପକ୍ଷେ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଦ୍ୱାରା ପଞ୍ଜୀକୃତ ଜଗତ୍‌ସିଂହପୁର ଜିଲାର ୫୫ଟି ଆବେଦନ ଓ ଭଦ୍ରକ ଜିଲାର ୮୯ଟି ଆବେଦନ ଉପରେ ତଦନ୍ତ ଚାଲିଛି। ଏହାସହ ଏଆଇସି ଦ୍ୱାରା ପଞ୍ଜୀକୃତ ସୁନ୍ଦରଗଡ ଜିଲାର ୬,୧୮୬ ଓ ସମ୍ବଲପୁରର ୪ଟି ମାମଲା ତଦନ୍ତାଧୀନ ରହିଛି। ରୟାଲ ସୁନ୍ଦରମ୍ ଜିଆଇସି ଅଧୀନ ବାଲେଶ୍ୱରର ୫୬୫ ଆବେଦନକୁ ବିଚାର ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି।

ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଫସଲର କ୍ଷତି ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ହେଲେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬,୮୦୦ ଟଙ୍କା ଏବଂ ଜଳସେଚିତ ଜମି ପାଇଁ ୧୩,୫୦୦ ଟଙ୍କା ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ନିୟମ ରହିଛି। ପଞ୍ଜୀକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅସଙ୍ଗତି ଥିବା ଯୋଗୁ ବୀମା ଟଙ୍କା ପ୍ରଦାନରେ ଅସୁବିଧା ଦେଖାଦେଇଥିବା ସମବାୟ ବିଭାଗ ପକ୍ଷରୁ ଦର୍ଶାଯାଇଛି। ସଦ୍ୟସମାପ୍ତ ବିଧାନସଭାର ବଜେଟ ଅଧିବେଶନରେ ବିଧାୟକ ନବଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାରଙ୍କ ତଥ୍ୟରୁ ଏହା ଜଣାପଡ଼ିଛି।

### ଦ୍ୱିତୀୟ ଡୋଜ ଟିକା ନେଇ ଡାକ୍ତର କରୋନା ପଜିଟିଭ୍

**ସୋନପୁର,୭।୪(ନି.ପ୍ର.)**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ବ୍ୟାପି ଚାଲିଛି। ଏଭଳି ସ୍ଥିତିରେ ଟିକା ନେବା ପରେ ଜଣେ ଡାକ୍ତର କରୋନା ପଜିଟିଭ୍ ଚିହ୍ନଟ ହେବା ସୁବର୍ଣ୍ଣପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲା ଅନ୍ତର୍ଗତ ଲଛିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଜାନୁଆରୀ ମାସରେ ପ୍ରଥମ ଡୋଜ୍ ଓ ଫେବୃୟାରୀ ମାସରେ ଦ୍ୱିତୀୟ ଡୋଜ୍ ଟିକା ନେଇଥିଲେ। ବର୍ତ୍ତମାନ ସେ କରୋନା ସଂକ୍ରମିତ ହୋଇଛନ୍ତି। ଆର୍ଟିପିସିଆର ରିପୋର୍ଟ ପଜିଟିଭ୍ ଆସିବା ପରେ ବୁଧବାରଠାରୁ ସେ ହୋମ ଆଇସୋଲେଶନରେ ରହିଥିବା କହିଛନ୍ତି। ସମ୍ପୃକ୍ତ ଡାକ୍ତର କିଛିଦିନ ପୂର୍ବରୁ ଦୁଇଦିନିଆ ପ୍ରଶିକ୍ଷଣ ନେବା ପାଇଁ ଭୁବନେଶ୍ୱର ଯାଇଥିଲେ। ସେଠାରୁ ଫେରିବା ପାଇଁ ତାଙ୍କୁ କାଶ ଓ ଅଣ୍ଡା ହୋଇଥିଲା।

**PARADIP PORT TRUST**
No.: EM/MM/P/IOHP-03/2021/57 Dated: 01.04.2021
**e-Tendering Notice**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **Nylon Nylon Conveyor Belt.** The last date and time of submission of the tender is 17.15 Hours on Dt. 22-04-2021. For details, log on to website **https://eprocure.gov.in/eprocure/app.**
PPT/PR/03/21-22 Date 07.04.2021
Sr. Dy. Materials Manager

# ମହାନଦୀ ଶଯ୍ୟା ଅନୁଧ୍ୟାନ କଲା ଏନ୍‌ଜିଟି ଟିମ୍

**କଟକ ଅଫିସ, ୭।୪**

ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶରେ ଗଠିତ ୫ଜଣିଆ କମିଟି ବୁଧବାର ମହାନଦୀ ଶଯ୍ୟା ସମେତ ହାଡ଼ିଆ ପଠା ପରିଦର୍ଶନ କରିଛନ୍ତି। ଏହି କମିଟି ଅପରାହ୍ନ ୩.୩୦ରେ ସ୍ଥାନୀୟ ମ୍ୟାରିଟାଇମ୍ ମ୍ୟୁଜିୟମ ସମ୍ମୁଖରେ ନିର୍ମିତ ହୋଇଥିବା ବୁରୁଜ ଉପରକୁ ଯାଇ ମହାନଦୀ ଶଯ୍ୟାର ବର୍ତ୍ତମାନର ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ସମୟରେ ମହାନଦୀରେ ଜଳସ୍ତର ସର୍ବାଧିକ କେତେ ଉଚ୍ଚତା ପର୍ଯ୍ୟନ୍ତ ଆସିଥିଲା ଉକ୍ତ ରିପୋର୍ଟକୁ ତର୍ଜମା କରିଥିଲେ । ପରେ କମିଟି ସ୍ଥାନୀୟ ହାଡ଼ିଆ ପଠା ଠାରେ ପହଞ୍ଚି ମହାନଦୀର ସ୍ଥିତି ଦେଖିବା ସହ ସରକାରଙ୍କ ପକ୍ଷରୁ ଚାଲିଥିବା ବରଫି ପ୍ରକଳ୍ପ ସମ୍ବନ୍ଧରେ ଏନ୍‌ଜିଟିରେ ଆବେଦନ କରିଥିବା ଆବେଦନକାରୀ ପ୍ରଦୀପ ପଟ୍ଟନାୟକଙ୍କ ନିକଟରୁ ବୁଝିଥିଲେ ।

ସୂଚନାଯୋଗ୍ୟ, ମହାନଦୀରୁ ଆଇଓସିଏଲ୍ ଜଳ ନେବା ପ୍ରସଙ୍ଗରେ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା । ଉଚ୍ଚ ଅଦାଲତ ଉକ୍ତ ମାମଲାର ଶୁଣାଣି କରି କଟକ ସହରର ଉନ୍ନତି ନିମନ୍ତେ ଆଇଓସିଏଲ୍‌କୁ ୨୯୮କୋଟି ଟଙ୍କା ପ୍ରଦାନ କରିବାକୁ କହିଥିଲେ। ଏପରି କି ଉକ୍ତ ଅର୍ଥରାଶିକୁ ସହରବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ବ୍ୟବହାର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଆଇଓସିଏଲର ମହାନଦୀ ଖନନ ଦ୍ୱାରା ଯେଉଁ ବାଲି ଓ ମାଟି ବାହାରିବ ତାକୁ ବନ୍ଧର ସୁଦୃଢ଼ୀକରଣ କରିବା ସହ ସହରର ନିମ୍ନ ଅଞ୍ଚଳଗୁଡ଼ିକୁ ପୋତି ସମତଳ କରିବାରେ ବ୍ୟବହାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟ ସରକାର ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶକୁ ପାଳନ କରୁ ନ ଥିବା ଦର୍ଶାଇ ଏନ୍‌ଜିଟିରେ ୨୦୨୦ରେ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଏକ ଆବେଦନ କରିଥିଲେ। ମହାନଦୀରୁ ଉଠିଥିବା ବାଲିକୁ ଅନ୍ୟତ୍ର ନ ନିଆଯାଇ ସେହି ହାଡ଼ିଆ ପଠାରେ ପକାଯାଇ ପୋତାଯାଇଛି। ଏପରି କି ସରକାର ମହାନଦୀର କିସମ ପରିବର୍ତ୍ତନ କରି ଏହାକୁ ପତିତ କିସମରେ ପରିଣତ କରିଛନ୍ତି। ରାଜ୍ୟ ସରକାର ବିଭିନ୍ନ ନିୟମ ଉଲ୍ଲଂଘନ କରିଥିବା ଆବେଦନକାରୀ ଦର୍ଶାଇଥିଲେ। ଏନ୍‌ଜିଟି ପକ୍ଷରୁ ଉକ୍ତ ଆବେଦନର ଶୁଣାଣି କରାଯାଇ ମହାନଦୀର ପ୍ରକୃତ ଅବସ୍ଥା ଜାଣିବା ପାଇଁ ସେଣ୍ଟ୍ରାଲ ୱାଟର କମିଶନ(ସିଡବ୍ଲ୍ୟୁସି), ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି), ଷ୍ଟେଟ୍ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ଏସ୍‌ପିସିବି), ମିନିଷ୍ଟ୍ରି ଅଫ୍ ଫରେଷ୍ଟର ପ୍ରତିନିଧିଙ୍କ ସମେତ ଆଇଆଇଟି ରୁର୍କିର ଜଣେ ପ୍ରଫେସରଙ୍କୁ ନେଇ ଏକ ୫ଜଣିଆ କମିଟି ଗଠନ କରାଯାଇଥିଲା। ବୁଧବାର ଉକ୍ତ କମିଟି ଘଟଣାସ୍ଥଳ ପରିଦର୍ଶନ କରିଥିଲେ।


ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ଅନୁଧ୍ୟାନ କମିଟି ସଦସ୍ୟ ଯୋବ୍ରା ମ୍ୟାରିଟାଇମ୍ ମ୍ୟୁଜିୟମ୍ ସମ୍ମୁଖ ମହାନଦୀ ଶଯ୍ୟା ଅନୁଧ୍ୟାନ କରୁଛନ୍ତି।

**ହାଡ଼ିଆପଠା ପୋତାଯିବା ପ୍ରସଙ୍ଗ**



**OFFICE OF THE PRINCIPAL**
**KHAIRA COLLEGE, KHAIRA, BALASORE**
Tender Call Notice No. 08 Dt.07.04.2021
**TENDER NOTICE**
Sealed tenders are invited from the original manufacturers or their appointed distributors/dealers for supply, installation and commissioning of Projector, Server, UPS, Net Working and Antivirus etc. The sealed tenders are to be submitted on or before 15.04.2021 by Speed Post/ Registered Post only as per prescribed terms and conditions. For further details please visit the college website **www.khairacollegekhaira.com.**
Sd./- Principal, Khaira College

**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879, E-mail: imagebbsr@rediffmail.com
**Expression of Interest towards empanelment of Agencies for Documentation and Preparation of Video CDs at State level**
No.CAD-31:- Institute on Management of Agricultural Extension, here in after known as IMAGE, an Autonomous Society under the Government of Odisha, established under Indian Society Act, 1860 invites Expression of Interest from credible organizations with experience and expertise in Documentation and preparation of Video CDs. Prospective Bidders who fulfill the basic requirements may send their EoI in sealed envelope superscribed as "EoI for Empanelment of Agencies for Documentation and Preparation of Video CDs at State level" by (Name of the Bidder) till **26.04.2021 (up to 2:00 PM)** to the Director, IMAGE, Siripur, Bhubaneswar, Odisha, 751003.
The EoI document may be obtained from the office of the IMAGE at Siripur, Bhubaneswar latest by **14.00 hours of 26.04.2021**. The EoI document may also be downloaded from the Departmental Website www.agriodisha.nic.in / Odisha Government Portal www.odisha.gov.in.
Director, IMAGE
OIPR-28009/11/0002/2122

# ଆଜିଠୁ ଅନ୍‌ଲାଇନ ପେନ୍‌ସନ ଅଦାଲତ

- ଏପ୍ରିଲ ୩୦ ଯାଏ ଚାଲିବ
- ଜୁନ୍ ୩୦ ସୁଦ୍ଧା ସମାଧାନ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ପେନ୍‌ସନ ସମ୍ବନ୍ଧିତ ଅଭିଯୋଗର ଦ୍ରୁତ ବିଚାର ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପେନ୍‌ସନ ଅଦାଲତର ବ୍ୟବସ୍ଥା କରିଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ଅଦାଲତ ଅନ୍‌ଲାଇନ ଜରିଆରେ କରାଯିବ। ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଛୋଟ ଛୋଟ କାରଣ ପାଇଁ ବିଭିନ୍ନ ସ୍ତରରେ ବହୁ ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ପେନ୍‌ସନ କାଗଜ ବିନା ମଞ୍ଜୁରୀରେ ପଡ଼ିରହିଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଏସବୁର ସମାଧାନ କରି ହିତାଧିକାରୀଙ୍କୁ ତୁରନ୍ତ ପେନ୍‌ସନ ମଞ୍ଜୁର କରିବା ନିମନ୍ତେ ଏହି ଅନ୍‌ଲାଇନ ପେନ୍‌ସନ ଅଦାଲତ ବ୍ୟବସ୍ଥା କରାଯାଇଛି ବୋଲି ଚୋପ୍ରା କହିଛନ୍ତି। ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିରୋଧରେ ଫୌଜଦାରି, ଭିଜିଲାନ୍ସ ବା ପେନାଲ୍ଟି ପ୍ରୋସିଡିଂ ନାହିଁ ସେମାନେ ଏହି ପେନ୍‌ସନ ଅଦାଲତର ସୁଯୋଗ ନେଇପାରିବେ। ଏଥିପାଇଁ ୮ ତାରିଖ (ଗୁରୁବାର)ଠାରୁ ଏପ୍ରିଲ ୩୦ ମଧ୍ୟରେ ଆବେଦନ କରାଯାଇପାରିବ। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲ୍ (http://pension.hrmsodisha.gov.in) ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ। ଏହି ସମୟ ମଧ୍ୟରେ ମିଳିଥିବା ଦରଖାସ୍ତ ସ୍ୱୀକୃତିପତ୍ର ଅନ୍‌ଲାଇନ ଜରିଆରେ ଦରଖାସ୍ତକାରୀଙ୍କୁ ମିଳିବ। ସମ୍ପୃକ୍ତ ପେନ୍‌ସନ ମଞ୍ଜୁରକାରୀ କର୍ତ୍ତୃପକ୍ଷ ଚଳିତ ବର୍ଷ ଜୁନ୍ ୩୦ ମଧ୍ୟରେ ସମସ୍ତ ଦରଖାସ୍ତ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ନିଷ୍ପତ୍ତି ବାବଦ ସୂଚନା ମଧ ଦରଖାସ୍ତକାରୀଙ୍କୁ ଇମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଅନ୍‌ଲାଇନ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯିବ, ଯେଉଁ ଦରଖାସ୍ତଗୁଡ଼ିକର ସମାଧାନ ପେନ୍‌ସନ ମଞ୍ଜୁର କର୍ତ୍ତୃପକ୍ଷଙ୍କ ସ୍ତରରେ ହୋଇ ନ ପାରିବ ସେ ସେଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଇ ଦେବେ। ପରବର୍ତ୍ତୀ ସମୟରେ ଉକ୍ତ ଅସମାଧିତ ଦରଖାସ୍ତଗୁଡ଼ିକର ବିଚାର ପାଇଁ ମୁଖ୍ୟ ଶାସନ ସଚିବ ଏବଂ ଅତିରିକ୍ତ ଶାସନ ସଚିବଙ୍କ ସ୍ତରରେ ସ୍ୱତନ୍ତ୍ର ଅଦାଲତ ଅନୁଷ୍ଠିତ ହେବ। ଏହି ଅଦାଲତରେ ଶୁଣାଣି ତାରିଖ ଓ ନୋଟିସ୍ ଆଦି ମଧ ସମ୍ପୃକ୍ତ କର୍ମଚାରୀଙ୍କୁ ଇମେଲ୍ ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ଜଣାଇ ଦିଆଯିବ। ସମସ୍ତ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଏହି ବ୍ୟବସ୍ଥାର ସୁଯୋଗ ନେଇ ନିଜ ନିଜ ପେନ୍‌ସନ ମଞ୍ଜୁରୀ କାର୍ଯ୍ୟ ଠିକ୍ ଭାବେ କରାଇନେବା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚୋପ୍ରା ଅନୁରୋଧ କରିଛନ୍ତି।

# ହତ୍ୟାକାରୀଙ୍କୁ ଗିରଫ କଲା ଉତ୍ତରପ୍ରଦେଶ ପୋଲିସ

**ସିଲାଟି ଟ୍ରିପଲ୍ ମର୍ଡର**

**ସୋନପୁର,୭।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସିଲାଟି ଟ୍ରିପଲ୍ ମର୍ଡର ଘଟଣାରେ ହତ୍ୟାକାରୀ ପପୁ ସେନ୍(୫୦)ଙ୍କୁ ଉତ୍ତରପ୍ରଦେଶ ପୋଲିସ ଧରିଛି। ତାଙ୍କୁ ଉତ୍ତରପ୍ରଦେଶର କୋତବାଲି ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପପୁ ହତ୍ୟାକାଣ୍ଡ ସମ୍ପର୍କରେ ଉତ୍ତରପ୍ରଦେଶ ପୋଲିସ ନିକଟରେ ସ୍ୱୀକାର କରିଛି । ସେ ଏବେ ଲଳିତଗିରି ଜେଲରେ ଅଛନ୍ତି। ତାଙ୍କୁ ରିମାଣ୍ଡରେ ଆଣିବା ପାଇଁ ସୁବର୍ଣ୍ଣପୁର ଜିଲା ବିନିକା ଥାନା ପୋଲିସ ଆବେଦନ କରିବ ବୋଲି ଆଇଆଇସି ନିରଞ୍ଜନ ଦାସ ସୂଚନା ଦେଇଛନ୍ତି । ଗତ ଜୁଲାଇ ୨୩ ତାରିଖ ରାତିରେ ସିଲାଟି ଗ୍ରାମ(ତଳିପଡା)ରେ ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଘଟିଥିଲା । ରାତି ସାଢେ ୧୨ଟାରେ ପପୁ ଘରେ ପଶି ଶ୍ୱଶୁର ଗୁଲୁ ଭୋଇ(୬୦), ଶାଶୁ ବୈଦେହୀ ଭୋଇ(୫୫) ଓ ଶଳା ଶିବ ଭୋଇ(୨୫)ଙ୍କୁ ହତ୍ୟା କରିଥିଲେ। ଶିବଙ୍କ କ୍ଷତବିକ୍ଷତ ମୃତଦେହ ଘର ନିକଟ ବିଲରୁ ମିଳିଥିଲା । ଘର ଭିତରେ ଶୋଇଥିବା ଅବସ୍ଥାରେ ଗୁଲୁ ଓ ବୈଦେହୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଜବତ କରିଥିଲା। ଗୁଲୁଙ୍କ ଘର ଗାଁରୁ ସାମାନ୍ୟ ଦୂରରେ ଥିବା ବେଳେ ସେଠାରେ ସେ ସ୍ତ୍ରୀ ଓ ପୁଅ ସହିତ ରହୁଥିଲେ । ରାତିରେ ଖାଇପିଇ ଶୋଇଥିବା ବେଳେ ଏହି ହତ୍ୟାକାଣ୍ଡ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ମାମଲା ରୁଜୁ କରିଥିଲା । ହତ୍ୟାକାରୀ ପ୍ରଥମେ ବାରଣ୍ଡାରେ ଶୋଇଥିବା ଶିବଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଘର ଭିତରକୁ ପଶି ଶାଶୁ ଓ ଶ୍ୱଶୁରଙ୍କୁ ହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଗୁଲୁଙ୍କ ଝିଅ ମୀରା(୩୮) ୯ ବର୍ଷ ପୂର୍ବରୁ ଉତ୍ତରପ୍ରଦେଶ ଲଳିତପୁରର ପପୁଙ୍କୁ ବିବାହ କରିଥିଲେ । ତେବେ ପପୁ ମୀରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବାରୁ ସେ ପିଲାଛୁଆଙ୍କୁ ଧରି କିଛିଦିନ ହେଲା ସିଲାଟିକୁ ଆସି ରହୁଥିଲେ। ପପୁ ଶ୍ୱଶୁରଘରକୁ ଆସି ଧମକଚମକ ଦେବାରୁ ମୀରା ଉତ୍ତରପ୍ରଦେଶ ଝାନ୍‌ସୀକୁ ଯାଇ ଅନ୍ୟତ୍ର ରହୁଥିଲେ। ଏହି ଘଟଣାରେ ପପୁ ଶ୍ୱଶୁରଘର ଲୋକଙ୍କୁ ଦାୟୀ କରି ହତ୍ୟା ଧମକ ଦେଇ ଆସୁଥିଲେ। ତେଣୁ ସ୍ୱାଇଁ ପପୁ ହିଁ ହତ୍ୟାକାରୀ ବୋଲି ପୋଲିସ ସନ୍ଦେହ କରିଥିଲା। କିନ୍ତୁ ତାଙ୍କୁ ବିନିକା ପୋଲିସ ଧରିପାରି ନ ଥିଲା । ଏହି ହତ୍ୟାକାଣ୍ଡ ପୂର୍ବରୁ ପପୁ ଉତ୍ତରପ୍ରଦେଶରେ ଅନ୍ୟ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ତାଙ୍କୁ ଗିରଫ କରିବା ପାଇଁ ଉତ୍ତରପ୍ରଦେଶ ପୋଲିସ ୨୫ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା ।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

GOVT. APPROVED
**HINDUSTAN TELECOM**
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ
*T&C
ଅଗ୍ରିମ: 60 ଲକ୍ଷ | ଭଡ଼ା: 50 ହଜାର | କମ୍ପାନୀ ତରଫରୁ ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଇଓଙ୍କ କାର୍ଯ୍ୟାଳୟରେ ନିଆଁ

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ମନିଟର ଏବଂ ସରଞ୍ଜାମ ଜଳିଯାଇଛି। ବୁଧବାର ସକାଳେ ଡାଟା ଏଣ୍ଟ୍ରି ଅପରେଟର ଆସି କମ୍ପ୍ୟୁଟର ଚଳାଇବା ବେଳେ ହଠାତ ସେଥିରେ ନିଆଁ ଲାଗିଥିବା ଦେଖିବାକୁ ପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ, ମହିଳା ଗିରଫ

**ବାଲେଶ୍ୱର ଅଫିସ,୭।୪:** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଅରଡ଼ବଜାର ଅଞ୍ଚଳରୁ ପୋଲିସ ୧୨ ଗ୍ରାମ୍ ବ୍ରାଉନସୁଗାର ଜବତ ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଜୁ ଦାସ। ତାଙ୍କଠାରୁ ମୋବାଇଲ ଫୋନ୍ ଓ ନଗଦ ୨ ହଜାର ୨ଶହ ଟଙ୍କା ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ସହଦେବଖୁଣ୍ଟା ଥାନା ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। କିଛିଦିନ ପୂର୍ବରୁ ବ୍ରାଉନସୁଗାର ଖୁଚୁରା ବିକ୍ରୟ ଆରମ୍ଭ କରିଥିବା ମଞ୍ଜୁଙ୍କଠାରୁ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ହେବ ବୋଲି ଜଣାଯାଇଛି। ଏ ନେଇ ଏକ ମାମଲା (ନଂ. ୧୮୦/୨୧) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### କଲେଜରୁ କାଠ ଜବତ

**ହାଟଡିହୀ, ୭।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଉଳା କଲେଜରୁ କାଠ ଜବତ ହୋଇଛି। କଲେଜର ଏକ କୋଠରୀରେ ବିପୁଳ ପରିମାଣରେ କାଠ ଗଚ୍ଛିତ ଥିଲା। ହଦଗଡ଼ ବନ ବିଭାଗ ଅଭିଯୋଗ ପାଇ କଲେଜ ପରିସରରେ ଚଢ଼ାଉ କରି କାଠ ଜବତ କରିଛି। ଜବତ କାଠକୁ କର୍ମଚାରୀ ମାନେ ବନ ବିଭାଗ କାର୍ଯ୍ୟାଳୟକୁ ନେଇଛନ୍ତି। ତେବେ ଏହି କାଠ କେଉଁଠୁ ଓ କିପରି କଲେଜକୁ ଆସିଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ କଲେଜ ପରିସରରେ ଚୋରା କାଠ ରଖି ବେପାର କରାଯାଉଥିବା ଅଭିଯୋଗ ହୋଇଛି। କଲେଜ ଅଧକ୍ଷ ରବୀନ୍ଦ୍ର ପାତ୍ର କହିଛନ୍ତି କଲେଜ ପରିସରରେ ଥିବା ଗଛକୁ କାଟି ଆସବାବପତ୍ର କରିବା ପାଇଁ ରଖା ଯାଇଥିଲା। ଗାଁ ଲୋକେ ଅଭିଯୋଗ କରିବାରୁ ବନ ବିଭାଗ କର୍ମଚାରୀମାନେ କାଠକୁ ଜବତ କରି ନେଇ ଯାଇଛନ୍ତି।

### ୧୧୧ ହିତାଧିକାରୀଙ୍କୁ ଭତ୍ତା

**ଖଇରା, ୭।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ୩ଜଣଙ୍କୁ ଟ୍ରାଇ ସାଇକେଲ ଓ ୧୧୧ଜଣ ବୃଦ୍ଧା, ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ବୁଧବାର ଭତ୍ତା ବଣ୍ଟନ କରାଯାଇଛି। ବିଡିଓ ପର୍ଶୁରାମ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ହିତାଧିକାରୀଙ୍କ ଭତ୍ତା ପ୍ରଦାନ କରିଥିଲେ। ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, ଜିଲା ପରିଷଦ ସଭ୍ୟା ଜୟନ୍ତି ମହଲା, କଳ୍ପନା ନାଇକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

### ରକ୍ତଦାନ ଶିବିର

**ବାଙ୍ଗିରିପୋଷି,୭।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ବିଜୁ ଯୁବ ଏବଂ ଛାତ୍ର ଜନତାଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ସୁବୋଧ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିଥିଲେ।

# ପାନୀୟ ଜଳ ସଙ୍କଟ, କାର୍ଯ୍ୟକାରୀ ହେଉନି ପ୍ରକଳ୍ପ

■ନଳକୂପରୁ ବାହାରୁନି ପାଣି
■ନଈ, ପୋଖରୀ ଭରସା

**ଆରଡ଼ି, ୭।୪ (ଡି.ଏନ.ଏ.)**

ଗ୍ରୀଷ୍ମଋତୁ ଆରମ୍ଭରୁ ହ୍ରାସ ପାଇଲାଣି ଭୂତଳ ଜଳସ୍ତର। ଗାଁରେ ବସିଥିବା ନଳକୂପରୁ ଆଉ ପାଣି ବାହାରୁ ନାହିଁ। ଫଳରେ ଲୋକେ ହତାଶ ହୋଇ ପୂର୍ବପରି ପୋଖରୀ ଓ ନଦୀ ପାଣିକୁ ଭରସା କରୁଛନ୍ତି। ଭଦ୍ରକ ଜିଲା ଧାମନଗର ବ୍ଲକ ପାଳସାହି ଏବଂ ଚାନ୍ଦବାଲି ବ୍ଲକର ସୁନ୍ଦରପୁର ଓ ନାନ୍ଦପୁର ପଞ୍ଚାୟତରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି।

ଖରାଦିନ ଆରମ୍ଭରୁ ପାନୀୟ ଜଳ ସଙ୍କଟ ଜନଜୀବନକୁ ବ୍ୟତିବ୍ୟସ୍ତ କରି ପକାଇଛି। ପାଳସାହି ପଞ୍ଚାୟତର ସାଆଁଳପୁରଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସରିଥିଲେ ମଧ ଉଦ୍‌ଘାଟନ କରାଯାଉ ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ପାଣି ପାଇଁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ସାଆଁଳପୁର ଓ ଆଖପାଖ ଗାଁରେ ନଳକୂପ ପାଖରେ



ନଳକୂପ ପାଖରେ ମହିଳାଙ୍କ ଭିଡ଼।

ଦିନସାରା ଭିଡ଼ ଲାଗୁଛି। ଅଧଘଣ୍ଟାରେ ବାଲ୍‌ଟି ପୂରୁ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପାନୀୟ ଜଳ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସେମାନେ ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି। ସେହିପରି ଚାନ୍ଦବାଲି ବ୍ଲକର ଓଳଗ ପଞ୍ଚାୟତ ଓଳଗଠାରେ ଏକ ପାନୀୟ ଜଳ ପ୍ରକଳ୍ପ ଥିଲେ ବି ଏହା ଉପରେ ନିର୍ଭର କରୁଥିବା ଷାଠିବାଙ୍କୁଡ଼ା, ଅମୃତମଣି ଓ ସୁନ୍ଦରପୁର ପଞ୍ଚାୟତର କୁଳେଇପଦା ଗାଁକୁ ପାଇପ୍ ଯୋଗେ ପାଣି ଆସୁନାହିଁ। ଏସବୁ ଗାଁରେ ମଧ ନଳକୂପରୁ ପାଣି ବାହାରୁ ନ ଥିବା କୁହାଯାଇଛି। ଏଠାରେ ପାଇପ୍ ଯୋଗେ ଆସୁଥିବା ଜଳକୁ ମୁଷ୍ଟିମେୟ ବ୍ୟକ୍ତିମାନେ ପରିବା ଚାଷରେ ବିନିଯୋଗ କରୁଛନ୍ତି। ଏହାଛଡ଼ା କେତେଜଣ ବ୍ୟକ୍ତି ଏହି ପାଣିକୁ ନିଜ ପୋଖରୀକୁ ଛାଡୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ପାନୀୟ ଜଳ ସମସ୍ୟା ଧୀରେ ଧୀରେ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ପାଳସାହି ସରପଞ୍ଚ ଅନସୂୟା ମିଶ୍ରଙ୍କୁ ଜଳପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ସମ୍ପର୍କରେ ପଚାରିବାରୁ କହିଛନ୍ତି, ଠିକାଦାର ଜଣଙ୍କ ୭ ବର୍ଷ ହେଲା ମନମୁଖୀ କାର୍ଯ୍ୟ ଚଳାଇଛନ୍ତି। ଏ ପର୍ଯ୍ୟନ୍ତ ସେ ଉକ୍ତ ପ୍ରକଳ୍ପର ସମସ୍ତ କାର୍ଯ୍ୟ ସାରି ପାରି ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି।

## ଧାମନଗରରେ ୭ ଦୋକାନ ସିଲ୍



ଧାମନଗରରେ ଏକ ଦୋକାନ ସିଲ୍ କରାଯାଉଛି।

**କୋଭିଡ୍ ନିୟମ ଉଲ୍ଲଂଘନ**

**ଭଦ୍ରକ ଅଫିସ, ୭।୪**

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଏବେ ଦ୍ରୁତଗତିରେ ବଢ଼ି ଚାଲିଛି। ଏହାକୁ ଲକ୍ଷ୍ୟ ରଖି ଭଦ୍ରକ ପୋଲିସ ପ୍ରଶାସନ ପକ୍ଷରୁ ସହରରେ କଡ଼ାକଡ଼ି ଚେକିଂ କରାଯାଉଛି। ଭଦ୍ରକ ଏସ୍‌ଡିପିଓ ସାର୍ଥକ ରାୟଙ୍କ ନେତୃତ୍ୱରେ ଏକ ଏନ୍‌ଫୋର୍ସମେଣ୍ଟ ଟିମ୍ ଏହି ଚେକିଂରେ ସାମିଲ ହୋଇଥିଲା। ସହରର ବନ୍ତ ଛକ, ବାଇପାସ୍, କଚେରି, ଚରମ୍ପା ସମେତ ବିଭିନ୍ନ ଛକରେ ଜୋର୍‌ଦାର ଚେକିଂ କରାଯାଇଥିଲା। ଯେଉଁମାନେ କୋଭିଡ୍ ନିୟମ ଉଲ୍ଲଂଘନ କରିଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁମାନେ ମାସ୍କ ପିନ୍ଧି ନ ଥିଲେ ସେମାନଙ୍କୁ ୨୦୦ ଟଙ୍କା ଜରିମାନା କରାଯାଇଛି। ସହରରେ ଅଯଥା ଗହଳି କରୁଥିବା ଲୋକଙ୍କୁ ପୋଲିସ ସଚେତନ କରାଇଥିଲା। ଧାମନଗର ଏନ୍‌ଏସି ଅଞ୍ଚଳରେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ୭ ଦୋକାନକୁ ବୁଧବାର ସିଲ୍ କରାଯାଇଛି। ଭଦ୍ରକ ପିଡି ମଧୁସୂଦନ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଓ ଏନ୍‌ଏସି କର୍ମଚାରୀଙ୍କ ଉପସ୍ଥିତିରେ ଏହି ଦୋକାନଗୁଡ଼ିକ ସିଲ୍ କରାଯାଇଥିବା ସୂଚନା ଦିଆଯାଇଛି।

## ୭୨୪ ଦିବ୍ୟାଙ୍ଗ ପଞ୍ଜୀକୃତ

**ଖଇରା, ୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ହାଇସ୍କୁଲ ପରିସରରେ ବୁଧବାର ବ୍ଲକ ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ପର୍ଶୁରାମ ପଣ୍ଡା, ଏବିଡିଓ ଶକ୍ତିପ୍ରସାଦ ପାଇକରାୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ , ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୭୨୪ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିଲେ। ବ୍ଲକ କର୍ମଚାରୀ ଶଶିକାନ୍ତ ଦାସ, ନିର୍ମଳ ପରିଡା, ତ୍ରିଦେବ ବରାଳଙ୍କ ସମେତ ସମସ୍ତ କର୍ମଚାରୀ ଶିବିର ପରିଚାଳନା ସହଯୋଗ କରିଥିଲେ।



ଭିନ୍ନକ୍ଷମଙ୍କ ଶିବିରକୁ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରୁଛନ୍ତି।

## ଝରକା ଭାଙ୍ଗି ୭୦ହଜାର ଲୁଟ

**ଖଇରା,୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଗୋଳିହା ପଞ୍ଚାୟତ ଅଧୀନ ବାରଭାଗିଆ ଗ୍ରାମର ଚାଷୀ ରମେଶ ଦାସଙ୍କ ଘରୁ ମଙ୍ଗଳବାର ରାତିରେ ୭୦ହଜାର ଟଙ୍କା ଲୁଟ ହୋଇଥିବା ସେ ଅଭିଯୋଗ କରିଛନ୍ତି। ପୋଲିସ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରମେଶଙ୍କ ସ୍ତ୍ରୀ ଘରେ ଏକୁଟିଆ ଥିବା ବେଳେ ଚୋର ମାନେ ରାତିରେ ଝରକା ଗ୍ରିଲ ଭାଙ୍ଗି ଘରେ ପଶି ଆଲମିରାରେ ଥିବା ୭୦ହଜାର ଟଙ୍କା ନେଇ ପଳାଇଥିଲେ।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବି

**କେନ୍ଦୁଝର, ୭।୪ (ସ୍ୱ.ପ୍ର./ଡି.ଏନ.ଏ.)**

ବର୍ଦ୍ଧିତ ବିଦ୍ୟୁତ ଦର ପ୍ରତ୍ୟାହାର ଦାବିରେ ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତରେ କଂଗ୍ରେସ କର୍ମୀ, ନେତା ମାନେ ଏକ ରାଲିରେ କଂଗ୍ରେସ ଭବନରୁ ବାହାରି ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୦୧୬ ମସିହାରେ ବିମୁଦ୍ରାୟନ ଓ ପରେ ପରେ ମହାମାରୀ କରନା ଯୋଗୁଁ ସବୁ ବର୍ଗର ଲୋକ ମାନେ ଆର୍ଥିକ ସ୍ତରରେ ଦୁର୍ବଳ ହୋଇ ପଡିଥିବା ବେଳେ ଏଭଳି ରାଜ୍ୟରେ ବିଦ୍ୟୁତ ନିୟାମକ ଆୟୋଗର ଦର ବୃଦ୍ଧି ନିଷ୍ପତ୍ତି ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଅଧିକ ଦୁର୍ବଳ କରିଦେବବୋଲି କଂଗ୍ରେସ କର୍ମୀମାନେ କହିଥିଲେ। ଅନ୍ୟମାନଙ୍କ ମଧରେ ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂ, ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଟାଉନ କଂଗ୍ରେସ ପୂର୍ବତନ ସଭାପତି ବସନ୍ତ ଦାସ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

## ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି ବାତିଲ ଦାବି

**କେନ୍ଦୁଝର, ୭।୪ (ସ୍ୱ.ପ୍ର./ ଡି.ଏନ.ଏ.)**

କରୋନା ସଂକ୍ରମଣ ଯୋଗୁ ଆଦିବାସୀ ଅଧୁଷିତ କେନ୍ଦୁଝର ଜିଲାର ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିବାବେଳେ କେନ୍ଦୁଝରଗଡ ପୌରପ୍ରଶାସନ ପକ୍ଷରୁ ହୋଲଡିଂ ଟ୍ୟାକ୍ସ ବୃଦ୍ଧି ସେମାନଙ୍କ ପ୍ରତି ବୋଝ ଉପରେ ନଳିତା ମାଡ ସଦୃଶ୍ୟ ହୋଇଛି। ଏଣୁ ଏହାକୁ ବନ୍ଦ କରିବା ପାଇଁ କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଦାବି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହାର ସୁବିଚାର କରା ନ ଗଲେ ବାଧ ହୋଇ ପୌରବାସୀଙ୍କ ଦ୍ୱାରା ପୌରପାଳିକା କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣାରେ ବସିବେ ବୋଲି ଚେତାବନୀ ଦିଆଯାଇଛି।



ଜିଲାପାଳଙ୍କ ନିକଟକୁ ଆସିଥିବା କେନ୍ଦୁଝର ଯୁବ ପରିଷଦର ସଦସ୍ୟମାନେ।

# ଡାକ୍ତର ନିଯୁକ୍ତି ଦାବିରେ ଅନଶନ

**ବାସୁଦେବପୁର,୭।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଇରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ସ୍ଥାୟୀ ଡାକ୍ତର ନାହାନ୍ତି। ଫଳରେ ଇରମ, ନୂଆଗାଁ, ଅଡୁଆଁ, ସୁଦର୍ଶନପୁର ଆଦି ୪ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଲୋକେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାୟୀ ଡାକ୍ତର ନ ଥିବାରୁ ପ୍ରାଥମିକ ଚିକିତ୍ସା ଲାଗି ରୋଗୀମାନେ ହଇରାଣ ହୋଇ ବାସୁଦେବପୁର ମୁଖ୍ୟ ଡାକ୍ତରଖାନା ଓ ଅନ୍ୟ ଚିକିତ୍ସାଳୟ ଉପରେ ଭରସା କରୁଛନ୍ତି। ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଇରମ ପଞ୍ଚାୟତର ସମିତିସଭ୍ୟ ଉମାକାନ୍ତ ରଣା ଓ ଇରମ ଗୁଳିକାଣ୍ଡର ପ୍ରଥମ ମହିଳା ଶହୀଦ ପରିବେୱାଙ୍କ ଦାୟାଦ ବିଦ୍ୟାଧର ସାହୁ ବୁଧବାର ପୂର୍ବାହ୍ନଠାରୁ ଡାକ୍ତରଖାନା ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।





ଇରମ ଡାକ୍ତରଖାନା ଆଗରେ ଅନଶନକାରୀ।

ବିଭିନ୍ନ ବର୍ଗର ଲୋକେ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ଦୀର୍ଘବର୍ଷ ଧରି ଏଏନ୍‌ଏମ୍ ଓ ଫାର୍ମାସିଷ୍ଟ ଦାୟିତ୍ୱ ଚଳାଇ ଆସୁଥିବା ବେଳେ ଲୋକେ ଠିକ୍ ଭାବେ ସେବା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ବାସୁଦେବପୁର ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ସାମନ୍ତ ପହଞ୍ଚି ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ସପ୍ତାହକୁ ୨ ଦିନ ପଠାଯିବ ବୋଲି ଅନଶନକାରୀଙ୍କୁ କହିଥିଲେ ହେଁ ସେମାନେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଅଡ଼ି ବସିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଅନଶନ ଜାରି ରହିଥିଲା।

# ମାଟିଆ ମଙ୍ଗଳା ପୀଠରେ କଳାଘୋଡ଼ା

**ଜମୁଛି ଲୋକଙ୍କ ଭିଡ଼**

**ବାହାନଗା,୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ୨୦ ନମ୍ବର ୱାର୍ଡ ଉପରଆଡିଆ ଗ୍ରାମର ଥିବା ମା' ମାଟିଆ ମଙ୍ଗଳା ପୀଠରେ ପହଞ୍ଚିଛି ଏକ କଳା ଘୋଡ଼ା। ଘୋଡ଼ାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ଘୋଡ଼ା ମୁଣ୍ଡରେ ସିନ୍ଦୁର ଓ ଚନ୍ଦନ ଚିତା ଲାଗିଥିବାର ଦେଖାଯାଇଛି। ଘୋଡ଼ାଟି ପୀଠ ପାଖରେ ଛିଡ଼ା ହୋଇ ରହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ ଶୁକ୍ରବାର ସନ୍ଧ୍ୟାରେ ବାରଣୀ ଯାତ୍ରା ପାଇଁ ପୀଠ ପାଖରେ ଗ୍ରାମବାସୀ ବୈଠକ କରୁଥିବା ବେଳେ ହଠାତ୍ ଏହି ଛୋଟ ଘୋଡ଼ା ପୀଠ ସାମ୍ନାରେ ପହଞ୍ଚିଥିଲା। କିଏ ଆଣିଲା ଭାବି କିଛି ସମୟ ଅପେକ୍ଷା କରିଥିଲେ ମଧ କେହି ଲୋକ ନ ଆସିବାରୁ ଗ୍ରାମବାସୀ ଘୋଡ଼ାକୁ ସେଠାରେ ବାନ୍ଧି ଦେଇଥିଲେ। ୩ ରୁ ୪ ଦିନ ପରେ କେହି ଘୋଡ଼ା ନେବାକୁ ନ ଆସିବାରୁ ଗ୍ରାମବାସୀ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗ୍ରାମର ଅନିରୁଦ୍ଧ ପାତ୍ର, କୈାରାସ ରାଉତ, କରୁଣାକର ପାତ୍ର, ଭାଗୀରଥି ରାଉତ ପ୍ରମୁଖ ଘୋଡ଼ାକୁ ବାନ୍ଧି ଘାସ ଖାଇବାକୁ ଦେଉଛନ୍ତି। ଏକଥା ଆଖପାଖ ଅଞ୍ଚଳରେ ପ୍ରଘଟ ହେବାରୁ ତାକୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଛି। ଘୋଡ଼ାଟି ଦୈବିକ



ଶକ୍ତି ନା ମା'ଙ୍କ ମହିମା ତାହା ଭାବି ଲୋକେ ଯତ୍ନ ନେଉଛନ୍ତି। ସାଧାରଣତଃ ଘୋଡ଼ା ମୁଣ୍ଡରେ ସିନ୍ଦୁର ଓ ଚନ୍ଦନ ଚିତା ଲାଗିଥିବାରୁ ଲୋକଙ୍କ ମଧରେ ଆଧାତ୍ମିକ ଭାବବେଗ ଦେଖାଯାଇଛି।

## ଏଲିମା ହେଲେ ମିସ୍ ଓଡ଼ିଶା

**ସାରସକଣା,୭।୪**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳର ଝିଅ ଏଲିମା କର ମିସ ବିୟୁଟି କୁଇନ୍ ଅଫ୍ ଓଡ଼ିଶା ଭାବେ ବିଜୟୀ ହୋଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି।

ପ୍ରକାଶ ଥାଉକି, ଓଡ଼ିଶା ସାଇନିଂ ଆଇକନ୍ ସିଜିନ-୩ରେ ଚଳିତ ବର୍ଷ ଏଲିମା ସିନିୟର ଗ୍ରୁପର ମିସ୍ ବିୟୁଟି କୁଇନ୍ ଅଫ୍ ଓଡ଼ିଶା ବିବେଚିତ ହୋଇଛନ୍ତି। ରାଉରକେଲାସ୍ଥିତ ସାଇନିଙ୍ଗ ରକର୍ସ ଏକାଡେମୀ ଦ୍ୱାରା ପ୍ରାୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୫ଶହ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣ ଫୋରମ ଗ୍ୟାଲେରିଆରେ ଅନୁଷ୍ଠିତ ସେମିଫାଇନାଲ ପର୍ଯ୍ୟାୟରେ ଭାଗ ନେଇଥିଲେ। ଗତ ୪ ତାରିଖରେ ରାଉରକେଲାର ତୃପ୍ତି ପ୍ୟାଲେସରେ ଅନୁଷ୍ଠିତ ଫାଇନାଲ ପର୍ଯ୍ୟାୟରେ ଏଲିମା ଏହି ସଫଳତା ହାସଲ କରିଥିଲେ। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ନିବାସୀ ପିତା ଅମରେନ୍ଦ୍ର କର ଓ ମାତା କଲ୍ୟାଣୀ କରଙ୍କ ସୁକନ୍ୟା ହେଉଛନ୍ତି ଏଲିମା। ଲୀନା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜୟ ତ୍ରିପାଠୀ, ପ୍ରଶାନ୍ତ ଦାସ, ଶୁଭଜିତ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ।





ଏଲିମା କର।

# ଟୋଲ୍‌ଗେଟ୍‌କୁ ନେଇ ବଢ଼ିଲା ଅସନ୍ତୋଷ

**ନିଃଶୁଳ୍କ ବ୍ୟବସ୍ଥା ଦାବିରେ ବିକ୍ଷୋଭ**

**ବାରିପଦା ଅଫିସ,୭।୪**

ମୟୂରଭଞ୍ଜ ଜିଲା ଦେଇ ଯାଇଥିବା ୧୮ ଓ ୪୯ନଂ. ଜାତୀୟ ରାଜପଥର ୩ଟି ସ୍ଥାନରେ ଟୋଲଗେଟ୍ ନିର୍ମାଣ ପରେ ଶୁଳ୍କ ଆଦାୟ ଆରମ୍ଭ ହୋଇଛି। ଜିଲାବାସୀ ଉକ୍ତ ରାଜପଥ ଦେଇ ମୁଖ୍ୟାଳୟକୁ ଆସିବାକୁ ହେଲେ ଦୁଇଟି ଗେଟରେ ଶୁଳ୍କ ଦେବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଆଦିବାସୀ ଅଧୁଷିତ ଏହି ଜିଲାବାସୀଙ୍କ ପାଇଁ ନିଶୁଳ୍କ ବ୍ୟବସ୍ଥା ଗ୍ରହଣ କରିବା ଦାବିରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।

ଜିଲାଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଝାରପୋଖରିଆଠାରୁ ୧୩ କି.ମି. ଦୂର କୁଲିଅଣା ନିକଟ ଶୁକୁଆପଡ଼ା ଓ ସେହିଠାରୁ ୭୩.୪୩୮କି.ମି. ଦୂର ବୈଶିଙ୍ଗା ନିକଟ ପଦ୍ମଲାଭପୁର ଏବଂ ଝାରପୋଖରିଆ-କେନ୍ଦୁଝରକୁ ସଂଯୋଗ କରୁଥିବା ୪୯ନଂ. ଜାତୀୟ ରାଜପଥର ଯଶିପୁର ନିକଟ ହାଣ୍ଡିପୁହାଣ ଆଦି ତିନୋଟି ସ୍ଥାନରେ ଟୋଲଗେଟ କାର୍ଯ୍ୟକ୍ଷମ ହୋଇଛି। ଝାରପୋଖରିଆ ଠାରୁ ପଡ଼ୋଶୀ ବାଲେଶ୍ୱର ଜିଲା ନହରପାଟଣା ପର୍ଯ୍ୟନ୍ତ ୮୧କି.ମି. ଓ ଝାରପୋଖରିଆରୁ କେନ୍ଦୁଝର ରାଜପଥର କାର୍ଯ୍ୟ ସରିଥିବା ବେଳେ ଗଳାପୋଲ ଓ ଫ୍ଲାଏ ଓଭରର କାର୍ଯ୍ୟ ଚାଲୁ ରହିଛି। ଭାରତ ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ରାଜପଥରୁ ଟୋଲଗେଟ ମାଧ୍ୟମରେ ଶୁଳ୍କ ଆଦାୟ କରିବାର ନିୟମ ରହିଛି। ଉଭୟ ଟୋଲଗେଟର ୨୦କି.ମି. ପରିସୀମାରେ ଥିବା ଜନସାଧାରଣ ମାସିକିଆ ଏକକାଳୀନ ୧୯୦ଟଙ୍କା ଶୁଳ୍କ ଦେଇ ଯାତାୟାତ କରିପାରିବେ ବୋଲି ଫଳକରେ ସୂଚନା ଦିଆଯାଇଛି। ତେବେ ୨୦ କି.ମି ପରିଧି ମଧ୍ୟରେ ଥିବା ଜନ ସାଧାରଣ ନିଶୁଳ୍କ ବ୍ୟବସ୍ଥା ଗହଣ କରିବା ପାଇଁ ଦାବି କରିଛନ୍ତି।

ଜାତୀୟ ରାଜପଥ ନିୟମାନୁଯାୟୀ ଅତିକମ୍‌ରେ ୬୦କି.ମି. ଦୂରତାରେ ଗୋଟିଏ ଲେଖାଏ ଟୋଲଗେଟ ସ୍ଥାପନ ହେବାକୁ ଥିବା ବେଳେ ୧୮ନଂ. ଜାତୀୟ ରାଜପଥର ପଦ୍ମଲାଭପୁର ଟୋଲଗେଟଠାରୁ ଜାତୀୟ ରାଜପଥ ୧୬ନଂ.ର ଶେରଗଡ଼ ଟୋଲଗେଟ ଦୂରତ୍ୱ ୨୦କି.ମି.। ମୟୂରଭଞ୍ଜ ଜିଲାବାସୀଙ୍କୁ ଏହି ରାସ୍ତାରେ କଟକ ଓ ଭୁବନେଶ୍ୱର ଯିବା ଆସିବା କରିବା ପାଇଁ ୨୦କି.ମି. ଦୂରତ୍ୱରେ ୨ଟି ଟୋଲଗେଟରେ ଶୁଳ୍କ ଦେବାକୁ ପଡୁଛି। ସେହିପରି ଯଶିପୁର ଓ କରଞ୍ଜିଆ ଅଞ୍ଚଳରୁ ମୁଖ୍ୟାଳୟ ବାରିପଦାକୁ ଆସିବାକୁ ହେଲେ ହାଣ୍ଡିପୁହାଣ ଓ ଶୁକୁଆପୋଡ଼ାଠାରେ ଦୁଇଥର ମଧ ଶୁଳ୍କ ଦେବାକୁ ପଡୁଛି। ଏହା ଜିଲାବାସୀଙ୍କ ପାଇଁ ଏକ ପ୍ରକାରର ଶୋଷଣ ବୋଲି ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଭାରତ ସରକାରଙ୍କ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳକ(ବୈଷୟିକ) ଜେ.ପି.ବର୍ମା କୁହନ୍ତି, ଶେରଗଡ଼ ଓ ପଦ୍ମଲାଭପୁର ଗେଟ୍ ଜାତୀୟ ରାଜପଥର ଭିନ୍ନ ଭିନ୍ନ (୧୮ନଂ. ଓ ୧୬ନଂ.) ଅଂଶରେ ଥିବାରୁ ୬୦କି.ମି. ଦୂରତା ନିୟମ ପ୍ରଜୁଯ୍ୟ ହେଉନାହିଁ ।



ଶୁକୁଆପୋଡ଼ା ଟୋଲ୍‌ଗେଟ।

ତେବେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟୋଲଗେଟ୍ ସ୍ଥାନ ନିରୂପଣ ସମୟରେ ପଦ୍ମଲାଭପୁର ପରିବର୍ତ୍ତେ ଶେରଗଡ଼ ଠାରୁ ୬୦ କି.ମି. ଦୂରରେ ଗେଟ ନିର୍ମାଣ କରିଥିଲେ ଜିଲାରେ ଦୁଇଟି ଗେଟ ସ୍ଥାପନ ହୋଇପାରନ୍ତା। ଏପରିକି ଜିଲା ସଦର ମହକୁମାକୁ ଆସୁଥିବା ଜନସାଧାରଣଙ୍କୁ ଖର୍ଚ୍ଚାନ୍ତରରୁ ମୁକ୍ତି ମିଳନ୍ତା ବୋଲି ବାରିପଦା ବାସିନ୍ଦା ଅମରେନ୍ଦ୍ର ଗୋପାଲ ପାଣି ପ୍ରକାଶ କରିଛନ୍ତି । ଜିଲାରୁ ଦୁଇଜଣ ଭାଜପା ଏମ୍‌ପି ରହିଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ସମସ୍ତଙ୍କୁ ସୁହାଇବା ପରି ଟୋଲ ଶୁଳ୍କ ଧାର୍ଯ୍ୟ ପାଇଁ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବଡ଼ସାହି ବିଧାୟକ ସନାତନ ବିଜୁଳି କହିଛନ୍ତି । ତେବେ ଜିଲାବାସୀଙ୍କୁ ଟୋଲଗେଟରେ ନିଶୁଳ୍କ ସେବା ଯୋଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

କପ୍ତିପଦା,(ଡି.ଏନ.ଏ): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଧୂମକ୍ଷେତ ଅଞ୍ଚଳରୁ ବେଆଇନ ମାଟି କାରବାର ହେଉଛି। ଖବର ପାଇ କପ୍ତିପଦା ଅତିରିକ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା ଘଟଣାସ୍ଥଳରେ ଚଢ଼ାଉ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ କପ୍ତିପଦା ଗଡ଼ସାହିର କମଲଦାସ ବାବୁ ଓ ଆଲୋକ ବେହେରା ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ କରିଥିଲେ। ଅତିରିକ୍ତ ତହସିଲଦାର ଜେନା ଏନେଇ ତହସିଲଦାର ସମରଜିତ କରଙ୍କୁ ଅବଗତ କରିବା ପରେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୯୬/୨୧)ରୁଜୁ କରି କମଲଦାସ ବାବୁଙ୍କୁ ଗିରଫ କରିଛି।

### ଆଜି କ'ଣ କେଉଁଠି

**ବାଲେଶ୍ୱର**

- ନେସ୍କୋ ଉପଭୋକ୍ତା ମଞ୍ଚ ପକ୍ଷରୁ ଗଣଧାରଣା। ସ୍ଥାନ- ନେସ୍କୋ ଅଫିସ୍ ସମ୍ମୁଖ, ଜାନୁଗଞ୍ଜ, ବାଲେଶ୍ୱର। ସମୟ: ପୂର୍ବାହ୍ନ ୯ଟା।
- ଜଗନ୍ନାଥ କଥାମୃତ ଶିକ୍ଷାଶିବିର। ସ୍ଥାନ-ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ଦୋଳ ମେଳନ ପଡ଼ିଆ। ସମୟ: ସକାଳ ୭ଟା।

**କେନ୍ଦୁଝର**

- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ। ସ୍ଥାନ: ଢେଙ୍କିକୋଟ। ସମୟ: ସକାଳ ୮ଟାରୁ।

# ଘଟଗାଁ ତାରିଣୀ ପୀଠରେ ଜିଲାପାଳ, ଏସ୍‌ପି

**କେନ୍ଦୁଝର/ଘଟଗାଁ, ୭।୪ (ସ୍ୱ.ପ୍ର.)**

- କୋଭିଡ୍ କଟକଣାରେ ହେବ ଚଇତି ପର୍ବ
- ସାମାଜିକ ଦୂରତ୍ୱ ସହ ମାସ୍କ ବାଧତାମୂଳକ
- ୧୦ ମିଟରରେ ଜଣେ ଲେଖାଏ ସୁରକ୍ଷାକର୍ମୀ

କେନ୍ଦୁଝର ଜିଲାପାଳ ଆଶୀଷ ଠାକରେ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ର ବୁଧବାର ଘଟଗାଁ ମା' ତାରିଣୀ ପୀଠକୁ ଯାଇ ସେଠାରେ ମା ଙ୍କ ପ୍ରସିଦ୍ଧ ଚୈତ୍ର ପର୍ବ ପାଳନ ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ କରାଯାଇଥିବା ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ବିଶେଷ କରି କରୋନା ସଂକ୍ରମଣ କିପରି ନ ବ୍ୟାପିବ ସେ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ବ୍ୟବହାରକୁ ବାଧତାମୂଳକ କରିବା ସହ ବାରିକେଡ ବ୍ୟବସ୍ଥା କରିବାକୁ କହିଥିଲେ।

ଆସନ୍ତା ୯ରୁ ୧୫ତାରିଖ ପର୍ଯ୍ୟନ୍ତ ଘଟଗାଁ ତାରିଣୀଙ୍କ ପ୍ରସିଦ୍ଧ ଚଇତି ଯାତ୍ରା ଅନୁଷ୍ଠିତ ହେବ। ଗତ ବର୍ଷ କରୋନା କଟକଣା ପାଇଁ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଜିଲା ପ୍ରଶାସନ ସ୍ୱତନ୍ତ୍ର ଗାଇଡ ଲାଇନ ପ୍ରସ୍ତୁତି କରିଛନ୍ତି । ପଣା ସଂକ୍ରାନ୍ତି ଓ ମା'ଙ୍କ ବାର ମଙ୍ଗଳବାର ଅର୍ଥାତ ୧୩ ଓ ୧୪ ତାରିଖ ପ୍ରବଳ ଭକ୍ତ ସମାଗମ ହେବା ଆଶଙ୍କା କରି ଉକ୍ତ ଦୁଇ ଦିନ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟ ଦିନ ମାନଙ୍କରେ ସାମାଜିକ ଦୂରତ୍ୱ ଓ କୋଭିଡ ଆଇନ ପାଳନ ମୁତାବକ କେବଳ ମା'ଙ୍କ ଦର୍ଶନ ପାଇଁ ଅନୁମତି ଦିଆଯାଇଛି। ଦର୍ଶନ ପାଇଁ ଧାଡି ବ୍ୟବସ୍ଥା କରାଯାଇଛି। ଧାଡ଼ିରେ ଠିଆ ନ ହୋଇ ଦର୍ଶନ କରି ଭକ୍ତ ତୁରନ୍ତ ଚାଲିଯିବା ପାଇଁ ବ୍ୟବସ୍ଥା ହେବ। ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ବଳ ମୁତୟନ କରିବା ସହ ପରିସରରେ ବାରିକେଡ ବ୍ୟବସ୍ଥା କରିବାକୁ କୁହାଯାଇଛି। ପ୍ରତ୍ୟେକ ୧୦ ମିଟରରେ ଜଣେ ଲେଖାଏ ସିକ୍ୟୁରିଟି ଗାର୍ଡ ମୁତୟନ ହେବେ। ମନ୍ଦିରକୁ ଠିକ ଭାବରେ ବିଶୋଧନ କରିବା ଉପରେ ଗୁରୁତ୍ୱରୋପ କରାଯାଇଛି । ନିକଟବର୍ତ୍ତୀ ହୋଟେଲ ଗୁଡ଼ିକରେ ଉପରେ କଡା ନଜର ରଖିବା ପାଇଁ ସ୍ଥାନୀୟ ପ୍ରଶାସନଙ୍କୁ ଆଦେଶ କରାଯାଇଛି। ବୈଦ୍ୟୁତିକ ଗଣମାଧ୍ୟମ, ମା'ଙ୍କ ୱେବ ସାଇଟ ତଥା ଏଲଇଡି ଟିଭି ମାଧ୍ୟମରେ ଉକ୍ତ ଦୁଇ ଦିନ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବାକୁ ସ୍ଥିର ହୋଇଛି ।

ଜିଲାପାଳ ଓ ଏସପି ପ୍ରଥମେ ଟ୍ରଷ୍ଟ ବୋର୍ଡ ସହିତ ଆଲୋଚନା କରି ମନ୍ଦିର ପରିସର ବୁଲି ପ୍ରସ୍ତୁତି ଦେଖିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ସଦସ୍ୟ କ୍ଷୀରୋଦ ପ୍ରସାଦ ଦାସ, ବଳଭଦ୍ର ନନ୍ଦ, ନିର୍ମଳ କୁମାର ମହାନ୍ତି, ଆନନ୍ଦ ଚନ୍ଦ୍ର ସିଂହ, କାର୍ଯ୍ୟନିର୍ବାହୀ ସଞ୍ଜୀବ ମହାପାତ୍ର, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ତହସିଲଦାର ଜନକ ନାୟକ, ଏସଡିପିଓ ରବିନ୍ଦ୍ର ମଲ୍ଲିକ, ଥାନା ଅଧିକାରୀ ଶ୍ୟାମଘନ ବେହେରା, ବିଡିଓ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ଦିର ପରିସରରେ ଜିଲାପାଳ ଆଶୀଷ ଠାକ୍‌ରେଙ୍କ ସହ ଅନ୍ୟମାନେ।

## ପ୍ରତିଶ୍ରୁତି ପରେ ଚାଉଳ ନେଲେ ଲିଲିମଣି

**ଚମ୍ପୁଆ, ୭।୪(ଡି.ଏନ.ଏ):** ଖାଉଟିସୁରକ୍ଷା ଯୋଜନାରେ ମିଳୁଥିବା ୫ କିଲୋ ଚାଉଳ ନେବାକୁ ଅମଙ୍ଗ ଲିଲିମଣିଙ୍କୁ ବୁଝାଇବାରେ ବିଭାଗ ସଫଳ ହୋଇଛି। ଯୋଗାଣ ନିରୀକ୍ଷକ ତାରିଣୀ ମିଶ୍ରଙ୍କ ହସ୍ତକ୍ଷେପ ଓ ମାସେ ମଧ୍ୟରେ ଅନ୍ତ୍ୟୋଦୟରେ ସାମିଲ କରାଯିବାର ପ୍ରତିଶ୍ରୁତିପରେ ସ୍ଥାନୀୟ ଯୋଗାଣ ସାମଗ୍ରୀ ବଣ୍ଟନକାରୀ ସଦସ୍ୟମାନେ ଲିଲିମଣି ପାଖରେ ପହଞ୍ଚି ୮ ମାସର ଯୋଗାଣ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଖବର ଅନୁସାରେ ଲିଲିମଣି ଏହି ଯୋଜନାରେ ୩୫କିଲୋ ଚାଉଳ ପାଇଆସୁଥିଲେ। ମାତ୍ର ପ୍ରାୟ ୮ ମାସ ପୂର୍ବରୁ ତାଙ୍କ ଖାଉଟିକାର୍ଡ କଟିଯାଇ ମାସକୁ ତାଙ୍କୁ ୫କିଲୋ ଚାଉଳ ଦିଆଯାଉଥିଲା। ସେ ଦୃଷ୍ଟିହୀନ ହୋଇଥିବାବେଳେ ବଣ୍ଟନ କେନ୍ଦ୍ରରୁ ୩୫କିଲୋ ବଦଳରେ ୫କିଲୋ ଚାଉଳ ପାଉଥିବା ଜାଣିବାକୁ ପାଇଥିଲେ। ତାଙ୍କର କାର୍ଡ କାହିଁକି କଟାଗଲା ବୋଲି ପ୍ରତିବାଦ କରିବା ସହିତ ୫କିଲୋ ଚାଉଳ ନେବାକୁ ସେ ଅମଙ୍ଗ ହୋଇଥିଲେ। ଏହି ଘଟଣା ଯୋଗାଣ ନିରୀକ୍ଷକଙ୍କ ନଜରକୁ ଆଣିବା ପରେ ସେ ତୁରନ୍ତ ପଦେକ୍ଷପ ନେଇ ତାଙ୍କ ଘରେ ଚାଉଳ ପହଞ୍ଚାଇବାକୁ ବଣ୍ଟନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଇରଙ୍ଗପୁର,୭।୪(ଡି.ଏନ.ଏ.):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଇରଙ୍ଗପୁର ଶାଖା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଛତିଶଗଡ଼ର ବିଜାପୁର ଠାରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ୨୨ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ନଗର ସମ୍ପାଦକ ଲିଙ୍ଗରାଜ ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଦୁର୍ଗାମଣ୍ଡପରେ ଅନୁଷ୍ଠିତ ଏହି ଶୋକ ସଭାରେ ଚିନ୍ମୟ ବାରିକ, ପ୍ରୀତମ ମଣ୍ଡଳ,ମୟଙ୍କ ମିଶ୍ର, ରାକେଶ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ନନ୍ଦଲାଲ ମାରାଣ୍ଡି,ସଞ୍ଜୁ ମହାନ୍ତ, ସୁଚିତ୍ରା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## 'ସ୍ୱାସ୍ଥ୍ୟ ବିନା ଜୀବନ ମୂଲ୍ୟହୀନ'

**ବାରିପଦା ଅଫିସ,୭।୪:** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ନିକଟ ରଙ୍ଗାମାଟିଆସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ସାଇଟ୍ ସେଭର୍ସଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞ ଡା.ମଞ୍ଜୁଳା ପ୍ରଧାନ ଦୂରଦୂରାନ୍ତରୁ ଆସିଥିବା ଚକ୍ଷୁ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ବିନା ଜୀବନ ମୂଲ୍ୟହୀନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଦିବସରେ ଚକ୍ଷୁ ଚିକିତ୍ସାଳୟର ସଂଯୋଜିକା ଜ୍ୟୋତିରେଖା ମହାପାତ୍ର, ଚକ୍ଷୁ ସହାୟିକା ଯାଜ୍ଞସେନୀ ପଟ୍ଟନାୟକ, ଶାନ୍ତିଲତା ପରିଡ଼ା, ସୌଦାମିନୀ ପରିଡ଼ା, ସର୍ବେଶ୍ୱର ଦାସ, ରଞ୍ଜିତା ମହାନ୍ତି, ମୋନାଲି ଘୋଷ, ମୋନାଲି ମହାପାତ୍ର, ଦେବସ୍ମିତା ପରିଡ଼ା,ଧୃନ୍ତା ମୁର୍ମୁ ଏବଂ ଚିକିତ୍ସାଳୟକୁ ଆସିଥିବା ଚକ୍ଷୁ ରୋଗୀମାନେ ଯୋଗଦେଇଥିଲେ । ଚକ୍ଷୁ ଚିକିତ୍ସାଳୟର ନିର୍ଦ୍ଦେଶକ ଆଦିତ୍ୟ ପଟ୍ଟନାୟକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ନିମନ୍ତେ ଆହ୍ୱାନ ଜଣାଇଥିଲେ ।

## କଳାକାର ସଂଘ ପକ୍ଷରୁ ଜଳଛତ୍ର

**ବାଲିଆପାଳ,୭।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ କଳାକାର ସଂଘର ସଭାପତି ଝାଡ଼େଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ବ୍ଲକର ସିମୁଳିଆ ମାର୍କେଟ୍ ସ୍ଥିତ ମହାତ୍ମା ମଠ ନିକଟରେ ସଂଘ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ବାଲେଶ୍ୱର ଜିଲା କଳାକାର ସଂଘର ସଭାପତି କଳାକାର ଗୌରା ଦାସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା କଳାକାର ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ, ବାଲିଆପାଳ କଳାକାର ସଂଘର ଉପସଭାପତି ପ୍ରଫୁଲ୍ଲ କୁମାର ବାଗ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଗିରିଧାରୀ ଭୂୟାଁ, ବିଜୟ କୁମାର ଜେନା, ରାଧାରମଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସୁବର୍ଣ୍ଣରେଖାରୁ ବାଲି ଚାଲାଣ: ଲୋକାୟୁକ୍ତଙ୍କ ତଦନ୍ତ


ସୁବର୍ଣ୍ଣରେଖାରୁ ବାଲି ଚୋରା ଚାଲାଣ ନେଇ ତଦନ୍ତ କରାଯାଉଛି।

**ଜଳେଶ୍ୱର,୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନରେ ଥିବା ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରା ଚାଲାଣ ନେଇ ଲୋକାୟୁକ୍ତଙ୍କ ପକ୍ଷରୁ ତଦନ୍ତ କରାଯାଇଛି। ଏକ ୩ ଜଣିଆ ଟିମ୍ ମଙ୍ଗଳବାର ଜଳେଶ୍ୱର ତହସିଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳକୁ ଯିବା ସହ ସ୍ଥାନୀୟ ଲୋକଙ୍କ ମତାମତ ସଂଗ୍ରହ କରିଥିଲା ଟିମ୍। ବୁଧବାର ଟିମ୍ ତଦନ୍ତ ସାରି ଲୋକାୟୁକ୍ତଙ୍କୁ ରିପୋର୍ଟ ପ୍ରଦାନ ଲାଗି ଭୁବନେଶ୍ୱର ଫେରି ଯାଇଛନ୍ତି।

ପ୍ରକାଶ ଯେ, ନଦୀର ୨୩ଟି ସଇରାତରୁ ଚଳିତବର୍ଷ ୨୨ଟି ନିଲାମ ଦିଆଯାଇ ନାହିଁ। ପ୍ରଶାସନିକ ସ୍ଥାଣୁତା ଯୋଗୁ ଏସବୁ ସ୍ଥାନରେ ବ୍ୟାପକ ବାଲି ଚୋରାରେ ଚାଲାଣ ହୋଇଆସୁଛି। ଗତ ଫେବୃୟାରୀରେ ସାମାଜିକ କର୍ମୀ ଅଶୋକ କୁମାର ପରିଡ଼ା ଓ ପଞ୍ଚାୟତ ସମିତି ସଦସ୍ୟା ପ୍ରତିଭା ନାଥଙ୍କ ନେତୃତ୍ୱରେ ରାୟାଁରାମଚନ୍ଦ୍ରପୁର ଗାଁ ନିକଟରୁ ବ୍ୟାପକ ବାଲି ଚୋରି ହେଉଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫେବୃୟାରୀ ୪ରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ ଏବଂ ଓଲମରା ଆର୍‌ଆଇ ଦିଲୀପ କୁମାର ଚନ୍ଦ ପୋଲିସ ସହ ଅତର୍କିତ ଭାବେ ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ବାଲି ଚୋରା କାରବାରରେ ସଂଶ୍ଳିଷ୍ଟ ଥିବା ସ୍ଥାନୀୟ ଜନୈକ ଯୁବକ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ପ୍ରଶାସନର ଗାଡ଼ି ପୋଡ଼ି ଦେବାକୁ ଉଦ୍ୟତ ହୋଇଥିଲେ। ତାଙ୍କୁ ଥାନାକୁ ଅଣାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପୋଲିସ ଛାଡ଼ି ଦେଇଥିଲା। ଏ ସମ୍ପର୍କରେ ଲୋକାୟୁକ୍ତଙ୍କୁ ଅବଗତ ପରେ ଉକ୍ତ ଟିମ୍ ଆସି ତଦନ୍ତ କରିଛି। ତଦନ୍ତ ବେଳେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ହେମ୍ବ୍ରମଙ୍କ ସହ ତହସିଲ କର୍ମଚାରୀ ଓ କେତେକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ଖଇରା କଲେଜକୁ ପରିଦର୍ଶନରେ ଆସିବ ନାକ୍

**ଖଇରା,୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଖଇରା ମହାବିଦ୍ୟାଳୟକୁ ଆସନ୍ତା ନଭେମ୍ବର ମାସରେ ନାକ ଟିମ ଗସ୍ତ କରୁଥିବା ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅଧ୍ୟକ୍ଷ ପ୍ରମୋଦ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ମୁକ୍ତିକାନ୍ତ ଶତପଥି, ବସନ୍ତ କୁମାର ଖିଲାର ଯୋଗ ଦେଇ କିଭଳି ଠିକ୍ ଭାବେ ପ୍ରସ୍ତୁତିକରାଯାଇ କଲେଜକୁ ବି++ ମାନ୍ୟତା ମିଳିପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଉପଦେଷ୍ଟା ଗୋପବନ୍ଧୁ ମହାପାତ୍ରଙ୍କ ସମେତ ପ୍ରତ୍ୟେକ ବିଭାଗର ମୁଖ୍ୟ ଲକ୍ଷ୍ମଣ କୁମାର ଶତପଥି, ନିରଞ୍ଜନ ପଣ୍ଡା, ଶଶିକାନ୍ତ ପଣ୍ଡା, ବନମାଳି ବାରିକ, ପ୍ରଦୀପ କୁମାର ପାଣି ପ୍ରମୁଖ ଏଥିରେ ଉପସ୍ଥିତ ରହି ବିଭାଗର ବିଭିନ୍ନ ସମସ୍ୟା ସମାଧାନ ଉପରେ ଆବଶ୍ୟକ ପରାମର୍ଶ ଦେଇଥିଲେ।

## ହାଇସ୍କୁଲରେ ସଂସ୍କୃତ ଶିକ୍ଷା ସଙ୍କୋଚନର ପ୍ରତିବାଦ

**ଭଦ୍ରକ ଅଫିସ,୭।୪**

ଓଡ଼ିଶା ସରକାର ହାଇସ୍କୁଲରେ ୩ୟ ଭାଷା ସ୍ଥାନରେ ବିକଳ୍ପରେ ଧନ୍ଦାମୂଳକ ଶିକ୍ଷାକୁ ଅବିଚାରିତ ଭାବେ ଲଦି ଦେଇ ସଂସ୍କୃତ ଶିକ୍ଷାକୁ ସଙ୍କୁଚିତ କରୁଥିବା ଅଖିଳ ଭାରତୀୟ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ବିଭିନ୍ନ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିବାଦ ଜଣାଇଛନ୍ତି। ଏହି କ୍ରମରେ ସମିତିର ଭଦ୍ରକ ଜିଲା ସଭାପତି ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ ସଂସ୍କୃତ ପ୍ରେମୀ ବହୁସଂଖ୍ୟାରେ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଧନ୍ଦାମୂଳକ ଶିକ୍ଷା ଏକ ଭାଷା ଶିକ୍ଷା ହୋଇ ନ ଥିବାରୁ ଏହାକୁ ତୃତୀୟ ଭାଷା ସ୍ଥାନରୁ ହଟାଯାଇ ଅନ୍ୟ ଏକବିଷୟ ଭାବେ ପଢ଼ାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ସଂକ୍ରମଣ ରୋକିବା ଲାଗି ସଚେତନତା

**ବାରିପଦା ଅଫିସ,୭।୪**

ମୟୂରଭଞ୍ଜ ଜିଲାରେ କରୋନା ଭୂତାଣୁର ଦ୍ୱିତୀୟ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି । ବୁଧବାର ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ପରମାର ସ୍ମିଥ୍ ପରୁଷୋତ୍ତମ ଦାସ, ସଦର ଉପଜିଲାପାଳ ପି.ଅନ୍ୱେଷା ରେଡ୍ଡି ପ୍ରମୁଖ ବାରିପଦା ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ସହରର ପରିବା ମାର୍କେଟ, ବଡ଼ବଜାର, ଟ୍ରାଫିକ ଛକ, କୃଷ୍ଣଚନ୍ଦ୍ର ଗୋଲାଇ ଆଦି ଅଞ୍ଚଳକୁ ଯାଇ ଦୋକାନୀମାନଙ୍କୁ କୋଭିଡ୍-୧୯ ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ରାଇବଣିଆ, ୭।୪(ଡି.ଏନ.ଏ.)**

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ବାଲେଶ୍ୱର ଜିଲା ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଅଫିସର ଧନେଶ୍ୱର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାକୁ ଅଧ୍ୟକ୍ଷ ରମେଶ ଚନ୍ଦ୍ର ରାଉତ ଉଦ୍‌ଘାଟନ କରି ସାମ୍ପ୍ରତିକ ସମାଜରେ ଦେଖାଯାଉଥିବା ବିଭିନ୍ନ ମହାମାରୀକୁ ପ୍ରତିହତ କରିବା ସମ୍ପର୍କରେ କହିଥିଲେ। ଅଧ୍ୟାପକ ବିଜୟ ମଲ୍ଲିକ, ପ୍ରାଧ୍ୟାପକ ସୁଧାଂଶୁ ଶେଖର ଗିରି, ରାଧାରଞ୍ଜନ ସେନାପତି, ସନ୍ୟାସୀ ପାତ୍ର, ବ୍ରଜମୋହନ ପଟ୍ଟାୟତ, ଦୀପକ ସେନାପତି, ଗୋପାଳ ପ୍ରସାଦ ଗୁପ୍ତା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସିନିୟର କ୍ୟାଡେଟ୍ ମହେଶ୍ୱର ବେହେରା ଓ ସତ୍ୟସାଇ ଜେନା ନେତୃତ୍ୱ ନେଇଥିବା ବେଳେ ନମିତା ଧଳ, ଭଗବତୀ ନାୟକ, ପାର୍ଥ ପ୍ରକାଶ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ବିଜୁ ଛାତ୍ର ଜନତା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବାରିପଦା ଅଫିସ,୭।୪**

ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ପାଇଁ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ-୧ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି। ବାରିପଦା ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଜନତାର କର୍ମକର୍ତ୍ତା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଐତିହାସିକ ବୋଲି କହିଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ଉଚ୍ଚ ଶିକ୍ଷା କ୍ଷେତ୍ରରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଯୋଗୁ ସାରା ରାଜ୍ୟରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଉପକୃତ ହେବା ସହ ସମଗ୍ର ଦେଶରେ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଏହା ଏକ ଅନୁକରଣ ଉପଯୋଗୀ ବ୍ୟବସ୍ଥା ବୋଲି ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୁନିଲ କୁମାର ନାୟକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଛାତ୍ର ଜନତା ଦଳର ନଗର ସଭାପତି କାମିନି କାନ୍ତ ପରିଡ଼ା, ଅବିନାଶ ବେହେରା, ଶଙ୍କର୍ଷଣ ପଣ୍ଡା, ଆଭାସ ଦେ, ସୁଭଜିତ ପାଣି, ଅକ୍ଷୟ ସିଂ, ରବୀନ୍ଦ୍ର ମହାନ୍ତି, ପଙ୍କଜ ବେହେରା, ତରୁଣ ନାଏକ, ବିକାଶ ବାରିକ୍ ଓ ତଫାନ ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ କାଠ ମିଲ୍‌ରେ ଚଢ଼ାଉ

**ଭଦ୍ରକ ଅଫିସ, ୭।୪**

ଭଦ୍ରକ ଜିଲା ଧାମନଗର ହବିବନଗରରେ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏକ ବେଆଇନ କାଠ ମିଲ୍‌ରେ ବୁଧବାର ବନ ବିଭାଗ ଓ ଭିଜିଲାନ୍ସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରପାତି ଜବତ ହୋଇଛି। କଟକ ଭିଜିଲାନ୍ସ ଡିଏଫ୍‌ଓ ରଜନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ରେଞ୍ଜର କୃଷ୍ଣଚନ୍ଦ୍ର ସିଂଙ୍କ ସହାୟତାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ମିଲ୍ ମାଲିକ ଫେରାର ହୋଇଯାଇଥିବା ବେଳେ ବହୁ ମୂଲ୍ୟ ଟଙ୍କାର ମୋଟର, କଟର ଓ ଯନ୍ତ୍ରାଂଶ ଜବତ କରାଯାଇଥିବା ଜଣାପଡ଼ିଛି।

# କୋଭିଡ୍ କଟକଣାରେ ହେବ ଉଡ଼ା ପର୍ବ

**ଠାକୁରମୁଣ୍ଡା, ୭।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବସୁଲିଙ୍କ ପ୍ରସିଦ୍ଧ ଉଡ଼ା ପର୍ବ ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେବ। ଏଥିନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଧିକାରୀ ନିରୋଜ କୁମାର ସାମଲଙ୍କ ସମେତ କମିଟିର ସଦସ୍ୟ ଏବଂ ସ୍ଥାନୀୟ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବୈଠକରେ ଚଳିତ ବର୍ଷ ମହାବିଷୁବ ପଣା ସଂକ୍ରାନ୍ତି ରାତିରେ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହେବାକୁ ଥିବା ଉଡ଼ା ପର୍ବରେ ୨୫ ଭକ୍ତା ଏବଂ ୨୦୦ ଭକ୍ତଙ୍କୁ ନେଇ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୫ ଜଣିଆ କମିଟି ଗଠନ ହୋଇଥିଲା। ପୂର୍ବ ବର୍ଷ ମାନଙ୍କରେ ମା' ବସୁଲି ପୀଠରେ ୫୦ରୁ ଊର୍ଦ୍ଧ୍ୱ ଭକ୍ତାଙ୍କୁ ନେଇ ଉଡ଼ାପର୍ବ ଅନୁଷ୍ଠିତ ହେଉଥିବା ବେଳେ ଗତବର୍ଷ କୋଭିଡ୍ କଟକଣା ଯୋଗୁ ଉଡ଼ାପର୍ବ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ଟଙ୍କା ଆତ୍ମସାତ୍ ଘଟଣା: ଶିକ୍ଷୟିତ୍ରୀ ଗିରଫ

**ସଜନାଗଡ଼,୭।୪(ଡି.ଏନ.ଏ.)**

ଗାଁରୁ ଲୋକଙ୍କଠାରୁ ଟଙ୍କା କରଜ ନେବା ସହ ସୁନା ଅଳଙ୍କାର ବନ୍ଧକ ରଖି ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଔପଦା ବ୍ଲକ ନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ୟୁପି ସ୍କୁଲର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପୋଇ। ଏ ନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୬୫/୨୧) ରୁଜୁ ହୋଇଛି।

ପ୍ରକାଶ ଯେ, ଶିକ୍ଷୟିତ୍ରୀ ପୋଇ ବିଭିନ୍ନ ମହିଳା ଗୋଷ୍ଠୀଙ୍କଠାରୁ ହଜାର ହଜାର ଟଙ୍କା କରଜ ସୂତ୍ରରେ ନେବା ସହ ସୁନା ଅଳଙ୍କାର ବନ୍ଧା ରଖି ଲକ୍ଷାଧିକ ଟଙ୍କା ପରିଶୋଧ କରୁ ନ ଥିଲେ। ଏ ନେଇ ଅଭିଯୋଗ ହେବା ପରେ ସମସ୍ତ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଫେରସ୍ତ କରିଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମାସ ମାସ ବିତିଯାଇଥିଲେ ମଧ୍ୟ କୌଣସି ସୁନା ଅଳଙ୍କାର ଓ ନେଇଥିବା ଟଙ୍କା ପରିଶୋଧ କରି ନ ଥିଲେ। ଶେଷରେ ମହିଳାମାନଙ୍କ ଅଭିଯୋଗ ପରେ ନୀଳଗିରି ପୋଲିସ ଶିକ୍ଷୟିତ୍ରୀଙ୍କୁ ଗିରଫ କରିଛି।

# ପାନୀୟ ଜଳ ସଙ୍କଟ ଦୂର ନ କଲେ ଆନ୍ଦୋଳନ

**ବାରିପଦା ଅଫିସ,୭।୪**

ପାନୀୟ ଜଳ ସଙ୍କଟକୁ ନେଇ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ବଡସାହି ବିଡିଓଙ୍କୁ ପ୍ରଦାନ କରାଯାଇଛି। ବ୍ଲକର ପୂର୍ଣ୍ଣଚନ୍ଦ୍ରପୁର, ଯଦୁନାଥପୁର ଏବଂ ନାଉପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି । ପୂର୍ଣ୍ଣଚନ୍ଦ୍ରପୁର ପଞ୍ଚାୟତର ନରଣପୁର ଗ୍ରାମରେ ରହୁଥିବା ୧୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଗୋଟିଏ ମାତ୍ର କୂଅ ରହିଛି। ଖରାଦିନେ ଏହି କୂଅଟି ଶୁଖି ଯାଉଥିବାରୁ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ମିଳିପାରୁ ନାହିଁ। ଏହା ବହୁ ପୁରାତନ କୂଅ ହୋଇଥିବାରୁ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଯାଇଛି। ଫଳରେ ବର୍ଷା ଋତୁରେ କୂଅର ପାଣି ଦୂଷିତ ହୋଇ ପଡ଼ିଥାଏ। ସେହିପରି ଯଦୁନାଥପୁର ପଞ୍ଚାୟତର ୮ନଂ. ୱାର୍ଡ ଡୁଙ୍ଗୁରୀ ସାହି, ନାଉପାଳ ପଞ୍ଚାୟତ ଅନ୍ତର୍ଗତ ୬ନଂ. ୱାର୍ଡର ଅସ୍ତଝରଣ ଗ୍ରାମର ମହାନ୍ତ ସାହିରେ ପାନୀୟ ଜଳର ଘୋର ଅଭାବ ହେତୁ ଲୋକେ ନଦୀର ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଗ୍ରାମବାସୀ ବିଭିନ୍ନ ରୋଗ ଓ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହେଉଛନ୍ତି। ୩ ଦିନ ମଧ୍ୟରେ ପାନୀୟ ଜଳ ଅଭାବ ଦୂର କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକ ସଭାପତି ମନୋରଞ୍ଜନ ସିଂ ଏବଂ ଉପସଭାପତି ଯୋଗେଶ୍ୱର ସିଂଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସମ୍ପାଦକ ବାଜି ସିଂ, କିସାନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକ୍ ମାଲିକ ସଂଘ ମଧ୍ୟରେ ତେଜୁଛି ବିବାଦ

**ଯୋଡ଼ା,୭।୪(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ଖଣି ବହୁଳ ଅଞ୍ଚଳ ଯୋଡ଼ାରେ ଦୁଇ ଟ୍ରକ ମାଲିକ ସଂଘ ମଧ୍ୟରେ ଶୀତଳ ଯୁଦ୍ଧ ଘନେଇବାରେ ଲାଗିଛି। ଗୋଟିଏ ସଂଘ ଯୋଡ଼ା ଟ୍ରକ ଓନର ଆସୋସିଏଶନ ଏବଂ ଅନ୍ୟଟି ନୂତନ ଭାବେ କାଳିମାଟି ଅଞ୍ଚଳରେ ଗଠନ ହୋଇଥିବା ଆଞ୍ଚଳିକ ଟ୍ରକ ଓନର୍ ଆସୋସିଏଶନ। ଏହି ଦୁଇ ସଂଘ ମଧ୍ୟରେ ପରିବହନ କାର୍ଯ୍ୟକୁ କେନ୍ଦ୍ର କରି ବିବାଦ ଉପୁଜିଛି। ବିବାଦର ସମାଧାନ ପାଇଁ ଦୁଇ ସଂଘ ଯୋଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୧୯୯୭ରୁ ଯୋଡ଼ା ଟ୍ରକ ଓନର୍ ଆସୋସିଏଶନ ସର୍ବପୁରାତନ ସଂଘଭାବେ ଯୋଡ଼ା ଖଣି ମଣ୍ଡଳରେ କାର୍ଯ୍ୟ କରୁଛି। ଏହି ସଂଘରେ ପ୍ରାୟ ୨୩୫୦ ପଞ୍ଜୀକୃତ ସଦସ୍ୟ ରହିଥିବା ସଂଘର ସକ୍ରିୟ ସଦସ୍ୟ ମାନସ ଦାସ ସୂଚନା ଦେଇଛନ୍ତି। ତେବେ କାଳିମାଟିଠାରେ ନୂତନ ଭାବେ ଗଠନ ହୋଇଥିବା ଆଞ୍ଚଳିକ ଟ୍ରକ ଓନର୍ ଆସୋସିଏଶନରେ ଯୋଡା ଟ୍ରକ ଓନର୍ ଆସୋସିଏଶନର ପଞ୍ଜୀକୃତ ସଦସ୍ୟମାନେ ଅଧିକ ପରିବହନ କାର୍ଯ୍ୟ ପାଇବା ଆଶାରେ ପୁନଃ ପଞ୍ଜୀକୃତ କରିବା ପରେ ଏହି ବିବାଦ ଉପୁଜିଥିବା ଜଣାପଡିଛି।


ଦୁଇ ଟ୍ରକ ମାଲିକଙ୍କ ମଧ୍ୟରେ ଯୋଡ଼ା ଥାନାରେ ଆଲୋଚନା।

ଏନେଇ ଯୋଡ଼ା ଟ୍ରକ ଓନର୍ ଆସୋସିଏଶନର ସଭାପତି ମାତାପ୍ରସାଦ ଜୟସ୍ୱାଲ କହିଛନ୍ତି ଯେ, ବିବାଦ କିଛି ନାହିଁ, ପୁରୁଣା ସଂଘରେ ଥିବା କେତେକ ସଦସ୍ୟ ନୂତନ ଭାବେ ଗଢ଼ି ଉଠିଥିବା ଆଞ୍ଚଳିକ ଟ୍ରକ ଓନର୍ ଆସୋସିଏଶନରେ ପଞ୍ଜୀକୃତ ହୋଇ ଯାଇଛନ୍ତି। ଉକ୍ତ ଆସୋସିଏଶନର ସମ୍ପାଦକ ରାଜେନ୍ଦ୍ର କୁମାର ବାରିକ କହିଛନ୍ତି ତାଙ୍କ ସଂଘରେ ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ସଦସ୍ୟ ରହିଛନ୍ତି। ଖଣିଜ ପରିବହନରେ ସଦସ୍ୟ ଅନୁଯାୟୀ କେଉଁ ସଂଘ କେତେ ଅନୁପାତରେ ପରିବହନ କାର୍ଯ୍ୟ କରିବ ଏ ନେଇ ତାଙ୍କ ସଂଘ ପକ୍ଷରୁ ସମସ୍ତ ତଥ୍ୟ ପ୍ରଶାସନକୁ ଦିଆଯାଇଛି। ପୋଲିସ ପ୍ରଶାସନ ଏହାର ଯାଞ୍ଚ କରି ଉଭୟ ସଂଘକୁ ପରିବହନ କାର୍ଯ୍ୟ ପ୍ରଦାନ କରିବେ। ତେଣେ ଖଣି ପ୍ରଭାବିତ ଅଞ୍ଚଳରେ ଥିବା ଟ୍ରକ ମାଲିକମାନେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ପାଇବା ପାଇଁ ଦାବି ଆରମ୍ଭ କରିଥିବା ବାରିକ କହିଛନ୍ତି। ଏ ସଂକ୍ରାନ୍ତରେ ଯୋଡ଼ା ଥାନା ଅଧିକାରୀ ରାଇସେନ ମୁର୍ମୁ କହିଛନ୍ତି ବିବାଦର ସମାଧାନ ପାଇଁ ଉଭୟ ଟ୍ରକ ମାଲିକ ସଂଘକୁ ୭ ଦିନର ସମୟ ଅବଧି ଦିଆଯାଇଛି। ଏହି ସମୟସୀମା ମଧ୍ୟରେ ଉଭୟ ସଂଘ ପକ୍ଷରୁ ସେମାନଙ୍କର ପଞ୍ଜୀକୃତ ସଦସ୍ୟମାନଙ୍କର ତାଲିକା ଉପସ୍ଥାପନ କରିବେ। ତଦନୁଯାୟୀ ଅନୁପାତ ଭିତ୍ତିରେ ଉଭୟ ସଂଘକୁ ପରିବହନ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରାଯିବ। ଦୁଇ ସଂଘ ମଧ୍ୟରେ ଏହିପରି ବିବାଦ ଉପୁଜିବା ପରେ ଯୋଡ଼ା ଖଣି ମଣ୍ଡଳରେ ଆଞ୍ଚଳିକ ବିବାଦ ଦେଖା ଦେଇଛି। ଜିଲା ପ୍ରଶାସନର ଭୂମିକା ମଧ୍ୟ ଏଥିରେ ନିର୍ଣ୍ଣାୟକ ରହିଛି କାରଣ ଗୋଟିଏ ଅଞ୍ଚଳରେ ଏକାଧିକ ସଂଘକୁ ପଞ୍ଜୀକୃତ ଅନୁମତି ଦିଆଯାଇଛି।

## ଗଛରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

ବାଲକାଟୀ,(ଡି.ଏନ.ଏ)- ବାଲାକାଟୀ ଫାଣ୍ଡି ଅନ୍ତର୍ଗତ ବାରୁଦଖାନା ଗ୍ରାମରେ ବୁଧବାର ଆମ୍ବଗଛରୁ ଖସିପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ନବଘନ ପ୍ରଧାନଙ୍କ ଝିଅ ବୁଦ୍ଧି ପ୍ରଧାନ। ଏ ନେଇ ପୋଲିସ ଏକ ମାମଲା (ନଂ.୧୦/୨୧) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଦ୍ଧି ବୁଧବାର ଅପରାହ୍ନ ୧୦ଟା ସମୟରେ ନିଜ ଘର ନିକଟରେ ଥିବା ଏକ ଆମ୍ବଗଛରେ ଆମ୍ବ ତୋଳିବାକୁ ଚଢ଼ିଥିଲେ। ହେଲେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯିବାରୁ ଗଛରୁ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ଲୋକେ ବୁଦ୍ଧିଙ୍କୁ ଚିକିତ୍ସା ଲାଗି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ପ୍ରାଣୀ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ଦାୟିତ୍ୱ ନେଲେ ସ୍ମୃତିରଞ୍ଜନ

**କଟକ ଅଫିସ, ୭।୪:** ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛି। ତାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ବୈଠକ କରିଥିଲେ।



ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚାଇବା ପାଇଁ ପ୍ରଧାନ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପ୍ରଚଳିତ କାର୍ଯ୍ୟକ୍ରମ ଗୋପାଳନ, କୁକୁଡା, ଛେଳି, ମେଣ୍ଢା ପାଳନ, ଘାସଚାଷ ଆଦି ସୁଚାରୁରୂପେ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ରାଜ୍ୟର ପ୍ରାଣୀ ପାଳକମାନେ ସହଜରେ ସେବା ପାଇବା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରତାପ କିଶୋର ଖମାରୀ, ଡା. ପ୍ରେମାନନ୍ଦ ରାଉତ, ଡା. ଲୋକନାଥ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ୫୧ କିଲୋ ଗଞ୍ଜେଇ ଜବତ : ୩ ଗିରଫ

**କଟକ ଅଫିସ, ୭।୪:** କଟକ ଗୋଇନ୍ଦା ବିଭାଗ ପକ୍ଷରୁ ଗୋପାଳପୁର ଛକଠାରେ ବୁଧବାର ଚଢାଉ କରାଯାଇ ଏକ ଗାଡ଼ିରୁ ୫୧ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଏସ୍‌କେ ୱାସିମ୍(୩୪), ଏସ୍‌କେ ମୁସ୍ତାକିନ(୨୬), ଏସ୍‌କେ ମନାନ(୨୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗୋଇନ୍ଦା ବିଭାଗ ଅଧିକାରୀ ଜଗଦୀଶ ଚନ୍ଦ୍ର ସାମଲଙ୍କ ସୂଚନା ଅନୁଯାୟୀ, ଗାଡିଟି କନ୍ଧମାଳରୁ ପଶ୍ଚିମବଙ୍ଗ ମେଦିନାପୁର ଅଭିମୁଖେ ଯାଉଥିବାବେଳେ ଏହି ଚଢାଉ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ନନ୍ଦନକାନନକୁ ଆସିଲା ଉଦ୍ଧାର ସବୁଜ ପାରା



**ବାରଙ୍ଗ,୭।୪(ଡି.ଏନ.ଏ)-** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ବୁଧବାର ଉଦ୍ଧାର ହୋଇଥିବା ଏକ ସବୁଜ ପାରା ଆସିଛି। ଭୁବନେଶ୍ୱର ସିଟି ଡିଭିଜନ ଅଧୀନ ମଞ୍ଚେଶ୍ୱର ରେଲୱେ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ଘରୁ ଏହି ସବୁଜ ପାରା ଆସିଥିଲା। ଖବରପାଇ ବନ ବିଭାଗ ଏହି ବିରଳ ସବୁଜ ପାରାକୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଛି। ପାରାଟି ନନ୍ଦନକାନନ ଆସିବାପରେ ଡାକ୍ତରଖାନାରେ ତା'ର ପ୍ରାଥମିକ ଚିକିତ୍ସା କରାଯାଇ କ୍ୱାରେଣ୍ଟାଇନରେ ରଖାଯାଇଥିବା ବେଳେ ତା'ର ଲିଙ୍ଗ ଚିହ୍ନଟ ହୋଇପାରି ନାହିଁ।

## ସାଗରସ୍ନାନ ମେଳାରେ ୧୪୪ ଧାରା

**ସାକ୍ଷୀଗୋପାଳ, ୭।୪(ଡି.ଏନ୍.ଏ.):** ପୁରୀ ଜିଲା ସାକ୍ଷୀଗୋପାଳ ବଳପୁର ଓ ସୁଆଣ୍ଡୋ ଗ୍ରାମର ଭାର୍ଗବୀ ନଦୀକୂଳରେ ଗୁରୁବାର ହେବାକୁଥିବା ସାଗରସ୍ନାନ ମେଳା କୋଭିଡ୍ କଟକଣା ମଧ୍ୟରେ କରାଯିବ। ପ୍ରଚଳିତ ପରମ୍ପରା କ୍ରମେ ବରାଳ ଓ ବଳପୁର ଠାକୁର ବାଲୁଙ୍କେଶ୍ୱର ଦେବ ଭାର୍ଗବୀରେ ସ୍ନାନ କରିବା ପାଇଁ ବିଜେ କରିବେ। ଏହି ସମୟରେ ସେଠାରେ ହେଉଥିବା ଶ୍ରଦ୍ଧାଳୁଙ୍କ ସମାବେଶ ଉପରେ ରୋକ ଲଗାଯାଇଛି। ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମେଳା ପଡ଼ିଆରେ ୧୪୪ ଧାରା ଲାଗୁ କରାଯାଇଛି। ଜନସଚେତନତା ନିମନ୍ତେ ଗୁରୁବାର ସକାଳୁ ସମ୍ପୃକ୍ତ ଅଞ୍ଚଳରେ ଡାକବାଜୀ ଯନ୍ତ୍ରରେ କଟକଣା ନେଇ ପ୍ରଚାର କରାଯିବ ବୋଲି ତହସିଲଦାର ମନୋଜ କୁମାର ନାୟକ କହିଛନ୍ତି। ବଳପୁର ଓ ସୁଆଣ୍ଡୋ ଘାଟରେ ପୋଲିସ ମୁତୟନ କରାଯିବ। ମେଳା ପଡ଼ିଆକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ନିଷେଧ କରାଯାଇଛି। ସେହିପରି ଶୁକ୍ରବାର ବିଭୂତି ବାଟିକାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆତସବାଜୀ ପ୍ରଦର୍ଶନ କରାଯିବ ନାହିଁ। କମ୍ ସଂଖ୍ୟକ ସେବାୟତଙ୍କୁ ନେଇ ଦେବନୀତି ସମ୍ପାଦନ ହୋଇଥିବାବେଳେ ଗ୍ରାମବାସୀଙ୍କ ସହଯୋଗ କାମନା କରାଯାଇଛି।

# ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ ଏଡିଜି

**ପିପିଲି, ୭।୪(ସ୍ୱ.ପ୍ର)**

ଉପନିର୍ବାଚନ ପୂର୍ବରୁ ବୁଧବାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ଯଶୱନ୍ତ ଜେଠୱା ପିପିଲି ଗସ୍ତ କରି ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାରେ କରିବା ପାଇଁ ସମସ୍ତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନ ସୁପରିଚାଳନା ପାଇଁ ଏବେ ୧୮ପ୍ଲାଟୁନ୍ ଓଏସ୍‌ଏପି ଫୋର୍ସ ମୁତୟନ କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ୩ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ନିର୍ବାଚନ ମଣ୍ଡଳୀରେ ପହଞ୍ଚିବେ ବୋଲି ଜେଠୱା କହିଛନ୍ତି। ଉପନିର୍ବାଚନକୁ ଦୃଷ୍ଟିରେ ରଖି ପିପିଲି ଓ ଡେଲାଙ୍ଗ ଥାନା ଅଞ୍ଚଳରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ୫୦ଜଣଙ୍କୁ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଶାନ୍ତି ଭଙ୍ଗ କରିବା ସମ୍ଭାବନାରେ ୮୦୦ଜଣ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇ ୧୦୭,୧୧୦ ଦଫାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏପରି କି ଅସ୍ତ୍ରଶସ୍ତ୍ର ଲାଇସେନ୍ସର ବିବରଣୀ ପ୍ରଶାସନ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱତନ୍ତ୍ର



ଖବରଦାତାମାନଙ୍କୁ ଏଡିଜି ଯଶୱନ୍ତ ଜେଠୱା ସୂଚନା ଦେଉଛନ୍ତି।

ସ୍କ୍ୱାଡ୍ ଗଠନ କରାଯାଇ ବିଭିନ୍ନ ବେଆଇନ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ହିଂସାତ୍ମକ କାର୍ଯ୍ୟକଳାପ ସହିତ ଚୋରା ମଦ କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପୋଲିସକୁ ଜେଠୱା ନିର୍ଦ୍ଦେଶ ଦେଇଛନ୍ତି। ପିପିଲି ତଥା ଜିଲା ସହ ସଂଲଗ୍ନ ୫ଟି ପ୍ରବେଶ ଓ ସୀମାବର୍ତ୍ତୀ ପଥକୁ ମାର୍କିଂ କରି ନାକାବନ୍ଦୀ କରିବା ସହ ୧୦ଟି ସ୍ଥାନରେ ସିସି କ୍ୟାମେରାରେ ସମସ୍ତ ଦୃଶ୍ୟ ନଜର ରଖିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହି ଅଞ୍ଚଳଦେଇ ପିପିଲିକୁ ଆସୁଥିବା ସମସ୍ତ ମୋଟରଯାନକୁ କଡ଼ାକଡ଼ି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବୁଥ୍‌ର ବର୍ଗୀକରଣ କରାଯିବା ସହ ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରି ସେଠାରେ ଅଧିକରୁ ଅଧିକ ପୋଲିସ ବାହିନୀ ସହିତ କେନ୍ଦ୍ରୀୟ ସୁରକ୍ଷାବଳଙ୍କୁ ମୁତୟନ କରାଯିବ ବୋଲି ଜେଠୱା କହିଛନ୍ତି। ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କୋଭିଡ୍ ନିୟମର ଅନୁପାଳନ ଓ ଆଦର୍ଶ ଆଚରଣ ବିଧି ସଂକ୍ରାନ୍ତରେ ସେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ, ଡିଆଇଜି ଡିଏସ୍‌ପି ହୃଷୀକେଶ ପଣ୍ଡା, ପୁରୀ ଏସ୍‌ପି କନ୍‌ୱର ବଲୱନ୍ତ ସିଂ, ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ପିପିଲି ଏସଡିପିଓ ଦେବଦତ୍ତ ବରାଳ, ପିପିଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଡେଲାଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ବଲଙ୍ଗା ଓଆଇସି ସମର କୁମାର ପାଇକରାୟ , ସତ୍ୟବାଦୀ ଥାନା ଅଧିକାରୀ ଦେବୀପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ପିପିଲି ଉପନିର୍ବାଚନ**

- ଖୁବ୍ ଶୀଘ୍ର ୩ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ଆସିବେ
- ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର
- ୧୦ ସ୍ଥାନରେ ଲାଗିବ ସିସି କ୍ୟାମେରା



# ଟଙ୍କା କାରବାର ନେଇ ବିଜେଡି-ଭାଜପା ଦୋଷ ଲଦାଲଦି

**ଭୁବନେଶ୍ୱର, ୭।୪(ବ୍ୟୁରୋ)**

ପିପିଲି ଉପନିର୍ବାଚନ ପାଇଁ ପ୍ରଚାର ଜୋର୍‌ଧରିଥିବାବେଳେ ଟଙ୍କା କାରବାର ରାଜନୀତି ଏବେ ବଡ଼ ପ୍ରସଙ୍ଗ ପାଲଟିଛି। ଏ ନେଇ ଭାଜପା ଓ ବିଜେଡି ପରସ୍ପର ବିରୋଧରେ ଅଭିଯୋଗ ଆଣିବା ସହ ଦୋଷ ଲଦାଲଦି ହେଉଛନ୍ତି। ଭାଜପାର ବରିଷ୍ଠ ନେତା ମନମୋହନ ସାମଲ ଅଭିଯୋଗ କରିଛନ୍ତି ଯେ, ପିପିଲି ଜନମତ ଭାଜପା ଆଡକୁ ଢଳିବା ଦେଖି ଶାସକ ଦଳ ଛାନିଆ ହୋଇପଡିଛି। ତେଣୁ ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ବିଜେଡି ସମସ୍ତ ପ୍ରକାରର କଳ, ବଳ, ଅର୍ଥ ବ୍ୟବହାର କରୁଥିବା ପ୍ରମାଣିତ ହୋଇଛି।

ପିପିଲି ହାଟସାହି ଅନ୍ତର୍ଗତ ବାଜପେୟୀ ଛକଠାରେ ଏକ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ସେଥିରେ ଥିବା କଳା ବ୍ୟାଗରେ ବିପୁଳ ଟଙ୍କା ସହ ବିଜେଡିର ପ୍ରଚାର ସାମଗ୍ରୀ, ଟୋପି ଓ ଉତ୍ତରୀୟ ଆଦି ଅନ୍ୟ ଏକ ଗାଡିକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଗାଡିରେ ଶାସକ ଦଳର ଲୋକ ଏବଂ ସେମାନଙ୍କ ସହ କିଛି କର୍ମୀ ଥିଲେ। ପୋଲିସର ଉପସ୍ଥିତି ଓ ସହାୟତାରେ ବିଜେଡି କର୍ମୀମାନେ ଦୁର୍ଘଟଣାଗ୍ରସ୍ତ ଗାଡିରୁ ଅନ୍ୟ ଏକ ଗାଡିକୁ ଏସବୁ ସାମଗ୍ରୀ ସ୍ଥାନାନ୍ତର କରିଥିଲେ। ତାହାର ଫଟୋ ଉଠାଇ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛି। ଅପରପକ୍ଷରେ ଭାଜପାର ଏଭଳି ଅଭିଯୋଗକୁ ବିଜେଡି ସମାଲୋଚନା କରିଛି। ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ଭାଜପା ପ୍ରାର୍ଥୀଙ୍କ ସହଯୋଗୀ ୫୦ ଲକ୍ଷ ଟଙ୍କା ସହିତ ପୋଲିସ ହାତରେ ଧରାପଡିବା ପରେ ଏବେ ମୁଖଲଜ୍ୟା ଘୋଡାଇବାକୁ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଦଳର ଏଭଳି ମିଥ୍ୟା ଅଭିଯୋଗକୁ ସାଧାରଣ ଲୋକେ ବିଶ୍ୱାସ କରୁ ନ ଥିବାବେଳେ ଏହାର ଠିକଣା ଜବାବ ଦିଆଯିବ। ପୋଲିସ ହାତରେ ଟଙ୍କା ସହିତ ଭାଜପା କର୍ମୀ ଧରାପଡିବା ପରେ ସାଧାରଣ ଲୋକଙ୍କ ନଜର ହଟାଇବାକୁ ଏବେ ଦଳ ଆପ୍ରାଣ ଉଦ୍ୟମ ଚଳାଇଛି। ଏହାର ଫଳ ସ୍ୱରୂପ ଦଳୀୟ ନେତାମାନେ ବିଜେଡି ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି। ବିନା ପ୍ରମାଣରେ ବିଜେଡି ବିରୋଧରେ ଅଭିଯୋଗ ଲଗାଇବା ଭାଜପାର ଅଭ୍ୟାସଗତ ହୋଇଥିବାରୁ ସାଧାରଣ ଲୋକେ ଆଉ ଏହାକୁ ବିଶ୍ୱାସ କରୁନାହାନ୍ତି ବୋଲି ଲେନିନ କହିଛନ୍ତି।

# ମରାମତି ହେବ ହିରଣ୍ୟକଶିପୁ ମୂର୍ତ୍ତି



ଏଏସ୍‌ଆଇ ଅଧିକାରୀମାନେ ମରାମତି କାର୍ଯ୍ୟ ଅନୁଧ୍ୟାନ କରି ଫେରୁଛନ୍ତି।

**ପୁରୀ ଅଫିସ,୭।୪**

ସମ୍ପ୍ରତି ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ମରାମତି କାର୍ଯ୍ୟ ଚାଲିଛି। ବୁଧବାର ପ୍ରତ୍ନତତ୍ତ୍ୱ ବିଭାଗର ଯୁଗ୍ମ ମହାନିର୍ଦ୍ଦେଶକ ଅରୁଣେନ୍ଦ୍ର କୁମାର ଏହି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧୀକ୍ଷକ ଅରୁଣ ମଲ୍ଲିକ୍ ଓ ବିଭାଗୀୟ ଅଧିକାରୀମାନେ ଶ୍ରୀମନ୍ଦିର ଭିତରକୁ ଯାଇ ସ୍ଥିତି ଦେଖିଛନ୍ତି। ୮ଜଣ ଅଧିକାରୀଙ୍କୁ ନେଇ ଗଠିତ ଏଏସ୍‌ଆଇର ଏକ ଟିମ୍ ଏହି କାର୍ଯ୍ୟ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଶ୍ରୀମନ୍ଦିର ପଶ୍ଚିମଦ୍ୱାର ପଟେ ଥିବା ନୃସିଂହ ମନ୍ଦିରର ହିରଣ୍ୟକଶିପୁ ମୂର୍ତ୍ତି ଗତ ମାର୍ଚ୍ଚ ୨୮ ତାରିଖରେ ଖସିପଡ଼ିଥିଲା। ଏହାକୁ ପୁଣି ମରାମତି କରାଯାଇ ସମ୍ପୃକ୍ତ ସ୍ଥାନରେ ଅବସ୍ଥାପିତ କରାଯିବ। ଏହାଛଡ଼ା ମେଘନାଦ ପଚେରି ମରାମତି, ରୋଷଘର ମରାମତି କାର୍ଯ୍ୟ ଜାରି ରହିଥିବା ମଲ୍ଲିକ କହିଛନ୍ତି। କିଛିଦିନ ତଳେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମେଘନାଦ ପାଚେରି ସ୍ଥିତିର ସମୀକ୍ଷା କରାଯାଇଥିବା ବେଳେ ଏହାର ମରାମତି ଉପରେ ଗୁରୁତ୍ୱ ଦିଆଯାଇଛି। ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ପଥର ଖସିବା ଭଳି ଘଟଣା ଘଟିବା ପରେ ହିଁ ପ୍ରତ୍ନତତ୍ତ୍ୱ ବିଭାଗ ସଜାଗ ହେଉଛି ଓ ମରାମତି କାର୍ଯ୍ୟ କରୁଛି। ସେବାୟତମାନଙ୍କ ସହ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ମରାମତି ପ୍ରସଙ୍ଗରେ ଆଲୋଚନା କରାଯାଇନାହିଁ। ଅନ୍ୟପକ୍ଷରେ ଏହି କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଛି। ଶ୍ରୀମନ୍ଦିର ବାଇଶି ପାହାଚରେ ଅନେକ ଖାଲଖମା ହେଲାଣି। ମହାଲକ୍ଷ୍ମୀଙ୍କ ମନ୍ଦିରରୁ ପାଣି ଗଳୁଛି। ଏସବୁ କାର୍ଯ୍ୟକୁ ଅଗ୍ରାଧିକାର ଦେଇ ତୁରନ୍ତ ମରାମତି ଶେଷ କରାଯିବାର ଆବଶ୍ୟକତା ରହିଛି। ଛତିଶା ନିଯୋଗ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା କରି ପ୍ରତ୍ନତତ୍ତ୍ୱ ବିଭାଗକୁ ପ୍ରସ୍ତାବ ଦେଲେ କାର୍ଯ୍ୟ ତୁରନ୍ତ ହୋଇପାରିବ ବୋଲି ଦାସମହାପାତ୍ର ମତବ୍ୟକ୍ତ କରିଛନ୍ତି।

## ୭ ପାନ୍ଥିକା, ପାନ୍ଥ ନିବାସକୁ ଲିଜ୍‌ରେ ନେବ ଘରୋଇ ସଂସ୍ଥା

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗର ୭ଟି ସ୍ଥାନରେ ଥିବା ପାନ୍ଥନିବାସ, ଯାତ୍ରୀ ନିବାସ ଗୁଡିକୁ ଘରୋଇ ସଂସ୍ଥାକୁ ଲିଜରେ ଦେବାକୁ ନିଷ୍ପତ୍ତି ନେଇଛି। ସେଗୁଡିକ ହେଲା ସାତପଡାରେ ଥିବା ଯାତ୍ରୀ ନିବାସ, ଝାସୁଗୁଡାର ଟିଆରସି, ପଞ୍ଚଲିଙ୍ଗେଶ୍ୱର ପାନ୍ଥନିବାସ, କୋଣାର୍କ ଯାତ୍ରୀ ନିବାସ, ଦାରିଙ୍ଗିବାଡି ଟୁରିଷ୍ଟ କମ୍ପ୍ଲେକ୍ସ, ପାରଳାଖେମୁଣ୍ଡିର ବିଏନ କମ୍ପ୍ଲେକ୍ସ ଏବଂ ଧଉଳି ପାନ୍ଥିକା। ଏସବୁ ପର୍ଯ୍ୟଟନ ବିଭାଗ ସମ୍ପତ୍ତିର ରକ୍ଷଣାବେକ୍ଷଣ, ପରିଚାଳନା ଓ ବିକାଶ ପାଇଁ ସରକାରୀ ଘରୋଇ ଭାଗିଦାରୀ(ପିପିପି) ମୋଡରେ ପ୍ରଦାନ କରାଯିବ। ପର୍ଯ୍ୟଟନ ବିଭାଗ ପକ୍ଷରୁ ନିକଟରେ ଏ ନେଇ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପାଇଥିବା ସଂସ୍ଥାକୁ ଏସବୁକୁ ୩୦ ବର୍ଷ ଲାଗି ଲିଜ୍ ପ୍ରଦାନ କରାଯିବ। ପାନ୍ଥିକା ଓ ପାନ୍ଥନିବାସଗୁଡିକୁ ଲିଜ ଦେବା ପରେ ସେଗୁଡିକର ପୁନଃ ନବୀକରଣ, ପରିଚାଳନା, ରକ୍ଷଣାବେକ୍ଷଣ ଆଦି ଲିଜ ନେଇଥିବା ସଂସ୍ଥା କରିବେ। ପ୍ରଥମ ବର୍ଷ ସମ୍ପୃକ୍ତ ସଂସ୍ଥା ଚୁକ୍ତି କରିବା ବେଳେ ଭଡ଼ା ଦେବେ। ପରବର୍ତ୍ତୀ ବର୍ଷ ଆରମ୍ଭର ୭ଦିନ ମଧ୍ୟରେ ବାର୍ଷିକ ଅର୍ଥ ପ୍ରଦାନ କରିବେ।

# ବାରଙ୍ଗ ତହସିଲଦାର ଜେଲ ଗଲେ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

- ବେଆଇନ ଟଙ୍କା ନେଇଯାଉଥିବାବେଳେ ଭିଜିଲାନ୍ସ ଧରିଥିଲା
- ମହିଳା ପୋଲିସଙ୍କୁ ଆକ୍ରମଣ ଅଭିଯୋଗରେ ଆଉଏକ ମାମଲା

ବେଆଇନ ଟଙ୍କା ନେଇ ଯାଉଥିବାବେଳେ ଭିଜିଲାନ୍ସ ଜାଲରେ ଧରାପଡିଥିବା ବାରଙ୍ଗ ତହସିଲଦାର ବିଚିତ୍ରା ନନ୍ଦ ନାୟକଙ୍କ ନାମରେ ଇନ୍‌ଫୋସିଟି ଥାନାରେ ଆଉଏକ ମାମଲା ରୁଜୁ ହୋଇଛି। ମଙ୍ଗଳବାର ଭିଜିଲାନ୍ସ ବିଚିତ୍ରାନନ୍ଦଙ୍କୁ ଧରିବା ସମୟରେ ସେ ମହିଳା ପୋଲିସ କର୍ମୀଙ୍କୁ ଖରାପ ବ୍ୟବହାର କରିଥିଲେ। ଏଥିସହିତ ସେ ମହିଳା ପୋଲିସ କର୍ମୀଙ୍କୁ ଆକ୍ରମଣ ମଧ୍ୟ କରିଥିବା ନେଇ ଅଭିଯୋଗ ହୋଇଛି। ବେଆଇନ ଟଙ୍କା ସହ ଧରାପଡିବା ପରେ ପ୍ରମାଣ ନଷ୍ଟ କରିବା ଓ ତଦନ୍ତରେ ସହଯୋଗ ନ କରିବା ଆଦି ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ବେଆଇନ ଟଙ୍କା ଠୁଳ କରିବା ମାମଲାରେ ବିଚିତ୍ରାନନ୍ଦ ନାୟକଙ୍କୁ ଭିଜିଲାନ୍ସ ଗିରଫ କରି ଜେଲ୍ ପଠାଇଛି। ବୁଧବାର ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ୨୦ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ବିଚିତ୍ରାନନ୍ଦ ଫେବୃୟାରୀ ୧ରେ ବାରଙ୍ଗ ତହସିଲଦାର ଭାବେ ଯୋଗଦେଇଥିଲେ। ଏହାପରଠାରୁ ତାଙ୍କ ନାମରେ ବହୁ ଅଭିଯୋଗ ଉଠିଥିଲା। ତାଙ୍କର ମାଫିଆଙ୍କ ସହ ମଧୁଚନ୍ଦ୍ରିକା ଆରମ୍ଭ ହୋଇଥିଲା। ତାଙ୍କ ଛତ୍ରଛାୟାରେ ମାଫିଆମାନେ ଖୁଲମଖୁଲା ବାଲି, ମାଟି, ମୋରମ୍, ମାଙ୍କଡା ପଥର ଚୋରାଚାଲାଣ କରୁଥିଲେ। ତେବେ ମଙ୍ଗଳବାର ଅପରାହ୍ନରେ ବିଚିତ୍ରାନନ୍ଦ ବାଲିଘାଟ ନିଲାମ ନେଇଥିବା ଠିକାଦାରଙ୍କ ସହଯୋଗୀ ସୁକାନ୍ତ ମୁଦୁଲିଙ୍କଠାରୁ ୧ଲକ୍ଷ ୭ହଜାର ଟଙ୍କା ନେଇ କାର୍ଯ୍ୟାଳୟରୁ ଗାଡିରେ ବାହାରିଥିଲେ। ଏନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କଟକ ଭିଜିଲାନ୍ସ ଟିମ୍ ବାଙ୍କୀ ମୁଖ୍ୟ ରାସ୍ତା ନିକଟରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଗାଡି ଯାଞ୍ଚ କରାଯିବାରୁ ସେଥିରୁ ୧ ଲକ୍ଷ ୭ହଜାର ଟଙ୍କା ବାହାରିଥିଲା। ଉକ୍ତ ଟଙ୍କାର ଠିକ୍ ତଥ୍ୟ ସେ ଦେଇ ନ ପାରିବାରୁ ଭିଜିଲାନ୍ସ ପକ୍ଷରୁ ସମସ୍ତ ଟଙ୍କା ଜବତ କରାଯାଇଥିଲା।

## ଶ୍ରଦ୍ଧାଳୁଙ୍କ ପାଇଁ ହେବ ପ୍ରାଥମିକ ଚିକିତ୍ସା କେନ୍ଦ୍ର

**ପୁରୀ ଅଫିସ, ୭।୪**

**ଜରୁରିକାଳୀନ ସ୍ଥିତି ଲାଗି ରହିବ ୨ ଆମ୍ବୁଲାନ୍ସ**

ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ, ସେବାୟତ ଓ କର୍ମକର୍ତ୍ତାଙ୍କ ନିମନ୍ତେ ଶ୍ରୀମନ୍ଦିର ନିକଟରେ ଏକ ଶୀତତାପ ନିୟନ୍ତ୍ରିତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ନିର୍ମାଣ ହେବ। ଆସନ୍ତା ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଅବସରରେ ଏହାକୁ ଲୋକାର୍ପଣ କରାଯିବ। ଜରୁରିକାଳୀନ ସ୍ଥିତିରେ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଏଭଳି ଚିକିତ୍ସା କେନ୍ଦ୍ର କରାଯାଉଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଶୀତତାପ ନିୟନ୍ତ୍ରିତ କକ୍ଷରେ ହେବ। ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମଚାରୀମାନେ ଏଠାରେ ନିୟୋଜିତ ହେବେ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମସ୍ତ ବ୍ୟବସ୍ଥା କରିବେ। ଜିଲା ମୁଖ୍ୟ



ଚିକିତ୍ସାଳୟର କର୍ମଚାରୀଙ୍କୁ ଏହି ଚିକିତ୍ସାକେନ୍ଦ୍ରରେ ନିୟୋଜିତ କରାଯିବ। ଏଠାରେ ଯଥେଷ୍ଟ ପରିମାଣର ଔଷଧ ମହଜୁଦ ରଖାଯିବ। ପ୍ରତିଦିନ ଦୁଇଟି ଶିଫ୍ଟରେ ସ୍ୱେଚ୍ଛାସେବୀ କାମ କରିବେ। ଜରୁରିକାଳୀନ ସ୍ଥିତିରେ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ୨ଟି ଆମ୍ବୁଲାନ୍ସ ବ୍ୟବସ୍ଥା ହେବ। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଣେ ଲେଖାଏ ନୋଡାଲ୍ ଅଫିସର ଦାୟିତ୍ୱରେ ରହିବେ। ଏମାନେ ଏହି ଚିକିତ୍ସା କେନ୍ଦ୍ରରେ ସ୍ଥିତିସମୀକ୍ଷା କରିବେ। ସେହିଭଳି କୋଭିଡ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବ। ସେବାୟତଙ୍କ ଟିକାକରଣକୁ ପ୍ରାଥମିକତା ଭିତ୍ତିରେ ଶେଷ କରାଯିବା ଲାଗି ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ, ଜନସ୍ୱାସ୍ଥ୍ୟ ପ୍ରସଙ୍ଗରେ ଗତ ୧୬ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଭିଡିଓ କନଫରେନ୍ସ ବୈଠକ ହୋଇଥିଲା। ଏଥିରେ ଜିଲାପାଳ, ଓବିସିସି ପ୍ରୋଜେକ୍ଟ ମ୍ୟାନେଜର, ସିଡିଏମଓ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଏବଂ ନୀତି ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ସମ୍ପର୍କିତ ଏହି ନିଷ୍ପତ୍ତି ଉକ୍ତ ବୈଠକରେ ହୋଇଛି।

# ଭଡ଼ାଘରେ ଗଞ୍ଜେଇ ବେପାର



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ଭୁବନେଶ୍ୱର ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଅଞ୍ଚଳରେ ଏକ ଭଡାଘରେ ଚାଲିଥିଲା ବେଆଇନ ଗଞ୍ଜେଇ ବେପାର। ଏହି ଆନ୍ତଃରାଜ୍ୟ ର୍‌ୟାକେଟ ଚଳାଉଥିଲେ ବିହାରୀ ଯୁବକ। ସାମିଲ ଥିଲେ ବିହାର ଓ ଓଡ଼ିଶାର ୩ଜଣ ମହିଳା। ଉକ୍ତ ଭଡ଼ାଘରକୁ ଗୋଦାମ କରି ବାହାର ରାଜ୍ୟକୁ ଯୋଗାଉଥିଲେ। ବୁଧବାର କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ସ୍ପେଶାଲ୍ ସ୍କ୍ୱାଡ୍ କାବୁ କରି ଭରତପୁର ଥାନା ଜିମା ଦେଇଛି। ସେମାନେ ହେଲେ ବିହାରର କମଳେଶ ଯାଦବ, ସୁଶିଲେନ୍ ଲିମା, ସୁଶିଲାନ୍ ଲିମା, ଗଞ୍ଜାମ ଜିଲାର ସୁଙ୍କାନୀ ବେହେରା ଓ କୁମନୀ ବେହେରା। ଏଥିରେ ଏକାଧିକ ଯୁବକ ଓ ମହିଳାଙ୍କ ସମ୍ପୃକ୍ତି ଥିବା ନେଇ ସୂଚନା ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ଅଧିକ ତଦନ୍ତ ଚାଲିଛି। ଗିରଫ ପରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଘାଟିକିଆର ପ୍ଲଟ୍ ନଂ. ୫୫୪୦ ଶାନ୍ତି କୁଟୀରରେ ଦୀର୍ଘଦିନ ହେବ ଗଞ୍ଜେଇ ବେପାର ଚାଲିଥିଲା। କିଛିଦିନ ତଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଚାଲାଣବେଳେ ଧରାପଡ଼ିଥିବା ୩ଜଣ ମହିଳାଙ୍କଠାରୁ ର୍‌ୟାକେଟ ସମ୍ପର୍କରେ ସୂଚନା ପାଇବା ପରେ ସ୍ପେଶାଲ ସ୍କ୍ୱାଡ୍ ଏହା ଉପରେ ନଜର ରଖିଥିଲା। ତେବେ ମଙ୍ଗଳବାର କେତେଜଣ ମହିଳା ଓ ଯୁବକ ଉକ୍ତ ଘରେ ଥିବାନେଇ ବିଶ୍ୱସ୍ତ ସୂତ୍ରରୁ ସ୍ପେଶାଲ ସ୍କ୍ୱାଡ୍ ସୂଚନା ପାଇବା ପରେ ସେଠାରେ ଚଢାଉ କରିଥିଲା। ୫ଜଣଙ୍କୁ ଗିରଫ କରିବା ସହ ସେଠାରୁ ୧ କୁଇଣ୍ଟାଲ ୨୦ କିଗ୍ରା ଗଞ୍ଜେଇ ଜବତ କରିଥିଲା।

**କେମିତି ଚାଲିଥିଲା କାରବାର**

ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ପାଇଛି। ବିହାରୀ ଯୁବକମାନେ ପ୍ରଥମେ ଓଡ଼ିଶାରୁ ଗଞ୍ଜେଇ ନେଇ ବିହାର ସମେତ ଅନ୍ୟ ରାଜ୍ୟରେ ବେପାର କରୁଥିଲେ। ଏଠାରେ ବହୁ ଶସ୍ତାରେ ଗଞ୍ଜେଇ ମିଳୁଥିବାରୁ ଓ ଏଠାରୁ ବିଭିନ୍ନ ରାଜ୍ୟକୁ ଚାଲାଣ ପାଇଁ ସୁବିଧା ହେଉଥିବାରୁ ସେମାନେ ଭୁବନେଶ୍ୱରକୁ ବାଛିଥିଲେ। ପୋଲିସ ନଜରରୁ ବଞ୍ଚିବା ପାଇଁ ଘାଟିକିଆ ଅଞ୍ଚଳରେ ଘରଭଡା ନେଇ ହୋଲ୍‌ସେଲିଂ ଆରମ୍ଭ କରିଥିଲେ। ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ନ ଥିବାରୁ ସେମାନଙ୍କୁ ଚୋରା ଗଞ୍ଜେଇ କାରବାରରେ ସହଜ ହେଉଥିଲା। ଅଭିଯୁକ୍ତମାନେ ଗଞ୍ଜାମ ଜିଲାର ଦୁଇ ମହିଳା ସୁଙ୍କାନୀ ବେହେରା ଓ କୁମନୀ ବେହେରାଙ୍କୁ ଗଞ୍ଜେଇ ଚାଲାଣରେ ନିଯୋଜିତ କରିଥିଲେ। ଉକ୍ତ ଦୁଇ ମହିଳା କନ୍ଧମାଳରୁ ବ୍ୟାଗ୍‌ରେ ପ୍ୟାକିଂ କରି ବସ୍ ଯୋଗେ ଭୁବନେଶ୍ୱର ଗଞ୍ଜେଇ ଆଣୁଥିଲେ। ଏହାପରେ ସେମାନେ ଗଞ୍ଜେଇକୁ ଉକ୍ତ ଭଡା ଘରେ ରଖୁଥିଲେ। ଏଥିପାଇଁ ସେମାନଙ୍କୁ ପ୍ରତିଥର ୭୦୦ରୁ ୮୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। ପରେ ଉକ୍ତ ଗଞ୍ଜେଇକୁ ଟ୍ରେନ୍ ଓ ବସ୍ ଯୋଗେ ବିହାର, ଛତିଶଗଡ ସମେତ ବିଭିନ୍ନ ରାଜ୍ୟକୁ ପଠାଉଥିଲେ।

**ରାଜଧାନୀରେ ବିହାରୀ ର୍‌ୟାକେଟ**

- ୧ କୁଇଣ୍ଟାଲ୍ ୨୦କିଗ୍ରା ଗଞ୍ଜେଇ ଜବତ
- ୩ ମହିଳାଙ୍କ ସମେତ ୫ ଗିରଫ

**ଧରା ନ ପଡ଼ିବାକୁ ମହିଳା ଢାଲ**

ନିଶା କାରବାରରେ ଦିନକୁ ଦିନ ମହିଳାଙ୍କ ସମ୍ପୃକ୍ତି ବଢିବାରେ ଲାଗିଛି। ପୋଲିସ୍‌ର ସନ୍ଦେହକୁ ଏଡ଼ାଇବା ପାଇଁ ଗଞ୍ଜେଇ ମାଫିଆମାନେ ମହିଳାଙ୍କୁ ମୋହରା ବନାଉଛନ୍ତି। କିଛିଦିନ ତଳେ ବରମୁଣ୍ଡା ଅଞ୍ଚଳରୁ କୋଲକାତା ଗଞ୍ଜେଇ ଚାଲାଣ ବେଳେ ୩ଜଣ ମହିଳାଙ୍କୁ ପୋଲିସ ଗିରଫ କରିଥିବାବେଳେ ବୁଧବାର ଧରାପଡିଥିବା ଅଭିଯୁକ୍ତଙ୍କ ମଧ୍ୟରେ ୩ଜଣ ହେଉଛନ୍ତି ମହିଳା। କେବଳ ଏତିକି ନୁହେଁ, ଗତ ଏକମାସରେ କମିଶନରେଟ୍ ପୋଲିସ ୧୫ରୁ ଅଧିକ ମହିଳାଙ୍କୁ ଗଞ୍ଜେଇ ଚାଲାଣ ନେଇ ଗିରଫ କରିଥିବା ସୂଚନା ମିଳିଛି।

## ମୁଦ୍ରାରେ ୧୪.୯୬ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା(ପିଏମ୍ଏମ୍ୱାଇ)ରେ ଗତ ୬ ବର୍ଷରେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକ ୧୪.୯୬ ଲକ୍ଷ କୋଟି ଟଙ୍କାର ଋଣ ମଞ୍ଜୁର କରିଛନ୍ତି। ୨୮.୬ କୋଟି ହିତାଧିକାରୀ ଏହାର ଲାଭ ପାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି। ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ୨୦୧୫ ଏପ୍ରିଲ ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାକୁ ଶୁଭାରମ୍ଭ କରିଥିଲେ।

# ସର୍ବାଧିକ ବିଲିୟନେୟାର: ଭାରତ ବିଶ୍ୱରେ ୩ୟ



**ନୂଆଦିଲ୍ଲୀ, ୭।୪:** ସବୁଠାରୁ ବେଶି ଅତିଧନୀ ବସବାସ କରୁଥିବା ଦେଶଗୁଡିକୁ ନେଇ ଫୋର୍ବସ ପକ୍ଷରୁ ବୁଧବାର ଏକ ତାଲିକା ପ୍ରକାଶ ପାଇଛି। ବିଲିୟନେୟାରଙ୍କ କଥା ବିଚାରକୁ ନେଲେ ଭାରତ ତୃତୀୟ ସ୍ଥାନରେ ରହିଛି। ୨୦୨୦ରେ ଦେଶର ୧୯ ଜଣ ବ୍ୟକ୍ତି ବିଶେଷ ବିଲିୟନେୟାର ତାଲିକାରେ ଯୋଡିହୋଇଥିବା ଫୋର୍ବସ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ସାମ୍ନାକୁ ଆସିଛି। ଗତ ବର୍ଷ ଏହି ତାଲିକାରେ ୧୦୨ ବ୍ୟକ୍ତି ଥିବା ବେଳେ ଚଳିତ ବର୍ଷ ପ୍ରାୟ ୧୪୦ ଛୁଇଁଛି। ସେମାନଙ୍କ ମିଳିତ ସମ୍ପତ୍ତି ୨ ଗୁଣ ବୃଦ୍ଧି ଘଟି ୫୯୬ ବିଲିୟନ ଡଲାର ଛୁଇଁଥିବା ଜଣାପଡିଛି।
ସର୍ବାଧିକ ଅତିଧନୀ ବାସ କରୁଥିବା ଦେଶଗୁଡିକ ମଧ୍ୟରେ ଆମେରିକା ପ୍ରଥମ ସ୍ଥାନରେ ଥିବା ବେଳେ ଚାଇନା ଦ୍ୱିତୀୟ, ତୃତୀୟରେ ଭାରତ ଏବଂ ଚତୁର୍ଥରେ ଜର୍ମାନୀ ଏବଂ ପଞ୍ଚମରେ ଯୁକ୍ତ ରୁଷିଆ ରହିଛି। ଆମେରିକାରେ ସର୍ବାଧିକ ୭୨୪ ବିଲିୟନେୟାର ରହିଥିବା ବେଳେ ଚାଇନାରେ ୬୯୮, ଭାରତରେ ୧୪୦, ଜର୍ମାନୀରେ ୧୩୬ ଏବଂ ରୁଷିଆରେ ୧୧୭ ଜଣ ଅତିଧନୀ ବ୍ୟକ୍ତି ବସବାସ କରୁଥିବା ଫୋର୍ବସ ପକ୍ଷରୁ ସୂଚନା ମିଳିଛି। ଆମାଜନର ଜେଫ୍ ବେଜୋସ ଲଗାତର ୪ର୍ଥ ବର୍ଷ ଲାଗି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ତାଲିକାର ୧୦ ନମ୍ବର ସ୍ଥାନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ରହିଛନ୍ତି। ସେ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ସ୍ଥାନ ହାସଲ କରିଛନ୍ତି। ଭାରତର ୩ ଅତିଧନୀ ୧୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ଯୋଡି ପାରିଛନ୍ତି। ୮୪.୫ ବିଲିୟନ ଡଲାର ସମ୍ପତ୍ତି ସହିତ ମୁକେଶ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଥିବା ଜ୍ୟାକ୍ ମାଙ୍କୁ ପଛରେ ପକାଇ ଦେଇଛନ୍ତି। ଗତ ବର୍ଷ ମୁକେଶଙ୍କ ସମ୍ପତ୍ତିରେ ୪୮ ବିଲିୟନ ଡଲାର ବୃଦ୍ଧି ଘଟିଛି। ସେହିଭଳି ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ସମ୍ପତ୍ତି ୫ ଗୁଣ ବଢିଛି। ସେ ଭାରତର ଦ୍ୱିତୀୟ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ତାଙ୍କ ନିକଟରେ ୫୦.୫ ବିଲିୟନ ଡଲାର ସମ୍ପତ୍ତି ଥିବା ବେଳେ ବିଶ୍ୱ ବିଲିୟନେୟାର ତାଲିକାରେ ୨୪ତମ ସ୍ଥାନରେ ରହିଛନ୍ତି। ଆଦାନୀ ଏଣ୍ଟରପ୍ରାଇଜେସ ଏବଂ ଆଦାନୀ ଏନର୍ଜିର କାରବାର ବଢିବାରୁ ସେ ୪୨ ବିଲିୟନ ସମ୍ପତ୍ତି ଯୋଡିବାକୁ ସକ୍ଷମ ହୋଇଛନ୍ତି। ଭାରତର ତୃତୀୟ ଅତିଧନଶାଳୀ ଭାବେ ଏଚ୍‌ସିଏଲ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶିବ ନାଦାର ରହିଛନ୍ତି। ତାଙ୍କ ନିକଟରେ ୨୩.୫ ବିଲିୟନ ଡଲାର ସମ୍ପତ୍ତି ଥିବା ବେଳେ ସାରା ବିଶ୍ୱରେ ସେ ୭୧ ତମ ସ୍ଥାନରେ ରହିଛନ୍ତି।

# ଇମ୍ଫା ଖଣିରେ ଜଳ ବିଶୋଧନ ପ୍ଲାଣ୍ଟ

**ଭୁବନେଶ୍ୱର, ୭।୪:** ଇମ୍ଫାର ମହାଗିରି କ୍ରୋମାଇଟ ଖଣି ପରିସରରେ ଘଣ୍ଟା ପ୍ରତି ୬ ହଜାର ଲିଟର କ୍ଷମତା ବିଶିଷ୍ଟ ଜଳ ବିଶୋଧନ ପ୍ଲାଣ୍ଟ (ଡବ୍ଲ୍ୟୁଟିପି) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସୁକିନ୍ଦା ବିଧାୟକ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଇମ୍ଫାର ବରିଷ୍ଠ ଉପସଭାପତି ତଥା ଖଣି ବିଜ୍‌ନେସ ୟୁନିଟ ମୁଖ୍ୟ ସଞ୍ଜୀବ ଦାସ, ଖଣି ଉପସଭାପତି ସୁଧାଂଶୁ ପାଟ୍ନି ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳିଆପାଣି ସରପଞ୍ଚ କଳ୍ପନା ଜେନା ମଧ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ପ୍ଲାଣ୍ଟ ଦ୍ୱାରା ଭୂତଳ ଖଣି ଜଳକୁ ବିନା କୌଣସି କେମିକାଲରେ ବ୍ୟବହାର ଉପଯୋଗୀ କରାଯାଇପାରିବ। ବିଧାୟକ ଘଡ଼ାଇ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ପାନୀୟ ଜଳ ଉପଯୋଗୀ ପ୍ଲାଣ୍ଟର ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟ ଖଣିଗୁଡିକ ପାଇଁ ଏଭଳି ପଦକ୍ଷେପ ଉଦାହରଣ ବୋଲି କହିଥିଲେ। ନୂତନ ଭାବେ ସ୍ଥାପନ ହୋଇଥିବା ଏହି ପ୍ଲାଣ୍ଟର ଉପାଦେୟତା ସମ୍ପର୍କରେ ବରିଷ୍ଠ ଉପସଭାପତି ଦାସ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଖଣି ଉପସଭାପତି ପାଟ୍ନି ଧନ୍ୟବାଦ ପ୍ରଦାନ କରିଥିଲେ।




# ଏସି, ଏଲ୍‌ଇଡି ପାଇଁ ପିଏଲ୍‌ଆଇ ସ୍କିମ

**ନୂଆଦିଲ୍ଲୀ,୭।୪**

ଏୟାର କଣ୍ଡିସନର ଏବଂ ଏଲ୍‌ଇଡି ଲାଇଟ ଭଳି କ୍ଷେତ୍ରରେ ମାନୁଫାକ୍‌ଚରିଂକୁ ଉତ୍ସାହିତ କରିବା ଲାଗି ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ(ପିଏଲ୍‌ଆଇ) ଯୋଜନାକୁ କେନ୍ଦ୍ର ସରକାର ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିଲାଗି ବଜେଟରେ ୬୨୩୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ନୂଆ ଯୋଜନା ଦ୍ୱାରା ଏସି ଏବଂ ଏଲ୍‌ଇଡି ବର୍ଗରେ ମାନୁଫାକ୍‌ଚରିଂକୁ ପ୍ରୋତ୍ସାହନ ମିଳିବ ବୋଲି କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି।

# ଓୟୋ ବ୍ୟାଙ୍କରପ୍ସି ଫାଇଲିଂ କରିନାହିଁ: ରିତେଶ

**ନୂଆଦିଲ୍ଲୀ, ୭।୪**

ଓୟୋ ରୁମ୍ସ ଦେବାଳିଆ ହେବା ଫଳରେ ବ୍ୟାଙ୍କ୍ରପ୍ସି ଫାଇଲିଂ କରିଥିବା ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ନେଇ କମ୍ପାନୀର ପ୍ରତିଷ୍ଠାତା ରିତେଶ ଅଗ୍ରୱାଲ ଟୁଇଟ ଯୋଗେ ସ୍ପଷ୍ଟୀକରଣ ଦେଇଛନ୍ତି। ଟୁଇଟରେ ସେ କହିଛନ୍ତି, ଓୟୋ ବ୍ୟାଙ୍କ୍ରପ୍ସି ଫାଇଲିଂ କରିନାହିଁ। ଏଭଳି ଖବରର କୌଣସି ସତ୍ୟତା ନାହିଁ। ଓୟୋ ବ୍ୟାଙ୍କ୍ରପ୍ସି ଫାଇଲିଂ କରିଥିବା ଏକ ପିଡିଏଫ୍ ଏବଂ ମେସେଜ ପ୍ରସାରିତ ହେଉଥିବା ଦେଖିବାକୁ ମିଳିଛି, ଯାହା ସମ୍ପୂର୍ଣ୍ଣ ଭାବେ ସତ ନୁହେଁ। ଆମର ଏକ ସହଯୋଗୀ ସଂସ୍ଥା ପରିଚାଳନା ଗତ ଋଣ ପ୍ରଦାନକାରୀଙ୍କ କିଛି ପରିମାଣର ଅର୍ଥ ବର୍ତ୍ତମାନ ପଇଠ କରିବାକୁ ସମସ୍ୟା ଉପୁଜିଛି। ଫଳରେ ସେମାନେ ଏନ୍‌ସିଏଲ୍‌ଟିଙ୍କ ନିକଟରେ କର୍ପୋରେଟ ଇନ୍‌ସଲଭେନ୍ସି ଆବେଦନ କରିଛନ୍ତି। ଏହି ଆବେଦନକୁ ଏନ୍‌ସିଏଲ୍‌ଟି ଗ୍ରହଣ କରିଛନ୍ତି। ଏନ୍‌ସିଏଲ୍‌ଟି ଅର୍ଡରକୁ ବର୍ତ୍ତମାନ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଆବେଦନ କରାଯାଇଥିବା ରିତେଶ କହିଛନ୍ତି। ବିବାଦୀୟ ରାଶିକୁ ବର୍ତ୍ତମାନ ପଇଠ କରାଯାଇଥିବା ରିତେଶ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମାମଲା ବର୍ତ୍ତମାନ ବିଚାରାଧୀନ ରହିଛି।

# ସେନ୍‌ସେକ୍ସ ୪୬୦ ପଏଣ୍ଟ ବଢ଼ିଲା

**ନୂଆଦିଲ୍ଲୀ,୭।୪**

ବୁଧବାର ଭାରତୀୟ ଶେୟାର ବଜାରରେ କାରବାର ଉନ୍ନତ ରହିଛି। ରିଜର୍ଭ ବ୍ୟାଙ୍କ ନିଜର ନିଷ୍ପତ୍ତି ଘୋଷଣା କରିବା ପରେ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୪୬୦ ପଏଣ୍ଟ (୦.୯୪%) ବଢିବା ଫଳରେ ଏହା ୪୯,୬୬୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୧୩୬ ପଏଣ୍ଟ ଉର୍ଦ୍ଧ୍ୱରେ ରହି ୧୪,୮୧୯ ପଏଣ୍ଟ ସ୍ତରରେ ପଏଣ୍ଟ ସ୍ତର ଛୁଇଁଛି।

# ଟଙ୍କା ମୂଲ୍ୟରେ ସର୍ବାଧିକ ଦିନିକିଆ ହ୍ରାସ

**ନୂଆଦିଲ୍ଲୀ, ୭।୪**

ବୁଧବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ସର୍ବାଧିକ ଦିନିକିଆ ହ୍ରାସ ଦେଖାଯାଇଛି। ଦେଶ ମଧ୍ୟରେ କରୋନା ମାମଲା ବଢିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଗତ ୨୦ ମାସ ମଧ୍ୟରେ ଟଙ୍କା ମୂଲ୍ୟରେ ଏହା ସର୍ବାଧିକ ହ୍ରାସ। ଇଣ୍ଟରବ୍ୟାଙ୍କ ଫରେନ ଏକ୍ସଚେଞ୍ଜରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୪.୪୭ ଟଙ୍କା ସ୍ତରରେ ରହିଛି। ଗତ ବର୍ଷ ନଭେମ୍ବର ପରଠାରୁ ଟଙ୍କାର ଏହା ସର୍ବନିମ୍ନ ସ୍ତର। ୨୦୧୯ ଅଗଷ୍ଟ ୫ରେ ଟଙ୍କା ମୂଲ୍ୟରେ ଏଭଳି ବଡ ଧରଣର ହ୍ରାସ ଦେଖାଯାଇଥିଲା। କୋଭିଡ୍ ମାମଲା ବଢିବା ଏବଂ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ଅପରିବର୍ତ୍ତିତ ରଖିବା ଭଳି ଘଟଣା ଟଙ୍କା ମୂଲ୍ୟକୁ ପ୍ରଭାବିତ କରିଥିବା ବଜାର ବିଶେଷଜ୍ଞ କହିଛନ୍ତି।


GOVERNMENT OF ODISHA
ELECTRICAL LICENSING BOARD, ODISHA,
OFFICE OF THE ENGINEER-IN-CHIEF
(ELECTRICITY)-CUM -PRINCIPAL CHIEF
ELECTRICAL INSPECTOR, ODISHA
3RD FLOOR HEADS OF DEPARTMENT BUILDING,
BHUBANESWAR-751001
Email-secyelbo@nic.in Ph.0674-2394572(O)

No.AA-1:- **NOTICE**

**No. ELBO/144th Meeting/165/2021/1305/Dated Bhubaneswar, the 31.03.2021**

(1) The result of SCC (MV & HT) Examination 2019 including endorsement for mining have been published vide this office Notification No.337 dated 26.03.2021.
All the successful candidates are requested to apply online for obtaining the certificate through "eicelctricityodisha.nic.in" / "edistrict.odisha.gov.in" within six (06) months from publication of result. The application service name **"Candidates qualified in the examination for Issuance of SCC"**.

(2) The result of Workman Permit Examination-2019 (Wireman-MV, Lineman-MV and Workman-HT) have been published vide this office Notification No.334 dated 26.03.2021. Result of Workmen (EHT) Examination-2019 have also been published vide this office Notification No.340 dated 26.03.2021.
All the successful candidates are requested to apply online for obtaining the permit through "eicelctricityodisha.nic.in" / "edistrict.odisha.gov.in" within six (06) months from publication of result. The application service name **"Candidates qualified in the examination for issuance of Workman Permit".**
During verification of documents, if any discrepancies are detected then the SCC/Workman Permit will not be issued to the candidate even if he/she has qualified the examination. In no case the application of the successful candidates for issue of Supervisor Certificate of Competency / Workman Permit shall be considered after lapse of six (06) months from date of publication of result.
The result is also available in our official Website: eicelectricityodisha.nic.in for information of all concerned.

**Sd./- E.I.C. (ELECTRICITY)-CUM-P.C.E.I.(O), BHUBANESWAR**
OIPR-04004/11/0001/2122

**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit-III, Bhubaneswar- 751001
Tel.: (0674) 2380660, Website: www.osmcl.nic.in, E-mail: logistics.osmcl.od@nic.in
Bid Ref. No.: OSMCL/2021-22/BLOOD BANK-SBTC/08 Date: 07.04.2021

No.CAD-39:- Online Bids through e-Tender portal (https://tendersodisha.gov.in) are invited from eligible bidders for supply of Blood Bags, Test Kits and Reagents as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1 | Date & time of release of bid | 07.04.2021, 3 P.M. | |
| 2 | Date & time for submission of queries by E-Mail id- logistics.osmcl.od@nic.in | 12.04.2021, upto 5.00 P.M. | |
| 3 | Date & time of Online bid submission | Start date & time<br>16.04.2021, 3 P.M. | End date & time<br>03.05.2021, 6 P.M. |
| 4 | Date and time for submission of tender document cost and EMD amount as per Section IV | 04.05.2021 | 11.05.2021, till 11.00 A.M. |
| 5 | Date & time of online technical bid opening | 11.05.2021, 11.30 A.M. | |
| 6 | Date of opening of price bid | to be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The authority reserves the right to accept / reject any part thereof or all the bids without assigning any reason thereof.
OIPR-10112/11/0001/2122 **Sd./-Managing Director, OSMC Ltd., Odisha**

**ODISHA STATE HOUSING BOARD**
SACHIVALAYA MARG, BHUBANESWAR - 751001
Phone: (0674) 2393524, EPBAX: (0674) 2391542, 2390141, FAX: (0674) 2393952
Visit us at: www.oshb.org

Notice No. 3233 Dtd.5.4.2021
Recovery - 74/19

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ରାଉରକେଲା, ସମ୍ବଲପୁର, ବାଲେଶ୍ୱର, କେଉଁଝର, ଝାରସୁଗୁଡ଼ା ଓ ଫୁଲବାଣୀ ପ୍ରକଳ୍ପରେ ଆବଣ୍ଟନ କରାଯାଇଥିବା ଗୃହ/ଦୋକାନରୁ ମାଲିକାନା ଉଚ୍ଛେଦ (Eviction) ନୋଟିସ୍**

No. CAD-48: ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ରାଉରକେଲା, ସମ୍ବଲପୁର, ବାଲେଶ୍ୱର, କେଉଁଝର, ଝାରସୁଗୁଡ଼ା ଓ ଫୁଲବାଣୀରେ ନିର୍ମିତ ଗୃହ ନିର୍ମାଣ ପ୍ରକଳ୍ପରେ ନିମ୍ନ ପ୍ରଦତ୍ତ ଗୃହ ଓ ଦୋକାନ ଆବଣ୍ଟନ ପାଇଥିବା ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କିସ୍ତି ଦେୟ ଖିଲାଫ କରିଥିବା ଓ ଚୁକ୍ତିନାମା ସର୍ତ୍ତାବଳୀ ଉଲ୍ଲଂଘନ କରିଥିବା ହେତୁ ଆପଣଙ୍କ ଆବଣ୍ଟନ ଖାରଜ କରାଯାଇ ଆବଣ୍ଟିତ ଗୃହ/ଦୋକାନରୁ ମାଲିକାନା ଉଚ୍ଛେଦ ପାଇଁ ଗୃହନିର୍ମାଣ ସଂସ୍ଥାରୁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ପ୍ରେରଣ କରାଯାଇଥିଲା। ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା ଦ୍ୱାରା ଏହି ନୋଟିସ ମାଧ୍ୟମରେ ସୂଚାଇ ଦିଆଯାଉଛି ଯେ, ସେମାନେ ଯଦି ଆସନ୍ତା ତା30.04.2021ରିଖ ସୁଦ୍ଧା ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ଆବଣ୍ଟନ ପୁନଃସ୍ଥାପନ ଦେୟ, ଦ୍ରବ୍ୟ ଓ ସେବାକର ସହିତ **(Allotment Restoration Charges with GST)** ପ୍ରଦାନ ନକରନ୍ତି, ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ନିମ୍ନୋକ୍ତ ଗୃହର ବ୍ୟକ୍ତି ବିଶେଷଙ୍କୁ ବେଦଖଲ କରି ସମ୍ପୃକ୍ତ ଗୃହ/ଦୋକାନକୁ ନିଜ ଦାଖଲକୁ ନେଇ ପୁନଃ ବିକ୍ରୟ କରିବା ପାଇଁ ପଦକ୍ଷେପ ନେବ। ଏ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ।
ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆବଣ୍ଟନ ଖାରଜ ହୋଇଥିବା ନିମ୍ନଲିଖିତ ଗୃହ/ଦୋକାନ ଗୁଡ଼ିକୁ ସେମାନେ କୌଣସି ବ୍ୟକ୍ତିବିଶେଷଙ୍କଠାରୁ ବେଆଇନ କ୍ରୟ କରିବା ପ୍ରଚେଷ୍ଟାରୁ ନିବୃତ୍ତ ରୁହନ୍ତୁ, କାରଣ ଉକ୍ତ କ୍ରୟବିକ୍ରୟକୁ ବୋର୍ଡ଼ କର୍ତ୍ତୃପକ୍ଷ ଅନୁମତି ଦେବେ ନାହିଁ। ବକେୟା ଦେୟ ସମ୍ବନ୍ଧୀୟ ତଥ୍ୟ ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ଥିବା ଅସୁଲ ବିଭାଗ **(Recovery Branch)**ରେ ଉପଲବ୍ଧ ହେବ।

**Name of the Schme - House / Flat / Shop No.**

**Chhend Ph - I, Rourkela - LCR - 215, Chhend Ph - II, Rourkela-LIG-II-113, Modipara Ph-I, Sambalpur-LIG-21/3, MIG-I-21/2, HIG-2/1, Modipara Ph-II, Sambalpur-MIG-II-3/1, 9/3, 7/3, Kalidaspur, Balasore-MIG-7, Dhanurjayapur, Keonjhar-EWS-3, Badapatrapalli PH-I, Sundargarh-LIG-10, MIG-26, 30, Jharsuguda-LIG-I-37, LIG-II-12, 115, 166, Kendupadar, Phulbani Shop-K-8.**

**Sd./- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
OIPR-13030/11/0007/2122

D-5

**POLICE COMMISSIONERATE, BHUBANESWAR-CUTTACK**
**ODISHA SPECIAL ARMED POLICE 7TH BATTALION**
**BHUBANESWAR**

ପ୍ରାପ୍ତେଷୁ,
ଶ୍ରୀ ପରମେଶ୍ୱର ନାୟକ, ସିପାହୀ ନଂ. ୪୧୨
ପିତା – ନାଥ ନାୟକ
ଗ୍ରାମ– କାଦମଦକ, ପୋ.ଅ.– ବାଟପଲସା,
ଥାନା– କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜ
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା.୨୭.୦୫.୨୦୨୦ରିଖ ଅପରାହ୍ନଠାରୁ ତା.୩୧.୦୫.୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୪ ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା.୦୧.୦୬.୨୦୨୦ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା; କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଲେନାହିଁ କି ଆପଣଙ୍କ ଅବସ୍ଥିତି ବିଷୟରେ ଏହି କାର୍ଯ୍ୟାଳୟକୁ କୌଣସି ପତ୍ରାଳାପ କଲେନାହିଁ। ଆପଣଙ୍କୁ କାର୍ଯ୍ୟାଳୟ ତରଫରୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ ଆପଣ କର୍ତ୍ତବ୍ୟରେ ଯୋଗ ଦେଇନାହାନ୍ତି କି ଆପଣଙ୍କ ବର୍ତ୍ତମାନ ଅବସ୍ଥିତି ବିଷୟରେ କାର୍ଯ୍ୟାଳୟକୁ ଅବଗତ କରିନାହାନ୍ତି।
ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର

**POLICE COMMISSIONERATE, BHUBANESWAR-CUTTACK**
**ODISHA SPECIAL ARMED POLICE 7TH BATTALION**
**BHUBANESWAR**

ପ୍ରାପ୍ତେଷୁ,
ଶ୍ରୀ ଗଜେନ୍ଦ୍ର କୁମାର ଷଡ଼ଙ୍ଗୀ, ସିପାହୀ ନଂ. ୮୪୩
ପିତା– ସାଲୁ ଷଡ଼ଙ୍ଗୀ
ଗ୍ରାମ/ପୋ.ଅ.– ବସନ୍ତପୁର
ଥାନା– ପଣ୍ଡାପଡ଼ା, ଜିଲ୍ଲା– କେନ୍ଦୁଝର
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା.୧୩.୦୭.୨୦୨୦ରିଖ ରାତ୍ର ୧୦ଟାରୁ ବାଟାଲିୟନରୁ ବିନା ଅନୁମତିରେ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ପାଇଁ ଆପଣଙ୍କୁ କାର୍ଯ୍ୟାଳୟ ତରଫରୁ ଚିଠି ମାଧ୍ୟମରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା, କିନ୍ତୁ ଆପଣ କାର୍ଯ୍ୟରେ ଯୋଗ ଦେଲେ ନାହିଁ।
ଏଣୁ ଆପଣଙ୍କୁ ଏତଦ୍ୱାରା ଅବଗତ କରାଇଦିଆଯାଉଅଛି କି ଆପଣ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଓ.ଏସ୍.ଏ.ପି. ୭ମ ବାଟାଲିଅନ ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦାନ କରିବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓଡ଼ିଶା ସପ୍ତମ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ, ଭୁବନେଶ୍ୱର

**POLICE COMMISSIONERATE, BHUBANESWAR-CUTTACK**
**ODISHA SPECIAL ARMED POLICE 7TH BATTALION**
**BHUBANESWAR**

ପ୍ରାପ୍ତେଷୁ,
ଶ୍ରୀ ଅମୀର କୁମାର ବେହେରା, ସିପାହୀ ନଂ. ୩୫୭
ପିତା– ଭଗବାନ ବେହେରା
ଗ୍ରାମ– ପୁରୁଣା ଛତ୍ରପୁର ପୋ.ଅ.– ଛତ୍ରପୁର
ଥାନା– ଛତ୍ରପୁର, ଜିଲ୍ଲା– ଗଞ୍ଜାମ
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା.୦୨.୧୨.୨୦୨୦ରିଖ ଅପରାହ୍ନଠାରୁ ତା.୦୭.୧୨.୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୫ ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା.୦୮.୧୨.୨୦୨୦ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା; କିନ୍ତୁ ଆପଣ କର୍ତ୍ତବ୍ୟରେ ଯୋଗଦେଲେ ନାହିଁ। ଆପଣଙ୍କୁ କର୍ତ୍ତବ୍ୟରେ ଯୋଗ ଦେବା ପାଇଁ କାର୍ଯ୍ୟାଳୟ ତରଫରୁ ବାରମ୍ବାର ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଆପଣ ପ୍ରଦାନ କରିଥିବା ଠିକଣାରେ ଡାକ ଦ୍ୱାରା ପ୍ରେରଣ କରାଯାଇଥିବା ଚିଠି ଆପଣ ନିଜ ବାସଭବନରେ ନାହାନ୍ତି ବୋଲି ଡାକ ବିଭାଗ ଉଲ୍ଲେଖ କରିଅଛି।
ଏଣୁ ଆପଣଙ୍କୁ ଏତଦ୍ୱାରା ଅବଗତ କରାଇଦିଆଯାଉଅଛି କି ଆପଣ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଓ.ଏସ୍.ଏ.ପି. ୭ମ ବାଟାଲିଅନ ଭୁବନେଶ୍ୱର କାର୍ଯ୍ୟାଳୟରେ ଯୋଗଦାନ କରିବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର

**POLICE COMMISSIONERATE, BHUBANESWAR-CUTTACK**
**ODISHA SPECIAL ARMED POLICE 7TH BATTALION**
**BHUBANESWAR**

ପ୍ରାପ୍ତେଷୁ,
ଶ୍ରୀ ରାଜୁ ମାରାଣ୍ଡି, ସିପାହୀ ନଂ. ୭୩୦
ପିତା– ବିଜୟ ମାରାଣ୍ଡି
ଗ୍ରାମ– ଲକ୍ଷ୍ମଣନାଥ ପୋ.ଅ.– ଜଳେଶ୍ୱର,
ଥାନା– ଜଳେଶ୍ୱର, ଜିଲ୍ଲା– ବାଲେଶ୍ୱର
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣ ତା.୨୫.୧୨.୨୦୨୦ରିଖ ଅପରାହ୍ନଠାରୁ ତା.୩୦.୧୨.୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୫ ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା.୩୧.୧୨.୨୦୨୦ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା; କିନ୍ତୁ ଆପଣ କର୍ତ୍ତବ୍ୟରେ ଯୋଗଦେଲେ ନାହିଁ। ଆପଣଙ୍କୁ କାର୍ଯ୍ୟାଳୟ ତରଫରୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ଆପଣ କର୍ତ୍ତବ୍ୟରେ ଯୋଗ ଦେଇନାହାନ୍ତି।
ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- ଆରକ୍ଷୀ ଉପ-ଆୟୁକ୍ତ (ସଶସ୍ତ୍ର)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12015/11/0001/2122

**Advertisement for Engagement of Retired Person as Office Assistant on Contractual Basis in the Office of the State Level Administrative (SLAU) for Special Development Council under ST&SC Development, Minorities & Backward Classes Welfare Department.**

**ADVERTISEMENT**

**No. 191 /E-8/2020** **Dated 06.04.2021**

**No. V-04:-** Applications in the prescribed format are invited from interested retired Government Employees in the position of Section Officer or above, below the age of 65 years as on 01.01.2021 and having good service record with physical fitness for engagement of 01(one) Office Assistant on contractual basis in the Office of State Level Administrative Unit (SLAU) for Special Development Councils (SDCs) under ST&SC Development, Minorities & Backward Classes Welfare Department, Government of Odisha. The details of the application format, criteria, remuneration, terms & conditions of the post and period of contract are available in the official website of State Level Administrative Unit www.sdcodisha.in and ST&SC Development Department www.stsc.odisha.gov.in. The filled in application should be addressed to the Secretary, State Level Administrative Unit (SLAU) and should reach Secretary, State Level Administrative Unit(SLAU) Office, SCSTRTI Campus, CRPF Square, Bhubaneswar-751003 by Speed Post or Registered Post only within 10 days from the date of publication of this advertisement. Application(s) received thereafter, shall not be entertained.

**Sd./- Secretary, SLAU for SDC**
**ST&SC Development Department**
OIPR-26001/11/0001/2122

**OFFICE OF THE BARIPADA MUNICIPALITY**
**No. 1937** **Dtd.06.04.2021**

**NOTICE INVITING SEALED QUOTATION**
**NOTICE FOR APPOINTMENT OF CHARTERED ACCOUNTANT FIRM FOR PREPARATION OF ONLINE DATA**

No. C-27: Executive Officer, Baripada Municipality, Baripada invites sealed quotation in conformity with Detailed Quotation Call Notice (DQCN) for the following assignments of works from Registered Chartered Accountant Firms empanelled with the Comptroller and Auditor General of India and having requisite qualification, experience, expertise financial standing, PAN Card, Service Tax Registration and office within the State of Odisha.
The quotation paper can be had from the Office of the undersigned on any working day between 11 A.M. to 3 P.M. on payment of Rs.500.00 + GST (12%) i.e. Rs.60.00 (Non-refundable) in shape of Account Payee or Demand Draft in favour of "Executive Officer, Baripada Municipality" payable at Baripada from Dt.07.04.2021 to 12.04.2021 (Except Dt.10.04.2021 to 11.04.2021) along with Earnest Money Deposit of Rs.5000.00 in shape of Demand Draft infavour of "Executive Officer, Baripada Municipality" payable at Baripada. The rate should be quoted including all taxes.
All quotations should reach the office on or before Dt.13.04.2021 upto 3 P.M. which will be opened on the same day at 4.30 P.M. in the presence of the quotationers or their authorized agents in the office chamber of the undersigned. This Municipality will not be held any responsible for postal delay. Quotation submitted beyond the aforesaid date time shall not be entertained. The authority reserves the right to accept or cancelled any or all the quotations without assigning any reason thereof. The quotation shall complete in all respect of all the works within a period of 30 days from the date of receipt of work order. The quotationer should submit the record of his previous accounting of these types of work to NAC/Municipality if any proof of his credential.

**Name of the Work**
- Preparation of Online Data for the Financial Year 2019-20 & 2020-21 in e-municipality Software under double entry accrual based accounting system.
- Preparation of Closing Balance Sheet, Income & Expenditure Account, Receipt & Payment Account and other Relevant Schedules Financial Year 2019-20 & 2020-2021 as per Odisha Municipal Accounts Rule, 2012 (OMAR).
- Reconciliation of all the Bank accounts upto March 2021.
- Update the Fixed Assets Register upto March 2021.
- Complete all the books of accounts upto March 2021.
- Reconciliation of Fixed Deposit accounts with accrued income.

**Sd./- Executive Officer, Baripada Municipality**
**OIPR-13078/11/0001/2122**

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
At:- Ambapua, Po:- Engineering School, Near Income Tax Office, Berhampur-760011,
E-Mail:- serwbpr2004@yahoo.com; Tel/Fax:- 0680-2404287

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. Online Tender/01-2021-22/PMGSY/BPR**

**No.O-09:- The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids** in electronic tendering system for construciton of roads under Pradhan Mantri Gram Sadak Yojana in the districts of **Gajapati & Kandhamal for 03 (Three) number** of packages with estimated cost totalling to **Rs. 8.48 Cr (Approximate)** including their maintenance for five years from the eligible contractors registered with **State PWD/CPWD/MES/Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of invitation for Bids through e-procurement. **Dtd. 09.04.2021**
**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4 .4 B (a) (ii) of ITB with **Superintending Engineer, Rural Works Circle, Berhampur // Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by regist ered post or by hand**, failing which the bids shall be declared non-responsive.
Last Date/Time for receipt of bids through e-procurement: 23.04.2021 upto 3.00 P.M.
For further details and corrigendum (if any) please log on to **www.pmgsytenders.gov.in**

**Sd./- Superintending Engineer, R.W. Circle, Berhampur**
OIPR-25071/11/0001/2122

# ଘଟଣା ନତୁବା ଶୀର୍ଷକ ମୋ' ପ୍ରେରଣା

ସୃଜନ-ସ୍ମୃତି



ଲିପ୍‌ସା ପଟେଲ

**ଲିପ୍‌ସା ପଟେଲଙ୍କ** ଜନ୍ମ ୧୮ ମେ ୧୯୮୩ରେ, ବଲାଙ୍ଗୀରରେ। କୈଶୋରରୁ କବିତା ପ୍ରତି ରୁଚି ରଖିଥିବା ଏହି ଲେଖିକାଙ୍କର ପ୍ରକାଶିତ ପୁସ୍ତକ: 'ନୀରବ ମୁହୂର୍ତ୍ତ', 'ମୋକ୍ଷ ମୁହାଣ', 'ଲଗ୍ନସିଦ୍ଧା', 'ଶବ୍ଦମେଧ', 'କିଛି ଶବ୍ଦର କାନ୍‌ଭାସ' ଓ 'ଭିନ୍ନ ବଳୟ'। କବିତାରେ ଏକ ସ୍ୱତନ୍ତ୍ର ରୂପ-ଯୋଜନା ପାଇଁ ସେ ବହୁ ପୁରସ୍କାରରେ ସମ୍ମାନିତା, ଯହିଁରେ ସାମିଲ 'ଟାଇମ୍‌ପାସ୍ ପ୍ରଥମା' ଓ 'କଳିଙ୍ଗ ଲିଟ୍‌ଫେଷ୍ଟ ଯୁବ ସମ୍ମାନ'।

ଜୀବନର ବହମାନ ମୂର୍ଚ୍ଛନାରେ ଋତୁଚକ୍ର ପରି କବିତାର ଅତିକ୍ରମଣ ଓ ତା' ସହ ବଦଳିଥାଏ ଜୀବନ। ଏହି ପରିବର୍ତ୍ତନ ସମସ୍ତଙ୍କ ଜୀବନରେ ଆସେ। କିଏ କେତେ ମାତ୍ରାରେ ଅନୁଭବ କରିପାରେ, ତାହା ବ୍ୟକ୍ତିବିଶେଷ ଉପରେ ନିର୍ଭର କରେ। ଅଧିକ ଭାବପ୍ରବଣ ମଣିଷ ହିଁ ଏହାକୁ ଖୁବ୍ ନିକଟରୁ ବାରିପାରେ ଓ ସେଥିରେ ବାନ୍ଧିହୋଇ ରହିପାରେ ବୋଲି ମୁଁ ବିଚାର କରେ। କେବେ ଜୀବନରେ ପତ୍ରଝଡ଼ା, କେବେ ମୃଦୁ ମଳୟ ତ କେବେ ପୁଣି ନିଷ୍ଠୁର ନିଦାଘର କରାଘାତରେ ଶବ୍ଦ ସବୁ ଯୋଡ଼ି ହୋଇ କବିତାର ରୂପ ନିଅନ୍ତି। ଏମିତି ଅନେକ ଉଠାପକା ରାସ୍ତା ଦେଇ ମୁଁ ମଧ୍ୟ ଗତି କରିଛି ଓ ତା' ସହ ତୋଳିଛି କବିତା।

ଶବ୍ଦକୁ କାଗଜରେ ଫୁଟାଇଲେ ମୁଁ ଖୁବ୍ ଆଶ୍ୱସ୍ତ ହୁଏ। କିନ୍ତୁ କିଛିକ୍ଷଣ ପାଇଁ। ତା'ପରେ ପୁଣି ଆନ୍ଦୋଳିତ ହୁଏ ମନ ଓ ମସ୍ତିଷ୍କ। ମୁଁ ଆକ୍ରାମାକ୍ରା ହୁଏ। କିଛି ଦୀର୍ଘଶ୍ୱାସ କୋଳାହଳ ସାଜି ମୋ' ନୀରବତାକୁ ଚହଲାଇ ଦିଅନ୍ତି। ପୁଣି ହୁଏ ଏକ ସର୍ଜନା। ଏମିତି ଚାଲିଥାଏ ମୋର ଲେଖନୀ। ଯେତେ ଥର ମୋତେ ମୋର ସାହିତ୍ୟ ଜୀବନକୁ ନେଇ ପ୍ରଶ୍ନ କରାଯାଏ, ସବୁ ଥର ମୁଁ ମୋର ପିଲାଦିନକୁ ଅଣ୍ଡାଳି ବସେ। ଦ୍ୱିତୀୟ ଶ୍ରେଣୀରେ ପଢ଼ିଲାବେଳେ 'ମା' ଶୀର୍ଷକରେ ଗୋଟିଏ କବିତା ଲେଖି ଶିଶୁ ଦିବସ ଅବସରରେ ପାଠ କରିଥିଲି। ଏହା ମୋତେ ଆଦୃତି ଦେଇଥିଲା। ମୁଁ ପୁରସ୍କୃତ ମଧ୍ୟ ହୋଇଥିଲି; କିନ୍ତୁ ଜାଣି ନ ଥିଲି କବିତାର ସଂଜ୍ଞା। ଖବରକାଗଜ ଓ ପତ୍ରିକାଗୁଡ଼ିକରେ ବିଶିଷ୍ଟ ଲେଖକ, ଲେଖିକାଙ୍କ ଫଟୋ ଦେଖି ମୁଁ ସ୍ୱପ୍ନ ଦେଖୁଥିଲି। ମୋ' ଶିଶୁ ମାନସରେ ମୁଁ ସାହିତ୍ୟ କହିଲେ କବିତା ଓ ଗଳ୍ପକୁ ହିଁ ବୁଝୁଥିଲି। ତେଣୁ ବାର୍ଷିକ ପରୀକ୍ଷା ପରେ ନୂତନ ଶ୍ରେଣୀର ସାହିତ୍ୟ ବହିକୁ ପ୍ରଥମେ ପଢ଼ି ଶେଷ କରିଦେଉଥିଲି।

ମୋର ସାହିତ୍ୟ ପ୍ରତି ଆଗ୍ରହ ଦେଖି ମୋ' ଆଈ ସ୍ୱର୍ଗତା ରମାଦେବୀ ମୋତେ ଉତ୍ସାହିତ କରୁଥିଲେ। ପ୍ରଥମ ଥର ପାଇଁ ମୋ' କବିତା 'ଭିନ୍ନ ଏକ ବିଶ୍ୱଯୁଦ୍ଧ' ବାଲେଶ୍ୱରରୁ ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଖବରକାଗଜର ସାହିତ୍ୟ ପୃଷ୍ଠାରେ ସ୍ଥାନିତ ହୋଇଥିଲା। ସେହି ଦିନଠାରୁ ଲେଖିବାର ସ୍ପୃହା ବଢ଼ିଥିଲା ଓ ସାହିତ୍ୟର ଜୟଯାତ୍ରା ଆରମ୍ଭ ହେଲା। ମୋ' ଲେଖାକୁ ମା' ବାଗ୍‌ଦେବୀଙ୍କ ଆଶୀର୍ବାଦରୁ ପାଠକୀୟ ଆଦୃତି ମିଳିଲା। ପରବର୍ତ୍ତୀ ସମୟରେ ଅନେକ ଖବରକାଗଜ ଓ ପତ୍ରିକାରେ ମୋର ଗପ ଓ କବିତା ସବୁ ନିଜ ପାଇଁ ସ୍ଥାନ ତିଆରି କରିନେଲେ। ମୁଁ ସେହି ସମସ୍ତ ସମ୍ପାଦକ, ସମ୍ପାଦିକା ଓ ପାଠକବର୍ଗଙ୍କ ପାଖରେ କୃତଜ୍ଞ।

କବିତାଟିଏ କିଏ କେଉଁ ଶୈଳୀରେ, କେଉଁ ଢଙ୍ଗରେ ଲେଖନ୍ତି। କିନ୍ତୁ ମୁଁ କବିତା ଲେଖିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଅବା ପ୍ରକ୍ରିୟା ବାରିପାରେ ନାହିଁ। କେତେବେଳେ କୌଣସି ଘଟଣା ମୋ' କବିତାରେ ସ୍ଥାନ ପାଏ ତ କେତେବେଳେ ଗୋଟିଏ ଶୀର୍ଷକ ମୋତେ କବିତା ଲେଖିବା ପାଇଁ ପ୍ରେରଣା ଦିଏ। ମୁଁ କୌଣସି ଚରିତ୍ରକୁ କବିତାରେ ଉତାରିବା ବେଳେ ତା' ଭିତରେ ନିମଗ୍ନ ହୋଇସାରିଥାଏ। କେଉଁ ପ୍ରେତାତ୍ମା ପରି ସେ ମୋତେ ଜାବୁଡ଼ି ଧରେ, ପୁଣି ମୁଁ ବର୍ତ୍ତମାନ ଜୀବନରେ ପ୍ରକୃତିସ୍ଥ ହୁଏ। ଏମିତି ଗତିଶୀଳତାରେ ଈଶ୍ୱରଙ୍କ ଅସୀମ କୃପାରୁ ମୋର ଦୁଇଟି କବିତା ପୁସ୍ତକ 'ନୀରବ ମୁହୂର୍ତ୍ତ' ଏବଂ 'କିଛି ଶବ୍ଦର କାନ୍‌ଭାସ୍' ପାଠକୀୟ ଆଦୃତି ସାଉଁଟି ସାରିଛି।

ମୋ: ୯୪୩୯୪୦୦୩୪୮

## କାଳକାଳକୁ



''ଜୀବନ ହେଉଛି – ଯେତେଦୂର ସମ୍ଭବ, ସର୍ବୋତ୍ତମ ସିଦ୍ଧାନ୍ତ ନେବାର ଏକ ବ୍ୟାପାର। ତେଣୁ ମୁଁ ଭାବେ ଚେସ୍ ଖୁବ୍ ମୂଲ୍ୟବାନ୍।''
– କିହାରୁ ନାକାମୁରା

**କିହାରୁ ନାକାମୁରାଙ୍କ** ଜନ୍ମ ୧୪ ଏପ୍ରିଲ ୧୯୧୩ରେ, ଜାପାନର ଟୋକିଓରେ ଓ ପରଲୋକ ୫ ଜାନୁୟାରୀ ୨୦୦୪ରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କରେ। ଏକ ନୃତ୍ୟଶାଳା (Geisha House)ରେ କିୟତ୍‌କାଳ ପାଇଁ ସେ ଥିଲେ ନୃତ୍ୟଗୀତପ୍ରବୀଣା ପରିଚାରିକା। ଇଂଲିଶ୍ ଭାଷା ଜାଣିଥିବା ନାକାମୁରା 'ଜାପାନୀ-ନର୍ତ୍ତକୀ'ଙ୍କ ଜୀବନଧାରାକୁ ନେଇ ଚଳଚ୍ଚିତ୍ର ପ୍ରଯୋଜନା କରିଥିଲେ, ଯହିଁରେ ଅନ୍ତର୍ଭୁକ୍ତ ଥିଲା ଆର୍ଥର ଗୋଲ୍‌ଡେନ୍‌ଙ୍କ 'Memoirs of a Geisha.' ପ୍ରବନ୍ଧ ରଚନାରେ ବହୁ ଖ୍ୟାତିର ଅଧିକାରିଣୀ କିହାରୁ ନଟୀ ଓ ରାଜବେଶ୍ୟା (Oiran) ଏକ ଶ୍ରେଣୀର ବୋଲି କେତେକଙ୍କ ମନରେ ରହିଥିବା ଭ୍ରାନ୍ତଧାରଣାର ଦୂରୀକରଣ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

## ବାପାଙ୍କ ଉପରେ ଦୁଇଟି ଗପ

ଡ. ନରେନ୍ଦ୍ର ସେଠୀ

ମିନି ଗଳ୍ପ



### ୧।। ବାପାଙ୍କ ବୋଝ

**ବା**ପାଙ୍କ ମୁଣ୍ଡରେ ବୋଝ। ଘର ସଂସାର, ଝିଅ ବାହାଘର, ପୁଅ ପାଠପଢ଼ା ଓ ମରୁଭୂମିରେ ପାରଦ ପରି ବଢ଼ି ଚାଲିଥିବା ଋଣ ଇତ୍ୟାଦିର। ପାଞ୍ଚଫୁଟ ସାତ ଇଞ୍ଚ ନହକା ପତଳା ଶରୀର। ଷାଠିଏ କିଲୋ ଓଜନର ରକ୍ତ ମାଂସ ହାଡ଼କୁ ଉଠାଇ ରଖେ ପାଦ ଦି'ଟା। ବୋଝ ଓ ଓଜନର ସନ୍ତୁଳନ ରକ୍ଷା କରୁକରୁ ବାପାଙ୍କ ପାଦ ପିଠିରେ ପଶିଯାଏ କଣ୍ଟା, କାଚଗୁଣ୍ଡ ଓ ମୁନିଆ ପଥର। କିଛି ବାହାରିଯାଏ। କିଛି କଣ୍ଟା ଜିଦି କରି ମାଛଆଖି କରନ୍ତି ପାଦ ପିଠିରେ। ତଥାପି ବାପାଙ୍କ ଚାଲିବାରେ ହେଳା ନାହିଁ। ପରିବର୍ତ୍ତନ ନାହିଁ। ବିଶ୍ରାମ ନାହିଁ। ସେ ଚାଲିଛନ୍ତି ଅବିରତ। ବାପାଙ୍କ ପାଦ ସେମିତି ଚାଲୁଥାଉ। ରେଳ ଷ୍ଟେଶନର କୁଲି ପରି ତାଙ୍କ ପାଦ ଦି'ଟା ସେମିତି ବୋହି ନିଅନ୍ତୁ ତାଙ୍କର ଓଜନ, ଆମ ପରିବାରର ଚିନ୍ତା ଓ ମାଡ଼ି ଆସୁଥିବା ସମ୍ଭାବିତ ବିପଦର ଦୁଶ୍ଚିନ୍ତା। ଏମିତି ଦିନେ ମୋ' ବାଁ ଜଂଘରେ ଉଠିଥିଲା ଏକ ବଥ। ବାପାଙ୍କ ଓଜନ ସହ ମୋତେ ମିଶେଇ ବୋହି ନେଇଥିଲା ତାଙ୍କ ପାଦ ଝାଡ଼ଫୁଙ୍କ ପାଇଁ ଗନ୍ଧର୍ବ ସାହୁ ପାଖକୁ। ମୁଁ ବସିଥିଲି ବାପାଙ୍କ କାନ୍ଧରେ। ବଥ ଭଲ ହୋଇଗଲା। ସେଇଦିନୁ ବାପାଙ୍କ ପାଦ ଋଣ ମୋ' ଉପରେ। ଏବେ ବେଳେବେଳେ ଫୁଲି ଯାଉଥିବା ବାପାଙ୍କ ପାଦକୁ ହଳେ ଚପଲ ଦେଇ ମୁଁ ଭାବିଲି କିଛି ଋଣ ପରିଶୋଧ କରିବି। ସେ ମୋ' କଥା ଶୁଣିଲେନି। ମୁଁ ତାଙ୍କ ପାଦର ଗୋଇଠିକୁ ଅନେଇଲି। ଗୋଇଠିର ମୋଟା ଚମଡ଼ା ଫାଟି ଆଁ ମେଲା କରିଥିଲା। ମୋତେ ଯେମିତି କହୁଥିଲା ତୋ' ପାଦ କେତେ ଟାଣ ? ମୁଁ ମୋ' ପାଦ ପିଠିରେ କଣ୍ଟା କି କାଚଗୁଣ୍ଡର ଦାଗ ଖୋଜିଲି। ପାଇଲିନି। ଆକାଶ ଆଡ଼େ ଅନେଇଲି। ମୋ' ପାଦ ଦି'ଟା କେତେ ବୋଝ ମୁଣ୍ଡେଇଛି କଳନା କଲି। ମୋ' ପାଦ ଉପରେ ଥିବା ବୋଝ ବାପାଙ୍କ ବୋଝ ତୁଳନାରେ ହାଲୁକା ଥିଲା। ଥରେ ବାପାଙ୍କ ହୃଦୟରେ ବ୍ୟଥା ହେଲା। ଡାକ୍ତର କହିଲେ, ଆର୍‌ଟେରୀ ବ୍ଲକେଜ। ଲକ୍ଷେ ଟଙ୍କା ଖର୍ଚ୍ଚ ହେବ। ରୋଜଗାରକ୍ଷମ ଆମେ ପିଲାମାନେ ବସି ହିସାବ କଲୁ। କିଏ କେତେ ବୋଝ ଉଠେଇ ପାରିବ ଆଲୋଚନା ହେଲା। ବାପାଙ୍କ ହୃଦୟ ବୋଝର ଭାଗବଣ୍ଟାରେ ଆମେ ବ୍ୟସ୍ତ ଥିଲାବେଳେ ସେ ହଠାତ୍ ଉଠିପଡ଼ି ଚାଲିବାକୁ ଲାଗିଲେ। ଅପରେସନ ନ ହେବା ପର୍ଯ୍ୟନ୍ତ ଡାକ୍ତର ତାଙ୍କୁ ଚାଲିବାକୁ ମନା କରିଥିଲା। ବାରଣ କରିବାରୁ କହିଲେ ନିଜ ବୋଝ ବୋହିବାକୁ ସେ ସକ୍ଷମ।

### ୨।। ବାପାଙ୍କ ହୃଦୟ

**କ**ମ୍ପ୍ୟୁଟର ପରଦା ଉପରେ ଗୋଟିଏ ହୃଦୟ ଫକଫକ ହେଇ ଡେଉଁଥିଲା ଇଟା ଭାଟି ନିଆଁରେ ଗୋଡ଼ ପୋଡ଼ି ଛଟପଟ ହେଉଥିବା ଶିଶୁଶ୍ରମିକ ପରି। ଥରେ ସେମିତି ଗୋଟେ ହୃଦୟ ଯାଚିଥିଲି ପ୍ରେମିକାକୁ। ସେ ନେଲାନି। କହିଲା– ସେ ତା' ହୃଦୟ ଆଉ କାହାକୁ ଦେଇସାରିଛି। କମ୍ପ୍ୟୁଟର ପରଦାକୁ ଅନେଇ ଡାକ୍ତର କହିଲେ ସତୁରି ପରସେଣ୍ଟ ବେକାର। ପବନରେ ଅସ୍ତିତ୍ୱ ହରେଇବା ଭୟରେ ଦୋହଲୁଥିବା ମହମବତି ପରି ଅଣନିଃଶ୍ୱାସୀ ହୃଦୟ ପାରୁପଣେ ଚେଷ୍ଟା କରୁଥିଲା ସଫା ରକ୍ତକୁ ଧମନୀରେ ଠେଲି ଦେହର ଚାରିଆଡ଼େ ପହଞ୍ଚେଇବାକୁ। ସେଇ ହୃଦୟ ବୋହିଥିଲା କେତେ ବୋଝ। ଝିଅ ବାହାଘର ଓ ପୁଅକୁ ପଢ଼େଇବାକୁ ଭାଙ୍ଗିଥିଲା ଅଣ୍ଟା। ବେଠି ଖଟି ପାନ ବରଜରେ ବୁହାଇ ଥିଲା ମାଠିଆ ମାଠିଆ ଝାଳ। ଭାଗ ଧାନରେ ପେଟ ପୂରେଇ ହସୁଥିଲା ହି ହି। ଆଜି ସେଇ ହୃଦୟ ଅକର୍ମଣ୍ୟ। ବାପାଙ୍କୁ ହାର୍ଟ ଆଟାକ୍। କହୁଣି ତଳ ମୋଟା ଶିରାରେ ଡାକ୍ତର ଫୋଡ଼ିଦେଲେ ଏକ ଛୁଞ୍ଚି। ରକ୍ତନଦୀ ପହଁରି ପହଁରି ଛୁଞ୍ଚି ମାଡ଼ିଗଲା ଭିତରକୁ। ବାଟ ଓଗାଳି ରକ୍ତକୁ ଅଟକେଇ ରଖିଥିବା ଚର୍ବି ପାଖରେ ଡାକ୍ତର ରଖିଦେଲେ ଏକ ଷ୍ଟେଣ୍ଟ। ବାଟ ମିଳିଗଲା। ରକ୍ତ ବୋହି ଚାଲିଲା। ନାଚି ଉଠିଲା ବାପାଙ୍କ ହୃଦୟ ଥେଇଥେଇ। ଆସନ୍ନ ମୃତ୍ୟୁକୁ ଠକି ଦେଇ ଚେଇଁ ଉଠିଲେ ବାପା। ଏବେ ବାପା ସୁସ୍ଥ। କିନ୍ତୁ ସବୁ ମନା। ତେଲ, ମସଲା, ହସ। ବିଡ଼ି, ଗୁଡ଼ାଖୁ, ରାଗ। ଫୁଲାଏ ବଟିକାରେ ବାପାଙ୍କ ଜୀବନ ଜୀବନ୍ତ। ମୋ' ସ୍ୱାସ୍ଥ୍ୟବାନ୍ ହୃଦୟକୁ ପ୍ରେମିକା ନେଲାନି। ପ୍ରେମିକା ଏବେ କୋଉଠି ଅଛି, କେମିତି ଦିଶୁଛି ସେକଥା ଜାଣିବାକୁ ଆଉ ମୋ' ହୃଦୟର ଇଚ୍ଛା ନାହିଁ। ସେମିତି ଗୋଟେ ହୃଦୟ ବାପାଙ୍କ ଛାତି ଭିତରେ ଅହରହ ଜଗୁଥିଲା ଜୀବନକୁ ଦେହ ଭିତରେ।

ମୋ: ୭୦୦୪୦୬୮୧୧୦

## କବିତା

### ଶ୍ମଶାନକୁ ଯିବାଦିନ

ହରିଶ୍ଚନ୍ଦ୍ର ବେହେରା

**ସେ** ଶ୍ମଶାନ ଯିବାଦିନ
ମୁଁ କାନ୍ଦି ନଥିଲି।

କେହିକେହି କହିଥିଲେ
ମୋ' ଆଖି ନାହିଁ
ଯାହା ଦିଶୁଛି ଗୋଟେ କାଚଗୋଲି।

ଥୋକେ କୁହାକୁହି ହେଲେ
ଆଖି ଅଛି ଯେ
ଲୁହ ଦେଇନାହାନ୍ତି ବିଧାତା।

ଦୁଇ ବର୍ଷର ବାଳୁତ
ଭାବ ଅଭାବ କେମିତି ଓଟାରେ ଲୁହ
ଜଣା ନଥିଲା।

ସେଦିନ ଜୁ ଜୁ ବର୍ଷା ହୋଇଥିଲା
କୋକେଇ ଉଠିବାବେଳେ
ଗାଁ ଲୋକେ କହୁଥିଲେ ବର୍ଷା କାନ୍ଦୁଛି
ଲୋକଟି ନିର୍ମାୟା ଥିଲା
କରିନଥିଲା ଚୋରିଚପଟ /ଛଳ ଛଦ୍ମ।

ବୋଉ ପାଖରୁ କାଢ଼ି ନିଆଗଲା
ଫାଳେ ତାରାଭରା ରାତି
ସିନ୍ଦୂର / କେଇପଟ ଶଙ୍ଖା
ମୁଁ ଲୁଚେଇ ଲୁଚେଇ କାନ୍ଦିଥିଲି ଢେର୍।

ବଡ଼ ହେବାରୁ ବୁଝିଲି
କିଏ ତିଆରି କରେ ଲୁହ
କାଠ ଖୁମ୍ପାର ଧାରୁଆ ଥଣ୍ଟ।

ବାପାଙ୍କ ପ୍ରତି ଶ୍ରାଦ୍ଧରେ ପଚାରେ
ଆଜି କ'ଣ ବର୍ଷା ହେବନି ବୋଉ !

ଏବେ ଆରପାରିରେ ବୋଉ ବି
ଜୁଇ ପାଉଁଶ ଧୋଇ ଦେଇଥିଲି
ଲୁହରେ, ସ୍ୱର୍ଗଦ୍ୱାରରେ।

ସେଦିନ ସମୁଦ୍ର ମାପିଥିଲା
ମୋ' ଲୁହର ଗଭୀରତା କେତେ !!

ମୋ: ୯୪୩୭୮୧୩୭୦୮

### ମୃତ୍ୟୁ ପର କବିତା

ମୂଳ ହିନ୍ଦୀ: ଲଳିତ ମଂଗୋତ୍ରା
ଅନୁବାଦ: ମମତା ପ୍ରିୟଦର୍ଶିନୀ ସାହୁ

**ମୋ'** ନିଜସ୍ୱ ମୃତ୍ୟୁ ପରେ
ଗୋଟେ କବିତା ଲେଖିଲି
ନା ମୋ' ପାଖରେ ଥିଲା କାଗଜ
ନା ଥିଲା କଲମ
କଲମ ଧରିବାକୁ ହାତ ବି ନଥିଲା
ଏମିତି କି ଚିନ୍ତା କରିବାକୁ
ବୁଦ୍ଧିର ବି ଅଭାବ ଥିଲା।

ତଥାପି
ମୁଁ ଏକ କବିତା ଲେଖିଲି
ଏଇ କବିତା ଲେଖିବା ପାଇଁ
ନା ଜରୁରତ୍ ଥିଲା କଲମର
ନା ହାତର,
ନ ଥିଲା ବି ଜରୁରତ୍ ବୁଦ୍ଧିର,
ସେମିତି ବି ଯାଙ୍କୁ ନେଇ
କ'ଣ କବିତା ଲେଖିହୁଏ କି !

ଏଇ କବିତା ଲେଖିବା ପାଇଁ
ମୁଁ ପବନର ହିଲ୍ଲୋଳରେ ମିଶିଗଲି
ମିଶିଗଲି ଆକାଶର ଯାଦୁକରୀ
ନୀଳିମାରେ
ଗଛଲତାର ସବୁଜିମା ହୋଇ ହସିଲି
ମାଟିର ବାସ୍ନାରେ ବାସ୍ନାୟିତ ହେଲି
ମୁଁ ଖୋଦ୍ ଏକ କବିତା ହୋଇଗଲି
ମୋ' ମୃତ୍ୟୁ ପରେ।

ମୋ: ୯୩୩୭୦୬୭୧୮୬

### ସମୟର ଚିତ୍ରଗୀତି

ଗୀତି-କବିତା

ନିରଞ୍ଜନ ସାହୁ

**ସ**କାଳ ସିନ୍ଦୂର ସଞ୍ଜକୁ ରହିବ
କହି ବା ପାରିବ କିଏ
ଜୀବନ ଯୁଦ୍ଧରେ ନିଶ୍ଚୟ ଜିତିବ
କିଏ ଏଠି ଲେଖିଦିଏ ?

ସମୟ ହାତରେ ସମସ୍ତେ ନାଚନ୍ତି
ନାଟୁଆ କଣ୍ଢେଇ ସାଜି
ମିଛଟାରେ ସିନା କଥା କଥାକରେ
ପକାଇଥାଆନ୍ତି ବାଜି

ଏମିତି କେ ନାହିଁ ଅତିକ୍ରମି ଯିବ
ବିଧି ନିର୍ଦ୍ଦେଶକୁ ଯିଏ ?

ସମୟର ଚକ ଘୂରିଘୂରିଯାଏ
ଅଟକି ଯାଏନା କେବେ
ମଣିଷ ମନରେ କାହିଁକି କୁହ ତ
ଏତେ ଅହମିକା ତେବେ
ମନେମନେ ଭାବେ ଭାଗ୍ୟ ନିୟନ୍ତ୍ରକ
ଦୁର୍ଜୟ ଅଟଇ ସିଏ।

ମୋ: ୯୯୩୮୭୪୧୫୮୩

## ପୁସ୍ତକ ପରିଚୟ


### ସଚିତ୍ର ସମୟ



**କବି:** ପ୍ରଦୀପ ବିଶ୍ୱାଳ
**ପ୍ରକାଶକ:** ସୋନମ୍ ପ୍ରକାଶନ, ବାଦାମବାଡ଼ି, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/-

ମୋଟ ୫୭ଟି କବିତାର ଅକ୍ଷର-କୁଞ୍ଜ ହେଉଛି କବି ପ୍ରଦୀପଙ୍କର ଆଲୋଚ୍ୟ କବିତାଗ୍ରନ୍ଥ 'ସଚିତ୍ର ସମୟ'। ସମୟ ସଚିତ୍ର ବୋଧହୁଏ ଏଇଥିପାଇଁ ଯେ ନାନା ଅଭିଜ୍ଞତା ଓ ଅନୁଭବର ଜଟିଳ ରେଖା ସମ୍ମିଳିତ ହୋଇ ତିଆରି କରିଥା'ନ୍ତି ସମୟକୁ। ଗଭୀର ଅନୁଭବ ବା ଉପଲବ୍ଧି ଯେତେବେଳେ ଶବ୍ଦର ଉପଯୁକ୍ତ ବିନ୍ୟାସରେ ଚିତ୍ରମୟ ହୋଇଉଠେ, ସେତେବେଳେ ତିଆରି ହୁଏ ଅପୂର୍ବ କବିତା। 'ସଚିତ୍ର ସମୟ'ରେ କବିଙ୍କର ଏହି ଅପୂର୍ବ କବିତ୍ୱକୁ ଦେଖିହୁଏ, ଘେନିହୁଏ ସେତିକିବେଳେ; ଯେତେବେଳେ ପାଠକ କୌଣସି ପୂର୍ବାଗ୍ରହ ନ ରଖି ସେଥିରେ ବୁଡ଼ ଦେବାକୁ ଚାହେଁ। ପ୍ରଦୀପଙ୍କ କବିତାରେ ବିଷୟ ତା'ର ଉପସ୍ଥାପନା ଶୈଳୀକୁ ବାଛିନିଏ, ତେଣୁ କବିତାର ପ୍ରସଙ୍ଗକୁ ନେଇ ତାଙ୍କ କହିବାର ବାଗଟି ସ୍ୱତଃ ଗଢ଼ି ହୋଇଯାଏ। କେତୋଟି ଉଦ୍ଧୃତି ନେବା: ୧. ''ଧୋ'ରେ ବାୟା ଧୋ'/ ଦି'ଟଙ୍କା ଚାଉଳ ଖା'/ଖାଇବୁ ନାହିଁ ତ/ ଭୁଞ୍ଜ/ ଭୁଞ୍ଜିବୁନାହିଁ ତ ଗିଳ।'' (ଧୋ'ରେ ବାୟା ଧୋ', ପୃ: ୧୭)।୨. ''ଚାଲ ଫେରିଚାଲ ଗାଁକୁ/ କୋହିନୂର ପାଞ୍ଜିରେ ଦେଖ/ କେବେ ଅଛି ଭଲ ଦିନ/ ହେବ ହଳ ଅନୁକୂଳ।'' (ବିରୋଧାଭାଷ, ପୃ: ୮୦)।୩. ''ବତ୍ରିଶ ସିଂହାସନର ବେତାଳ ପରି/ କାହିଁ କେବେଠାରୁ/ ମୁଁ ବୋହି ଚାଲିଛି ଶବ/ ମୋ' ନିଜ କାନ୍ଧରେ।/ ଗୋଟିଏ କାନ୍ଧରେ xx/ ମୋ' ନିଜର ଶବ/ ଆର କାନ୍ଧରେ xx ମୋ' ସ୍ତ୍ରୀ/ ଦୁଇ କାନ୍ଧରେ ଦୁଇଟି ଶବ/ ପଛେପଛେ କାନ୍ଦୁରୀ ଝିଅ।'' (ଶବବାହକ, ପୃ: ୯୦)। 'ସଚିତ୍ର ସମୟ'ରେ କବି ସମୟ, ସମାଜ ଓ ନିଜର ଦ୍ୱନ୍ଦ୍ୱକୁ ନେଇ ଏପରି ଅବାକ୍ କରିଦିଅନ୍ତି ଠାଏଠାଏ ଯେ, ବହୁଦିନଯାଏଁ ଚମକି ପଡ଼ିବାର ଏକ ମୁଦ୍ରା ପାଠକର ଚେତନାରେ ଲାଖିରହେ। ବହିଟି ଭଲ କବିତାର ଟେକ ରଖେ, ହାଉଜାଉ ଅକବିତାର ଏ ଶ୍ୱାସରୁଦ୍ଧ ଭିଡ଼ ଭିତରେ।

### ଉପଲବ୍ଧିର ଉଦ୍‌ଭାସ



**ଲେଖକ:** ରମେଶ ଦାସ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ବହିଟି ମନ ଓ ଚେତନାର ଐକାନ୍ତିକ ସ୍ଥିତିରୁ ଝଲସି ଉଠିଥିବା ଏକ ଏକ ବାକ୍-ସ୍ଫୁରଣ, ଯେଉଁଥିରେ ଧରାଦେଇଛି ସତ୍ୟ ଓ ତା'ର ସନାତନୀ ବିସ୍ତାର। ଏକ ହଜାର ଦିବ୍ୟ-ବାକ୍ୟରେ ଜୀବନର ବହୁ ଅନୁଦ୍‌ଘାଟିତ ଉପଲବ୍ଧି ଧରାଦେଇଛି। ସମଗ୍ର ପୃଥିବୀ ଯେତେବେଳେ କରୋନା-ପୀଡ଼ିତ, ସେତେବେଳେ ଲେଖକ ଦାସ ନିଜ ଭିତରେ ଖୋଜି ପାଇଛନ୍ତି ଜୀବ ଓ ଆତ୍ମାର ଏକାତ୍ମତାକୁ। ଗୋଟିଏ ଗୋଟିଏ ବାକ୍ୟ ହୋଇଉଠିଛି ପବିତ୍ର ସନ୍ଥବାଣୀ। ଗ୍ରନ୍ଥ ସମ୍ପର୍କରେ ଅଭିମତ ଦେଇ 'ସତ୍ୟ ଚେତନା'ର ସମ୍ପାଦକ ଗୋକୁଳାନନ୍ଦ ପରିଡ଼ା ଲେଖିଛନ୍ତି: ''× × ବାଣୀଗୁଡ଼ିକ ଶୁଣିଲାବେଳେ ମୋତେ ଲାଗିଛି ସେ ଆକାର ଓ ନିରାକାରର ସେପାରିକୁ ଚାଲିଯାଇଛନ୍ତି। ଚକ୍ଷୁର ବାହାରେ ଯାହା ଅଦୃଶ୍ୟ ତାକୁ ହିଁ ଦର୍ଶନ କରିଛନ୍ତି। ସେ ଯେଉଁଠାରେ ପହଞ୍ଚିଛନ୍ତି ସେଠି କୌଣସି ବିଧିବିଧାନ, ନିୟମ, ଅନୁଶାସନ ନାହିଁ।×× ସେଠି ଦ୍ୱୈତ ନାହିଁ କିମ୍ବା ଦ୍ୱନ୍ଦ୍ୱ ବି ନାହିଁ। ସେଠି ନାଦ ମଧ୍ୟ ନାହିଁ। ଯାହା ଅଛି ତାହା ହେଉଛି ଅନାହତ ଧ୍ୱନି, ଅନ୍ତସ୍ୱର ସ୍ୱର।'' (ପୃ: ୦୮)। ଦାସଙ୍କ ଅନ୍ତର୍ବାଣୀର କେତୋଟି ନଜିର: ୧. ''କେହି ଉଚ୍ଚ କି କେହି ନୀଚ ନୁହେଁ, ଏହା ଶବ୍ଦର କପଟାଚାର କେବଳ।'' ୨. ''ସ୍ୱୀକାର କରିନେବା ଭଳି ନମନୀୟତା, ଆଉ କେଉଁ ଅନୁଭବରେ ଆସେ ନାହିଁ।'' ୩. ''ଉନ୍ମାଦନା ହେଉଛି ଭାବପ୍ରବଣତାର ଜନକ।'' ୪. ''ଅକ୍ଷରକୁ ପଢ଼ିବାକୁ ଚେଷ୍ଟା ନ କରି, ଅକ୍ଷରକୁ ଜାଣିବାକୁ ଚେଷ୍ଟା କର।'' ବହିଟି ପାଠକଙ୍କ ପାଇଁ ଦିବ୍ୟଜ୍ଞାନର ଏକ ମଧୁକୋଷ। ଏହାର ବହୁଳ ପ୍ରସାର ଆଶା କରାଯାଉ।

## ଦ୍ୱନ୍ଦ୍ୱ

ଡ. ଭବାନୀ ଶଙ୍କର ଦାଶ

ଗଳ୍ପ

**ଗ**ଣେଶ ପୂଜା ପୂର୍ବଦିନ ତାଙ୍କ ଘରେ ମୁଁ ପହଞ୍ଚିଲି ଦିନ ସାଢ଼େ ଦୁଇଟାରେ। ସେଦିନ ଥିଲା ରବିବାର। ସୀମା ଏଇଦିନ ଏଇ ବେଳାରେ ଘରେ ଥିବ, ଏକଥା ଭାବି ଯାଇଥିଲି। ଦାଣ୍ଡଦୁଆର ମୁହଁରେ ଯେଉଁଠି ଚପଲ ସବୁ ଥୁଆହୁଏ, ସେଠାରେ ଦେଖିଲି ଜଣେ ପୁରୁଷ ଲୋକର ନୂଆ ଚପଲ ହଳେ ଥୁଆହୋଇଛି। ପୁରୁଷ ଚପଲଟେ ଦେଖି ନାନାଦି କଥା ଭାବିଗଲି। କାରଣ ତାଙ୍କ ଘରେ ଏବେ ଆଉ ପୁରୁଷ ଲୋକ କେହି ନାହାନ୍ତି। ସୀମାର ସ୍ୱାମୀ ଯଦି ଆସିଥାଆନ୍ତେ, ଏଭଳି ଚପଲ ସିଏ ଆଣି ନ ଥା'ନ୍ତେ, ଏଇଟା ଗୋଟେ ସାଧାରଣ ଚପଲ। ଏଭଳି ଚପଲ କେବଳ ମଉସା ପିନ୍ଧୁଥିଲେ, ହେଲେ ମଉସା ତ ଆଉ ନାହାନ୍ତି। ମୁଁ କଲିଂ ବେଲ୍ ଟିପିଲି।

ସୀମାର ବୋଉ କବାଟ ଖୋଲିଲେ। ତାଙ୍କ ପଛରେ ଛୋଟ ପୁଅଟେ ଥିଲା। ବୋଧେ ସୀମାର ପୁଅ, ବଡ଼ ଅପ୍ରସ୍ତୁତ ଲାଗିଲା ନିଜକୁ। ସୀମା ଯେ ପାଞ୍ଚ ଛଅବର୍ଷର ଗୋଟେ ପିଲାର ମାଆ ହେଇଗଲାଣି, ଏ ଖବର ମୋ' ପାଖରେ ନ ଥିଲା। କେବଳ ଖବର ଥିଲା ଯେ, ସିଏ ଦିଲ୍ଲୀ ଯାଇଥିଲା ସ୍ୱାମୀଙ୍କ ସହିତ। ୟା' ଭିତରେ ଆଲ୍ଲାହାବାଦରେ ଇଞ୍ଜିନିୟର ଥିବା ଏକମାତ୍ର ପୁଅର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଓ ସେହି ଚିନ୍ତାରେ ହେମ ମଉସାଙ୍କର ଦେହାନ୍ତ ହୋଇଗଲା। ଅକସ୍ମାତ୍ ହାର୍ଟଆଟାକ୍। ଅବସର ନେବାକୁ ଆଉ ବର୍ଷେ ଥିଲା। ଆଜକୁ ହେମ ମଉସା ଯିବାର ପ୍ରାୟ ଦୁଇ ମାସ ହୋଇଗଲାଣି। ମାଉସୀ ବସିବାକୁ କହିଲେ, ବସିଲି। ମଉସାଙ୍କ କଥା ଓ ପୁଅ କଥା କହି କାନ୍ଦିବା ଆରମ୍ଭ କଲେ। ଆରଘରୁ ସୀମା ଆସିଲା। ମତେ ଭାରି ମାଡ଼ିପଡୁଥାଏ। ବେଶୀ ଅବାଗିଆ ଲାଗୁଥାଏ, ତା' ପୁଅଟା ପାଇଁ କିଛି ନ ନେଇ ଖାଲିହାତରେ ଯାଇଥିବାରୁ। ପାଖାପାଖି କ୍ୱାର୍ଟରରେ ଆମ ଉଭୟ ପରିବାର ରହୁଥିଲୁ। ସମ୍ପର୍କ ଖୁବ୍ ନିବିଡ଼ ଥିଲା। ଆମ ବାପା ଆଗ ଅବସର ନେଲେ। ତେଣୁ କ୍ୱାର୍ଟର ଛାଡ଼ି ଆମେ ଗାଁରେ ରହିଲୁ। ସୀମାର ମୋର ସମ୍ପର୍କକୁ ନେଇ ଆମ ଦୁଇ ପରିବାରରେ କିଛିଟା ଦ୍ୱନ୍ଦ୍ୱ ଉପୁଜିଥିଲା। ସେମାନେ ଥିଲେ ଉଚ୍ଚ ଜାତିର ଓ ଆମେ ଥିଲୁ ନୀଚ ଜାତିର। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ସୀମାର ବିବାହ କରିଦିଆହେଲା। ତା'ପରେ ଆମେ ଗାଁକୁ ପଳେଇ ଆସିଲୁ। ଆଜି ଏତେଦିନ ପରେ ଦେଖାସାକ୍ଷାତ। ମାଉସୀଙ୍କ କଥାରୁ ଜାଣିଲି ଯେ ଏବେ ମଉସାଙ୍କ ଚାକିରିରେ ରହିବା ପାଇଁ ସୀମା ଯୋଗାଡ଼ କରୁଛି।

ହାତରେ କପେ ଚା ଧରି ସୀମା ଆସିଲା। ପଛେପଛେ ସେଇ ଛୋଟ ପୁଅଟା। ପଚାରିଲି– 'ଇଏ ତୋ' ପୁଅ ତ ?' ଉତ୍ତରରେ ସୀମା କହିଲା– ହଁ, କ'ଣ ମୋ' ପୁଅ ଭଳି ତୁମକୁ ଲାଗୁନି କି ? ନାଇଁ ସେମିତି କିଛି ନୁହେଁ କହି କଥାର ପାଦ ପୂରଣ କରିଦେଲି ସିନା ; ମାତ୍ର ମୋ' ମନ କହୁଥିଲା ସୀମା ତ ତୋଫା ଗୋରା, ଛୁଆଟା କଳା ହେଲା କେମିତି ? ହଁ ହୋଇଥିବ, ବ୍ୱାଇଁ ଯଦି କଳାଥିବ। ପଚାରିଲି– ସେ ଘରେ କିଏ ତୋ' ହଜ୍‌ବ୍ୟାଣ୍ଡ ନା କିଏ ? ସୀମା କ'ଣ କହିବ କ'ଣ କହିବ ହେଉଥିଲା, ହଠାତ୍ ମାଉସୀ କହିବା ଆରମ୍ଭ କଲେ– ଜାଣିନ କି ବାପା ! ୟା' କହି ସୀମାକୁ ଆଉ କପେ ନିଜ ପାଇଁ ଚା ବରାଦ କଲେ। ଅନିଚ୍ଛା ସତ୍ତ୍ୱେ ସୀମା ଉଠିଗଲା ପରେ କହିବା ଆରମ୍ଭ କଲେ। ଅସ୍ଥିକଙ୍କାଳସାର ମାଉସୀଙ୍କ ପଞ୍ଜରାସ୍ଥି ଥରାଇ ମଝିରେ ମଝିରେ ଦୀର୍ଘଶ୍ୱାସ ବାହାରୁଥିଲା। ତାଙ୍କ କଥାର ମର୍ମ ହେଲା ଏଇଆ ଯେ, ସୀମା ବିଭାଘର ପରେ ଦିଲ୍ଲୀ ଗଲା। ସେଠାରେ ଦେଖିଲା ତା' ସ୍ୱାମୀଙ୍କର ସେଠାରେ ସ୍ତ୍ରୀ ଓ ପିଲାପିଲି ଅଛନ୍ତି। କୌଶଳରେ ସେଠାରୁ ଦୁଇମାସ ପରେ ଫେରିଆସିଲା। ଆସିଲାବେଳେ ଏଇ ପୁଅଟାକୁ ସାଥିରେ ନେଇଆସିଲା। ଏଇଟା ତା' ସ୍ୱାମୀଙ୍କର ପ୍ରଥମ ସ୍ତ୍ରୀର ପୁଅ। ତା' ସ୍ୱାମୀ ଜଣେ କେରଳୀ ଝିଅକୁ ପୂର୍ବରୁ ବିବାହ କରିଥିଲେ। ନିଜ ମା' ବାପାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସୀମାକୁ ବିବାହ କରିଥିଲେ, ନିଜେ ଏ ପର୍ଯ୍ୟନ୍ତ ଅବିବାହିତ ଥିବାର ଅଭିନୟ କରି। ପୁଅକୁ ନେବା ପାଇଁ ସେମାନେ ପୋଲିସର ଆଶ୍ରୟ ନେଇଛନ୍ତି। ସୀମା ବି ତାଙ୍କ ନାଁରେ ମକଦ୍ଦମା କରିଛି। ପୋଲିସ ଗିରଫ ଭୟରେ ତା' ସ୍ୱାମୀ ଓ ତା' ପରିବାର ଲୁଚିଛନ୍ତି। ଏ ଛୁଆଟା ବି ସୀମାକୁ ଛାଡ଼ି ରହିପାରିବ ନାହିଁ।

ଏତିକିବେଳେ ସୀମା ଚା କପେ ଧରି ପ୍ରବେଶ କଲା। ଚା କପ୍‌ଟାକୁ ଟେବୁଲ ଉପରେ ପଡ଼ିଥିବା ଏକ ପ୍ଲାଷ୍ଟିକ୍ କାଗଜ ଉପରେ ରଖିଲା। ତା' ଚାହାଣିରେ ସେମିତି ପୂର୍ବର ସେଇ ଦୁଷ୍ଟାମି ଥିଲା। ମାଉସୀ କହିଲେ– ହଉ ତୁମେ ଦୁହେଁ କଥା ହୁଅ, ମୁଁ ଆସୁଛି। ୟା' କହି ସିଏ ଭିତରକୁ ଗଲେ, ଅନୁଚ୍ଚ କଣ୍ଠରେ ଭିତରେ ମାଉସୀ ଅନ୍ୟ କାହା ସହ କଥା ହେବାର ଅସ୍ପଷ୍ଟ ଶବ୍ଦ ଶୁଣାଯାଉଥିଲା। ମୁଁ ଚା କପ୍ ଥୁଆହୋଇଥିବା ପ୍ଲାଷ୍ଟିକ୍ କାଗଜ ଉପରେ ଦୃଷ୍ଟିନିବଦ୍ଧ କଲି। କାରଣ ସୀମାର ମୁହଁକୁ ମୁହଁଟେକି ଚାହିଁବାର ସାହସ ମୋର କମିଯାଇଥିଲା। ଏତିକିବେଳେ ସୀମାର ପୁଅ ଚକୋଲେଟ୍ ଖାଇବା ପାଇଁ ଜିଦି କଲା। ହଁ, ଯିବା ଆଣିବା କହି ସୀମା ପ୍ରବୋଧନା ଦେଲା। ତା'ପରେ ମତେ ପଚାରିଲା– 'ଭାଉଜ କେମିତି ?' କିଛି ଉତ୍ତର ଦେଲିନାହିଁ। ପୁଣି ପଚାରିଲା– 'ତୁମର ସବୁ ଭଲ ତ ?' ସଂକ୍ଷିପ୍ତ ଉତ୍ତର ଦେଲି– 'ହଁ'। ଏଥର ତା' ତରଫରୁ ସିଏ କହିଲା– ଟୁଲୁଭାଇ ! ତୁମ ନିଃଶ୍ୱାସ ପଡ଼ିଗଲା। ମୋ' ଜୀବନ ଛାରଖାର ହୋଇଗଲା। ଯାହାକୁ ଜୀବନସାଥୀ ଭାବେ ମୋ' ବେକରେ ଏମାନେ ବାନ୍ଧିଦେଲେ, ସିଏ ଗୋଟେ ଜହ୍ଲାଦ। ବିଭାଘର ପରଦିନ ମୋତେ ନେଇ ଦିଲ୍ଲୀ ଚାଲିଗଲେ। ଛୁଟିନାହିଁ ଏଣୁ ସପ୍ତମଙ୍ଗଳାଯାଏ ରହିପାରିବ ନାହିଁ ବୋଲି କହିଲା। ବାଟରେ ମୋତେ ଭୀଷଣ ଜ୍ୱର ହେଲା। ସେଇଟା କେଉଁ ଜାଗା କହିପାରିବି ନାହିଁ। ମୋତେ ସେଠାରେ ଗୋଟେ ମେଡିକାଲରେ ଚିକିତ୍ସା କରେଇଲା। ଦୁଇଦିନ ପରେ ସେଠାରୁ ବାହାରି ଦିଲ୍ଲୀ ଗଲୁ। ଦେଖିଲି, ମୋ' ପେଟରେ ଗୋଟେ ଛୋଟ କଟାଦାଗ। ପଚାରିଲି– ଏଇଟା କ'ଣ ? କହିଲା– ତୁମ ପେଟରୁ ବିଷାକ୍ତ ଖାଦ୍ୟ ଏଇପଟେ ବାହାର କରାଯାଇଥିଲା। ନ ହେଲେ ଜ୍ୱର ଛାଡ଼ି ନ ଥା'ନ୍ତା। ଦିଲ୍ଲୀରେ ପହଞ୍ଚି ଦେଖିଲି ତା'ର ପରିବାର ରହିଛି। ପଚାରିଲି ଇଏ କ'ଣ ? କହିଲା– ତାଙ୍କଠିଁ ତୁମର କ'ଣ ଅଛି ? ଏକାଠି ରହିବ, କିଛି ଅସୁବିଧା ନାହିଁ। ତା'ପରେ ମୁଁ ନିଜକୁ ତା'ଠାରୁ ଯଥାସମ୍ଭବ ଦୂରେଇ ରଖିଲି। ଆଜିଯାଏ ମୁଁ ତୁମର ସେଇ ସୀମା ହୋଇ ରହିଛି। ଜମା ବଦଳିନି ମୁଁ। ମତେ ବିଶ୍ୱାସ କର। ଏତିକିବେଳେ ଦୁର୍ଘଟଣାରେ ଭାଇ ଗଲା। ତା' ପରେ ପରେ ବାପା ବି। ମୋ' ଦୁନିଆରେ ଭରିଗଲା ମେଞ୍ଚାମେଞ୍ଚା ଯନ୍ତ୍ରଣା। ତମେ ଯଦି ସାହାଯ୍ୟ କରନ୍ତ, ବାବାଙ୍କ ଚାକିରିରେ ମୁଁ ନିଯୁକ୍ତି ପାଇପାରନ୍ତି। ଆଜିଯାଏ ମୁଁ ମୋ' ସ୍ୱାମୀ ଭାବେ ତୁମକୁ ଗ୍ରହଣ କରିଛି, ଆଉ କାହାକୁ ନୁହେଁ। ଏତେବେଳଯାଏ ମୁଁ ସେଇ ପ୍ଲାଷ୍ଟିକ କାଗଜକୁ ଦେଖୁଥିଲି। ସେଥିରେ ଗୋଟେ ଚିତ୍ରଥିଲା। ଚିତ୍ରଟା ଗୋଟେ ଛୋଟ ଝିଟିପିଟି ଗୋଟେ ବଡ଼ ଅସରପାକୁ କାମୁଡ଼ି ଧରିଛି, ନା ଗିଳି ପାରୁଛି, ନା ଛାଡ଼ି ପାରୁଛି।



ମୋ: ୯୪୩୭୨୭୯୧୪୨

# ସାମ୍ସନ-ସଙ୍ଗକାରାଙ୍କ ଉପରେ ରାଜସ୍ଥାନର ଭାଗ୍ୟ

**ନୂଆଦିଲ୍ଲୀ,୭।୪(ପି.ଟି.)**

ଆଉ ଗୋଟିଏ ଦିନ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ମଧ୍ୟ ତା'ର ପ୍ରସ୍ତୁତି ଶେଷ କରିଛି। ପ୍ରଥମ ସଂସ୍କରଣରେ ଟାଇଟଲ ହାସଲ କରିଥିବା ରାଜସ୍ଥାନ ଏବେ ସମ୍ପୂର୍ଣ୍ଣରୂପେ ପୁନର୍ଗଠିତ ହୋଇଛି। ତେବେ ବିଦେଶୀ ଖେଳାଳିଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ହେବା ଯୋଗୁ ଏଥର ଦଳର ପ୍ରଦର୍ଶନ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଏଥର ରାଜସ୍ଥାନ ଦଳ ଓ ମ୍ୟାନେଜମେଣ୍ଟରେ ବ୍ୟାପକ ପରିବର୍ତ୍ତନ କରିଥିଲା। ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍‌ଙ୍କ ବଦଳରେ ସାମ୍ସନଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି କୋଚ୍ ଆଣ୍ଡ୍ର୍ୟୁ ମ୍ୟାକଡୋନାଲ୍ଡଙ୍କୁ ବାଦ୍ ଦିଆଯାଇଥିବା ବେଳେ ଶ୍ରୀଲଙ୍କା କ୍ରିକେଟ ଲିଜେଣ୍ଡ କୁମାର ସଙ୍ଗକାରା ଦଳର ଡାଇରେକ୍ଟର ଅଫ୍ କ୍ରିକେଟ ରୂପେ ନିଯୁକ୍ତି ପାଇଛନ୍ତି। ସାମ୍ସନ ଓ ସଙ୍ଗକାରା ଯୋଡି ଉପରେ ରାଜସ୍ଥାନର ଭାଗ୍ୟ ନିର୍ଭର କରୁଛି। ଫଳରେ ଏହି ଯୋଡି ଏଥର କଡ଼ା ପରୀକ୍ଷା ତଥା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

ଦ୍ରୁତ ବୋଲିଂକୁ ଶକ୍ତିଶାଳୀ କରିବାକୁ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସଙ୍କୁ ୧୬.୨୫ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରାଯାଇଛି। ଜୋଫ୍ରା ଆର୍ଚରଙ୍କ ଉପରେ ବୋଲିଂ ବିଭାଗ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିବାରୁ ମୋରିସଙ୍କୁ ସାମିଲ କରାଯାଇଛି। ଆଇପିଏଲ ଇତିହାସରେ ମୋରିସ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଗତ ସଂସ୍କରଣରେ ଆର୍ଚର ଲିଗ୍‌ର ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟର ଅଫ୍ ଦି ସେସନ ବିବେଚିତ ହୋଇଥିଲେ। ଇଞ୍ଜୁରି କାରଣରୁ ସେ ଅତିକମ୍‌ରେ ୫ଟି ମ୍ୟାଚ୍‌ରୁ ବାଦ୍ ପଡିଥିଲେ ଓ ଦଳ ପାଇଁ ଏହା ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଏପ୍ରିଲ ୧୨ରେ ରାଜସ୍ଥାନ ମୁମ୍ବାଇରେ ପଞ୍ଜାବ କିଙ୍ଗ୍ସ ତରଫରୁ ତା'ର ଅଭିଯାନ ଆରମ୍ଭ କରିବ।


ସଞ୍ଜୁ ସାମ୍ସନ୍ ଓ କୁମାର ସଙ୍ଗକାରା।

## ଦଳର ଶକ୍ତି

ଦଳରେ ଏକାଧିକ ବିସ୍ଫୋରକ ବ୍ୟାଟ୍ସମ୍ୟାନ ରହିଛନ୍ତି। ଜୋଶ ବଟଲର ଓ ବେନ୍ ଷ୍ଟୋକ୍ସଙ୍କ ଭଳି ଦୁଇଜଣ ମ୍ୟାଚ୍ ବିଜେତା ଦଳରେ ରହିବା ଏକ ବଡ଼ କଥା। ସେହିପରି ଅଧିନାୟକ ସାମ୍ସନ ମଧ୍ୟ ଜଣେ ଆସାଧାରଣ ପ୍ରତିଭା ଭାବେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଡେଭିଡ୍ ମିଲର ଓ ମୋରିସ ମଧ୍ୟ ପାଓ୍ୱାରଫୁଲ୍ ଷ୍ଟ୍ରାଇକର ଭାବେ ନିଜର ଦମ୍ ଦେଖାଇଛନ୍ତି। ଇଂଲଣ୍ଡ ଟି୨୦ ସ୍ପେଶାଲିଷ୍ଟ ଲିଆମ ଲିଭିଂଷ୍ଟୋନ ମଧ୍ୟ ଯେକୌଣସି ଦିନ ମ୍ୟାଚର ମୋଡ ବଦଳାଇବାରେ ସକ୍ଷମ ଅଟନ୍ତି। ସେହିପରି ଅଲରାଉଣ୍ଡର ରାହୁଲ ଟେଓ୍ୱାଟିଆ ମଧ୍ୟ ଗତ ସଂସ୍କରଣ ଭଳି ଏଥର ଉପଯୋଗୀ ସାବ୍ୟସ୍ତ ହେବେ। ସାଙ୍ଗକାରାଙ୍କ ଭଳି ଜଣେ ବିଶ୍ୱସ୍ତରୀୟ ଖେଳାଳି ମ୍ୟାନେଜମେଣ୍ଟ ଦାୟିତ୍ୱରେ ରହିଥିବାରୁ ତାଙ୍କ ଅଭିଜ୍ଞତାରୁ ଦଳ ମଧ୍ୟ ଫାଇଦା ଉଠାଇବ। ସଙ୍ଗକାରାଙ୍କ ନିକଟରେ ଏକ ପରପକ୍ୱ କ୍ରିକେଟିଂ ବ୍ରେନ୍ ରହିଛି। ତେଣୁ ଦଳକୁ ସେ ଠିକ୍ ଦିଗରେ ପରିଚାଳନା କରିବେ।

## ଦୁର୍ବଳତା

ଦଳରେ ଥିବା ଦେଶୀ ତଥା ଭାରତୀୟ ଖେଳାଳି ସ୍ଥିର ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। କ୍ରମାଗତ ୫ଟି ମ୍ୟାଚ୍‌ରେ ସାମ୍ସନ ଗତ କେତୋଟି ସଂସ୍କରଣରେ ଆଦୌ ସ୍ଥିର ପ୍ରଦର୍ଶନ କରିପାରିନାହାନ୍ତି। ୨୦୧୮ରେ ୧୧.୫ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ ହୋଇଥିବା ଜୟଦେବ ଉନାଡକଟ ଏ ପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ସେହିପରି ମନନ ଭୋରା ମାତ୍ର କେତୋଟି ମ୍ୟାଚ୍‌ରେ ଭଲ ଖେଳିଛନ୍ତି। ଅବଶ୍ୟ ରିୟାନ ପରାଗ, ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ, ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିମାନେ ପ୍ରତିଭାର ପ୍ରମାଣ ଦେଇଛନ୍ତି। ଦଳ କିନ୍ତୁ ସ୍ଥିର ପ୍ରଦର୍ଶନ ଆବଶ୍ୟକ କରୁଥିବା ବେଳେ ଏହି ଖେଳାଳିମାନେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ସୁଯୋଗ

ସାମ୍ସନଙ୍କ ଫର୍ମ ଓ ପ୍ରଦର୍ଶନରେ ସ୍ଥିରତା ନେଇ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୁଯୋଗର ସେ କେବେ ଫାଇଦା ଉଠାଇପାରିନାହାନ୍ତି। ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଷନଙ୍କ ଭଳି ଖେଳାଳି ଭାରତ ଟି୨୦ ଡେବ୍ୟୁରେ ଜବରଦସ୍ତ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। କିନ୍ତୁ କେରଳର ଏହି ଉଇକେଟକିପର ବ୍ୟାଟ୍ସମ୍ୟାନ ଏ ପର୍ଯ୍ୟନ୍ତ ନିଜ ପ୍ରତିଭା ଅନୁରୂପ ସଫଳତା ପାଇନାହାନ୍ତି। ତେଣୁ ଆଇପିଏଲ୍‌ର ଏହି ସଂସ୍କରଣରେ ସେ ନିଜର ପ୍ରତିଭା, ଦକ୍ଷତା ଓ ନେତୃତ୍ୱର ପରାକାଷ୍ଠ ପ୍ରତିପାଦନ କରିବାକୁ ସୁଯୋଗ ପାଇଛନ୍ତି। ଆଗକୁ ଦୁଇଟି ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ସେ ଆଇପିଏଲ୍‌ରେ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରିବେ।

## ଆଶଙ୍କା

ନେତୃତ୍ୱ ନେବାରେ ପର୍ଯ୍ୟାପ୍ତ ଅଭିଜ୍ଞତା ନ ଥିବାରୁ ସାମ୍ସନଙ୍କ ବ୍ୟାଟିଂ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅଧିନାୟକ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ଅତିରିକ୍ତ ଚାପ ରହିବ। ତେଣୁ ରୋମାଞ୍ଚକ ସ୍ଥିତିରେ ତାଙ୍କର ପ୍ରଦର୍ଶନ କିପରି ରହିବ ତାହା ଦେଖିବାକୁ ବାକି ରହିଲା। ଅନଭିଜ୍ଞତା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଦଳଗତ ପ୍ରଦର୍ଶନ ଯେକୌଣସି ଦଳ ପାଇଁ ଗୁରୁତ୍ୱ ବହନ କରିଥାଏ। କେତୋଟି ବ୍ୟକ୍ତିଗତ ପ୍ରଦର୍ଶନରେ ଦଳ ବିଜୟୀ ହେବା ବଡ଼ କଥା ନୁହେଁ। ୨୬ ବର୍ଷୀୟ ଦ୍ରୁତ ବୋଲର ଆର୍ଚରଙ୍କ ଉପରେ ଦଳ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇଛି। ତାଙ୍କ ଅନୁପସ୍ଥିତିରେ ମୋରିସ ଦ୍ରୁତ ବୋଲିଂରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଆର୍ଚର ଯେତେଶୀଘ୍ର ଦଳରେ ଯୋଗଦେବେ ସେତେ ଭଲ ହେବ। ଦଳରେ ଥିବା ଦେଶୀ ଖେଳାଳିମାନେ ସେତେଟା ଅଭିଜ୍ଞ ଓ ଦକ୍ଷ ନୁହନ୍ତି। ବିଦେଶୀ ଖେଳାଳିଙ୍କ ଉପରେ ଦଳ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇଛି। ଫଳରେ ଦଳ ପ୍ଲେଅଫ୍‌ରେ ସ୍ଥାନ ହାସଲ କରିବା ନେଇ ଆଶଙ୍କା ରହିଛି।

**ରାଜସ୍ଥାନ ରୟାଲ୍ସ ଦଳ:** ସଞ୍ଜୁ ସାମ୍ସନ (ଅଧିନାୟକ/ଉଇକେଟକିପର), ଜୋଶ ବଟଲର (ଉଇକେଟକିପର), ବେନ୍ ଷ୍ଟୋକ୍ସ, ଯଶସ୍ୱୀ ଜୟସ୍ୱାଲ, ମନନ ଭୋରା, ଅନୁଜ ରାଓ୍ୱତ, ରିୟାନ ପରାଗ, ଡେଭିଡ୍ ମିଲର, ରାହୁଲ ଟେଓ୍ୱାଟିଆ, ମହିପାଲ ଲୋମରର, ଶ୍ରେୟାସ ଗୋପାଲ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଆଣ୍ଡ୍ର୍ୟୁ ଟାଏ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗୀ, ଶିବମ ଦୁବେ, କ୍ରିସ୍ ମୋରିସ, ମୁସ୍ତାଫିଜୁର ରହମାନ, ଚେତନ ସାକାରିୟା, କେଜି କାରିଆପ୍ପା, ଲିଆମ ଲିଭିଂଷ୍ଟୋନ୍, କୁଲଦୀପ ଯାଦବ ଓ ଆକାଶ ସିଂ।



## ଆଇପିଏଲ୍-୧୪ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ଏପ୍ରିଲ ୯ | ମୁମ୍ବାଇ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୦ | ଚେନ୍ନାଇ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୧ | ହାଇଦ୍ରାବାଦ- କୋଲକାତା | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୨ | ରାଜସ୍ଥାନ- ପଞ୍ଜାବ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୩ | କୋଲକାତା- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୪ | ହାଇଦ୍ରାବାଦ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୫ | ରାଜସ୍ଥାନ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୬ | ପଞ୍ଜାବ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୭ | ମୁମ୍ବାଇ- ହାଇଦ୍ରାବାଦ୍ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୮ | ବାଙ୍ଗାଲୋର- କୋଲକାତା | ଅପରାହ୍ନ ୩.୩୦ | ଚେନ୍ନାଇ |
| ଏପ୍ରିଲ ୧୮ | ଦିଲ୍ଲୀ- ପଞ୍ଜାବ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୯ | ଚେନ୍ନାଇ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୦ | ଦିଲ୍ଲୀ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୨୧ | ପଞ୍ଜାବ- ହାଇଦ୍ରାବାଦ | ଅପରାହ୍ନ ୩.୩୦ | ଚେନ୍ନାଇ |
| ଏପ୍ରିଲ ୨୧ | କୋଲକାତା- ଚେନ୍ନାଇ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୨ | ବାଙ୍ଗାଲୋର- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୩ | ପଞ୍ଜାବ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୨୪ | ରାଜସ୍ଥାନ- କୋଲକାତା | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୫ | ଚେନ୍ନାଇ- ବାଙ୍ଗାଲୋର | ଅପରାହ୍ନ ୩.୩୦ | ମୁମ୍ବାଇ |
| ଏପ୍ରିଲ ୨୫ | ହାଇଦ୍ରାବାଦ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୨୬ | ପଞ୍ଜାବ- କୋଲକାତା | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ଏପ୍ରିଲ ୨୭ | ଦିଲ୍ଲୀ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ଏପ୍ରିଲ ୨୮ | ଚେନ୍ନାଇ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ଏପ୍ରିଲ ୨୯ | ମୁମ୍ବାଇ- ରାଜସ୍ଥାନ | ଅପରାହ୍ନ ୩.୩୦ | ଦିଲ୍ଲୀ |
| ଏପ୍ରିଲ ୨୯ | ଦିଲ୍ଲୀ- କୋଲକାତା | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ଏପ୍ରିଲ ୩୦ | ପଞ୍ଜାବ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୧ | ମୁମ୍ବାଇ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୨ | ରାଜସ୍ଥାନ- ହାଇଦ୍ରାବଦ | ଅପରାହ୍ନ ୩.୩୦ | ଦିଲ୍ଲୀ |
| ମେ ୨ | ପଞ୍ଜାବ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୩ | କୋଲକାତା- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୪ | ହାଇଦ୍ରାବାଦ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୫ | ରାଜସ୍ଥାନ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୬ | ବାଙ୍ଗାଲୋର-ପଞ୍ଜାବ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୭ | ହାଇଦ୍ରାବାଦ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୮ | କୋଲକାତା- ଦିଲ୍ଲୀ | ଅପରାହ୍ନ ୩.୩୦ | ଅହମଦାବାଦ |
| ମେ ୮ | ରାଜସ୍ଥାନ-ମୁମ୍ବାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୯ | ଚେନ୍ନାଇ- ପଞ୍ଜାବ | ଅପରାହ୍ନ ୩.୩୦ | ବେଙ୍ଗାଲୁରୁ |
| ମେ ୯ | ବାଙ୍ଗାଲୋର- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୦ | ମୁମ୍ବାଇ- କୋଲକାତା | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୧ | ଦିଲ୍ଲୀ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୨ | ଚେନ୍ନାଇ- କୋଲକାତା | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୩ | ମୁମ୍ବାଇ- ପଞ୍ଜାବ | ଅପରାହ୍ନ ୩.୩୦ | ବେଙ୍ଗାଲୁରୁ |
| ମେ ୧୩ | ହାଇଦ୍ରାବାଦ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୪ | ବାଙ୍ଗାଲୋର- ଦିଲ୍ଲୀ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୫ | କୋଲକାତା- ପଞ୍ଜାବ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୬ | ରାଜସ୍ଥାନ- ବାଙ୍ଗାଲୋର | ଅପରାହ୍ନ ୩.୩୦ | କୋଲକାତା |
| ମେ ୧୬ | ଚେନ୍ନାଇ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୭ | ଦିଲ୍ଲୀ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୮ | କୋଲକାତା- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୯ | ହାଇଦ୍ରାବାଦ- ପଞ୍ଜାବ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୨୦ | ବାଙ୍ଗାଲୋର- ମୁମ୍ବାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୨୧ | କୋଲକାତା- ହାଇଦ୍ରାବାଦ | ଅପରାହ୍ନ ୩.୩୦ | ବେଙ୍ଗାଲୁରୁ |
| ମେ ୨୧ | ଦିଲ୍ଲୀ- ଚେନ୍ନାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୨୨ | ପଞ୍ଜାବ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୨୩ | ମୁମ୍ବାଇ- ଦିଲ୍ଲୀ | ଅପରାହ୍ନ ୩.୩୦ | କୋଲକାତା |
| ମେ ୨୩ | ବାଙ୍ଗାଲୋର- ଚେନ୍ନାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୨୫ | କ୍ୱାଲିଫାୟର-୧ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ୨୬ | ଏଲିମିନେଟର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୨୮ | କ୍ୱାଲିଫାୟର-୨ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୩୦ | ଫାଇନାଲ | ସନ୍ଧ୍ୟା ୭.୩୦ | ଅହମଦାବାଦ |

# 'ଅଲିମ୍ପିକ୍ସ ପାଇଁ ମୋମେଣ୍ଟମ ମୁଖ୍ୟ'


ହରମନପ୍ରୀତ ସିଂ

**ବେଙ୍ଗାଲୁରୁ, ୭।୪**

ଭାରତୀୟ ପୁରୁଷ ହକି ଦଳ ଏବେ ଆର୍ଜେଣ୍ଟିନା ଗସ୍ତରେ ଅଛି। ଗତ ସପ୍ତାହରେ ୨୨ ଜଣିଆ ଦଳ ଆର୍ଜେଣ୍ଟିନାରେ ପହଞ୍ଚିବା ପରେ ପ୍ରଥମ ଅଭ୍ୟାସ ମ୍ୟାଚ ଖେଳି ସାରିଛି। ଅଲିମ୍ପିକ୍ ଚାମ୍ପିୟନ ବିପକ୍ଷରେ ଭାରତ ୬ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ରହିଛି। ଟୁର୍ ମଧ୍ୟରେ ଭାରତୀୟ ଦଳ ଆଉ ୩ଟି ଅଭ୍ୟାସ ମ୍ୟାଚ ଖେଳିବ। ଏହାପରେ ଏଫଆଇଏଚ୍ ପ୍ରୋ ଲିଗ୍ ଅନ୍ତର୍ଗତ ୧୧ ଓ ୧୨ ତାରିଖରେ ୨ଟି ଗେମ୍ ଖେଳିବ। ଟୋକିଓ ଅଲିମ୍ପିକ୍ସ ପାଇଁ ମୋମେଣ୍ଟମ ହାସଲ କରିବାରେ ଏହି ଟୁର୍ ବେଶ୍ ସହାୟକ ହେବ। ଘରୋଇ ଦଳର ପ୍ଲେଇଂ ଷ୍ଟାଇଲ ସହିତ ଅଭ୍ୟସ୍ତ ହେବା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ୟୁରୋପରେ ଆମେ ଖେଳୁଥିବା ଅନ୍ୟ ଦେଶ ତୁଳନାରେ ଆର୍ଜେଣ୍ଟିନାର ପ୍ଲେଇଂ ଷ୍ଟାଇଲ ସାମାନ୍ୟ ଭିନ୍ନ। ଟୋକିଓ ଅଲିମ୍ପିକ୍ସ ପାଇଁ ମୋମେଣ୍ଟମ ହାସଲ କରିବା ଲକ୍ଷ୍ୟରେ ଆମେ ଏହି ସୁଯୋଗର ସଦୁପଯୋଗ କରିବୁ। ସବୁ ଦଳ ଅଲିମ୍ପିକ୍ସ ପୂର୍ବରୁ ଅଧିକରୁ ଅଧିକ ମ୍ୟାଚ ପ୍ରାକ୍ଟିସ କରିବାକୁ ଚାହୁଁଛନ୍ତି। ଆମେ ମଧ୍ୟ ସେଥିରୁ ଭିନ୍ନ ନୋହୁଁ। ଅଲିମ୍ପିକ୍ ଚାମ୍ପିୟନ ବିପକ୍ଷରେ ଖେଳିବା ନିଶ୍ଚିତ ଚ୍ୟାଲେଞ୍ଜିଂ, ମାତ୍ର ଅଭିଜ୍ଞତା ଏବଂ ଆମ ନିକଟରେ ଉପଲବ୍ଧ ପ୍ରତିଭାଙ୍କୁ ନେଇ ଆମେ ଏହାର ସମ୍ମୁଖୀନ ହେବୁ ବୋଲି ହରମନପ୍ରୀତ କହିଛନ୍ତି। ନିକଟ ଅତୀତରେ କ୍ରମାଗତ ଭଲ ପ୍ରଦର୍ଶନ ଦେଇ ଆସୁଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରୁ ହରମନପ୍ରୀତ ଅନ୍ୟତମ। ଗତ ମାସରେ ୟୁରୋପ ଟୁର୍ ଅବସରରେ ଉପଅଧିନାୟକ ଚମତ୍କାର ଫର୍ମର ନମୁନା ଦେଖାଇଥିଲେ। ଭାରତ ଅପରାଜେୟ ରହିବାରେ ହରମନପ୍ରୀତଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ନିକଟ ଅତୀତରେ ଭାରତ-ଆର୍ଜେଣ୍ଟିନା ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ରହିଛି। ବ୍ରେଡାରେ ଅନୁଷ୍ଠିତ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା। ଏଥିରେ ହରମନପ୍ରୀତ ଗୋଲ ଦେଇଥିଲେ। ଏହାପରେ ଆର୍ଜେଣ୍ଟିନାରେ ଭାରତ ଆଉ ମ୍ୟାଚ ଖେଳିନାହିଁ। ମନପ୍ରୀତ ସିଂ ଓ ରୂପିନ୍ଦରପାଲ ସିଂଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ଦଳର ଶକ୍ତି ବୃଦ୍ଧିପାଇଛି ବୋଲି ସେ କହିଛନ୍ତି।

# ପଡିକାଲ ସୁସ୍ଥ, ସାମ୍ସ ପଜିଟିଭ୍

**ଚେନ୍ନାଇ, ୭।୪(ପି.ଟି.)**


ଦେବଦତ୍ତ ପଡିକାଲ୍


ଡାନିଏଲ୍ ସାମ୍ସ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆରମ୍ଭ ହେବା ପାଇଁ ମଝିରେ ଆଉ ମାତ୍ର ଗୋଟିଏ ଦିନ ଥିବାବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ନିର୍ଭରଯୋଗ୍ୟ ଓପନର ଦେବଦତ୍ତ ପଡିକାଲ ସୁସ୍ଥ ହୋଇଛନ୍ତି। ଫଳରେ ସେ ଦଳ ସହ ଯୋଗ ଦେଇଛନ୍ତି। ତେବେ ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଡାନିଏଲ ସାମ୍ସ ବୁଧବାର କୋଭିଡ୍-୧୯ ପଜିଟିଭ୍ ହୋଇଛନ୍ତି। ଫଳରେ ତାଙ୍କୁ ଆଇସୋଲେଶନରେ ରହିବାକୁ ପଡ଼ିଛି। ଆରସିବି ପକ୍ଷରୁ ଟୁଇଟର ହ୍ୟାଣ୍ଡେଲରେ ଜାରି କରାଯାଇଥିବା ବିବୃତି ଅନୁସାରେ ୨୮ ବର୍ଷୀୟ ସାମ୍ସ ଏପ୍ରିଲ ୩ରେ ଭାରତରେ ପହଞ୍ଚିବାବେଳକୁ ତାଙ୍କ ରିପୋର୍ଟ ନେଗେଟିଭ୍ ଥିଲା। ଆରସିବି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଶୁକ୍ରବାର ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସହିତ ଖେଳିବ। ଏପ୍ରିଲ ୭ରେ ସାମ୍ସଙ୍କ ଦ୍ୱିତୀୟ ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିଛି। ସେ ବର୍ତ୍ତମାନ ଆଇସୋଲେଶନରେ ଅଛନ୍ତି ଏବଂ ତାଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇ ଦିଆଯାଇଛି ବୋଲି ଆରସିବି ପକ୍ଷରୁ ପ୍ରକାଶ କରାଯାଇଛି। ବିସିସିଆଇ ପ୍ରୋଟୋକଲ ଅନୁସାରେ ଆରସିବି ମେଡିକାଲ ଟିମ୍ ସାମ୍ସଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି କୁହାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆରସିବି ଚଳିତ ବର୍ଷ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ସାମ୍ସଙ୍କୁ କିଣିଥିଲା। ପଡିକାଲଙ୍କ ପରେ ଦ୍ୱିତୀୟ ଆରସିବି ଖେଳାଳିଭାବେ ସେ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଗତ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଇପିଏଲ ପଦାର୍ପଣ କରି ସେ ୨ଟି ମ୍ୟାଚ ଖେଳିବା ସୁଯୋଗ ପାଇଥିଲେ। ୨୦ ବର୍ଷୀୟ ପଡିକାଲ ମାର୍ଚ୍ଚ ୨୨ରେ କରୋନାରେ ଆକ୍ରାନ୍ତ ହେବାଦିନଠାରୁ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କର ସର୍ବଶେଷ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଛି। ଗତ ସିଜନରେ ସେ ଆରସିବି ପକ୍ଷରୁ ୧୫ ମ୍ୟାଚରୁ ସର୍ବାଧିକ ୪୭୩ ରନ କରିଥିଲେ। ସେ ବୁଧବାର ଟିମ୍ ସହିତ ଯୋଗ ଦେଇଛନ୍ତି ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି।

# ପାସିଅନ କ୍ଲବ ଦିବାରାତ୍ର କ୍ରିକେଟ ୧୦ରୁ

**ଭୁବନେଶ୍ୱର, ୭।୪(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୪ ଏମ୍‌ଏଲଏ କଲୋନୀସ୍ଥିତ ପାସିଅନ କ୍ଲବ ଆନୁକୂଲ୍ୟରେ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୧୦ ଓ ୧୧ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଚଳିତ ବର୍ଷ ପ୍ରତିଯୋଗିତାରେ କଟକ ଓ ଭୁବନେଶ୍ୱରର ମୋଟ ୧୬ଟି ଦଳ ଭାଗନେବେ। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଓ ରନର୍ସଅପ୍‌କୁ ୧୨,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଲବର ସଭାପତି ଅଶୋକ କୁମାର ପଲାଇ ପ୍ରକାଶ କରିଛନ୍ତି। ପ୍ରତିଦିନ ମ୍ୟାନ୍ ଅଫ୍ ଦି ମ୍ୟାଚ, ସିରିଜ ଏବଂ ଶୃଙ୍ଖଳିତ ଦଳକୁ ପୁରସ୍କୃତ କରାଯିବ। ପ୍ରତିଯୋଗିତା ଅବସରରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳର ଅଧିନାୟକ ତଥା ଭାରତୀୟ ଦଳର ନିର୍ଭରଯୋଗ୍ୟ ଖେଳାଳି ଜାଫର ଇକବାଲଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଛନ୍ତି। ପୂର୍ବତନ କର୍ପୋରେଟର ନରେନ କୁମାର ସାହୁ, ଶିବ ସୁଆର ଏବଂ ଆୟୋଜକ କ୍ଲବର ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ ଅନୁଷ୍ଠିତ ହୋଇଥିଲା।


ପାସିଅନ କ୍ଲବ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ ଅବସରରେ ଅତିଥି ଓ କର୍ମକର୍ତ୍ତାମାନେ।

## ମାସ୍କର ଦାମ ୩୫୫ ଡଲାର

ବଲିଉଡ ଅଭିନେତ୍ରୀ କରୀନା କପୁର ଖାଁ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ସେ ମାସ୍କ ପିନ୍ଧିଥିବା ନଜର ଆସିଛନ୍ତି। ଫଟୋ ଶେୟାର କରିବା ସହ ସେ ନିଜ ପ୍ରଶଂସକଙ୍କୁ ମାସ୍କ ପିନ୍ଧିବାକୁ ନିବେଦନ କରିଛନ୍ତି। ତାଙ୍କର ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହେଲେ ଜାଣିଛନ୍ତି କି, ବେବୋ ଯେଉଁ ମାସ୍କ ପିନ୍ଧିଛନ୍ତି ତା'ର ଦାମ୍ କେତେ। ଏହାର ଦାମ ଶୁଣିଲେ ଯାହାକୁ ବି ଆଶ୍ଚର୍ଯ୍ୟ ଲାଗିବ। କାରଣ ଏହା ଜଣେ ମଧ୍ୟବିତ୍ତ ପରିବାରର ମାସିକ ଆୟ ମଧ୍ୟ ହୋଇପାରେ। ସେ ଯେଉଁ କଳା ରଙ୍ଗର ମାସ୍କ ପିନ୍ଧିଛନ୍ତି ତା'ର ଦାମ ହେଉଛି ୩୫୫ ଡଲାର। ଭାରତୀୟ ମୁଦ୍ରା ଅନୁସାରେ ଏହାର ମୂଲ୍ୟ ୨୫ହଜାର ୯୯୪ ଟଙ୍କା।

# ଘର ମହକାଉଛି ବାସିଫୁଲ

**ଠାକୁରଙ୍କ ନିକଟରେ ଅର୍ପଣ କରାଯାଇଥିବା ବାସିଫୁଲ ବି ଦେଇପାରିବ କୋଟି କୋଟି ଟଙ୍କାର ରୋଜଗାର, ଯାହାକୁ କରି ଦେଖାଇଛନ୍ତି କାନପୁରର ଅଙ୍କିତ ଅଗ୍ରୱାଲ। ଗଙ୍ଗାନଦୀ କୂଳରେ ନିଜର ବିଦେଶୀ ବନ୍ଧୁଙ୍କ ସହ ବସିଥିବାବେଳେ ହଠାତ୍ ତାଙ୍କ ମୁଣ୍ଡକୁ ଜୁଟିଥିଲା ଏଭଳି ଏକ ଷ୍ଟାର୍ଟଅପ୍। ସହପାଠୀ ଅପୂର୍ବଙ୍କ ସହ ମିଶି ଅଙ୍କିତ ଆରମ୍ଭ କରିଥିବା 'ଫୁଲ୍' ଫାଉଣ୍ଡେଶନ ଏବେ ଶତାଧିକ ବେକାର ଯୁବତୀଯୁବକଙ୍କୁ ଦେଉଛି ରୋଜଗାର।**



କାନପୁର: ଉତ୍ତରପ୍ରଦେଶ କାନପୁରରେ ରୁହନ୍ତି ଅଙ୍କିତ ଅଗ୍ରୱାଲ। ପବିତ୍ର ମକର ସଂକ୍ରାନ୍ତିରେ ଚେକ୍ ରିପବ୍ଲିକର ଜଣେ ବନ୍ଧୁଙ୍କ ସହ ସେ ଗଙ୍ଗାନଦୀ କୂଳରେ ବସିଥିଲେ। ପ୍ରଦୂଷିତ ଗଙ୍ଗା ନଦୀକୁ ଦେଖି ଅଙ୍କିତଙ୍କ ବନ୍ଧୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଅନେକ ପ୍ରଶ୍ନ ପଚାରିଥିଲେ। ତେବେ ପ୍ରଚଳିତ ବ୍ୟବସ୍ଥା ଉପରେ ଦୋଷ ଲଦି ଅଙ୍କିତ କଥା ଟାଳିଦେଲେ। ଏହି ସମୟରେ ଏକ ବାସି ଫୁଲଭର୍ତ୍ତି ଅଟୋରିକ୍ସା ଆସି ନଦୀକୂଳରେ ଅଟକିଲା। ଗାଡ଼ି ଡ୍ରାଇଭର ସବୁ ଫୁଲକୁ ନଦୀରେ ଭସାଇଦେଲେ। ଏହି ଘଟଣା ଅଙ୍କିତଙ୍କ ମନକୁ ଆନ୍ଦୋଳିତ କଲା। ଏହାପରେ ବାସିଫୁଲକୁ ଉପଯୋଗ କରିବା ନେଇ ଅଙ୍କିତଙ୍କ ମୁଣ୍ଡରେ ପଶିଲା ଷ୍ଟାର୍ଟଅପ୍ 'ଫୁଲ୍'।

ମନ୍ଦିରରେ ଚଢ଼ାଯାଇଥିବା ଫୁଲ ବାସି ହୋଇଯିବା ପରେ ଏହାକୁ ପୋତି ଦିଆଯାଏ ଅଥବା ପାଣିରେ ଫିଙ୍ଗି ଦିଆଯାଏ। ହେଲେ ପାଣିରେ ଫିଙ୍ଗି ଦେଇଥିବା ଫୁଲ ଜଳ ପ୍ରଦୂଷଣର କାରଣ ପାଲଟିଥାଏ। ଏହି ଫୁଲକୁ ସଂଗ୍ରହ କରି ଅତି ସହଜରେ ଅଗରବତି, ଫ୍ଲେଦର (ଫୁଲରୁ ପ୍ରସ୍ତୁତ ଚମଡ଼ା) ତିଆରି କରାଯାଇପାରିବ। ଏହାଦ୍ୱାରା ପ୍ରଥମତଃ ଜଳପ୍ରଦୂଷଣକୁ ରୋକାଯାଇପାରିବ। ଦ୍ୱିତୀୟତଃ ଅନେକେ ରୋଜଗାରକ୍ଷମ ହୋଇପାରିବେ ବୋଲି ଅଙ୍କିତ କହିଛନ୍ତି। ଅଙ୍କିତ ନିଜର ନିଆରା ଷ୍ଟାର୍ଟଅପ୍ ପାଇଁ ପ୍ରଥମେ ମନ୍ଦିର ପରିଚାଳନା କମିଟି ସହିତ ଯୋଗାଯୋଗ କରିଥିଲେ। କାନପୁରର ବିଭିନ୍ନ ମଠମନ୍ଦିର ସମେତ ତିରୁପତି ମନ୍ଦିରରୁ ତାଙ୍କ ସଙ୍ଗଠନ ଦୈନିକ ସାଢେ ୩ ଟନ୍ ବାସିଫୁଲ ଉଠାଉଛନ୍ତି। ଏହାକୁ ବ୍ୟବହାର କରି ଅଗରବତି ସମେତ ଅନ୍ୟ ସୁଗନ୍ଧିତ ସାମଗ୍ରୀ ତିଆରି କରାଯାଉଛି। ଫୁଲକୁ ନେଇ ଏକପ୍ରକାର ଚମଡ଼ା ପ୍ରସ୍ତୁତ କରାଯାଉଛି। ଏଥିଲାଗି ଦୀର୍ଘ ୪ବର୍ଷ ଧରି ଗବେଷଣା କରିବାକୁ ପଡିଥିବା ଅଙ୍କିତ କହିଛନ୍ତି।

### ଅଙ୍କିତଙ୍କ ଷ୍ଟାର୍ଟଅପ୍ 'ଫୁଲ୍'

ଫୁଲକୁ ନେଇ ଷ୍ଟାର୍ଟଅପ୍ ଆରମ୍ଭ କରିବା ପୂର୍ବରୁ ଅଙ୍କିତ ଦୁଇମାସ ଧରି ଅନୁଧ୍ୟାନ କରିଥିଲେ। ପ୍ରଥମେ ୨ କେଜି ଫୁଲ ଏବଂ ୭୨ ହଜାର ଟଙ୍କା ବିନିଯୋଗ କରି ସେ ଉଦ୍ୟୋଗ ଆରମ୍ଭ କରିଥିଲେ। ନିଜର ଆଇଡିଆକୁ ନୂଆ ରୂପ ଦେବାକୁ ଆଇଆଇଟି, ଆଇଆଇଏମ୍ ସମେତ ଅନ୍ୟ ସଂସ୍ଥାନ ସହିତ ଯୋଗାଯୋଗ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ ପାଖାପାଖି ୨୦ ଲକ୍ଷ ଟଙ୍କା ଯାଏ ପାଣ୍ଠି ଯୋଗାଡ଼ କରିପାରିଥିଲେ। ବର୍ଷେ ପରେ ମୋଟା ଅଙ୍କର ଚାକିରି ଛାଡ଼ି ସହପାଠୀ ଅପୂର୍ବଙ୍କ ସହ ମିଶି ନିଜର ଷ୍ଟାର୍ଟଅପ୍‌କୁ ସାକାର ରୂପ ଦେବାକୁ ଚିନ୍ତା କରିଥିଲେ। ଅଙ୍କିତଙ୍କ ପ୍ରମୁଖ ସହଯୋଗୀ ଅପୂର୍ବ କୁହନ୍ତି, ମନ୍ଦିରକୁ ଯାଇ ଫୁଲକୁ ପାଣିରେ ନ ଫିଙ୍ଗିବା ଏବଂ ସେହି ଫୁଲକୁ ତାଙ୍କ ସଙ୍ଗଠନକୁ ପ୍ରଦାନ କରିବା ଲାଗି ବୁଝାଇବା କାଠିକର ପାଠ ଥିଲା। ଏହା ପରେ ସେମାନେ 'ତେରା ତୁଝକୋ ଅର୍ପଣ' ନାମକ ଏକ ଅଭିଯାନ ଆରମ୍ଭ କରିଥିଲେ। ଲୋକଙ୍କ ଆସ୍ଥା ବିଶ୍ୱାସକୁ ଯେପରି କୌଣସି ଆଘାତ ନ ଲାଗେ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା। ଏହାପରେ ଶ୍ରଦ୍ଧାଳୁ ଏବଂ ମନ୍ଦିର କମିଟି ଅଭିଯାନରେ ଯୋଡ଼ିହେବାକୁ ଆଗ୍ରହୀ ହେଲେ।

ବାସିଫୁଲ ଉଦ୍ୟୋଗ ସମ୍ପର୍କରେ ଅପୂର୍ବ କୁହନ୍ତି, ମନ୍ଦିରରୁ ଫୁଲ ଉଠାଇବା ଲାଗି ଲୋକଙ୍କୁ ନିୟୋଜିତ କରାଯାଇଛି। ଗାଡ଼ି ସହାୟତାରେ ବାସିଫୁଲ କମ୍ପାନୀରେ ପହଞ୍ଚେ। ମେଶିନରେ ଫୁଲରୁ ଜଳୀୟ ଅଂଶ ବାହାର କରି ଶୁଖାଇ ଦିଆଯାଏ। ଏହାପରେ ଫୁଲ, ପତ୍ର ସବୁକୁ ଅଲଗା କରି ଦିଆଯାଏ। ଏଥିରୁ ପ୍ରସ୍ତୁତ ପାଉଡରରେ ପ୍ରାକୃତିକ ସୁଗନ୍ଧ ଦ୍ରବ୍ୟ ମିଶାଇ ଧୂପକାଠି, ଅଗରବତି ପ୍ରସ୍ତୁତ କରାଯାଏ। ୨୦୧୮ରେ ପ୍ରଥମ ପ୍ରଡକ୍ଟ ଅନ୍‌ଲାଇନ୍‌ରେ ବିକ୍ରି କରାଯାଇଥିଲା। ସେତେବେଳେ ଦିନକୁ ମାତ୍ର ୨-୩ଟି ଅର୍ଡର ଆସୁଥିଲା। ଏବେ ଏହା ୧୦୦୦ ଟପିଲାଣି। ଯେହେତୁ ଅଗରବତି ମାର୍କେଟ ଛୋଟ, ତେଣୁ ସେମାନେ ଏବେ ଫ୍ଲେଦର ପ୍ରସ୍ତୁତ ଉପରେ ଅଧିକ ଫୋକସ୍ କରୁଛନ୍ତି। କରୋନା ମହାମାରୀ ଜନିତ ଲକ୍‌ଡାଉନ୍ ସମୟରେ କମ୍ପାନୀ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଥିଲା। କର୍ମଚାରୀଙ୍କୁ ଦରମା ଦେବା କାଠିକର ପାଠ ହୋଇଗଲା। ଏଭଳି ପ୍ରତିକୂଳ ସମୟରେ ଷ୍ଟାର୍ଟଅପ୍‌କୁ ପାଣ୍ଠି ଯୋଗାଉଥିବା ସଂସ୍ଥା ଆଇଏଏନ୍ ଏବଂ ସାନ୍ ଫ୍ରାନ୍‌ସିସ୍‌କୋ ଡ୍ରେପର ରିଚାର୍ଡସ୍ କପ୍‌ଲାନ ଫାଉଣ୍ଡେଶନ ପକ୍ଷରୁ ୧୦.୪୦ କୋଟି ଟଙ୍କାର ସହାୟତା ମିଳିବା ପରେ ସମସ୍ୟାର ସମାଧାନ ହୋଇପାରିଛି ବୋଲି ଅପୂର୍ବ କହିଛନ୍ତି।


## Happy Birthday



Dear Mummy, Wife, Sister, Daughter, From all of us, many more happy returns of the day. May Lord Jagannath bless you with loads of happiness, good health & prosperity in life. Happy Birth Day - Stay Blessed!!!

**BHARATI DASH**
BERHAMPUR
*Best Wishes: Shobhit, Sudarsan & Our Loving Family*

ଧ-୨୦୪୪୪


## ପ୍ରେମରେ ପଡ଼ିଥିଲେ ଜିନ୍‌ପିଙ୍ଗ୍



**ବେଜିଂ:** ବିଶ୍ୱ ରାଜନୀତିରେ ବିସ୍ତାରବାଦୀ ଏବଂ ସମାଲୋଚକମାନଙ୍କ ପାଇଁ ଅତ୍ୟାଚାରକାରୀ ଭାବେ ବିବେଚନା କରାଯାଉଥିବା ଚାଇନାର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ପ୍ରେମ ଜୀବନ ବେଶ ରୋମାଞ୍ଚକର। ଚାଇନାରେ ଜିନପିଙ୍ଗ ଏବଂ ତାଙ୍କ ସ୍ତ୍ରୀ ପେଙ୍ଗ ଲିୟୁଆନଙ୍କୁ ଆଦର୍ଶ ଦମ୍ପତି ବୋଲି କୁହାଯାଏ। ଲିୟୁଆନ ଜଣେ ଲୋକଗାୟିକା। ୧୯୮୨ରେ ସେ 'ଅନ ଦ ପ୍ଲେସ ଅଫ ହୋପ' ଥିମ୍‌ର ଏକ ଗୀତ ଗାଇଥିଲେ। ଜିନ୍‌ପିଙ୍ଗ ଏଥିରେ ପ୍ରଭାବିତ ହୋଇଥିଲେ। ୧୯୮୦ରେ ଉଭୟେ ପରସ୍ପରକୁ ଭେଟିଥିଲେ। ପ୍ରଥମ ଦେଖାରେ ଲିୟୁଆନ୍ ଜିନ୍‌ପିଙ୍ଗଙ୍କୁ ପସନ୍ଦ କରି ନ ଥିଲେ। ହେଲେ ଜିନ୍‌ପିଙ୍ଗ ମାତ୍ର ୪୦ ମିନିଟ ମଧ୍ୟରେ ତାଙ୍କୁ ନିଜର କରିବାର ନିଷ୍ପତ୍ତି ନେଇ ସାରିଥିଲେ। ପ୍ରଥକ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବା ପରେ ଲିୟୁଆନଙ୍କୁ ଦ୍ୱିତୀୟ ବିବାହ କରିଥିଲେ ଜିନ୍‌ପିଙ୍ଗ।

## ୩ ଶହ ଥର ବସ୍‌ଉଠ କରିବାରୁ ଜୀବନ ଗଲା

ମାନିଲା,୭।୪

କରୋନା କଟକଣା ଉଲ୍ଲଂଘନ କରିଥିବା ଫିଲିପାଇନ୍ସର ଜଣେ ଯୁବକଙ୍କୁ ୩ ଶହ ଥର ବସ୍‌ଉଠ କରାଇବା ଫଳରେ ତାଙ୍କ ଜୀବନ ଯାଇଛି। ରାଜଧାନୀ ମାନିଲାରେ କର୍ଫ୍ୟୁ ଜାରିଥିବାବେଳେ ୨୮ବର୍ଷୀୟ ଡେରେନ ପାନାରେଡୋନ୍‌ଡୋ ପାଣି ବୋତଲ କିଣିବାକୁ ଯାଇଥିଲେ। ସେହି ସମୟରେ ଗ୍ରାମବାସୀ ତାଙ୍କୁ ଅଟକ ରଖିବା ସହ ସ୍ଥାନୀୟ ପୋଲିସ ଷ୍ଟେଶନକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ୩ ଶହଥର ବସ୍ ଉଠ କରିବାକୁ କୁହାଯାଇଥିଲା। ଘରକୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଅବସ୍ଥା ଏପରି ହୋଇଥିଲା ଯେ ସେ ଛିଡ଼ା ମଧ୍ୟ ହୋଇପାରି ନ ଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେହିପରି କଟକଣା ମାନି ନ ଥିବା ଆହୁରି ୨ ଜଣଙ୍କୁ ମଧ୍ୟ ଶହେ ଥର ବସ୍‌ଉଠ କରାଯାଇଥିବା ଅଭିଯୋଗ ଆସିଛି। ଘଟଣାର ତଦନ୍ତ ପାଇଁ ଦାବି ହୋଇଛି।



### ଲକ୍‌ଡାଉନ କଟକଣା ଭାଙ୍ଗିବାରୁ ଦଣ୍ଡ

ତେବେ ଡେରେନଙ୍କୁ ଶାରୀରିକ ନିର୍ଯାତନା ଦିଆଯାଇ ନ ଥିବା ଏବଂ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଫିଲିପାଇନ୍ସରେ ଏପ୍ରିଲ ୬ ପର୍ଯ୍ୟନ୍ତ ୮ଲକ୍ଷରୁ ଊର୍ଦ୍ଧ୍ୱ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୩ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଛି। ଏଥିପାଇଁ ସରକାର ଦେଶରେ ଲକ୍‌ଡାଉନ ଲାଗୁ କରିଛନ୍ତି। ଯେଉଁମାନେ ଏହି ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କାହାକୁ ଖରାରେ ଛିଡ଼ା କରାଯାଉଥିବାବେଳେ ଅନେକଙ୍କୁ ପିଞ୍ଜରା ଭିତରେ ବନ୍ଦ କରି ରଖାଯାଉଥିବା ଖବର ସାମ୍ନାକୁ ଆସୁଛି।


## ନାଚିଲା ବେଳେ ବଦଳିଗଲା ଡ୍ରେସ୍ ରଙ୍ଗ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଏବେ ଏକ ଡ୍ୟାନ୍ସର ଭିଡିଓ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ଜଣେ ମହିଳା ଡ୍ୟାନ୍ସରଙ୍କ ଡ୍ରେସ ହଠାତ୍ ବଦଳି ଯାଉଛି। ଏହା ଦେଖି ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଭିଡିଓ ଆରମ୍ଭରେ ଦେଖାଯାଇଛି, ଜଣେ ଯୁବତୀ ନୀଳ ରଙ୍ଗର ଏକ ପୋଷାକ ପିନ୍ଧି ଠିଆ ହୋଇଛନ୍ତି। ସେ ତାଙ୍କ ପାର୍ଟନରଙ୍କ ସହ ଷ୍ଟେଜ୍‌କୁ ଆସୁଛନ୍ତି। ନାଚିବା ପରେ ହଠାତ୍ ତାଙ୍କ ଡ୍ରେସ ରଙ୍ଗ ବଦଳିଯାଉଛି। ଭିଡିଓଟିକୁ ଫିଲ୍ମ ମେକର ଶିରିଶ କୁନ୍ଦର ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ୭ଦିନ ପୂର୍ବରୁ ଶେୟାର ହୋଇଥିବା ଭିଡିଓଟିକୁ ବର୍ତ୍ତମାନ ୯୦ ହଜାର ଲୋକ ଦେଖିସାରିଲେଣି। ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମୁଁ ବର୍ତ୍ତମାନ ସୁଦ୍ଧା ବୁଝି ପାରୁନାହିଁ ତାଙ୍କ ଡ୍ରେସ କେମିତି ବଦଳିଗଲା। କେହିକେହି ଏହାକୁ ମ୍ୟାଜିକ୍ ଡ୍ୟାନ୍ସ ବୋଲି ମଧ୍ୟ କହୁଛନ୍ତି। ଜଣେ ୟୁଜର କହିଛନ୍ତି, 'ବାରମ୍ବାର ଭିଡିଓ ଦେଖିବା ପରେ ଜାଣିଗଲି ତାଙ୍କ କପଡ଼ା କେମିତି ବଦଳିଲା, ମାତ୍ର ମୁଁ କହିବି ନାହିଁ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ଗଜପତି, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳେ ଆକାଶ ନିର୍ମଳ ରହିବ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୫.୬ |
| ଚାନ୍ଦବାଲି | ୩୫.୪ | ୨୪.୦ |
| କଟକ | ୩୫.୨ | – |
| ପାରାଦୀପ | ୩୧.୯ | ୨୭.୦ |
| ଭୁବନେଶ୍ୱର | ୩୬.୪ | ୨୫.୨ |
| ଗୋପାଳପୁର | ୩୨.୮ | ୨୬.୮ |
| ପୁରୀ | ୩୨.୨ | ୨୭.୪ |
| ଅନୁଗୋଳ | ୩୯.୬ | ୨୪.୬ |
| ବାରିପଦା | ୩୮.୫ | ୨୫.୬ |
| ଝାରସୁଗୁଡ଼ା | ୪୦.୦ | ୨୨.୮ |
| କେନ୍ଦୁଝର | ୩୬.୬ | ୨୨.୪ |
| ସମ୍ବଲପୁର | ୩୯.୮ | ୨୪.୫ |
| ସୁନ୍ଦରଗଡ଼ | ୪୦.୦ | ୨୨.୦ |
| ହୀରାକୁଦ | ୩୮.୬ | ୨୩.୩ |
| ତାଳଚେର | ୪୦.୩ | ୨୪.୦ |
| ଭବାନୀପାଟଣା | ୪୦.୨ | ୨୫.୨ |
| ବଲାଙ୍ଗୀର | ୪୧.୩ | ୨୨.୫ |
| କୋରାପୁଟ | ୩୫.୨ | ୨୦.୬ |
| ଫୁଲବାଣୀ | – | ୨୦.୮ |
| ଟିଟିଲାଗଡ଼ | ୪୧.୫ | ୨୭.୩ |
| ମାଲକାନଗିରି | ୪୦.୫ | ୨୪.୫ |
| ସୋନପୁର | ୪୨.୦ | ୨୪.୪ |
| ଦାରିଙ୍ଗିବାଡ଼ି | ୩୪.୦ | ୨୦.୦ |
| ନୟାଗଡ଼ | ୩୮.୦ | ୨୩.୭ |
| ବୌଦ୍ଧ | ୪୦.୮ | ୨୪.୫ |
| ଛତ୍ରପୁର | ୩୩.୨ | ୨୪.୭ |
| ପାରଳାଖେମୁଣ୍ଡି | ୩୭.୦ | ୨୦.୦ |
| ରାୟଗଡ଼ା | ୩୯.୦ | ୨୦.୬ |

ଡିଗ୍ରୀ ସେଲ୍‌ସିୟସ୍

## ଅମାନିଆଙ୍କ ହାତରେ କରୋନା ଦୂତ ଷ୍ଟାମ୍ପ୍

ବର୍ତ୍ତମାନ ସମଗ୍ର ଦେଶରେ ପୁଣି କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏଥିରୁ ନିସ୍ତାର ପାଇବା ପାଇଁ ନାନା ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନ ସହରରେ କରୋନା ସଂକ୍ରମଣ ରୋକିବା ପାଇଁ ଭିନ୍ନ ଏକ ପଦକ୍ଷେପ ଆପଣାଇଛି। ଯଦି କେହି ବିନା ମାସ୍କରେ ଘରୁ ବାହାରିବ ତେବେ ପୋଲିସ ଏହି ଅମାନିଆଙ୍କ ହାତରେ 'ମୁଁ କରୋନା ଦୂତ' ଲେଖାଥିବା ଏକ ସିଲ ଲଗାଇବାକୁ ନିଷ୍ପତ୍ତି ନେଇଛି। ଏପରି ପଦକ୍ଷେପ ନେଇ ଚର୍ଚ୍ଚାକୁ ଆସିଛି ମଧ୍ୟପ୍ରଦେଶ ପୋଲିସ। ଖାଲି ଷ୍ଟାମ୍ପ ନୁହେଁ, କଟକଣା ଉଲ୍ଲଂଘନକାରୀଙ୍କୁ ଜରିମାନା ମଧ୍ୟ ଦେବାକୁ ପଡ଼ିବ ଏବଂ ସେମାନଙ୍କୁ ଜେଲ ବି ପଠାଯିବା ବୋଲି ଜଣାପଡ଼ିଛି। ଏହି ଅଭିଯାନ ବିଦିଶା କଲେକ୍ଟର ଡା. ପଙ୍କଜ ଜୈନଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। କରୋନା ସଂକ୍ରମଣ ରୋକିବା ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏପରି ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି।



## ହୃଦୟ ଜିତିଲେ କାଜଲ



**ମୁମ୍ବାଇ:** ପ୍ରଶଂସକଙ୍କ ସହାୟତା କରି ଚର୍ଚ୍ଚାରେ ଟଲିଉଡ୍ ବିଉଟି କାଜଲ ଅଗ୍ରୱାଲ। ଜଣେ ଯୁବତୀଙ୍କ ପାଠପଢ଼ା ନିମନ୍ତେ ଏକ ଲକ୍ଷ ଟଙ୍କା ଦେଇଛନ୍ତି ଏହି ଅଭିନେତ୍ରୀ। ଏହା ଜଣାପଡ଼ିବା ପରେ କାଜଲଙ୍କ ଏପରି ମହତ କାର୍ଯ୍ୟକୁ ନେଇ ପ୍ରଶଂସା କରାଯାଉଛି। ହାଇଦ୍ରାବାଦର ସୁମା ନାମକ ଜଣେ ଯୁବତୀ ଟ୍ୱିଟରରେ କାଜଲଙ୍କୁ ସହାୟତା ମାଗିଥିଲେ। ଯୁବତୀ ଜଣକ ନିକଟରେ ଚାକିରି ହରାଇଥିବାରୁ ଆର୍ଥିକ ସମସ୍ୟା ଦେଇକରୁଥିବା କହିଥିଲେ। ଏହାସହ ପାଠପଢ଼ା ଖର୍ଚ୍ଚ ବାବଦ ୮୩ ହଜାର ଟଙ୍କା ସେ କିଭଳି ଦେବେ ତାହା ଭାବି ପାରୁନାହାନ୍ତି ବୋଲି ଅଭିନେତ୍ରୀଙ୍କୁ ଟୁଇଟ୍ କରିଥିଲେ। ସୋସିଆଲ ମିଡିଆରେ ସକ୍ରିୟ ଥିବା କାଜଲ ନିଜ ପ୍ରଶଂସକଙ୍କ ଏଭଳି ଗୁହାରି ଶୁଣି ସହାୟତାର ହାତ ବଢ଼ାଇଥିଲେ। ସେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ଟଙ୍କା ପଠାଇଥିଲେ। ଏହାପରେ ଯୁବତୀଜଣଙ୍କ ଟଙ୍କା ନେଣଦେଣର ଏକ ସ୍କ୍ରିନଶଟ୍ ଶେୟାର କରି ଅଭିନେତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ଭାଇରାଲ ହେବା ସହ କାଜଲଙ୍କ ପ୍ରଶଂସା କରାଯାଉଛି। ଅନ୍ୟର ସହାୟତା କରିବାକୁ ଆଗକୁ ଆସିଥିବାରୁ ତାଙ୍କୁ ହୃଦୟବାନ ବୋଲି ଅନେକ କମେଣ୍ଟରେ ମତ ଦେଇଛନ୍ତି।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
୦୮।୦୪।୨୦୨୧ (ଗୁରୁବାର)



**ସ୍ୱର୍ଗତ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥ**
ବାନାବଗିଚା, ଶେଖ୍‌ବଜାର, କଟକ
ଆବିର୍ଭାବ: ୨୧।୦୩।୧୯୪୯
ତିରୋଧାନ: ୦୧।୦୪।୨୦୧୯
ଆପଣଙ୍କ ସରଳ ହୃଦୟର ତ୍ୟାଗ, ନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ ପାଇଁ ଦିଗ୍‌ଦର୍ଶନ ହୋଇ ଚିରଦିନ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ପତ୍ନୀ: ପୁଷ୍ପାଞ୍ଜଳି, ପୁତ୍ର: ଶିଳାଦିତ୍ୟ, ଝିଅ: ଅନୁରୂପା, ଅନୁରାଧା, ନାତି: ଅୟସ୍‌କାନ୍ତ, ବିଶ୍ୱାସରଞ୍ଜନ, ରୂପେଶ, ନିଖିଲେଶ୍ ଓ ପରିବାରବର୍ଗ।
ଧ-୨୦୫୪୩

### ଏକାଦଶାହ ଉପଲକ୍ଷେ



**୰ ବୁଲୁ ମାର୍ଥା**
ଝାରପଡ଼ା, ଭୁବନେଶ୍ୱର
ତିରୋଧାନ: ୨୯।୦୩।୨୦୨୧
ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ: ବନ୍ଧୁ ଓ ମାର୍ଥା ପରିବାରବର୍ଗ
ଧ-୨୦୫୪୮

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କୁଙ୍କୁମ ଶେଠ**
କୁଳାଡ଼
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱର୍ଗତ ଆତ୍ମା ପ୍ରତି ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ପ୍ରଭୁ ମହିମା ସ୍ୱାମୀଙ୍କ ନିକଟରେ ଆମର ପ୍ରାର୍ଥନା, ତାଙ୍କର ଅମର ଆତ୍ମା ପ୍ରଭୁଙ୍କ ପାଦପଦ୍ମରେ ଚିର ଶାନ୍ତି ଲାଭକରୁ।
ପୁତ୍ର: ବିନୋଦ ଶେଠ, ବୈରାଗୀ ଶେଠ, ବାମଦେବ ଶେଠ, ପୁତ୍ରବଧୂ, ପୌତ୍ର, ପୌତ୍ରୀ, ଝିଅ-ଜ୍ୱାଇଁ ଓ ପରିବାରବର୍ଗ।
ଧ-୨୦୫୫୦



# ସୋନାକ୍ଷୀଙ୍କ ବଦାନ୍ୟତା

ସତରେ ନାୟିକା ହେବ ଏମିତି। ଯିଏ ତାଙ୍କୁ ଆକ୍ଟିଂ ଲାଇନ୍‌ରେ ପାଦ ଦେବାକୁ ସୁଯୋଗ ଦେଲେ ପୁଣି ପ୍ରଥମ ସିନେମାରେ ତାଙ୍କ ପାଖେ ପାଖେ ଛାଇ ପରି ଠିଆ ହେଲେ, ତାଙ୍କୁ ବା ସେ ଭୁଲିପାରନ୍ତେ କିପରି? ହଁ, ସେହି ନାୟିକା ଜଣକ ହେଉଛନ୍ତି ସୋନାକ୍ଷୀ ସିହ୍ନା ଆଉ ଯାହାଙ୍କ ପାଇଁ ଆଜି ସେ ବଲିଉଡ୍‌ରେ ନିଜ କ୍ୟାରିୟରକୁ ଆଗେଇ ନେବାରେ ସମର୍ଥ ହୋଇଛନ୍ତି ସେ କିଏ କହିବା ବାହୁଲ୍ୟ। ସେ ହେଲେ ସଲ୍‌ମାନ ଖାଁ। ସଲମାନ୍‌ଙ୍କ ହୋମ୍ ବ୍ୟାନରରେ ନିର୍ମିତ 'ଦବଙ୍ଗ'ରେ ସୋନାକ୍ଷୀ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ଏ ନେଇ ପ୍ରଥମେ ସେ ଅମଙ୍ଗ ଥିଲେ। ସେତିକିବେଳକୁ ସଲ୍‌ମାନ ତାଙ୍କ କାନରେ କି ମନ୍ତ୍ର ଫୁଙ୍କିଲେ କେଜାଣି ସୋନାକ୍ଷୀ ହିନ୍ଦୀ ସିନେମାରେ ଏଣ୍ଟ୍ରି କରିବାକୁ ରାଜି ହୋଇଗଲେ। ନିଜ ପ୍ରଥମ ସିନେମାର ପାରିଶ୍ରମିକକୁ ସେ କିପରି ଖର୍ଚ୍ଚ କରିଥିଲେ ଜାଣନ୍ତି! ସୋନାକ୍ଷୀ ନିଜର ଡେବ୍ୟୁ ରେମ୍ୟୁନିନେଶନକୁ ସଲ୍‌ମାନଙ୍କ ଏନ୍‌ଜିଓ 'ବିଙ୍ଗ ହ୍ୟୁମାନ୍'କୁ ଦାନ କରିଥିଲେ। ଏବେ ମଧ୍ୟ ସେ ପାଉଥିବା ପାରିଶ୍ରମିକର କିଛି ଅଂଶ ଏହି ଏନ୍‌ଜିଓକୁ ଦାନ କରିଥାଆନ୍ତି। ଯେତେବେଳେ ସୋନାକ୍ଷୀଙ୍କୁ ଅବସର ମିଳେ, ସେ କ'ଣ କରନ୍ତି ଜାଣନ୍ତି? ସେ ପାଳିଥିବା କୁକୁରଛୁଆ ସହ ଖେଳନ୍ତି। ସମୟ ମିଳିଲେ ସୋନାକ୍ଷୀ ତୂଳୀ ଧରି ଚିତ୍ର ଆଙ୍କିବାକୁ ମଧ୍ୟ ପସନ୍ଦ କରିଥାଆନ୍ତି।

# ଅମାନିଆ ଦିଲ୍

ଦିଲ୍ ବା ହୃଦୟ କେତେବେଳେ କାହା ହୃଦୟରେ ବସା ବାନ୍ଧେ, ତାହା ଜଣାପଡ଼ି ନ ଥାଏ। କାରଣ ଏ ଦିଲ୍ ବା ହୃଦୟ ବଡ଼ ଅମାନିଆ। ଥରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ସମୟରେ ଜଣେ ଯୁବକ ଜଣେ ଯୁବତୀ ପ୍ରେମରେ ପଡ଼ିଯାଉଛି। ହେଲେ ପ୍ରେମର କଣ୍ଟକିତ ରାସ୍ତାରେ ଯାତ୍ରା କରି ସେମାନେ ନିଜ ପ୍ରେମକୁ ସଫଳ କରିପାରୁଛନ୍ତି ତ! ଏହାର ଉତ୍ତର ରହିଛି ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର୍.ଆର୍.ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ଫିଲ୍ମଟି ନିର୍ମିତ ହୋଇଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ। ଖାସ୍ କଥା ହେଲା ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। 'ଏପରି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ଏବଂ ଦର୍ଶକ ଏହି ଫିଲ୍ମରୁ ଡିଫରେଣ୍ଟ ଚାର୍ମ ପାଇବେ ବୋଲି କହନ୍ତି ଶ୍ରୀଧର। ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍-ଟୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ଏସ୍.କେ. ମୁରଲୀଧରନ୍। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ହିମାଂଶୁ (ଚଣ୍ଡି)।



ଶିବାନୀ-ସ୍ୱରାଜ

# ଶେଷରେ ମିଳିଲା

ଦୀପକ ଯେଉଁଭଳି ଏକ ରୋମାଣ୍ଟିକ୍ ଭୂମିକାଟିଏ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଉ ଏହାର ସଫଳତାକୁ ନେଇ ମଧ୍ୟ ସେ ବେଶ୍ ଆଶାବାଦୀ। ସିନେମାଟି ହେଲା 'ଏଇ ବୋଧେ ଭଲପାଇବା'। ଫିଲ୍ମର ଶୁଟିଂ ଆଉ ଅଳ୍ପ ବାକି ଥିବା ବେଳେ ଏହାର ଏଡିଟିଂ କାମ ଆଗେଇ ଚାଲିଛି। ନବାଗତ ପ୍ରଯୋଜକ ଆଲେକ୍‌ଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମ ମାଧ୍ୟମରେ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ଡିରେକ୍ଟର ସୁଧାକର ବସନ୍ତ। ପ୍ରଶାସକ ରଞ୍ଜନ କୁମାର ଦାସ କାହାଣୀକୁ ଆଧାର କରି ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମା ଜଗତର ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। 'ଏକ ନିଚ୍ଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ଯେତେବେଳେ ମୁଁ ପଢ଼ିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ସିନେମାର ସଂଳାପରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ରଜନୀ।' କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ଫିଲ୍ମର ଲିଡ୍ ରୋଲ୍‌ରେ ଦୀପକ ଅଭିନୟ କରିଛନ୍ତି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା ଶୌର୍ଯ୍ୟା। ଅନ୍ୟପକ୍ଷରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସରୋଜ ଦାସ, ନନ୍‌ସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



ଅନୁଭା-ଦୀପକ



ଦେବାନନ୍ଦ

# ଆଶାରେ ଦେବାନନ୍ଦ

ନିର୍ମାଣାଧୀନ ଓଡ଼ିଆ ସିନେମା 'ଗୁରୁଦେବ'ରୁ ନିଜର ଓଲିଉଡ୍ ଡେବ୍ୟୁ କରୁଛନ୍ତି ନବାଗତ ଦେବାନନ୍ଦ। ଚଳଚ୍ଚିତ୍ରଟି ହେଲା 'ଗୁରୁଦେବ'। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। "ହର ସାର୍ (ହର ପଟ୍ଟନାୟକ) ହେଉଛନ୍ତି ମୋ ଆକ୍ଟିଂ ଗୁରୁ। ତାଙ୍କ ପାଖରୁ ମୁଁ ଅଭିନୟ ବିଷୟରେ ଅନେକ କିଛି ଶିଖିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି, ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ଏବଂ ଏହାକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି ବୋଲି କହନ୍ତି ଦେବାନନ୍ଦ।" ଭାଇ-ଭାଇ ସମ୍ପର୍କକୁ ନେଇ ରଚିତ ଏହି ଫିଲ୍ମର କାହାଣୀରେ କେବଳ ଆକ୍ସନ ନୁହେଁ, ଇମୋଶନ, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ତା' ସହ ଏହି ଫିଲ୍ମରୁ ଦର୍ଶକ ସ୍ପେଶାଲ ଚାର୍ମ ପାଇବେ ବୋଲି ଆଶା ରଖିଛନ୍ତି ଏହାର ନବାଗତ ପ୍ରଯୋଜକ ସତ୍ୟଜିତ ତ୍ରିପାଠୀ। ଏସ୍.ଡି. ଫିଲ୍ମସ ବ୍ୟାନରରେ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସରୋଜ କାନ୍ତ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇବେ ଧୀରେନ୍ ସାହୁ। ଏହି ଫିଲ୍ମର ନାୟକ ସାଜୁଛନ୍ତି ଥିଏଟର ଅଭିନେତା ଦେବାନନ୍ଦ। ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ପିୟାଲି। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଅନ୍ୟପକ୍ଷରେ ଏଥିରେ ଶିବ ଏବଂ ମନୋଜ ମିଶ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।



ରୋଶନ-ସୁର୍ଭି

# ହମ୍ କିସିସେ କମ୍ ନେହିଁ

ପୁଅ ହେଉ କି ଝିଅ, ସେମାନଙ୍କ ଜୀବନରେ ମା'-ବାପାଙ୍କ ଆଶୀର୍ବାଦ ରକ୍ଷାକବଚ ଭାବରେ କାମ କରିଥାଏ। ସେମାନେ ହେଉଛନ୍ତି ଜୀବନ୍ତ ଠାକୁର। ମା'-ବାପାଙ୍କର ଯେପରି ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ ରହିଛି ଠିକ୍ ସେହିପରି ପିଲାମାନେ ମଧ୍ୟ ମା'-ବାପାଙ୍କୁ ସମ୍ମାନ ଦେବା ସହ ବୟସ୍କ ସମୟରେ ସେମାନଙ୍କର ଏକମାତ୍ର ସାହାରା ପାଲଟି ଥାଆନ୍ତି। ହେଲେ ଏପରି କେତେକ ପିଲା ଅଛନ୍ତି ଯେଉଁମାନେ ମା'-ବାପାଙ୍କ ଅସହାୟ ଅବସ୍ଥାରେ ସେମାନଙ୍କୁ ଅଣଦେଖା କରିଥାଆନ୍ତି। ମା'-ବାପା ଏବଂ ପିଲାଙ୍କ ଅନାବିଳ ସମ୍ପର୍କକୁ ନେଇ ପ୍ରସ୍ତୁତ ହେଉଛି ଏକ ଭିନ୍ନଧରଣର ଓଡ଼ିଆ ସିନେମା 'ହମ୍ କିସିସେ କମ୍ ନେହିଁ'। କ୍ରିଷ୍ଣା ଫିଲ୍ମସ ବ୍ୟାନରରେ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଟି. ଗଣେଶ। ସଂଳାପ ରଚନା କରିଛନ୍ତି ସୁନୀଲ। ଏସ. ଚନ୍ଦ୍ରକାନ୍ତ ଗୀତଗଡ଼ିକୁ ସ୍ୱର ଦେଇଛନ୍ତି। ଖାସ୍ କଥା ହେଲା ନବାଗତ ଯୋଡ଼ି ରୋଶନ-ସୁର୍ଭି ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ଏହି ଯୋଡ଼ି ବ୍ୟତୀତ ଶୁଭ୍ରାଂଶୁ, ସଙ୍ଗୀତା, କରନ୍, ଖୁସି, ସରୋଜ ଦାସ, ଇଲୁ ବାନାର୍ଜୀ ଏବଂ ଆର.କେ.ଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

# ଆଇଟମ୍ ପାଇଁ ଟେନ୍‌ସନ

ଜ୍ୟାକ୍ଲିନ୍ ଫର୍ନାଡିସ୍‌ଙ୍କ ଟେନ୍‌ସନ ବଢ଼ିଯାଇଛି। ସେ ଏମିତି ପରିସ୍ଥିତିର ସାମ୍ନା କରିଛନ୍ତି ଯେ, ଏବେ ସେ ନା ପଛକୁ ଯାଉପାରୁଛନ୍ତି ନା ଆଗେଇ ପାରୁଛନ୍ତି। ଏପରି ପ୍ରୋବ୍ଲେମ୍‌କୁ ସେ କେମିତି ସମାଧାନ କରିବେ, ସେ ସମ୍ପର୍କରେ ଭାବି ଭାବି ତାଙ୍କର ଟେନ୍‌ସନ ବଢ଼ିଯାଇଛି। କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା। ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ତାଙ୍କର ଖୁସି ବନ୍ଧ ବାଡ଼ ମାନି ନ ଥିଲା। ହେଲେ ଗୋଟିଏ କଥା ଜାଣିବା ପରେ ସେ ଏ ନେଇ କି ନିଷ୍ପତ୍ତି ନେବେ ଅଡୁଆରେ ପଡ଼ିଯାଇଥିଲେ। କାରଣ ଏହି ନୂଆ ସିନେମାରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ତାଙ୍କୁ ନାଚିବାକୁ ପଡ଼ିବ। ପୁଣି ସେଥିରେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। ଏସବୁ ଜାଣିବା ପରେ ଜ୍ୟାକ୍ଲିନ୍ ଏହି ଅଫରଟିକୁ ଗ୍ରହଣ କରିବେ ନା ମନା କରିବେ ଜାଣି ପାରୁନାହାନ୍ତି। ଏ ସମ୍ପର୍କରେ ଥଣ୍ଡା ମିଜାଜ୍‌ରେ ନିଷ୍ପତ୍ତି ନେବାକୁ ସେ ପ୍ରଯୋଜକଙ୍କୁ ସପ୍ତାହେ ସମୟ ମାଗିଛନ୍ତି। ତେବେ ଜ୍ୟାକ୍ଲିନ୍ ଏଥିରେ ଅଭିନୟ କରୁଛନ୍ତି କି ନାହିଁ ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିଯିବ। ଏବେ ସେ ନିର୍ମାଣାଧୀନ ହିନ୍ଦୀ ସିନେମା 'ରାମସେତୁ'ରେ ଅଭିନୟ କରୁଛନ୍ତି। ଯେହେତୁ ଏହାର ମୁଖ୍ୟ ଭୂମିକାରେ ଆକ୍ଟିଂ କରୁଥିବା ଅକ୍ଷୟ କୁମାର କରୋନାରେ ଆକ୍ରାନ୍ତ ହୋଇଛନ୍ତି, ତେଣୁ ଫିଲ୍ମର ଶୁଟିଂକୁ କିଛି ଦିନ ପାଇଁ ବନ୍ଦ କରିଦିଆଯାଇଛି।



ଜ୍ୟାକ୍ଲିନ୍

ଧରିତ୍ରୀ
DHARITRI



# କୁମାନନଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



ନେଥରା କୁମାନନ

**ନୂଆଦିଲ୍ଲୀ,୭।୪(ପି.ଟି.)**

ପ୍ରଥମ ଭାରତୀୟ ମହିଳା ସେଲର୍ (ନାବିକ) ଭାବେ ନେଥରା କୁମାନନ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏଥିସହିତ ଚେନ୍ନାଇର କୁମାନନ ବୁଧବାର ଇତିହାସ ସୃଷ୍ଟି କରିଛନ୍ତି। ଏ ନେଇ ଏସିଆନ ସେଲିଂ ଫେଡେରେଶନ (ଏଏସ୍ଏଫ୍) ଅଧ୍ୟକ୍ଷ ମାଲଭ ଶ୍ରୋଫ ସୂଚନା ଦେଇଛନ୍ତି। ଓମାନରେ ଚାଲିଥିବା ଏସିଆନ କ୍ୱାଲିଫାୟର୍ସର ଲାଜର ରାଡିକାଲ ଇଭେଣ୍ଟରେ କୁମାନନ ଶୀର୍ଷରେ ରହିବା ନିଶ୍ଚିତ ହୋଇଛି। ୨୩ ବର୍ଷୀୟା କୁମାନନ ନିକଟତମ ପ୍ରତିଯୋଗୀଙ୍କଠାରୁ ୨୧ ପଏଣ୍ଟ ଅଧିକ ପାଇ ଆଗରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଅନ୍ୟତମ ଭାରତୀୟ ସେଲର ରାମ୍ୟା ସରଭାନନ। ଲାଜର ରାଡିଆଲ କ୍ଲାସ ଇଭେଣ୍ଟର ଆଉ ଏକ ରେସ୍ ଗୁରୁବାର ଆୟୋଜନ ହେବ।

ଇଭେଣ୍ଟ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ କୁମାନନ ୧୮ ପଏଣ୍ଟ ପାଇଛନ୍ତି। ସେହିପରି ସରଭାନନ ୩୯ ପଏଣ୍ଟ ପାଇଛନ୍ତି। ମୁସାନାହ ଓପନ୍ ଚାମ୍ପିୟନଶିପ୍ ଭାବେ ଜଣାଥିବା ଏହି ଇଭେଣ୍ଟ ଏସିଆନ ଓ ଆଫ୍ରିକା ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ବିବେଚିତ ହେଉଛି। ସେଲିଂରେ ଯେଉଁ ଖେଳାଳି ସବୁଠାରୁ କମ୍ ପଏଣ୍ଟ

## ପ୍ରଥମ ଭାରତୀୟ ମହିଳା ସେଲର

ପାଇବେ ସେମାନେ ପ୍ରତିଯୋଗିତା ଜିତିବାର ନିୟମ ରହିଛି। ଗୁରୁବାର ଆୟୋଜନ ହେବାକୁ ଥିବା ଫାଇନାଲ ରେସ୍ ହେଉଛି ୨୦ ପଏଣ୍ଟ ବିଶିଷ୍ଟ। ଆଉ ଗୋଟିଏ ରାଉଣ୍ଡ ବାକିଥିଲେ ମଧ୍ୟ କୁମାନନ ଶୀର୍ଷରେ ରହିବା ନିଶ୍ଚିତ ହୋଇସାରିଛି। ଲଜାର ରାଡିଆଲ ହେଉଛି ଏକ ସିଙ୍ଗଲ ହ୍ୟାଣ୍ଡେଡ୍ ବୋଟ୍। ଅର୍ଥାତ ଜଣେ ପ୍ରତିଯୋଗୀ ବୋଟ୍‌କୁ ଚଳାଇଥାନ୍ତି। ଏସିଆନ ସେଲିଂ ଫେଡେରେଶନ ଆନୁକୂଲ୍ୟରେ ଏହି ଇଭେଣ୍ଟ ଆୟୋଜନ ହେଉଛି।

# ରେକର୍ଡ ଅପେକ୍ଷାରେ ବିରାଟ



କ୍ରିକେଟ ଇତିହାସର ସମସ୍ତ ଫର୍ମାଟରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଜଣେ ବିଚକ୍ଷଣ ବ୍ୟାଟ୍ସମ୍ୟାନ ଭାବେ ପରିଚିତ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମଧ୍ୟ ତାଙ୍କ ରେକର୍ଡ ଅତି ଚମତ୍କାର। ସେ ଏ ପର୍ଯ୍ୟନ୍ତ ୧୮୪ ଇନିଂସ ଖେଳି ୩୮.୧୬ ଆଭରେଜ ଏବଂ ୧୩୦.୭୩ ଷ୍ଟ୍ରାଇକ୍‌ରେଟ୍‌ରେ ୫୮୭୮ ରନ ସଂଗ୍ରହ କରିସାରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳର ନେତୃତ୍ୱ ନେଉଥିବା କୋହଲିଙ୍କ କ୍ୟାରିୟରରେ ଏକମାତ୍ର ଅବସୋସ ରହିଛି, ତାହା ହେଉଛି ଆଇପିଏଲ ଟାଇଟଲ। ଏଥର କୋହଲି ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ଅଛନ୍ତି। ଏହା ବ୍ୟତୀତ ଆଗାମୀ ଆଇପିଏଲରେ କେତେକ ରେକର୍ଡ ଭାଙ୍ଗିବା ଅପେକ୍ଷାରେ ଅଛନ୍ତି ଏହି ଷ୍ଟାର ବ୍ୟାଟ୍ସମ୍ୟାନ।

**୧୨୨:** ବିରାଟ ଆଉ ୧୨୨ ରନ କରିପାରିଲେ ପ୍ରଥମ ଖେଳାଳି ଭାବେ ଆଇପିଏଲ୍‌ରେ ୬୦୦୦ ରନ ପୂରଣ କରିବେ। କୋହଲି ୫୮୭୮ ରନ କରି ଟପ୍ ସ୍କୋରର ତାଲିକାର ଶୀର୍ଷରେ ଥିବାବେଳେ ସୁରେଶ ରାଇନା ଓ ଡେଭିଡ ୱାର୍ନର ପଛକୁପଛ ରହିଛନ୍ତି।

**୨୬୯:** ଓଭରଅଲ୍ ଟି୨୦ କ୍ରିକେଟରେ କୋହଲି ୨୮୯ ଇନିଂସରୁ ୯୭୩୧ ରନ ସଂଗ୍ରହ କରିଛନ୍ତି। ଏହି ଫର୍ମାଟରେ ୧୦,୦୦୦ କ୍ଲବରେ ପହଞ୍ଚିବା ପାଇଁ ସେ ଆଉ ୨୬୯ ରନ ଆବଶ୍ୟକ କରୁଛନ୍ତି। ବର୍ତ୍ତମାନ କେବଳ ୩ ଖେଳାଳି ଏହି କ୍ଲବର ସଦସ୍ୟ ଅଛନ୍ତି। ସେମାନେ ହେଲେ କ୍ରିସ୍ ଗେଲ୍, କେରନ ପୋଲାର୍ଡ ଓ ସୋଏବ ମଲିକ। ରନ ଏଗ୍ରିଗେଟ ଚାର୍ଟରେ କୋହଲି ୬ ନମ୍ବରରେ ଅଛନ୍ତି। ୧୦,୦୦୦ ରନ କ୍ଲବରେ ଥିବା ୩ ଖେଳାଳିଙ୍କ ବ୍ୟତୀତ ବ୍ରେଣ୍ଡନ ମ୍ୟାକକୁଲମ ଏବଂ ଡେଭିଡ ୱାର୍ନର ତାଙ୍କଠାରୁ ଉଚ୍ଚ ଏଗ୍ରିଗେଟରେ ଅଛନ୍ତି।

**୫ ଶତକ:** ବିରାଟ ଆଇପିଏଲରେ ୫ଟି ଶତକ ହାସଲ କରି ସାରିଛନ୍ତି। ଏହା ମଧ୍ୟରୁ କେବଳ ୨୦୧୬ରେ ସେ ୪ ଶତକ ଅର୍ଜନ କରିଛନ୍ତି। ଆଇପିଏଲ ଇତିହାସରେ ତାଙ୍କଠାରୁ କେବଳ ଅଧିକ ଶତକ କ୍ରିସ୍ ଗେଲ୍ ହାସଲ କରିଛନ୍ତି। ଗେଲ୍‌ଙ୍କ ୬ ଶତକ ରେକର୍ଡକୁ କୋହଲି ଆଗାମୀ ଆଇପିଏଲରେ ଅତିକ୍ରମ କରିବା ଆଶା କରାଯାଉଛି।

**୨୦୦+ ପାର୍ଟନରଶିପ୍(୩):** ଆଇପିଏଲ ଇତିହାସରେ ମାତ୍ର ୪ଥର ୨୦୦+ ପାର୍ଟନରଶିପ୍ ହୋଇଛି। ଏହା ମଧ୍ୟରୁ ୩ଟିରେ ବିରାଟ କୋହଲିଙ୍କ ଭାଗୀଦାରି ସାମିଲ। ୨୦୧୬ରେ ସେ ଆରସିବି ପକ୍ଷରୁ ଏବି ଡି'ଭିଲିର୍ସଙ୍କ ସହିତ ଗୁଜରାଟ ଲାୟନ୍ସ ବିପକ୍ଷରେ ବେଙ୍ଗାଲୁରୁଠାରେ ୨୨୯ ରନର ପାର୍ଟନରଶିପ୍ ଗଢ଼ିଥିଲେ। ସେହିପରି ୨୦୧୫ରେ ସେ ମୁମ୍ବାଇଠାରେ ଡିଭିଲର୍ସଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୧୫ ଏବଂ ୨୦୧୨ରେ ଦିଲ୍ଲୀ ଡେୟାରଡେଭିଲ୍ସ ବିପକ୍ଷରେ କ୍ରିସ୍ ଗେଲଙ୍କ ସହ ଦିଲ୍ଲୀଠାରେ ୨୦୪ ରନର ଭାଗୀଦାରି ସୃଷ୍ଟି କରିଥିଲେ।

**୯୭୩:** ଆଇପିଏଲର ଗୋଟିଏ ସିଜନରେ ସର୍ବାଧିକ ରନ କରିବାର ରେକର୍ଡ ମଧ୍ୟ ବିରାଟଙ୍କ ନାମରେ ରହିଛି। ୨୦୧୬ ସଂସ୍କରଣରେ ସେ ୧୬ ମ୍ୟାଚରୁ ୧୫୨.୦୩ ଆଭରେଜରେ ୯୭୩ ରନ କରିଥିଲେ। ଏହା ମଧ୍ୟରେ ୪ ଶତକ ଏବଂ ୭ ଅର୍ଦ୍ଧଶତକ ସାମିଲ ଥିଲା। ଏହା ଏପରି ଏକ ରେକର୍ଡ ଯେ ଯେଉଁଠାରେ ପହଞ୍ଚିବା ପାଇଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଲାଗି କଷ୍ଟକର ହେବ ନିଶ୍ଚିତ।

**୨୦୦ ମ୍ୟାଚରୁ ୮ ଦୂର:** ଆଇପିଏଲରେ ୨୦୦ ମ୍ୟାଚ ଖେଳିବାଠାରୁ କୋହଲି ମାତ୍ର ୮ ସଂଖ୍ୟା ଦୂରରେ ଅଛନ୍ତି। ଏହା ହେଲେ ସେ ମହେନ୍ଦ୍ର ସିଂ ଧୋନୀ (୨୦୪) ଓ ରୋହିତ ଶର୍ମା (୨୦୦)ଙ୍କ କ୍ଲବରେ ସାମିଲ ହୋଇଯିବେ। ଆଇପିଏଲରେ ସର୍ବାଧିକ ମ୍ୟାଚ ଖେଳିବାରେ ସେ ଧୋନୀ, ରୋହିତ, ଦୀନେଶ କାର୍ତ୍ତିକ (୧୯୬) ଓ ସୁରେଶ ରାଇନା (୧୯୩)ଙ୍କ ପଛକୁ ୫ ନମ୍ବର ସ୍ଥାନରେ ଅଛନ୍ତି। ତେବେ କୋହଲି ସମସ୍ତ ମ୍ୟାଚ ଗୋଟିଏ ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳିଛନ୍ତି।

# ସାଇ ଭୋପାଳରେ ୩୬ କୋଭିଡ୍ ପଜିଟିଭ

**ନୂଆଦିଲ୍ଲୀ,୭।୪(ପି.ଟି.):** ଭୋପାଳସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ୩୬ ଜଣ କୋଭିଡ୍ ପଜିଟିଭ ବୋଲି ଟେଷ୍ଟରୁ ଜଣାପଡିଛି। ଏମାନଙ୍କ ମଧ୍ୟରେ ୨୪ଜଣ କ୍ରୀଡ଼ାବିତ୍ ଓ ୧୨ଜଣ ସପୋର୍ଟ ଷ୍ଟାଫ୍ ସାମିଲ ରହିଛନ୍ତି। ତେବେ ଏହି ଆଥ୍‌ଲେଟମାନେ ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ ନାହିଁ। ଏପ୍ରିଲ ୩ ଓ ୬ରେ କରାଯାଇଥିବା ପ୍ରାଥମିକ ଟେଷ୍ଟର ଦୁଇ ରାଉଣ୍ଡ ପରେ ଖେଳାଳିମାନେ ପଜିଟିଭ ଥିବା ଜଣାପଡିଥିଲା। ଅବଶ୍ୟ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଖେଳାଳିଙ୍କ ପାଇଁ ଭୋପାଳସ୍ଥିତ ସାଇରେ କୌଣସି ଆବାସ ନାହିଁ। ଦୁଇ ରାଉଣ୍ଡର ଟେଷ୍ଟିଂ ପରେ ୨୪ ଆଥ୍‌ଲେଟ ଓ ୧୨ ସପୋର୍ଟ ଷ୍ଟାଫ୍ କୋଭିଡ୍ ପଜିଟିଭ ବୋଲି ଜଣାପଡିବା କଥା ସାଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୧୨ଜଣ ସପୋର୍ଟ ଷ୍ଟାଫ୍ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ଏନ୍‌ସିଓଇ)ର ସଦସ୍ୟ ରହିଛନ୍ତି। ସଂକ୍ରମିତ ଆଥ୍‌ଲେଟଙ୍କ ମଧ୍ୟରୁ କେତେଜଣ ଉଷୁ ଓ ଜୁଡୋ ପ୍ରତିଯୋଗିତା ଖେଳି ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଂକ୍ରମିତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅବଶ୍ୟ କୌଣସି ଖେଳାଳି ସଙ୍କଟଜନକ ସ୍ଥିତିରେ ନାହାନ୍ତି। ନିୟମିତ ଭାବେ ପରୀକ୍ଷା କରାଇବାକୁ ମଧ୍ୟ କୁହାଯାଇଛି। ପୂର୍ବରୁ ପଟିଆଲା ଓ ବେଙ୍ଗାଲୁରୁସ୍ଥିତ ଏନ୍‌ସିଓଇରେ ମାର୍ଚ୍ଚ ୩୧ ରେ ୭୪୧ ଜଣଙ୍କର ଟେଷ୍ଟ କରାଯାଇଥିଲା। ଏଥିରେ ୩୦ଜଣ ପଜିଟିଭ ବୋଲି ଜଣାପଡିଥିଲା। ତେବେ ଏମାନଙ୍କ ମଧ୍ୟରେ କୌଣସି ଖେଳାଳି ଅଲିମ୍ପିକ୍ସ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା।

# ଅଧିକ ଏକାଗ୍ର ହେବାକୁ ପଡ଼ିବ: ରିଡ୍



ମ୍ୟାଚ୍ ଅବସରରେ ଭାରତୀୟ ଦଳର ଓଡ଼ିଆ ତାରକା ବୀରେନ୍ଦ୍ର ଲାକ୍ରା।

**ବୁଏନ୍ସ ଆରିଜ (ଆର୍ଜେଣ୍ଟିନା), ୭।୪**

ଆର୍ଜେଣ୍ଟିନା ଗସ୍ତରେ ଭାରତୀୟ ହକି ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏହା ଦଳପାଇଁ ଭଲ, ମାତ୍ର ଆମକୁ ଅଧିକ ଏକାଗ୍ର ହେବାକୁ ପଡ଼ିବ ବୋଲି ମୁଖ୍ୟ କୋଚ୍ ଗ୍ରେମ୍ ରିଡ୍ ପ୍ରକାଶ କରିଛନ୍ତି। ପ୍ରଥମ ଅଭ୍ୟାସ ମ୍ୟାଚରେ ଭାରତ ୪–୩ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ

## ଭାରତୀୟ ଦଳର ଆର୍ଜେଣ୍ଟିନା ଗସ୍ତ

କରିଥିଲା। ଭାରତ ଗୋଲ ଦେଇଥିବା ୪ ଗୋଲ ମଧ୍ୟରୁ ୩ଟି ପେନାଲ୍ଟି କର୍ନରରୁ ଆସିଥିଲା। ନିଳକାନ୍ତ ଶର୍ମା ୧୬ତମ ମିନିଟରେ ଫିଲ୍ଡ ଗୋଲ ମାଧ୍ୟମରେ ଭାରତକୁ ଅଗ୍ରଣୀ କରାଇଥିବାବେଳେ ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ୨୮, ରୂପିନ୍ଦର ପାଲ୍ ସିଂ ୩୩ ଓ ବରୁଣ କୁମାର ୪୭ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଚଳିତ ମାସ ୧୧ ଓ ୧୨ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ୨ଟି ମ୍ୟାଚ ଖେଳିବାର ଥିବାରୁ ଏହା ଭଲ ଅଭ୍ୟାସ ବୋଲି କୁହାଯାଉଛି। ''ଏହା ଏକ ଭଲ ଅଭ୍ୟାସ ମ୍ୟାଚ ଥିଲା। ଉଭୟ ଦଳ କଡ଼ା ସଂଘର୍ଷ କରିଥିଲେ। ତେବେ ଶେଷରେ ବିଜୟ ମିଳିଥିବାରୁ ବହୁତ ଖୁସି। ବିଶେଷ କରି ଅଲିମ୍ପିକ୍ ଚାମ୍ପିୟନ ଦଳ ବିପକ୍ଷରେ ବିଜୟୀ ହେବା ଆମ ଦଳର ମନୋବଳକୁ ବଢ଼ାଇଛି'' ବୋଲି ରିଡ୍ କହିଛନ୍ତି। ଆର୍ଜେଣ୍ଟିନା ପକ୍ଷରୁ ଲିଆଣ୍ଡ୍ରୋ ଟୋଲିନି ୩୨, ମାସିଓ କାସେଲା ୪୨ ଓ ଟୋଲିନି ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ''ପ୍ରତି ମ୍ୟାଚରୁ କିଛି ଶିଖିବାର ଅଛି। ତା' ହେଲେ ଯାଇ ଆମେ ପ୍ରଦର୍ଶନରେ ଉନ୍ନତି ଆଣିପାରିବୁ। ଆମେ ଆଗାମୀ ଅଭ୍ୟାସ ମ୍ୟାଚ ଗୁଡ଼ିକ ସହ ପ୍ରୋ–ଲିଗ୍‌ର ୨ ମ୍ୟାଚ ଉପରେ ଫୋକସ କରୁଛୁ'' ବୋଲି ରିଡ୍ କହିଛନ୍ତି।

# ଅଲିମ୍ପିକ କ୍ୱାଲିଫାୟରରୁ ଓହରିଲା ଭାରତୀୟ ଜୁଡୋ ଟିମ୍

**ନୂଆଦିଲ୍ଲୀ,୭।୪(ପି.ଟି.):** କିରଗିଜସ୍ତାନର ବିଶକେକ୍‌ଠାରେ ଚାଲିଥିବା ଏସିଆ– ଓସେନିଆ ଅଲିମ୍ପିକ୍ କ୍ୱାଲିଫାୟର୍ସରୁ ୧୫ ଜଣିଆ ଭାରତୀୟ ଜୁଡୋ ଦଳ ଓହରିଯିବାକୁ ବାଧ୍ୟ ହୋଇଛନ୍ତି। କୋଭିଡ୍–୧୯ ଟେଷ୍ଟରେ ଭାରତର ଦୁଇ ଜୁଡୋକା ଅଜୟ ଯାଦବ ଓ ରତୁ ପଜିଟିଭ ବୋଲି ଜଣାପଡିବା ପରେ ଟୁର୍ନାମେଣ୍ଟର ଆରମ୍ଭରୁ ଭାରତୀୟ ଦଳ ଓହରିଯାଇଛି। ୭୩ କେ.ଜି. ବର୍ଗରେ ଯାଦବ ଓ ୫୨ କେ.ଜି. ବର୍ଗରେ ରତୁ କିରଗିଜସ୍ତାନରେ ପହଞ୍ଚିବା ପରେ ଦ୍ୱିତୀୟ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଥିଲା। ତେବେ ଏହି ଦୁଇ ଜଣଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥିଲା। ପ୍ରଥମଥର ପାଇଁ ମହାମାରୀ କାରଣରୁ କୌଣସି ଭାରତୀୟ ଦଳ ଏଭଳି ଅଭାବନୀୟ ସ୍ଥିତିର ସମ୍ମୁଖୀନ ହୋଇ ଅଲିମ୍ପିକ୍ସ କ୍ୱାଲିଫାୟରରୁ ବାଦ୍ ପଡିଛନ୍ତି। ସେଠାରେ ପହଞ୍ଚିବା ପରେ ସବୁ ୧୫ଜଣ ଜୁଡୋକା ଓ ୪ ଜଣ କୋଚ ପ୍ରଥମ ଟେଷ୍ଟରେ ନେଗେଟିଭ ବୋଲି ଜଣାପଡିଥିଲା। ଏବେ ଏହି ୧୯ ଜଣିଆ ଭାରତୀୟ ଦଳ ବିଶକେକ୍‌ର ଏକ ହୋଟେଲରେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି।

# ଡୋପିଂ: ଅଲିମ୍ପିକ୍ ଚାମ୍ପିୟନ ସିଲ୍‌ନୋଭ, ନାତାଲ୍ୟା ବାସନ୍ଦ

**ଲାଉସେନ, ୭।୪ (ଏପି):** ଡୋପିଂ ନିୟମର ଉଲ୍ଲଂଘନ କରି ଦୁଇ ପୂର୍ବତନ ରୁଷୀୟ ଅଲିମ୍ପିକ୍ ଚାମ୍ପିୟନ ୪ ବର୍ଷ ପାଇଁ କ୍ରୀଡ଼ାରୁ ବାସନ୍ଦ ହୋଇଛନ୍ତି। ଆନ୍ଦ୍ରେଇ ସିଲନୋଭ ଓ ନାତାଲ୍ୟା ଆଣ୍ଟ୍ୟୁଖଙ୍କୁ ଡୋପିଂ ପାଇଁ ବାସନ୍ଦ କରାଯାଇଛି ବୋଲି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ) ତରଫରୁ କୁହାଯାଇଛି।

ଗତବର୍ଷ ନିଷିଦ୍ଧ ପଦାର୍ଥ ସେବନ କିମ୍ବା ନିଷିଦ୍ଧ ଉପାୟ ଅବଲମ୍ବନ କରିଥିବା ନେଇ ଏହି ଦୁଇ ଖେଳାଳିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ୨୦୧୬ରେ ରୁଷିଆରେ ହୋଇଥିବା ବ୍ୟାପକ ଡୋପିଂ ମାମଲାରେ ୱାଡା ଏଜେନ୍ସି ଦସ୍ତାବେଜରୁ ଏ ନେଇ ସୂଚନା ମିଳିଥିଲା। ସିଲନୋଭ ୨୦୦୮ ବେଜିଂ ଅଲିମ୍ପିକ୍ସରେ ହାଇ ଜମ୍ପରେ ସ୍ୱର୍ଣ୍ଣ, ସେହିପରି ନାତାଲ୍ୟା ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୪୦୦ ମି. ହର୍ଡଲ୍ସରେ ଟାଇଟଲ ହାସଲ କରିଥିଲେ।





Uttar Pradesh — ତାରିକ ମେହମୁଦ ୬୬ ବର୍ଷୀୟ ବ୍ୟବସାୟୀ ଅଟନ୍ତି। ସେ ପତ୍ର ଲେଖି ଜଣାଇଛନ୍ତି ଯେ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ମୋତେ ଅସ୍ତବ୍ୟସ୍ତ କରି ରଖିଥିଲା। ମହଙ୍ଗା ଔଷଧର ରେଜଲ୍ଟ ମଧ୍ୟ ଶୂନ୍ୟ। କିନ୍ତୁ ଯେବେ ମୁଁ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ପ୍ରୟୋଗ କରିବା ଆରମ୍ଭ କଲି, ମୁଁ ବହୁତ ଭଲ ହୋଇଯାଇଛି। ମୁଁ ନିଜ ସମସ୍ତ ପରିଚିତଙ୍କୁ ଡା. ଅର୍ଥୋ ବିଷୟରେ ନିଶ୍ଚୟ କହିଥାଏ।

Gujarat — ଭାସ୍କର ବ୍ରଜଲାଲ ସୋଲାଙ୍କି ୭୧ ବର୍ଷୀୟ ଅବସରପ୍ରାପ୍ତ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି ଯେ ଅନେକ ବର୍ଷ ଧରି ଉଠ–ବସ ହେବା ସମୟରେ ଆଣ୍ଠୁରୁ ଶବ୍ଦ ବାହାରୁଥିଲା ଓ ବିଛଣାରୁ ଉଠିବାର ବଳ ମଧ୍ୟ ରହୁ ନ ଥିଲା। ମୁଁ ଧନ୍ୟବାଦ କହିବାକୁ ଚାହୁଁଛି ଓ ଆପଣଙ୍କ ମାଧ୍ୟମରେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଓ କ୍ୟାପ୍‌ସୁଲ ନିଶ୍ଚୟ ବ୍ୟବହାର କରିବା ଉଚିତ।

Rajasthan — ଲୋକେଶ କୁମାର ମାଲାୱତ ୨୦ ବର୍ଷ, ସେ ପତ୍ର ଲେଖି ଜଣାଇଛନ୍ତି ଯେ ଏତେ କମ୍ ବୟସରୁ ହିଁ ସେ ବେକ ଯନ୍ତ୍ରଣାରେ ପୀଡ଼ିତ ହୋଇଯାଇଥିଲେ। ଚିକିତ୍ସାରୁ କିଛି ଫରକ ପଡ଼ିଲା ନାହିଁ । କିନ୍ତୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଲଗାତର ଦୁଇରୁ ତିନି ମାସ ବ୍ୟବହାର କରିବା ଦ୍ୱାରା ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ଏବଂ ପୂର୍ବାପେକ୍ଷା ଉତ୍ତମ ଜୀବନ ଯାପନ କରୁଛନ୍ତି ।

Maharashtra — ଶାନ୍ତାରାମ ଛବେସିଙ୍ଗେ ରାଜପୁତ ୬୧ ବର୍ଷୀୟ ରିଟାୟର୍ଡ ପ୍ରାଧନ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି କି ମୁଁ ତିନି ବର୍ଷ ହେଲା ଗଣ୍ଠି ବ୍ୟଥାକୁ ନେଇ ଦୁଃଖିତ ଥିଲି। ଯେବେ ମୁଁ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲି ତେବେ ସେହିଦିନ ତାକୁ କିଣିଆଣିଲି। ଆଜି ମାତ୍ର ପାଞ୍ଚ ମାସର କମ୍ପ୍ଲିଟ୍ କୋର୍ସ ଦ୍ୱାରା ଅଣ୍ଟା ଓ ଗଣ୍ଠି ବ୍ୟଥାରୁ ବହୁତ ଆରାମ ମିଳିଛି ।

Punjab — ସୋହନ ଲାଲ ଗୁପ୍ତା ୬୮ ବର୍ଷୀୟ ରିଟାୟର୍ଡ ଅଧ୍ୟାପକ ଅଟନ୍ତି। ସେ ଲେଖନ୍ତି ଯେ ବିଗତ ୨ ବର୍ଷ ଧରି କାନ୍ଧ ଓ ଗଣ୍ଠିରେ ଅସହନୀୟ ଯନ୍ତ୍ରଣା ରହୁଥିଲା। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ଅତ୍ୟନ୍ତ ପ୍ରଭାବିତ ହେଲେ। ମୁଁ ନିର୍ଦ୍ଦେଶ ଅନୁସାରେ ଏହାକୁ ବ୍ୟବହାର କରିବା ଆରମ୍ଭ କଲି। ୨ ମାସରେ ହିଁ ଗଣ୍ଠି ବ୍ୟଥା ଅପେକ୍ଷାକୃତ ଭଲ ହୋଇଯାଇଛି ।

Maharashtra — ବିଜୟ ବସନ୍ତରାଓ ଭୋଁସଲେ, ୭୧ ବର୍ଷୀୟ ରିଟାୟର୍ଡ ଜୀବନ ଜିଉଁଛନ୍ତି। ବିଗତ ୬ ବର୍ଷ ଧରି ତାଙ୍କ ଆଣ୍ଠୁରେ ବ୍ୟଥା ରହୁଥିଲା। ଫୁଲିଯିବା କାରଣରୁ ସେ ଚଲାବୁଲା ମଧ୍ୟ କରିପାରୁ ନ ଥିଲେ। ଦିନେ ଖବରକାଗଜରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖି ସେହିଦିନ ସମ୍ପୂର୍ଣ୍ଣ ସୂଚନା ହାସଲ କରି ଡା. ଅର୍ଥୋ ବ୍ୟବହାର କଲେ । ଆଜି ସେ ବହୁତ ଖୁସି ଅଛନ୍ତି ।

24x7 Helpline No.: 7876977777 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ

'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ, ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ । ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ ।


# ଚାରିବର୍ଷ ପରେ ଟପ୍ସରେ ସାନିଆ ସାମିଲ

**ନୂଆଦିଲ୍ଲୀ, ୭।୪ (ପି.ଟି.):** ଭାରତୀୟ ମହିଳା ଟେନିସ ତାରକା ସାନିଆ ମିର୍ଜା ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ ହୋଇଛନ୍ତି। ୪ ବର୍ଷ ବ୍ୟବଧାନରେ ସାନିଆ ଏହି କାର୍ଯ୍ୟକ୍ରମରେ ପୁଣି ସାମିଲ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ୫୬ତମ ମିଶନ ଅଲିମ୍ପିକ୍ ସେଲ୍‌ର ବୈଠକରେ ସାନିଆଙ୍କୁ ସାମିଲ




ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏକାଧିକ ବିଭାଗରେ ଗ୍ରାଣ୍ଡସ୍ଲାମ ବିଜୟିନୀ ୩୪ ବର୍ଷୀୟା ସାନିଆ ଏହାପୂର୍ବରୁ ଶେଷଥର ପାଇଁ ୨୦୧୭ରେ ଏହି ସ୍କିମ୍‌ରେ ସାମିଲ ହୋଇଥିଲେ। ଏହାପରେ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଥିଲେ। ର୍‍ୟାଙ୍କିଂ ଦୃଷ୍ଟିରୁ ସାନିଆ ଟୋକିଓ ଅଲିମ୍ପିକ୍ସରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗର୍ଭାବସ୍ଥା ପାଇଁ ସେ ବ୍ରେକ୍ ନେଇଥିବାବେଳେ ତାଙ୍କ ବିଶ୍ୱ ର୍‍ୟାଙ୍କିଂ ଏବେ ୧୫୭ ରହିଛି। ମାତ୍ର ଡବ୍ଲ୍ୟୁଟିଏ ନିୟମ ଅନୁସାରେ ଯଦି କୌଣସି ଖେଳାଳି ଆହତ ସମସ୍ୟା କିମ୍ବା ଗର୍ଭାବସ୍ଥା ପାଇଁ ୬ ମାସରୁ ଊର୍ଦ୍ଧ୍ୱ ଟେନିସରୁ ଦୂରେଇ ରୁହେ ସେ କ୍ଷେତ୍ରରେ ସେମାନେ ସ୍ପେଶାଲ ର୍‍ୟାଙ୍କିଂ ବା ପ୍ରୋଟେକ୍ଟେଡ ର୍‍ୟାଙ୍କିଂ ପାଇଁ ଆବେଦନ କରିପାରିବେ। ସେ କ୍ଷେତ୍ରରେ ସେମାନେ ଖେଳିଥିବା ପୂର୍ବ ଟୁର୍ନାମେଣ୍ଟର ର୍‍ୟାଙ୍କ୍ ବିଚାରକୁ ନିଆଯିବ। ସାନିଆ ଶେଷଥର ପାଇଁ ୨୦୧୭ ଅକ୍ଟୋବରରେ ଚାଇନା ଓପନରେ ଖେଳିଥିଲେ। ସେତେବେଳେ ସେ ବିଶ୍ୱ ର୍‍ୟାଙ୍କିଂର ୯ମ ସ୍ଥାନରେ ଥିଲେ। ତେଣୁ ସ୍ପେଶାଲ ର୍‍ୟାଙ୍କିଂ (୯ମ) ଭିତ୍ତିରେ ସେ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। କୋଭିଡ୍–୧୯ ମହାମାରୀକୁ ଦୃଷ୍ଟିରେ ରଖି ଡବ୍ଲ୍ୟୁଟିଏ ପକ୍ଷରୁ ସ୍ପେଶାଲ ର୍‍ୟାଙ୍କିଂ ପ୍ରଚଳନ କରାଯାଇଛି। ଗର୍ଭାବସ୍ଥା ପାଇଁ ସାନିଆ ୨ ବର୍ଷ ଟେନିସରୁ ଦୂରେଇ ରହିଥିଲେ। ପୁତ୍ରସନ୍ତାନ ଜନ୍ମ ହେବା ପରେ ଗତବର୍ଷ ସେ ଟେନିସ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରି ସିଜନ ପ୍ରାରମ୍ଭ ହୋବାର୍ଟ ଅନ୍ତର୍ଜାତୀୟ ଡବ୍ଲ୍ୟୁଟିଏ ଇଭେଣ୍ଟ ଖେଳିଥିଲେ। ୟୁକ୍ରେନର ନାଦିଆ କିଚେନକ୍‌ଙ୍କୁ ସାଥିକରି ସେ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ